# ଧରିତ୍ରୀ
DHARITRI

ବାଲେଶ୍ୱର, ସୋମବାର, ଫେବୃୟାରୀ ୧୮ /୨୦୧୯ (୧୬ ପୃଷ୍ଠା) | Balasore, Monday, February 18/ 2019 | ★★★★

୪୫ଶ ଭାଗ ୮୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-





DADLS-277

ଓଡ଼ିଶା ସରକାର

## ମାନ୍ୟବର ମୁଖ୍ୟମନ୍ତ୍ରୀ
# ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
## ବୌଦ୍ଧ ଏବଂ ଗଞ୍ଜାମ ଜିଲ୍ଲା ଗସ୍ତ
୧୮ ଫେବୃଆରୀ ୨୦୧୯ ♦ ସୋମବାର

**କନ୍ଧମାଳ ♦ ପୂର୍ବାହ୍ନ ୧୧.୪୦**

**୧୧୬ କୋଟି ଟଙ୍କାର ୪୫ ଟି ଜନହିତକାରୀ ପ୍ରକଳ୍ପର ଶୁଭ ଉଦ୍‌ଘାଟନ**

କନ୍ଧମାଳ ବ୍ଲକ୍‌ରେ ୪ଟି ହାଇଲେଭ୍‌ଲ ସେତୁ, ୬ଟି ସଡ଼କ ପ୍ରକଳ୍ପ ଏବଂ ୪ଟି ୧୦୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ ଏବଂ ଅନ୍ୟାନ୍ୟ ପ୍ରକଳ୍ପ

**୩୧୦ କୋଟି ୫୯ ଲକ୍ଷ ଟଙ୍କାର ୧୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ**

ବୌଦ୍ଧ ଓ କନ୍ଧମାଳ ବ୍ଲକ୍‌ରେ ୨ଟି ସେତୁ, ୬ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପ, ଗୋଟିଏ ୧୦୦ସିଟ୍ ବିଶିଷ୍ଟ ଅନୁସୂଚିତ ଜନଜାତି ଓ ଜାତି ଛାତ୍ରୀନିବାସ ଏବଂ ଗୋଟିଏ ସଡ଼କ ପ୍ରକଳ୍ପ

ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ ଏବଂ ସାଧାରଣ ସଭାରେ ଉଦ୍‌ବୋଧନ

**ବୌଦ୍ଧ ♦ ମଧ୍ୟାହ୍ନ ୧୨.୪୫**

**୭୬ କୋଟି ଟଙ୍କାର ୪୭ ଟି ଜନହିତକାରୀ ପ୍ରକଳ୍ପର ଶୁଭ ଉଦ୍‌ଘାଟନ**

ବୌଦ୍ଧ ଏବଂ ହରଭଙ୍ଗା ବ୍ଲକ୍‌ରେ ୪ଟି ସେତୁ, ୩ଟି ସଡ଼କ ପ୍ରକଳ୍ପ, ୧୨ଟି ହଷ୍ଟେଲ ଏବଂ ଅନ୍ୟାନ୍ୟ ପ୍ରକଳ୍ପ

**୪୬୭ କୋଟି ଟଙ୍କାର ୨୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ**

୫ଟି ସେତୁ, ୧୩ଟି ସଡକ ପ୍ରକଳ୍ପ, ୫ଟି ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ପ୍ରକଳ୍ପ

ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ ଏବଂ ସାଧାରଣ ସଭାରେ ଉଦ୍‌ବୋଧନ

**ଭଞ୍ଜନଗର ♦ ଅପରାହ୍ନ ୩.୧୦**

**୨୧ କୋଟି ୨୬ ଲକ୍ଷ ଟଙ୍କାର ୩ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ**

ନବନିର୍ମିତ ଭଞ୍ଜନଗର ବସ୍‌ଷ୍ଟାଣ୍ଡ, ସ୍ୱତନ୍ତ୍ର ଉପ-କାରାଗାର ଏବଂ ଭଞ୍ଜନଗର ଟାଉନ୍‌ହଲ୍

**୮୬ କୋଟି ୬୯ ଲକ୍ଷ ଟଙ୍କାର ୨୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ**

ଭଞ୍ଜନଗର ଉପଖଣ୍ଡର ୧୨ଟି ସଡକ ପ୍ରକଳ୍ପ, କୋକଲବା ନଦୀ ବାମ ପାର୍ଶ୍ୱ ବନ୍ୟାସୁରକ୍ଷା ପ୍ରକଳ୍ପ, ସହରାଞ୍ଚଳ ବାସହୀନଙ୍କ ପାଇଁ ଅଶ୍ରୟସ୍ଥଳୀ, ୩ଟି ସେତୁ ଏବଂ ଅନ୍ୟାନ୍ୟ ପ୍ରକଳ୍ପ

ସାଧାରଣ ସଭାରେ ଉଦ୍‌ବୋଧନ







**ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ**

15001/13/0585/1819

**ସୂଚନା ଓ ଲୋକସମ୍ପର୍କ ବିଭାଗ**

ଧରିତ୍ରୀ
DHARITRI
ସୋମବାର, ୧୮ ଫେବୃୟାରୀ, ୨୦୧୯



# ବାରଙ୍ଗରେ ଓଡ଼ିଶା କର୍କଟ ଚିକିତ୍ସାଳୟର ଭିତ୍ତିପ୍ରସ୍ତର

- ସର୍ବୋତ୍କୃଷ୍ଟ ଓ ସର୍ବବୃହତ୍ ହସ୍ପିଟାଲ ହେବ
- ପ୍ରଥମ ପର୍ଯ୍ୟାୟରେ ଖର୍ଚ୍ଚ ହେବ ୮୦୦ କୋଟି
- ରାଜ୍ୟର ଆଉ ୧୩ ଜାଗାରେ ମିଳିବ ଚିକିତ୍ସା ସୁବିଧା

**କଟକ ଅଫିସ/ବାରଙ୍ଗ, ୧୭।୨ (ଡି.ଏନ୍.ଏ.):** ବାରଙ୍ଗ ରତାଗଡ଼ଠାରେ ରବିବାର ଓଡ଼ିଶା କର୍କଟ ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି। ରାଜ୍ୟ ସରକାରଙ୍କ ପ୍ରଚେଷ୍ଟା ଏବଂ ଟାଟା ଟ୍ରଷ୍ଟ ସହାୟତାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଟାଟା ଟ୍ରଷ୍ଟ ଅଧ୍ୟକ୍ଷ ରତନ ଏନ୍. ଟାଟାଙ୍କ ଦ୍ୱାରା ଏହି ବୃହତ୍ ପ୍ରକଳ୍ପର ଭିତ୍ତିପ୍ରସ୍ତର ଦିଆଯାଇଛି। ଓଡ଼ିଶା କର୍କଟ ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ରକୁ ଦେଶର ସର୍ବୋତ୍କୃଷ୍ଟ ଏବଂ ସର୍ବବୃହତ୍ ହସ୍ପିଟାଲ ଭାବେ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିପାଇଁ ରାଜ୍ୟ ସରକାର ବିନା ମୂଲ୍ୟରେ ୧୫ ଏକର ଜମି ଯୋଗାଇ ଦେଇଛନ୍ତି। ରାଜ୍ୟର କର୍କଟ ରୋଗୀମାନଙ୍କୁ ଚିକିତ୍ସା ପାଇଁ ଆଉ ଓଡ଼ିଶା ବାହାରକୁ ଯିବାକୁ ପଡ଼ିବ ନାହିଁ। ରାଜ୍ୟର ବହୁ କର୍କଟ ରୋଗୀ ମୁମ୍ବାଇରେ ଚିକିତ୍ସିତ ହେବା ପାଇଁ ଆର୍ଥିକ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆବେଦନ କରିବାକୁ ଆସୁଛନ୍ତି। ଏହାକୁ ଉପଲବ୍ଧି କରି ରାଜ୍ୟରେ ଏହିପରି ଏକ ଅତ୍ୟାଧୁନିକ ଚିକିତ୍ସାଳୟ ପ୍ରତିଷ୍ଠା ପାଇଁ ସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଥିଲା। ନିକଟରେ ରାଜ୍ୟ ସରକାର ଓ ଟାଟା ଟ୍ରଷ୍ଟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଏହି ହସ୍ପିଟାଲରେ ପ୍ରାଥମିକ ସ୍ତରରେ କର୍କଟ ନିରୂପଣ ସହ ସମସ୍ତ ପ୍ରକାର କର୍କଟ ରୋଗ ଚିକିତ୍ସା ଉପଲବ୍ଧ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଏବଂ ପ୍ରଚେଷ୍ଟା ଯୋଗୁ ଓଡ଼ିଶାରେ ଏପରି ଏକ ହସ୍ପିଟାଲ ପ୍ରତିଷ୍ଠା ହେବାକୁ ଯାଉଥିବା କହିଛନ୍ତି ଟାଟା ଟ୍ରଷ୍ଟ ଅଧ୍ୟକ୍ଷ ରତନ ଏନ୍. ଟାଟା। କର୍କଟ ଭଳି ମାରାତ୍ମକ ରୋଗ ଧନୀ କିମ୍ବା ଗରିବ ବ୍ୟକ୍ତିକୁ ଯେକୌଣସି ସମୟରେ ହୋଇପାରେ। ଏହି ହସ୍ପିଟାଲ ପ୍ରତିଷ୍ଠା ହେବା ଦ୍ୱାରା ରୋଗର ଚିକିତ୍ସା ହେବା ସଙ୍ଗେ ସଙ୍ଗେ ବହୁ ଲୋକଙ୍କର ଜୀବନ ରକ୍ଷା ହୋଇପାରିବ ବୋଲି ଟାଟା ମତବ୍ୟକ୍ତ କରିଥିଲେ। ସଭାରେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା କହିଲେ, ଏହି ହସ୍ପିଟାଲରେ ପିଜି ପାଠ୍ୟକ୍ରମ ଏବଂ ପ୍ରଶିକ୍ଷଣ ବ୍ୟବସ୍ଥା ରହିବ। ପ୍ରଥମ ପର୍ଯ୍ୟାୟରେ ୮୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି ହସ୍ପିଟାଲ ବ୍ୟତୀତ ରାଜ୍ୟରେ ଆଉ ୧୩ଟି ଜାଗାରେ କର୍କଟ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଜେନା କହିଥିଲେ। ପ୍ରତ୍ୟେକ ବର୍ଷ ରାଜ୍ୟରେ ୭୦ ହଜାର ବ୍ୟକ୍ତି କର୍କଟରେ ଆକ୍ରାନ୍ତ ହେଉଛନ୍ତି। ସରକାରଙ୍କ ଏହି ଉଦ୍ୟମ ରାଜ୍ୟବାସୀଙ୍କ ପାଇଁ ଖୁସି ଖବର ବୋଲି ସ୍ୱାସ୍ଥ୍ୟ ସଚିବ ପ୍ରମୋଦ ମେହେର୍ଦ୍ଧା କହିଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଟାଟା ଟ୍ରଷ୍ଟ ଅଧ୍ୟକ୍ଷ ରତନ ଏନ୍. ଟାଟା କ୍ୟାନ୍ସର ହସ୍ପିଟାଲର ଶିଳାନ୍ୟାସ କରୁଛନ୍ତି।




## ୫୫ନଂ. ଜାତୀୟ ରାଜପଥରେ ହାତୀପଲ



ହାତୀପଲ ଜାତୀୟ ରାଜପଥ ପାର ହେଉଛନ୍ତି।

### ଟ୍ରାଫିକ୍ ଜାମ୍, ଫସିଲେ ଯାତ୍ରୀ

**ଢେଙ୍କାନାଳ ଅଫିସ,୧୭।୨:** ଢେଙ୍କାନାଳ ସଦର ରେଞ୍ଜ ୫୫ନଂ. ଜାତୀୟ ରାଜପଥରେ ହାତୀପଲ ଉପସ୍ଥିତିକୁ ନେଇ ରବିବାର ପୂର୍ବାହ୍ନରେ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିଲା। ପୂର୍ବାହ୍ନ ୧୧ଟା ୨୦ରେ ଏକ ପଲରେ ୪୦ ହାତୀ ରାସ୍ତାରେ ଛିଡ଼ା ହୋଇରହିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଯାତ୍ରୀମାନେ ଫସି ରହିଥିଲେ। ଉକ୍ତ ହାତୀପଲ ଜାତୀୟ ରାଜପଥର ବାମପାର୍ଶ୍ୱରେ ଉପଦ୍ରବ କରିବା ପରେ ପୋଡ଼ାପଡ଼ା ଛକରେ ରାଜପଥ ପାର ହୋଇଥିଲେ। ଏତେ ସଂଖ୍ୟକ ହାତୀକୁ ଦେଖି ଲୋକଙ୍କ ମଧ୍ୟରେ ଛନକା ପଶିଥିଲା। ହାତୀ ସ୍କ୍ୱାଡ୍ କର୍ମଚାରୀ, ବନ କର୍ମଚାରୀ ହାତୀଙ୍କୁ ଘଉଡ଼ାଇବା ସହ ସେମାନଙ୍କ ଗତିବିଧି ଉପରେ ନଜର ରଖିଛନ୍ତି।

ଏ ନେଇ ସହକାରୀ ବନ ସଂରକ୍ଷକ ଜିତେନ୍ଦ୍ରନାଥ ଦାସ କୁହନ୍ତି, ଉକ୍ତ ଅଞ୍ଚଳରେ କିଛିଦିନର ବ୍ୟବଧାନ ପରେ ପୁଣି ହାତୀ ଉପଦ୍ରବ ଆରମ୍ଭ ହୋଇଛି। ରାସ୍ତା ପାର ହେଉଥିବାବେଳେ ସେମାନେ ଜାତୀୟ ରାଜପଥ ଉପରେ ଅଟକି ରହିଥିଲେ। ଯାନବାହନ ଶବ୍ଦ ହାତୀଙ୍କ ସ୍ୱଭାବକୁ ଉଗ୍ର କରୁଛି। ଜାତୀୟ ରାଜପଥ ଉନ୍ନତୀକରଣ ଲାଗି ଅସଂଖ୍ୟ ଗଛ କଟାଯାଇଥିବାରୁ ସେମାନେ ବାଟ ପାଉନାହାନ୍ତି, ଯାହା ଚିନ୍ତାର କାରଣ ପାଲଟିଛି। ଉଭୟ ହାତୀ ଏବଂ ଜନସାଧାରଣଙ୍କ ସୁରକ୍ଷା ଲାଗି ବନ କର୍ମଚାରୀଙ୍କୁ ମୁତୟନ କରାଯାଇଥିବା ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ସଦର ରେଞ୍ଜ୍ ଗେଙ୍ଗୁଟିଆରୁ ଆରମ୍ଭ କରି କଣ୍ଟାବଣିଆ ଯାଏ ୧୫୦ରୁ ଊର୍ଦ୍ଧ୍ୱ ହାତୀ ବିଭିନ୍ନ ଦଳରେ ବିଭକ୍ତ ହୋଇ ରହିଛନ୍ତି। କେନ୍ଦୁଝର ଅଞ୍ଚଳରୁ ଅନେକ ହାତୀ ଜିଲାକୁ ପ୍ରବେଶ କରିଛନ୍ତି। ହାତଗଣତି କର୍ମଚାରୀ ହାତୀଙ୍କୁ ଘଉଡ଼ାଇବାରେ ବିଫଳ ହେଉଛନ୍ତି। ହାତୀପଲ ପ୍ରବେଶ କରୁଥିବା ଅଞ୍ଚଳରେ ଦୁର୍ଘଟଣା ଆଶଙ୍କାରେ ଦୀର୍ଘ ସମୟ ବିଦ୍ୟୁତ୍ କାଟ କରାଯାଉଛି। ଏହାକୁ ନେଇ ପ୍ରଭାବିତ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

- କଶ୍ମୀରବାସୀଙ୍କୁ ବିରୋଧ ଘଟଣା

## ପୋଲିସକୁ ସଜାଗ ରହିବାକୁ ଡିଜିପିଙ୍କ ନିର୍ଦ୍ଦେଶ

**କଟକ ଅଫିସ,୧୭।୨**

ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣକୁ ନେଇ ବିଭିନ୍ନ ରାଜ୍ୟରେ ରହୁଥିବା କଶ୍ମୀର ଛାତ୍ରୀଛାତ୍ର ତଥା ବାସିନ୍ଦାମାନଙ୍କୁ ବିରୋଧ କରାଯାଉଛି। କେତେକ ସ୍ଥାନରେ କଶ୍ମୀରବାସୀଙ୍କ ପାଇଁ ଦୋକାନ ବଜାର ବାରଣ କରାଯାଇଥିବାବେଳେ ଅନ୍ୟ କେତେକ ସ୍ଥାନରେ ସେମାନଙ୍କୁ ଆକ୍ରମଣ କରାଯାଉଥିବା ସୂଚନା ମିଳୁଛି। ଏହାକୁ ନେଇ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ରବିବାର ପୋଲିସକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାରେ ସେପରି କିଛି ଘଟଣା ଘଟିଥିବା ଏପର୍ଯ୍ୟନ୍ତ ସୂଚନା ମିଳିନାହିଁ। ତେବେ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ସମସ୍ତ ଏସ୍‌ପି ଏବଂ ଡିସିପି ସଜାଗ ରହିବା ଜରୁରୀ। ଏଥିସହିତ ଓଡ଼ିଶାରେ ରହୁଥିବା କଶ୍ମୀରବାସୀଙ୍କୁ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ନିକଟସ୍ଥ ଥାନା କିମ୍ବା ପୋଲିସ ହେଲ୍ପଲାଇନ ନମ୍ବର ୧୦୦ରେ ଯୋଗାଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି।

- ସିଆର୍‌ପିଏଫ୍ ତରଫରୁ କୋମ୍ବିଂ ଅପରେଶନ

## ଗନ୍ଧମାର୍ଦ୍ଦନ ପର୍ବତରୁ ମାଓବାଦୀ ସାମଗ୍ରୀ ଜବତ



ଗନ୍ଧମାର୍ଦ୍ଦନ ପର୍ବତରୁ ସିଆର୍‌ପିଏଫ୍ ଯବାନମାନେ ଜବତ କରିଥିବା ମାଓବାଦୀଙ୍କ ସାମଗ୍ରୀ।

**ଖପ୍ରାଖୋଲ, ୧୭।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଗନ୍ଧମାର୍ଦ୍ଦନ ପର୍ବତର ଏକ ମାଟି ଗୁମ୍ଫାରୁ ଶନିବାର ସନ୍ଧ୍ୟାରେ ବିପୁଳ ପରିମାଣରେ ମାଓବାଦୀଙ୍କ ସାମଗ୍ରୀ ଜବତ କରାଯାଇଛି। ଗୁମ୍ଫାରେ ମାଓବାଦୀମାନେ ଅସ୍ଥାୟୀ କ୍ୟାମ୍ପ ଚଳାଇଥିଲେ ବୋଲି ଅନୁମାନ କରାଯାଉଛି। ସିଆର୍‌ପିଏଫ୍ (ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ)ର ଯବାନମାନେ ପର୍ବତରେ କୋମ୍ବିଂ ଅପରେଶନ ଚଳାଇଥିବାବେଳେ ଏହା ଠାବ କରିଥିଲେ। ଏ ନେଇ ଖପ୍ରାଖୋଲସ୍ଥିତ ୧୮୯ ବି.ଏନ. ସିଆରପିଏଫ ବାଟାଲିଅନ ତରଫରୁ ରବିବାର ଗଣମାଧ୍ୟମକୁ ସୂଚନା ଦିଆଯିବା ସହ ଜବତ ମାଓବାଦୀ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା।

ସିଆର୍‌ପିଏଫ୍ ଯବାନମାନେ କୋମ୍ବିଂ ଅପରେଶନ ଚଳାଇଥିବାବେଳେ ଏକ ମାଟି ଗୁମ୍ଫା ଭିତରେ ବଡ ଟିଣଚଦର ବାକ୍ସ ଥିବା ଦେଖିବାକୁ ପାଇଥିଲେ। ଏହା ପରେ ଯବାନମାନେ ଟିଣ ବାକ୍ସକୁ ଭିତରୁ କାଢି ତନଖି କରିଥିଲେ। ସେଥିରେ ବିଭିନ୍ନ ମାଓବାଦୀ ସାମଗ୍ରୀ ଥିବା ଦେଖିବାକୁ ପାଇଥିଲେ। ଜବତ ମାଓବାଦୀ ସାମଗ୍ରୀ ମଧ୍ୟରେ ଏକ ୱାକିଟକି, ଏକ ରେଡିଓ, ଛଅଟି ମଶାରି, ଦୁଇ ଯୋଡା ମାଓବାଦୀ ପୋଷାକ, ଟୋପି, ବେଡ ସିଟ, ଟି–ସାର୍ଟ, ମାଓବାଦୀ ପୁସ୍ତିକା, ପ୍ରଚାରପତ୍ର, ବିଦ୍ୟୁତ୍ ତାର, ମୋବାଇଲ ଚାର୍ଜର, ବ୍ୟାଗ ଆଦି ରହିଥିବା ସିଆର୍‌ପିଏଫ୍ ତରଫରୁ ସୂଚନା ଦିଆଯାଇଛି। ମାଓବାଦୀ ସାମ 1 ପ୍ରଦର୍ଶନୀ ସମୟରେ ସିଆର୍‌ପିଏଫ୍ ୧୮୯ (ଏ) ବାଟାଲିଅନ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ବିଜୟା ନନ୍ଦ ଭୋଇ, ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ଓ ଯବାନମାନେ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ବାଲେଶ୍ୱର, ସୋମବାର, ଫେବୃୟାରୀ ୧୮ /୨୦୧୯ | Balasore, Monday, February 18/ 2019 | ପୃଷ୍ଠା-୧



**ପାକିସ୍ତାନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି**

ଜମ୍ମୁ-କଶ୍ମୀର୍‌ର ପୁଲ୍‌ୱାମାଠାରେ ଆତଙ୍କବାଦୀ ଆକ୍ରମଣକୁ ତୀବ୍ର ନିନ୍ଦା କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଭାଜପା ଏମ୍‌ପି ହେମା ମାଳିନୀ।

୦୯

୧୩

**ନମ୍ବର ୱାନ୍ ରହିଲେ କୋହଲି**

ଆଇସିସି ଟେଷ୍ଟ ବ୍ୟାଟ୍ସମ୍ୟାନ ତାଲିକାରେ ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ନମ୍ବର ୱାନ ସ୍ଥାନ ବଜାୟ ରଖିଛନ୍ତି।



## ■ ଭଦ୍ରକରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ
# ‘ସ୍ଥାୟୀ ସରକାର ସତ୍ତ୍ୱେ ବିକାଶ ହୋଇନି’

**ଭଦ୍ରକ ଅଫିସ, ୧୭।୨**

ଓଡ଼ିଶାରେ ୧୯ ବର୍ଷର ସ୍ଥାୟୀ ସରକାର ସତ୍ତ୍ୱେ ବିକାଶ ହୋଇପାରିନାହିଁ। ରାଜ୍ୟର ବିକାଶ ନ ହେଲେ ଦେଶର ବିକାଶ ଅସମ୍ଭବ। ଭାଜପା ହିଁ ଏହାର ଏକମାତ୍ର ବିକଳ୍ପ। ଏଣୁ ବୁଥ୍‌ସ୍ତରରୁ ଦଳୀୟ ସୈନିକମାନେ ସଂକଳ୍ପ ନେବା ଆବଶ୍ୟକ। ମୋଦିଙ୍କ ବିକାଶମୂଳକ ଯୋଜନା ଘରେ ଘରେ

- ■ ୨୦୩୦ ସୁଦ୍ଧା ୩ୟ ନମ୍ବରରେ ରହିବ ଭାରତ
- ■ ଚୌକିଦାର ଚୋର୍ ନେହିଁ, ପିଓର ହେଁ
- ■ କୃଷକଙ୍କ ଉତ୍ପାଦିତ ମୂଲ୍ୟ ୨ଗୁଣା ହେବ

ପହଞ୍ଚାଇବା ଆବଶ୍ୟକ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ରବିବାର ଭଦ୍ରକ ଜିଲା ଗସ୍ତରେ ଆସି ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ପ୍ରଥମେ ହେଲିକପ୍ଟରରୁ ବାସୁଦେବପୁର ହେଲିପ୍ୟାଡରେ ଅବତରଣ କରି ଶହୀଦ ସ୍ମୃତିପୀଠ ଅଭିମୁଖେ ଯାଇଥିଲେ। ସେଠାରେ ଶହୀଦଙ୍କ ସ୍ମୃତିପୀଠ ଓ ସ୍ତମ୍ଭରେ ମାଲ୍ୟାର୍ପଣ କରିବା ପରେ ହେଲିକପ୍ଟର ଯୋଗେ ଭଦ୍ରକର ଶକ୍ତିପୀଠ ମା’ ଭଦ୍ରକାଳୀ ପୀଠକୁ ଯାଇ ଦର୍ଶନ କରିଥିଲେ। ଏହାପରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ହେଲିକପ୍ଟର ଯୋଗେ ଆସି ରାଣୀତାଲସ୍ଥିତ ହେଲିପ୍ୟାଡରେ ☞ପୃଷ୍ଠା-୬



ଭଦ୍ରକ ରାଣୀତୋଲାଠାରେ ଆୟୋଜିତ ଭାଜପାର ଦଳୀୟ ସମାବେଶରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ଧର୍ମେନ୍ଦ୍ର ପ୍ରଧାନ ଓ ଦଳର ଅନ୍ୟ ନେତୃମଣ୍ଡଳୀ।

## ■ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ
# କାମ ନ ସରୁଣୁ ଓଭରବ୍ରିଜରେ ଫାଟ

**ନୂଆଗାଁ (ଡି.ଏନ.ଏ.)/ନୟାଗଡ଼ ଅଫିସ, ୧୭।୨**

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାର୍ଯ୍ୟ ଚାଲିଥିବାବେଳେ ଏହାର ଏକ ଓଭରବ୍ରିଜରେ ଫାଟ ସୃଷ୍ଟି ହେଲାଣି। ଏହା ଦେଖିବାକୁ ମିଳିଛି ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଢେଙ୍କେଣା ପଞ୍ଚାୟତ ମଧୁବନଠାରେ। ନୟାଗଡ଼ ରେଳଷ୍ଟେଶନଠାରୁ ନୂଆଗାଁ ପର୍ଯ୍ୟନ୍ତ ୨୧ କିଲୋମିଟର ରେଳପଥ ନିର୍ମାଣ କାର୍ଯ୍ୟ ମାର୍ଚ୍ଚ ୨୦୧୮ ସୁଦ୍ଧା ଶେଷ କରିବା ପାଇଁ ରେଳୱେର ଯୋଜନା ରହିଥିଲା। କିନ୍ତୁ ମନ୍ଥର ଗତିରେ କାର୍ଯ୍ୟ ଚାଲିଥିବାରୁ ଏହା ଶେଷ ହୋଇପାରି ନାହିଁ। ଏଭଳି ସ୍ଥିତିରେ ନିମ୍ନମାନର କାର୍ଯ୍ୟ ଯୋଗୁ ମଧୁବନସ୍ଥିତ ଓଭରବ୍ରିଜ କାନ୍ଥରେ ଫାଟ ସୃଷ୍ଟି ହୋଇ ଭୁଶୁଡ଼ିବା ଅବସ୍ଥାରେ ପହଞ୍ଚିଲାଣି। ଏପରି କି କଂକ୍ରିଟ ଖସି ରଡ଼ ଦେଖାଯାଉଛି। ଏଭଳି ଅବସ୍ଥାରେ ଏହି ରେଳପଥରେ ଯଦି ଟ୍ରେନ ଗଡ଼ିବ ତେବେ ବ୍ରିଜ ଭୁଶୁଡ଼ିବା ଆଶଙ୍କା କରୁଛନ୍ତି ମଧୁବନ ଗ୍ରାମବାସୀ। ସେମାନେ ଦାବି କରୁଛନ୍ତି ଯେ, ତାହାକୁ ପୁଣି ନୂଆରେ ନିର୍ମାଣ କରାଯାଉ। ଯଦି ମରାମତି କରାଯାଏ ତା’ହେଲେ ଭବିଷ୍ୟତରେ ଗ୍ରାମବାସୀ ☞ପୃଷ୍ଠା-୬



ରେଳ ଓଭରବ୍ରିଜରେ ସୃଷ୍ଟି ହୋଇଥିବା ଫାଟ।

## ପୁଲ୍‌ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ
# ଆଜି ଦେଶବ୍ୟାପୀ ଦୋକାନବଜାର ବନ୍ଦ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୧୭।୨(ବ୍ୟୁରୋ)**

ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ସିଆରପିଏଫ୍ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ବ୍ୟବସାୟୀ ମହାସଂଘ ଆହ୍ୱାନରେ ସୋମବାର ଦେଶବ୍ୟାପୀ ଦୋକାନବଜାର ବନ୍ଦ ଡାକରା ଦିଆଯାଇଛି। କନଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ(ସିଏଆଇଟି) ପକ୍ଷରୁ କୁହାଯାଇଛି ଯେ, ସୋମବାର ଓଡ଼ିଶା ସମେତ ୧୮ଟି ରାଜ୍ୟ ଏହି ବନ୍ଦ ଡାକରାକୁ ସମର୍ଥନ କରିଛନ୍ତି। ଓଡ଼ିଶାରେ ପ୍ରାୟ ୨୦ ଲକ୍ଷ ବ୍ୟବସାୟ ପ୍ରତିଷ୍ଠାନ ତଥା ଦୋକାନ ବଜାର ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ଓଡ଼ିଶା ବ୍ୟବସାୟୀ ମହାସଂଘ ସଭାପତି ☞ପୃଷ୍ଠା-୬

**ଆଜିର ସମ୍ପାଦକୀୟ**

ଲଜ୍ଜିତ

**ଆଜିର ମନ୍ତବ୍ୟ**

“ପୁଲ୍‌ୱାମା ଆକ୍ରମଣ ଭଳି ଭୀରୁ ଓ ବର୍ବର କାଣ୍ଡକୁ ଧୈର୍ଯ୍ୟର ସହ ସାମ୍ନା କରିବାର ଦକ୍ଷତା ଭାରତର ରହିଛି।

– ରାମନାଥ କୋବିନ୍ଦ, ରାଷ୍ଟ୍ରପତି

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷର ଏପ୍ରିଲ-ଜାନୁୟାରୀ ସମୟ ମଧ୍ୟରେ ଦେଶର ସୁନା ଆମଦାନୀ ୫% ହ୍ରାସ ଘଟି ୨୬.୯୩ ବିଲିୟନ ଡଲାର ରହିଛି। ଏହା ୨୦୧୭-୧୮ର ସମାନ ସମୟରେ ୨୮.୨୩ ବିଲିୟନ ଡଲାର ଥିଲା।

–ବାଣିଜ୍ୟ ମନ୍ତ୍ରଣାଳୟ

# କଠୋର ହେଲା ରଣନୀତି

**ଶ୍ରୀନଗର/ନୂଆଦିଲ୍ଲୀ, ୧୭।୨(ପି.ଟି.)**

**ଜବାବୀ ମୁକାବିଲା**

- ■ ହୁରିୟାତ୍‌ର ପକ୍ଷଚ୍ଛେଦନ
- ■ ୬ ବିଚ୍ଛିନ୍ନତାବାଦୀ ନେତାଙ୍କ ସୁରକ୍ଷା ହଟାଗଲା
- ■ ମୋ ହୃଦୟରେ ବି ନିଆଁ ଜଳୁଛି: ପ୍ରଧାନମନ୍ତ୍ରୀ
- ■ ଶହୀଦଙ୍କ ଜାଲ୍ ଫଟୋକୁ ନେଇ ସିଆର୍‌ପିଏଫ୍‌ର ଆଡ୍‌ଭାଇଜରି
- ■ ଲଞ୍ଚ୍‌ପ୍ୟାଡ୍‌ରୁ ଆତଙ୍କବାଦୀଙ୍କୁ ହଟାଇଲା ପାକିସ୍ତାନ



ମିରୱାଇଜ୍ ଉମର ଫାରୁକ୍

ଶତ୍ରୁପକ୍ଷ ସମ୍ମୁଖ ଯୁଦ୍ଧରେ ନ ପାରିଲେ ଅନେକ ସମୟରେ ଛାୟାଯୁଦ୍ଧ ଚଳାଏ। ସୀମାନ୍ତରେ ଆକ୍ରମଣ କରି ସୁରକ୍ଷା ବଳ ଓ ସାଧାରଣ ନାଗରିକଙ୍କ ଜୀବନ ନେଇଥାଏ, ଯାହା ପାକିସ୍ତାନୀ ସେନା ଓ ଆତଙ୍କବାଦୀଙ୍କ କ୍ଷେତ୍ରରେ ଦୀର୍ଘ ସମୟ ଧରି ଦେଖିବାକୁ ମିଳିଛି। ହେଲେ ନିଜ ଦେଶରେ ରହି ସବୁ ପ୍ରକାର ସୁବିଧା ସୁଯୋଗ ଉପଭୋଗ କରୁଥିବା ବିଚ୍ଛିନ୍ନତାବାଦୀଙ୍କ ଭଳି ଗୃହଶତ୍ରୁ ତା’ଠୁ ବେଶି ବିପଜ୍ଜନକ। ପୁଲଓ୍ୱାମା ଆକ୍ରମଣ ପରିପ୍ରେକ୍ଷୀରେ ଏଭଳି ଷଡ଼ଯନ୍ତ୍ରକାରୀଙ୍କୁ ମୁହଁତୋଡ଼ ଜବାବ ଦେବା ପାଇଁ କେନ୍ଦ୍ର ସରକାର ଆରମ୍ଭ କରିଛନ୍ତି ନୂଆ ରଣନୀତି। ଏହି କ୍ରମରେ ରବିବାର ୬ ହୁରିୟାତ୍ ନେତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ହଟାଇ ଦିଆଯାଇଛି। ଅର୍ଥାତ୍ ଦେଶରେ ରହି ଦେଶ ବିରୋଧୀ କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି ଦିଆଯାଇଛି କଡ଼ା ସନ୍ଦେଶ। ପ୍ରାୟ ୫୦ ଯବାନ ଶହୀଦ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ହୃଦୟର ବେଦନାକୁ ପ୍ରକାଶ କରିଛନ୍ତି। ଜନାକ୍ରୋଶ ବଢୁଥିବାବେଳେ ଦେଶବାସୀଙ୍କ ଭଳି ତାଙ୍କ ମନରେ ମଧ୍ୟ ପ୍ରତିଶୋଧର ନିଆଁ ଜଳୁଥିବା ମୋଦି କହିଛନ୍ତି। ଅନ୍ୟପକ୍ଷରେ ଭାରତର ସମ୍ଭାବ୍ୟ ଜବାବୀ କାର୍ଯ୍ୟାନୁଷ୍ଠାନରେ ଆତଙ୍କିତ ହୋଇପଡ଼ିଛନ୍ତି ଆତଙ୍କବାଦୀ। ପାକ୍-ଅଧିକୃତ କଶ୍ମୀର (ପିଓକେ)ର ଲଞ୍ଚ୍‌ପ୍ୟାଡ୍‌ଗୁଡ଼ିକରୁ ଆତଙ୍କବାଦୀମାନେ ଛତ୍ରଭଙ୍ଗ ଦେଇ ସେଠାକାର ସେନା ଶିବିରରେ ଆତ୍ମଗୋପନ କରିଛନ୍ତି। ଇତିମଧ୍ୟରେ ସୋସିଆଲ ମିଡିଆରେ ଘୃଣା ବିସ୍ତାର ପାଇଁ କେତେକ ଅସାମାଜିକ ତତ୍ତ୍ୱ ଶହୀଦଙ୍କ ଜାଲ୍ ଫଟୋ ଭାଇରାଲ କରୁଥିବା ସାମ୍ନାକୁ ଆସିବା ପରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ପକ୍ଷରୁ ଆଡ୍‌ଭାଇଜରି (ନିର୍ଦ୍ଦେଶନାମା) ଜାରି କରାଯାଇଛି।

ଜମ୍ମୁ-କଶ୍ମୀରର ପୁଲଓ୍ୱାମା ଜିଲା ଅଓ୍ୱନ୍ତିପୋରାସ୍ଥିତ ଲେଥ୍‌ପୋରାରେ ସୁରକ୍ଷା ବଳକୁ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ-ଇ-ମହମ୍ମଦ (ଜେଇଏମ୍)ର ଆକ୍ରମଣ ଦେଶକୁ ସ୍ତବ୍ଧ କରିଦେଇଛି। ଏହି ଆତ୍ମଘାତୀ ବିସ୍ଫୋରଣରେ ୪୯ରୁ ଊର୍ଦ୍ଧ୍ୱ ଯବାନ ଶହୀଦ ହେବା ପରେ କେନ୍ଦ୍ର ସରକାର ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ୬ ବିଚ୍ଛିନ୍ନତାବାଦୀ ନେତାଙ୍କଠାରୁ ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର କରାଯାଇଛି। ସେମାନେ ହେଲେ ମିରୱାଇଜ୍ ଉମର ଫାରୁକ୍, ଅବ୍‌ଦୁଲ୍ ଗନି ଭଟ୍ଟ, ବିଲାଲ୍ ଲୋନ୍, ହାସିମ୍ କ୍ୟୁରେଶୀ, ଫଜାଲ ହକ୍ କ୍ୟୁରେଶୀ ଓ ସବିର ଶାହ। ବିଚ୍ଛିନ୍ନତାବାଦୀ ନେତାଙ୍କ ପ୍ରତି କେତେକ ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ଆକ୍ରମଣ ଆଶଙ୍କା ଥିବା ଦର୍ଶାଇ ଜମ୍ମୁ-କଶ୍ମୀର ସରକାର କେନ୍ଦ୍ର ସହ ବିଚାରବିମର୍ଶ କରି ଏମାନଙ୍କୁ ଅସ୍ଥାୟୀ ସୁରକ୍ଷା ଦେଇଆସୁଥିଲେ। କାରଣ ହିଜ୍‌ବୁଲ ମୁଜାହିଦ୍ଦିନ ଆତଙ୍କବାଦୀମାନେ ୧୯୯୦ରେ ଉମରଙ୍କ ବାପା ମିରୱାଇଜ୍‌ଙ୍କୁ ଓ ୨୦୦୨ରେ ଅବ୍‌ଦୁଲ ଗନିଙ୍କୁ ହତ୍ୟା କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଦିଆଯାଉଥିବା ସୁରକ୍ଷା ବ୍ୟବସ୍ଥା ଓ ଯାନବାହନକୁ ରବିବାର ସନ୍ଧ୍ୟାରୁ ହଟାଇ ଦିଆଯାଇଛି। ଅନ୍ୟ କୌଣସି ବିଚ୍ଛିନ୍ନତାବାଦୀ ନେତାଙ୍କୁ ଏଭଳି ସୁବିଧା ଦିଆଯାଉଥିଲେ ସେନେଇ ପୋଲିସ ସମୀକ୍ଷା କରିବା ପରେ ତାକୁ ତତ୍କାଳ ପ୍ରତ୍ୟାହାର କରାଯିବ ବୋଲି କେନ୍ଦ୍ର ପକ୍ଷରୁ ଜାରି ଏକ ନିର୍ଦ୍ଦେଶନାମାରେ କୁହାଯାଇଛି। କେନ୍ଦ୍ରର ଏହି କଠୋର ଆଭିମୁଖ୍ୟ ପରେ ହୁରିୟାତ୍ କନ୍‌ଫରେନ୍ସ ନେତା ଉମର କହିଛନ୍ତି, ଆମେ କେବେ ସୁରକ୍ଷା ମାଗି ନ ଥିଲୁ। ସରକାରଙ୍କ ସଦ୍ୟ ପଦକ୍ଷେପ ପରେ ଆମ ଆଭିମୁଖ୍ୟରେ ପରିବର୍ତ୍ତନ ଆସିବ ନାହିଁ କି ତୃଣମୂଳ ସ୍ତରରେ ସ୍ଥିତି ପ୍ରଭାବିତ ହେବ ନାହିଁ।

ଅନ୍ୟପକ୍ଷରେ ପାକିସ୍ତାନଠାରୁ ଆକ୍ରମଣର ପ୍ରତିଶୋଧ ପାଇଁ ସରକାରଙ୍କ ଉପରେ ଦେଶବାସୀଙ୍କ ଚାପ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ମୋଦି ବିହାରର ବେଗୁସରାଇରେ ଏକ ସଭାକୁ ☞ପୃଷ୍ଠା-୬




SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com

NECC NATIONAL EGG CO-ORDINATION COMMITTEE — 17.02.2019 — Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 74 | 124 | 134 |
| CTC | 75 | 126 | 136 |
| DKL | 75 | 126 | 136 |
| BDK | 79 | 131 | 141 |
| BLS | 79 | 131 | 141 |
| ANG | 74 | 124 | 134 |

*Conditions Apply
Eggs Retail Price- 54/-Dozen
Issued in the Interest of Consumers



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ମାମା
ପରିବାରବର୍ଗ


ଗୁଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

## automobile

SALE

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୨ଟି ପୁରୁଣା ଗାଡି ୧) ଟାଟା ସୁମୋ ୨୦୦୯ ମଡେଲ, ୨) ମହିନ୍ଦ୍ରା ବୋଲେରୋ LX ୨୦୦୪ ମଡେଲ ବିକ୍ରି କରିବାକୁ ଚାହୁଁଛି, ଯାହାକି ହାଉଡ଼ା-ପଶ୍ଚିମବଙ୍ଗ ଓ ଅନ୍ୟଟି ସମ୍ବଲପୁର- ଓଡ଼ିଶାରେ ଅବସ୍ଥିତ ଅଛି। ସମ୍ପୂର୍ଣ୍ଣ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ହାଉଡା: ୦୭୮୬୫୯୯୭୫୯୮, ୦୩୩-୨୬୬୮୩୦୫୧ ସମ୍ବଲପୁର-୦୬୬୩୨୫୨୨୬୦୨, ୨୫୨୧୪୦୩। ବିଜ୍ଞାପନର ୧୦ ଦିନ ମଧ୍ୟରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୧୧୨୨୮

## real estate

SALE

Yellowzone sthitiban plot sale at AIIMS Hospital, Bhubaneswar. 8280037688. D-65368

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65362

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

**Readymade Gheri (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65829

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

**Plot on lowest buduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65830

Plot for sale at Sundrpada BBSR @ 270 sqft. sthitiban, single patta holder. 9192111444, 9040881230. D-11123

ଭୁବନେଶ୍ୱର ପଟିଆ Bigbazarରୁ 3.5km ଘର କରିବାପାଇଁ ବାସୋପଯୋଗୀ plot 1200 ବର୍ଗଫୁଟକୁ 4,80,000/-ରେ ମିଳୁଅଛି। 9937032327, 9583328312. D-65359

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

Now Matrimonial ads. only on Wednesday & Sunday
Book 1 Get 1 FREE

## 20th Birthday Wish


(Mama)

**Preeti priyadarshani**
Matha Sahi, Nikirai, Kendrapara
ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ।
"To a wonderful daughter you are everything a parent could wish for smart and sensible, dependable and honest, kind and caring and a daughter who's loved so very much. Happy Birthday from: Baba, Maa, Dada, Situn, Dugu, Friends & Relatives."
D-11224

## ଜନ୍ମଦିନ ଶୁଭେଚ୍ଛା


(ଗୁଡୁଲ୍)

**ସାଇସନବୀର ଜେନା**
ପିତା- ଟୁନା ଜେନା, ମାତା- ଝାନ୍ସିରାଣୀ ଜେନା
ବମ୍ପକୁଦ, ଫୁଲନଖରା, କଟକ
ଆଜି ପ୍ରଥମ ଜନ୍ମବାର୍ଷିକ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋର ଉଜ୍ଜ୍ୱଳମୟ, ଦୀର୍ଘାୟୁ ଜୀବନ କାମନା କରୁଛୁ। ଶୁଭେଚ୍ଛା ସହ: ଜେଜେମା, ବଡବାପା, ଦାଦା, ବଡମା, ଖୁଡୀ, ଭାଇ, ଭଉଣୀ ଓ ପରିବାରବର୍ଗ। ଧ-୧୧୧୯୪


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ସଂଯୁକ୍ତା ଦାସ**
ପ୍ଲଟ ନଂ- ୧୧୬୪, ଗଡସାହି, ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୧୯।୦୭।୧୯୬୩
ତିରୋଧାନ: ୦୮।୦୨।୨୦୧୯
ଆଜି ତୁମର ଏକାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଚିର ପାଥେୟ ହେଉ। ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ୱାମୀ, ପୁତ୍ର, ପୁତ୍ରବଧୂ, ଝିଅ, ଝିଅ-ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୧୧୧୯୧

### ୧୦ମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଟୁନି ସାହ**
ମିନାବଜାର, ଢେଙ୍କାନାଳ ଟାଉନ
ଆବିର୍ଭାବ: ୨୫।୦୧।୧୯୫୫
ତିରୋଧାନ: ୦୮।୦୨।୨୦୦୯
ତୁମର ବିଦେହୀ ଆତ୍ମାର ସଦ୍‌ଗତି କାମନାର୍ଥେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ କୃତାଞ୍ଜଳି ପୁଟରେ ପ୍ରାର୍ଥନା କରୁଛୁ। ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୬୨୦୭୬

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଜଗବନ୍ଧୁ ଦାସ**
ନିଆଳୀ, କାନପୁର
ଆବିର୍ଭାବ: ୧୯୭୫
ତିରୋଧାନ: ୧୮ ଫେବୃୟାରୀ, ୨୦୧୮
ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଆପଣଙ୍କ ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମ୍ଭେ ଅନୁଭବ କରିଛୁ। ଧ-୧୧୨୦୦

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦ୍ୱାଦଶାହ ଉପଲକ୍ଷେ



**Late Sudestna Dash**
E.S.I Colony, Q. No.- III/I, Sahidnagar, BBSR
ଆବିର୍ଭାବ: ୨୮।୦୨।୧୯୭୫
ତିରୋଧାନ: ୦୭।୦୨।୨୦୧୯
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗ ଆମ ସମସ୍ତଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ। ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ଶୋକସନ୍ତପ୍ତ: ବରସାତ, ପେନୁ, ରିନୁ, ଦିପୁ, ପିଙ୍କୁ, ସାନୁ, ଝୁନୁ, କୁନୁ, ଜିନୁ, ଚିନୁ, ଚିକୁନୁ, ଅନୁ, ଅନି, ଇସାଦିଶା ଓ ଆତ୍ମୀୟସ୍ୱଜନ। ଧ-୪୯୨୮୬

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓ ଅକ୍ଷୟ କୁମାର ନାୟକ**
ଡ୍ରେଲାଙ୍ଗ, ଭୁବନେଶ୍ୱର
ଆବିର୍ଭାବ : ୨୨.୦୭.୧୯୪୨
ତିରୋଧାନ : ୦୮.୦୨.୨୦୧୯
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ରିନା, ଲୋନି, ପାପୁ, ଟୁଟୁ, ଗୁଡ଼ି ଓ ନାୟକ ପରିବାର
ଧ-୧୧୧୯୩

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

## ଡକ୍ଟରେଟ୍ ଲାଭ



ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିବେଶ ବିଜ୍ଞାନ ସମ୍ବନ୍ଧରେ ଗବେଷଣା ପାଇଁ **ଶ୍ରୀମତୀ ଗୀତାରାଣୀ ପଣ୍ଡାଙ୍କୁ** Ph.D. ଡିଗ୍ରୀ ପ୍ରଦାନ କରାଯାଇଛି। ସମ୍ବଲପୁର ବୁର୍ଲାସ୍ଥିତ ରସାୟନ ବିଜ୍ଞାନ ମୁଖ୍ୟ ପ୍ରଫେସର ଆର.ବି. ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀମତୀ ପଣ୍ଡାଙ୍କର ଗବେଷଣା ସନ୍ଦର୍ଭ "Air quality assessment in urban and industrial zones of Balasore and strategies for it's environmental management" IIT ଖରଗପୁର ପ୍ରଫେସର ବି.ସି. ମେଇକାପ ଏବଂ କୋଲକତା ବିଶ୍ୱବିଦ୍ୟାଳୟର ପ୍ରଫେସର ଅପୂର୍ବ ମୁଖୋପାଧ୍ୟାୟଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଶ୍ରୀମତୀ ଗୀତାରାଣୀ ପଣ୍ଡା ଭଦ୍ରକ ଜିଲ୍ଲା ମୂଳଗାଁ ଗ୍ରାମ ନିବାସୀ ଶ୍ରୀ ଗୌରାଙ୍ଗ ଚନ୍ଦ୍ର ପଣ୍ଡା ଏବଂ ଶ୍ରୀମତୀ ସତ୍ୟବତୀ ପଣ୍ଡାଙ୍କ କନିଷ୍ଠା କନ୍ୟା ଅଟନ୍ତି। ଶ୍ରୀମତୀ ପଣ୍ଡା ଏହି ସଫଳତାର ଶ୍ରେୟ ତାଙ୍କର ପିତାମାତା, ଭାଇ, ଭଉଣୀ ଏବଂ ତାଙ୍କର ଶଶୁରଘର ଜଗତସିଂହପୁରସ୍ଥିତ ସାଇଣ୍ଟୋ ଗ୍ରାମର ତାଙ୍କର ସ୍ୱର୍ଗୀୟ ଶଶୁର ଶ୍ରୀଯୁକ୍ତ ଲକ୍ଷ୍ମୀଧର ଆଚାର୍ଯ୍ୟ, ଶାଶୁ- ପାର୍ବତୀ ଆଚାର୍ଯ୍ୟ, ନଣନ୍ଦ- ନିରୁପମା ଆଚାର୍ଯ୍ୟ ଏବଂ ସ୍ୱାମୀ- ବିରଞ୍ଚି ନାରାୟଣ ଆଚାର୍ଯ୍ୟଙ୍କୁ ଦିଅନ୍ତି। ଧ-୧୧୧୯୦

## 1st Marriage Anniversary



***Prasanna weds Sunita***
Nuapatana, Puri
With best complements from: Father, Mother with all Family and nearest Relatives. D-63756


# ଆଜିଠୁ ଯୋରନ୍ଦା ମାଘମେଳା

**ଢେଙ୍କାନାଳ ଅଫିସ, ୧୭।୨**

- **ଅପରାହ୍ନ ୫ଟା ୧୫ରେ ଝାଡ଼ଦୀପ ପ୍ରଜ୍ୱଳନ**
- **ଆଇନଶୃଙ୍ଖଳା ଜଗିବେ ୮ ପ୍ଲାଟୁନ ଫୋର୍ସ**

ବିଶ୍ୱପ୍ରସିଦ୍ଧ ମହିମାଧର୍ମ ପୀଠସ୍ଥଳୀ ଯୋରନ୍ଦାରେ ସୋମବାରଠାରୁ ଆରମ୍ଭ ହେଉଛି ମାଘମେଳା। ଏହାକୁ ମାତ୍ର କେଇଘଣ୍ଟା ବାକିଥିବାବେଳେ ରବିବାରଠାରୁ ଲାଗିଲାଣି ସାଧୁ, ସନ୍ୟାସୀ, ଶ୍ରଦ୍ଧାଳୁଙ୍କ ଭିଡ଼। ମନ୍ଦିର କମିଟି ପକ୍ଷରୁ ମେଳା ପାଇଁ ନୀତିନିର୍ଘଣ୍ଟ ସ୍ଥିରୀକୃତ ହୋଇଛି। ଅପରାହ୍ନ ୫ଟା ୧୫ରେ ଗାଦିମନ୍ଦିରରେ ଝାଡ଼ଦୀପ ପ୍ରଜ୍ୱଳନ କରାଯିବ। ସୋମବାର ମାଘ ଚତୁର୍ଦ୍ଦଶୀ, ମଙ୍ଗଳବାର ପୂର୍ଣ୍ଣିମାରେ ଗାଦିମନ୍ଦିରର ୪ ମୁଖଶାଳାରେ ବୃହତ୍ ଝାଡ଼ଦୀପ ପ୍ରଜ୍ୱଳନ କରାଯିବ। ବିଶ୍ୱବାସୀଙ୍କ ମଙ୍ଗଳ କାମନା କରି ମହିମା ସାଧୁମାନେ ଶୂନ୍ୟପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରିବେ। ଏହି ଧାର୍ମିକ କାର୍ଯ୍ୟରେ ଦେଶବିଦେଶର ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସମ୍ଭାବନା ରହିଛି।

# ବାଘବସାରେ ବାର୍‌ହା ଆତଙ୍କ

## ୨ ଚାଷୀ ଆହତ, ଜଣେ ଗୁରୁତର

**କାମାକ୍ଷାନଗର, ୧୭।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ମକୁକାଟେଣୀ ପଞ୍ଚାୟତ ଅଧୀନ ବାଘବସା ଗ୍ରାମରେ ରବିବାର ବାର୍‌ହା ଆକ୍ରମଣରେ ୩ଚାଷୀ ଆହତ ହୋଇଛନ୍ତି। ସେମାନେ ହେଲେ ନବ ପଧାନ, ଶ୍ରୀବତ୍ସ ପଧାନ, ବିମଳ ପଧାନ। ସମସ୍ତେ ଏକାଠି ହୋଇ ବିଲକୁ ଯାଉଥିବାବେଳେ ହଠାତ୍ ଏକ ବାର୍‌ହା ତାଙ୍କୁ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ସହାୟତାରେ ସମସ୍ତଙ୍କୁ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ନବ ପଧାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ଏ ନେଇ ପୂର୍ବାଞ୍ଚଳ ରେଞ୍ଜ ଅଧିକାରୀ ସତ୍ୟନାରାୟଣ ସାହୁ କୁହନ୍ତି, ପ୍ରାଥମିକ ଚିକିତ୍ସା ଲାଗି ଆର୍ଥିକ ସହାୟତା ଦିଆଯାଇଛି। ବନ ବିଭାଗ ନିୟମ ଅନୁଯାୟୀ ପରବର୍ତ୍ତୀ ସମୟରେ କ୍ଷତିପୂରଣ ମିଳିବ।

## ଆନ୍ଦୋଳନ ଯୋଗୁ ହୋଇପାରୁନି କୋଇଲା ଯୋଗାଣ

# ସଙ୍କଟରେ ଏନ୍‌ଟିପିସି



- **ବନ୍ଦ ହେଲାଣି ୧ ନଂ. ୟୁନିଟ୍**
- **ଅନ୍ୟ ୫ଟିରୁ ଉତ୍ପାଦନ ହ୍ରାସ**
- **ଷ୍ଟକ୍‌ରେ ଚାଲିପାରିବ ମାତ୍ର ୨ ଦିନ**

**ତାଳଚେର,୧୭।୨(ନି.ପ୍ର.):** ଖଣି କ୍ଷତିଗ୍ରସ୍ତଙ୍କ ଘନ ଘନ ଆନ୍ଦୋଳନ ଯୋଗୁ ପ୍ରଭାବିତ ହୋଇଛି ଅନୁଗୋଳ ଜିଲା କଣିହାଁ ସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପ। ୩ ହଜାର ମେଗାୱାଟ୍ ଉତ୍ପାଦନ ବିଶିଷ୍ଟ ଏହି ପ୍ରକଳ୍ପରେ ଘୋର କୋଇଲା ସଙ୍କଟ ଉପୁଜିଛି। ଏଥିଯୋଗୁ ୧ ନମ୍ବର ୟୁନିଟ୍ ବନ୍ଦ ହୋଇଯାଇଥିବା ବେଳେ ଅବଶିଷ୍ଟ ୫ଟିରୁ ବିଦ୍ୟୁତ୍ ଉତ୍ପାଦନ ଗଭୀର ଭାବେ ବାଧାପ୍ରାପ୍ତ ହୋଇଛି। ଏପରିକି ଷ୍ଟକୟାର୍ଡରେ ଥିବା କୋଇଲାରେ ପ୍ରକଳ୍ପ ଆଉ ମାତ୍ର ୨ ଦିନ ଚାଲିପାରିବ ବୋଲି ଜଣାପଡିଛି। ଏହାକୁ ନେଇ ଏନ୍‌ଟିପିସି ଜନସମ୍ପର୍କ ଅଧିକାରୀ ଅମିତ ବେହେରା ରବିବାର ଏକ ପ୍ରେସ୍ ବିବୃତିରେ ଚିନ୍ତା ବ୍ୟକ୍ତ କରିଛନ୍ତି।

କଣିହାଁସ୍ଥିତ ଏନ୍‌ଟିପିସିରେ ମୋଟ୍ ୬ଟି ୟୁନିଟ୍ ରହିଛି। ପ୍ରତି ୟୁନିଟ୍‌ରୁ ୫ଶହ ମେଗାୱାଟ୍ ଲେଖାଏ ବିଦ୍ୟୁତ୍ ଉତ୍ପାଦନ ହୋଇଥାଏ। ଏଠାରୁ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡଖଣ୍ଡ, ସିକିମ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ତେଲେଙ୍ଗାନା, କେରଳ, ପୁଡୁଚେରୀ ଆଦିକୁ ବିଦ୍ୟୁତ୍ ଯୋଗାଣ ହୋଇଥାଏ। ପ୍ରକଳ୍ପ ଚାଲିବା ପାଇଁ ଦୈନିକ ୫୫ ହଜାର ମେଟ୍ରିକ ଟନ୍ କୋଇଲା ପୋଡ଼ାଯାଏ। ଏଥିପାଇଁ ଲିଙ୍ଗରାଜ ଓ କଣିହାଁ ଓପନକାଷ୍ଟରୁ ରେଲଯୋଗେ ୫୦ରୁ ୫୫ ହଜାର ଟନ୍ କୋଇଲା ପ୍ରତିଦିନ ଏନ୍‌ଟିପିସିକୁ ଯୋଗାଇ ଦିଆଯାଏ। ସେଥିରୁ କଣିହାଁ ମାଇନ୍ସରୁ ୨୦ରୁ ୨୫ ହଜାର ଓ ଲିଙ୍ଗରାଜ ମାଇନ୍‌ସରୁ ୩୦ରୁ ୩୫ ହଜାର ଟନ୍ କୋଇଲା ପଠାଯାଇ ଥାଏ। ହେଲେ ଗତ ୧୧ ତାରିଖଠାରୁ କଣିହାଁ ବ୍ଲକ ପଥରମୁଣ୍ଡା ଗ୍ରାମବାସୀ ନିଯୁକ୍ତି, ଥଇଥାନ ଦାବିରେ ଖଣିବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଫଳରେ କଣିହାଁ ଓପନକାଷ୍ଟ ମାଇନ୍ସରୁ ଖଣ୍ଡେ ହେଲେ ବି କୋଇଲା ଏନ୍‌ଟିପିସିକୁ ପରିବହନ ହୋଇପାରୁନାହିଁ। ସେହିପରି ଗତ ୧୫ ତାରିଖରୁ ଏସ୍‌ଏପିମାନେ ନିଯୁକ୍ତି ଦାବିରେ ଏମ୍‌ଜିଆର୍‌ରେ ରେଲରୋକୋ ଆନ୍ଦୋଳନ ଚଳାଇଛନ୍ତି। ଏସ୍‌ଏପିମାନଙ୍କୁ ନିଯୁକ୍ତି ବଦଳରେ କ୍ୟାସ୍ ପ୍ୟାକେଜ ଦିଆଯିବାକୁ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ନିଷ୍ପତ୍ତି ନେଇଥିବା ଏନ୍‌ଟିପିସି ପକ୍ଷରୁ କୁହାଯାଇଛି। ଏହାସତ୍ତ୍ୱେ ଆନ୍ଦୋଳନ ଜାରି ରହିଥିବାରୁ ଲିଙ୍ଗରାଜ ଖଣିରୁ ପ୍ରକଳ୍ପକୁ କୋଇଲା ଯୋଗାଣ ଠପ୍ ହୋଇଯାଇଛି। ଷ୍ଟକରେ ମାତ୍ର ୯୪ ହଜାର ଟନ୍ କୋଇଲା ରହିଛି, ଯାହା ପ୍ରକଳ୍ପକୁ ମାତ୍ର ୨ ଦିନ ଚଳାଇ ପାରିବ। ଏନ୍‌ଟିପିସି ଦୈନିକ ଓଡ଼ିଶାକୁ ୫୨୩ ମେଗାୱାଟ୍ ବିଦ୍ୟୁତ୍ ଦେଉଥିବାରୁ ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ଏହି ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହେବ ବୋଲି ଉକ୍ତ ପ୍ରେସ୍ ବିବୃତିରେ କୁହାଯାଇଛି।

ଅନ୍ୟପକ୍ଷରେ ପ୍ରକଳ୍ପ ନିମନ୍ତେ ଅନ୍ୟୂନ ୧୦/୧୫ ଦିନ ପାଇଁ କୋଇଲା ଗଚ୍ଛିତ ରଖାଯିବା କଥା। ଲିଙ୍ଗରାଜ ଓ କଣିହାଁ ଓପନକାଷ୍ଟ ବ୍ୟତୀତ ଅନେକ ସମୟରେ ବାହାରୁ କୋଇଲା ଆମଦାନୀ ସତ୍ତ୍ୱେ ପ୍ରକଳ୍ପରେ ଆଉ ମାତ୍ର ୨ ଦିନ ପାଇଁ କୋଇଲା ଷ୍ଟକ ଥିବା ବିଭାଗୀୟ ଅଧିକାରୀଙ୍କ ଅବହେଳାକୁ ପଦାରେ ପକାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ପୂର୍ବରୁ କୋଇଲା ପରିବହନ ସ୍ୱାଭାବିକ ଥିବାବେଳେ କାହିଁକି କର୍ତ୍ତୃପକ୍ଷ ଅଧିକ କୋଇଲା ଗଚ୍ଛିତ କଲେ ନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି କ୍ଷତିଗ୍ରସ୍ତଙ୍କ ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ସମସ୍ୟା ଉପୁଜିବାକୁ ଆଖିରେ ରଖି ପଦକ୍ଷେପ ନେବାର ଆବଶ୍ୟକତା ଥିଲେ ମଧ୍ୟ ଏହା କରାଯାଇ ନ ଥିବାରୁ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ପଦାରେ ପଡିଥିବା ଅଭିଯୋଗ ହେଉଛି।

## ଉତ୍କଳ ଯାଦବ ମହାସଭା ନିର୍ବାଚନ ପ୍ରସ୍ତୁତି

# ଦଳୀୟ ଚିହ୍ନ ନ ମିଳିଲେ ସ୍ୱାଧୀନ ଲଢ଼ିବେ

**କଟକ ଅଫିସ, ୧୭।୨**

ବିଭିନ୍ନ ଜିଲାରେ ବିଧାୟକ ପ୍ରାର୍ଥୀ ହେବା ପାଇଁ ଉତ୍କଳ ଯାଦବ ମହାସଭାର ସଦସ୍ୟମାନେ ଆଶାୟୀ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲାରୁ ୧୨ ଜଣ ପ୍ରାର୍ଥୀ ହେବା ନିମନ୍ତେ ଆବେଦନ କରିଛନ୍ତି। ରବିବାର ଉତ୍କଳ ଯାଦବ ମହାସଭାର ରାଜ୍ୟ କାର୍ଯ୍ୟକାରୀ କମିଟି ବୈଠକରୁ ଏହା ଜଣାପଡ଼ିଛି। ଓଡ଼ିଶାରେ ଯାଦବଙ୍କ ସଂଖ୍ୟା ସମୁଦାୟ ଜନସଂଖ୍ୟାର ୧୮%, ଯାହାକି ୮୦ ଲକ୍ଷ ଅଟେ। ଯାଦବମାନଙ୍କ ଦକ୍ଷତା ଓ ଉପଯୁକ୍ତ ନେତୃତ୍ୱ ଥାଇ ମଧ୍ୟ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ସେମାନଙ୍କୁ ଉପେକ୍ଷା କରାଯାଇଛି। ଓଡ଼ିଶାରେ ୧୪୭ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ୨୦/୨୫ ବିଧାନସଭା ଆସନରେ ଯାଦବମାନଙ୍କ ଭୂମିକା ପ୍ରାର୍ଥୀଙ୍କ ବିଜୟରେ ନିର୍ଣ୍ଣାୟକ ହେଉଛି। ତେଣୁ ଯାଦବ ମହାସଭା ବିଭିନ୍ନ ଦଳରୁ ପ୍ରାର୍ଥୀ କରାଇ ସେମାନଙ୍କୁ ବିଜୟୀ କରାଇବା ପାଇଁ ଚେଷ୍ଟା କରିବାକୁ ନିଷ୍ପତ୍ତି ନେଇଛି। ଯଦି ଆଶାୟୀ ପ୍ରାର୍ଥୀଙ୍କୁ କୌଣସି ଦଳ ପକ୍ଷରୁ ଟିକେଟ ଦିଆ ନ ଯାଏ, ତେବେ ସେ ସ୍ୱାଧୀନ ଭାବେ ପ୍ରାର୍ଥୀ ହେଲେ ଯାଦବ ମହାସଭା ତାଙ୍କୁ ସମର୍ଥନ ଦେବାକୁ କାର୍ଯ୍ୟକାରିଣୀ ବୈଠକରେ ଦୃଢ ନିଷ୍ପତ୍ତି ନିଆଯାଇଛି। ଏପରି କି ଯାଦବ ପ୍ରାର୍ଥୀଙ୍କ ସପକ୍ଷରେ ଦଳଗୁଡ଼ିକ ନିକଟରେ ମହାସଭା ପକ୍ଷରୁ ଦୃଢ ଦାବି ଉପସ୍ଥାପନ ନିମନ୍ତେ ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରାଙ୍କ ନେତୃତ୍ୱରେ ଏକ ନିର୍ବାଚନ ପର୍ଯ୍ୟବେକ୍ଷକ କମିଟି ଗଠନ କରାଯାଇଛି। ଏଥିରେ ମହାସଭାର ଉପଦେଷ୍ଟା ବିଜୟ ମାଣିଆ, ସାଧାରଣ ସମ୍ପାଦକ ପ୍ରଦୀପ ବେହେରା, ବିରଞ୍ଚି ଦର୍ଜୀ, ଉପସଭାପତି ମଦନମୋହନ ନାଏକ, ପ୍ରମୋଦ ବେହେରା, ରାମଲାଲ ହଂସ ଏବଂ ଯୁବ ଯାଦବ ସଭାପତି ଇଂ ପ୍ରଦୀପ ବେହେରା ପ୍ରମୁଖ ଆବାହକ ଭାବେ ସ୍ଥାନ ପାଇଛନ୍ତି।

### ପର୍ଯ୍ୟବେକ୍ଷକ କମିଟି ଗଠିତ

ବାରବାଟୀ ଷ୍ଟାଡିୟମସ୍ଥିତ ଓସିଏ ସମ୍ମିଳନୀ କକ୍ଷରେ ଆଶୀର୍ବାଦ ବେହେରାଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ବୈଠକରେ ପୁଲ୍‌ୱାମାଠାରେ ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ମହାସଭା ପକ୍ଷରୁ ୨ ଓଡ଼ିଆ ଶହୀଦ ଯବାନଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଦିଆଯିବାକୁ ରାଜ୍ୟ ସଭାପତି ବେହେରା ଘୋଷଣା କରିଥିଲେ। ବୈଠକରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଦେବେନ୍ଦ୍ର ନାଥ ଦାସ, ରାଜ୍ୟ ମହିଳା ସଭାନେତ୍ରୀ ଗୀତାରାଣୀ ଦାସ ଏବଂ ଅଫିସ ସମ୍ପାଦକ ବୁଲେଇ ବେହେରାଙ୍କ ସମେତ ୩୪ ସାଂଗଠନିକ ଜିଲାର କର୍ମକର୍ତ୍ତା ଯୋଗଦେଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଚନ୍ଦ୍ର ଓ ରାହୁ ଚତୁର୍ଥଭାବରେ ରହି କର୍ମକ୍ଷେତ୍ରକୁ ପ୍ରଭାବିତ କରି ଅସ୍ଥିରତା ସୃଷ୍ଟି କରିବେ। ଭୁଲ୍ ବୁଝାମଣାଜନିତ ପାରିବାରିକ କ୍ଷେତ୍ର ମଧ୍ୟ ଭଲ ରହି ନ ପାରେ। କିନ୍ତୁ ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ। ବହୁ ପ୍ରତୀକ୍ଷିତ ଖବରଟି ଆଶ୍ୱସ୍ତି ଲାଭର କାରଣ ହେବ। ଆକସ୍ମିକ ଭାବରେ ଅପରିଚିତଙ୍କ ସହ କଳହ ଲାଗିପାରେ।

**ବୃଷ** ଯାହାକୁ ନିଜର ଭଳି ଚିନ୍ତା କରିବେ ସେହି ବ୍ୟକ୍ତି ହିଁ ସମସ୍ୟା ସୃଷ୍ଟିର ସୂତ୍ରଧର ସାଜିପାରେ। ପାଖପଡୋଶୀ କିମ୍ବା ସହକର୍ମୀଙ୍କ ସାହାଯ୍ୟରେ ଆର୍ଥିକ ସମସ୍ୟା ଦୂର ହେବ। ସାମାଜିକ ସ୍ତରରେ କିମ୍ବା ଆଲୋଚନା ପରିସରରେ ସକ୍ରିୟ ଅଂଶ ଗ୍ରହଣ କରିବାର ସୁଯୋଗ ପାଇପାରନ୍ତି। ଆକସ୍ମିକ ଭାବରେ ସୁଖଭ୍ରମଣ ଯୋଗ ରହିଛି।

**ମିଥୁନ** ଆଜି ଯାହା କିଛି କହିବେ କିମ୍ବା କରିବାକୁ ଯାଉଛନ୍ତି ତାହାକୁ ଠିକ୍ ବିଚାରକରି ପଦକ୍ଷେପ ନିଅନ୍ତୁ। ବନ୍ଧୁଙ୍କ ଅନୁରୋଧରେ ଦୂରଯାତ୍ରା କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ପାରିବାରିକ କ୍ଷେତ୍ର ପୂର୍ବପରି ରହିବା ହେତୁ ଚିନ୍ତିତ ରହିପାରନ୍ତି।

**କର୍କଟ** ଏଣୁ ତେଣୁ ଗୁଡାଏ ମୂଲ୍ୟହୀନ କଥାକୁ ଗୁରୁତ୍ୱଦେଇ ପରୋକ୍ଷ ଭାବରେ ସମାଲୋଚିତ ହୋଇପାରନ୍ତି। ଦୂରଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଅନ୍ୟମାନଙ୍କ ଦ୍ୱାରା ଉପେକ୍ଷିତ କିମ୍ବା ପ୍ରତାରିତ ହେଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହୋଇପାରନ୍ତି।

**ସିଂହ** ସାମାନ୍ୟ କଥାକୁ କେନ୍ଦ୍ରକରି ବହୁତ ଦିନ ଧରି ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ପରିବାରର ବାକିଥିବା କାମକୁ କରିବା ସକାଶେ କାର୍ଯ୍ୟବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ କୌଣସି ସମସ୍ୟାକୁ ସୁଧାରିବା ସକାଶେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଶାରୀରିକ ଅବସ୍ଥାରେ ଉନ୍ନତି ଓ ବନ୍ଧୁମାନଙ୍କ ସହାନୁଭୂତିରୁ ମନୋବଳ ବୃଦ୍ଧି ପାଇବ।

**କନ୍ୟା** ନିକଟ ସମ୍ପର୍କୀୟମାନଙ୍କୁ ସୁହାଇଲା ଭଳି କାମ କରିବା ସହ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ଏହା ସାଙ୍ଗକୁ ଚିନ୍ତା କରିଥିବା କାମଗୁଡିକ ବାସ୍ତବରେ ଓଲଟା ହୋଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବା ସହ ପ୍ରଶଂସିତ ମଧ୍ୟ ହୋଇପାରନ୍ତି। ଘର ଭିତରେ ଅସାବଧାନତାରୁ ଦ୍ରବ୍ୟ ନଷ୍ଟ ଯୋଗୁ ବିରକ୍ତି ପ୍ରକାଶ କରିବେ।

**ତୁଳା** ନିର୍ଦ୍ଦିଷ୍ଟ ସମୟରେ ଶେଷ କରିବାକୁ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇ ନ ପାରେ। ଫଳତଃ ଏଥି ସକାଶେ ବିଭିନ୍ନ ପ୍ରକାରର ମନଗଢା କଥା କହି ପରିସ୍ଥିତିକୁ ଲାଘବ କରିବାର ଚେଷ୍ଟା କରିବେ। ଈର୍ଷାପରାୟଣ ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରିପାରନ୍ତି। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ବିଛା** ବନ୍ଧୁଙ୍କ ପରାମର୍ଶରେ ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଭାଗୁଆଳି ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। ରଚନାତ୍ମକ କାର୍ଯ୍ୟ କିମ୍ବା କ୍ରୀଡା, କଳା, ସାହିତ୍ୟ, ଶିଳ୍ପ, କାରିଗରି ବିଦ୍ୟାର ଚମତ୍କାରିତାରୁ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧିପାଇବ।

**ଧନୁ** ବନ୍ଧୁମାନଙ୍କ କାର୍ଯ୍ୟରେ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିପାରନ୍ତି। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବା ସହ କାର୍ଯ୍ୟପ୍ରବାହର ଗତିରୋଧ କରିପାରେ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି।

**ମକର** ମନକଥାକୁ ମନ ଭିତରେ ଗୋପନ ରଖି ବନ୍ଧୁଙ୍କ ସମ୍ମୁଖରେ ମିଥ୍ୟାଭାଷଣ ପ୍ରଦାନ କରିପାରନ୍ତି। ଘରେ ବନ୍ଧୁ ମିଳନ ଆମୋଦ ପ୍ରମୋଦର ସୁଅ ଛୁଟିବ କିନ୍ତୁ ତାହା ଆପଣଙ୍କ ଉପଭୋଗ୍ୟ ନ ହୋଇପାରେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପଡ଼ୋଶୀଙ୍କ ସହାୟତାରେ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯାଇପାରେ।

**କୁମ୍ଭ** ଆକସ୍ମିକ କୌଣସି ସମସ୍ୟାରେ ହଡବଡେଇ ଯାଇଥିବା ସମୟରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଅନିଦ୍ରାଜନିତ କିମ୍ବା ଖାଦ୍ୟପେୟରେ ଅନିୟମିତତାଜନିତ ପେଟ ଗୋଳମାଳ ଦେଖାଦେଇ ପାରେ। ଯେତେ ଭଲ ସମ୍ପର୍କ ଥାଉନା କାହିଁକି ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବାର ସୂଚନା ରହିଛି।

**ମୀନ** ପରିସ୍ଥିତିରେ ପଡି ଦୀର୍ଘପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଏଣେ କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବା ସହ ବନ୍ଧୁଙ୍କ ସହିତ ଆଲୋଚନା କରିପାରନ୍ତି। ଅପରାହ୍ନରେ ଆଶା କରୁଥିବା ଖବର ମନୋବଳ ବଢ଼ାଇବ।

ଆଜି ମାଘ ଶୁକ୍ଳ ଚତୁର୍ଦ୍ଦଶୀ ସୋମବାର, ଫେବୃୟାରୀ ୧୮ ତାରିଖ, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ଦିବା ଘ.୨।୨୫ମି. ଗତେ, ଅଶ୍ଳେଷା ନକ୍ଷତ୍ର, ମିଥୁନ ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ଦିବା ଘ.୭।୫୦ମି. ମଧ୍ୟେ ଘ.୧।୨୬ମି. ଗତେ, ଘ.୨।୪୯ମି. ମଧ୍ୟେ ଘ.୪।୧୨ମି. ଗତେ, ଘ.୫।୪୭ମି. ମଧ୍ୟେ ଅମୃତବେଳା। ଦିବା ଘ.୯।୧୪ମି. ଗତେ ଘ.୧୦।୩୭ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ.୭।୪୩ମି. ଗତେ ଘ.୯।୦୯ମି. ମଧ୍ୟେ ରାହୁକାଳ।

## ■ ଶ୍ରୀମନ୍ଦିରର ଶୃଙ୍ଖଳା, ସଂସ୍କାର ସମ୍ପର୍କିତ ବୈଠକ

# ମୂଳ କାରଣ ଖୋଜି ସମାଧାନ କର: ଶଙ୍କରାଚାର୍ଯ୍ୟ

**ପୁରୀ ଅଫିସ, ୧୭।୨**

ଶିକ୍ଷା, ରକ୍ଷା, ସଂସ୍କୃତି, ସେବା, ଧର୍ମ ଓ ମୋକ୍ଷର କେନ୍ଦ୍ର ହେଉଛି ଶ୍ରୀମନ୍ଦିର। ଦୀର୍ଘ ବର୍ଷ ଧରି ଏଠାରେ ଉପୁଜିଥିବା ସମସ୍ୟା ଓ ବିଶୃଙ୍ଖଳା ସମୟେ ସମୟେ ଭକ୍ତଙ୍କ ମନରେ ଆଘାତ ପହଞ୍ଚାଉଛି। ଏହାର ସମାଧାନ ଅସାଧ ନୁହେଁ, କେବଳ ବୁଝିବାର ଆବଶ୍ୟକତା ରହିଛି। ମୂଳ କାରଣ ଖୋଜି ମିଳିମିଶି ସମାଧାନ କରିଦେଲେ ଶ୍ରୀମନ୍ଦିରରେ ଶୃଙ୍ଖଳା ଫେରିଆସିବ। ଏହାଦ୍ୱାରା ଓଡ଼ିଶା ସମେତ ଭାରତ ଓ ସାରା ବିଶ୍ୱର ଭାଗ୍ୟ ଉଦୟ ହୋଇଯିବ ବୋଲି କହିଛନ୍ତି ଗୋବର୍ଦ୍ଧନ ପୀଠାଧୀଶ୍ୱର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଶ୍ରୀମନ୍ଦିରରେ ସଂସ୍କାର ଏବଂ ଶୃଙ୍ଖଳା ଆଣିବା ଲାଗି ରବିବାର ଗୋବର୍ଦ୍ଧନ ମଠରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଏଥିରେ ଶଙ୍କରାଚାର୍ଯ୍ୟ କହିଲେ, ଶ୍ରୀମନ୍ଦିର ଭଳି ମହାନ ପୀଠର ଶାସ୍ତ୍ରୀୟ, ବୈଦିକ ପରମ୍ପରାକୁ ଉଜ୍ଜୀବିତ ରଖି ମହାପ୍ରଭୁଙ୍କ ସେବାପୂଜା କରିବାକୁ ପଡିବ। ଶ୍ରୀମନ୍ଦିରର ସଂସ୍କାର ଏବଂ ଶୃଙ୍ଖଳା ପାଇଁ ପ୍ରତି ୩ ମାସରେ ଥରେ ବୈଠକ ବସିବ। ବେଦବିହୀନ ବିଜ୍ଞାନ ବିସ୍ଫୋଟ ଆଣିବ ବୋଲି ସେ ଚେତାଇ ଦେବା ସହ ଏଥିପ୍ରତି ସତର୍କ ହେବା ଦରକାର ବୋଲି ମତ ରଖିଥିଲେ। ଏହି ଅବସରରେ ଶଙ୍କରାଚାର୍ଯ୍ୟ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ୧୪ଟି ପ୍ରସ୍ତାବ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ।



ଶ୍ରୀମନ୍ଦିର ଶୃଙ୍ଖଳା ଓ ସମୀକ୍ଷା ବୈଠକରେ ଉପସ୍ଥିତ ଗଜପତି ମହାରାଜା ଏବଂ ଶଙ୍କରାଚାର୍ଯ୍ୟ।

ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଲେ, ସଂସ୍କାର ସବୁବେଳେ ଧର୍ମର ମାର୍ଗରେ ଚାଲେ। ଦୃଷ୍ଟିଭଙ୍ଗୀ ଅଲଗା ରହିଲେ ସବୁ ଗଡ଼ବଡ଼ ହୋଇଯିବ। ବର୍ତ୍ତମାନ ଶ୍ରୀମନ୍ଦିରରେ ଯେଉଁ ସମସ୍ୟା ଦେଖାଦେଇଛି ତାହା ଗଜପତିମାନେ ଦୁର୍ବଳ ହେବା ପରଠାରୁ ହିଁ ଆରମ୍ଭ ହୋଇଛି। ଧାର୍ମିକ, ପ୍ରଶାସନିକ ଏବଂ ସେବାୟତଙ୍କ କ୍ଷେତ୍ରରେ ସଂସ୍କାର ଓ ସମନ୍ୱୟ ରହିଲେ ଶ୍ରୀମନ୍ଦିର ପରିଚାଳନାରେ କୌଣସି ଅସୁବିଧା ହେବ ନାହିଁ। ଏଥିପାଇଁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ପରାମର୍ଶ ଏବଂ ଦିଗ୍‌ଦର୍ଶନକୁ ପ୍ରଶାସନ କାର୍ଯ୍ୟକ୍ଷମ କରିବ ବୋଲି ଗଜପତି କହିଥିଲେ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଲେ, ଶ୍ରୀମନ୍ଦିର ଧାର୍ମିକ ପରମ୍ପରା ଅନୁଯାୟୀ ଚାଲିବ। ବଂଶାନୁକ୍ରମିକ ଯେମିତି ରହିଛି ସେମିତି ଚାଲିବ। କିନ୍ତୁ ଆମକୁ ସୁପ୍ରିମ୍‌କୋର୍ଟଙ୍କ ପରବର୍ତ୍ତୀ ଶୁଣାଣିକୁ ଅପେକ୍ଷା କରିବାକୁ ପଡିବ। ମନ୍ଦିରର ସୀମିତ ପରିସୀମା ଭିତରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢ଼ି ଚାଲିଥିଲେ ମଧ ଆମକୁ ଶୃଙ୍ଖଳା ରକ୍ଷା କରିବାକୁ ପଡିବ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ କ୍ଷେତ୍ରରେ ଏପରି କି ରେକର୍ଡ ଅଫ୍ ରାଇଟ୍ସରେ ମଧ ପରିବର୍ତ୍ତନର ଆବଶ୍ୟକତା ରହିଛି। ଶ୍ରୀମନ୍ଦିର ସଂସ୍କାର ନେଇ

■ ମୁଖ୍ୟ ପ୍ରଶାସକଙ୍କ ନିକଟରେ ରଖିଲେ ୧୪ ପ୍ରସ୍ତାବ

■ ୩ଟି କ୍ଷେତ୍ରରେ ସଂସ୍କାର ଆବଶ୍ୟକ, ପ୍ରତି ୩ ମାସରେ ବୈଠକ

■ ଦିଗ୍‌ଦର୍ଶନ, ପରାମର୍ଶ ଦେବେ ଶଙ୍କରାଚାର୍ଯ୍ୟ: ଗଜପତି

ଜଗଦ୍‌ଗୁରୁଙ୍କ ପ୍ରସ୍ତାବକୁ ପାଳନ ନିମନ୍ତେ ସମସ୍ତ ଉଦ୍ୟମ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଆଇନ ବିଭାଗ ଅତିରିକ୍ତ ସଚିବ, ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଦେବୋତ୍ତର କମିଶନର ବିରଜା ପ୍ରସାଦ ଦତ୍ତ, ପ୍ରଫେସର ହରେକୃଷ୍ଣ ଶତପଥୀ, ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ରବୀନ୍ଦ୍ର ନାଥ ପ୍ରତିହାରୀ, ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସ ମହାପାତ୍ର, ମୁକ୍ତିମଣ୍ଡପ ପଣ୍ଡିତ ସଭାର ଉପସଭାପତି ଅଶୋକ ମହାପାତ୍ର, ବରିଷ୍ଠ ଅଧିବକ୍ତା ଦେବାଶିଷ ପଣ୍ଡା ପ୍ରମୁଖ ସେମାନଙ୍କ ମତ ରଖିଥିଲେ। ବୈଠକରେ ହାଇକୋର୍ଟ ବାର୍ ଆସୋସିଏଶନ ଓ ପୁରୀ ବାର୍ ଆସୋସିଏଶନ କର୍ମକର୍ତ୍ତା, ଶ୍ରୀମନ୍ଦିରର ବରିଷ୍ଠ ସେବାୟତ, ପରିଚାଳନା କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଗୋବର୍ଦ୍ଧନ ମଠ ପ୍ରବକ୍ତା ମନୋଜ କୁମାର ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ।

# 'ଅକ୍ଷୟ ଶକ୍ତି ବିକାଶ ଉପରେ ଗୁରୁତ୍ୱ'

**ଭୁବନେଶ୍ୱର, ୧୭।୨ (ବ୍ୟୁରୋ)**

ଦ୍ରୁତ ଜଳବାୟୁ ପରିବର୍ତ୍ତନ ଏବଂ ଶିଳ୍ପାୟନ କାରଣରୁ କୋଇଲା ଓ ଜଳବିଦ୍ୟୁତ୍ ପରି ପାରମ୍ପରିକ ଶକ୍ତିଉତ୍ସ ସମାପ୍ତ ହେବା ସଙ୍କଟ ଉପନୀତ। ବିଶ୍ୱର ସମସ୍ତ ଶକ୍ତି ଆପୋସ ବୁଝାମଣା ଜରିଆରେ ଏହାର ସମାଧାନ କରିବା ଆବଶ୍ୟକ। ତେଣୁ ବର୍ତ୍ତମାନ ସମୟରେ ସୌର, ଜୁଆର, ପବନ ଏବଂ ବର୍ଜ୍ୟବସ୍ତୁ ପରି ଅଣପାରମ୍ପରିକ ଉତ୍ସରୁ ଶକ୍ତି ସଂଗ୍ରହ କରିବାର ସମୟ ଆସିଛି। ଏ ଦିଗରେ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା (ଓରେଡା) କାର୍ଯ୍ୟ କରୁଛି। ଓରେଡାର ୩୫ତମ ପ୍ରତିଷ୍ଠା ଦିବସରେ ଭାଗନେଇ ଅତିଥିମାନେ ଏହି ବକ୍ତବ୍ୟ ରଖିଛନ୍ତି। ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଶକ୍ତି ପାର୍କରେ ଆୟୋଜିତ ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ନବୀକରଣ ଯୋଗ୍ୟ ଉତ୍ସରୁ ଶକ୍ତି ସଂଗ୍ରହ ଉପରେ ଗୁରୁତ୍ୱାରୋପ କରିଛନ୍ତି।

ବଦ୍ରି କହିଛନ୍ତି ଯେ, ବର୍ତ୍ତମାନ ପ୍ରଦୂଷଣ ମାତ୍ରାଧିକ ସ୍ତରରେ ପହଞ୍ଚିଯାଇଛି। ବିଶ୍ୱକୁ ଗ୍ଲୋବାଲ ୱାର୍ମିଂରୁ ମୁକ୍ତ କରିବା ଲାଗି ଅଧିକ ଅଣପାରମ୍ପରିକ ଶକ୍ତି ବ୍ୟବହାରର ଆବଶ୍ୟକତା ରହିଛି। ଓରେଡା ପ୍ରକଳ୍ପ ସମ୍ପାଦନ, ଶିକ୍ଷା, ଗବେଷଣା ଓ ଅଭିନବୀକରଣ ଏବଂ ଦକ୍ଷତା ବିକାଶ ପରି କାର୍ଯ୍ୟକ୍ରମମାନ ଗ୍ରହଣ କରୁଛି। ସେହିପରି ବିଜ୍ଞାନ ପ୍ରଯୁକ୍ତିବିଦ୍ୟା ସଚିବ ଭାସ୍କରଜ୍ୟୋତି ଶର୍ମା କହିଛନ୍ତି ଯେ, ରାଜ୍ୟରେ ବିଜ୍ଞାନର ବିକାଶ ନିମନ୍ତେ ଓରେଡା ଅନେକ କିଛି କାର୍ଯ୍ୟକ୍ରମ ହାତକୁ ନେଇଛି। ଉଦାହରଣ ସ୍ୱରୂପ–ସୌର ଜଳନିଧି ଯୋଜନାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ପମ୍ପ ଯୋଗାଇ ଦିଆଯାଇଛି। ଛାତ ଉପରେ ସୌରଶକ୍ତିର ବିକାଶ ପାଇଁ ନେଟ୍ ମିଟରିଂ ସ୍କିମ୍ ଏବଂ ଗ୍ରାମାଞ୍ଚଳରେ ଆଜୀବିକାର ଉନ୍ନତି ପାଇଁ ଅନେକ ଯୋଜନା ହାତକୁ ନେଇଛି। ଓରେଡାର ମୁଖ୍ୟ କାର୍ଯ୍ୟନିର୍ବାହୀ ରୂପା ମିଶ୍ର କହିଛନ୍ତି ଯେ, ହାତକୁ ନିଆଯାଇଥିବା ସମସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଚେଷ୍ଟା କରାଯାଉଛି। ପ୍ରଦୂଷଣ ହ୍ରାସ ସହ ପରିବେଶ ଏବଂ ଜୈବବିବିଧତା ସୁରକ୍ଷା ଉପରେ ବ୍ୟାପକ ଗୁରୁତ୍ୱ ଦିଆଯିବ।




# ଯୋଗାଭ୍ୟାସ ବେଳେ ବୃଦ୍ଧଙ୍କ ଜୀବନ ଗଲା

**ପାରଳାଖେମୁଣ୍ଡି, ୧୭।୨ (ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି ସହରରେ ରବିବାର ଏକ ଯୋଗ ଶିବିରରେ ଅଭାବନୀୟ ଘଟଣା ଘଟିଛି। ଯୋଗାଭ୍ୟାସ କରୁଥିବାବେଳେ ଜଣେ ବୃଦ୍ଧଙ୍କ ଜୀବନ ଯାଇଛି। ତାଙ୍କ ପରିଚୟ ମିଳିପାରିନାହିଁ। ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟର ଶବ ସଂରକ୍ଷଣଗୃହ (ମର୍ଗ)ରେ ରଖାଯାଇଛି। ଏନେଇ ପାରଳାଖେମୁଣ୍ଡି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨/୧୯) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ପତଞ୍ଜଳି ଯୋଗ ସଂସ୍ଥା ପକ୍ଷରୁ ରାମନଗର ଅଞ୍ଚଳସ୍ଥ ହାଇଟେକ ପଡ଼ିଆରେ ତିନିଦିନିଆ ଯୋଗ ଶିବିର ଆୟୋଜନ କରାଯାଇଥିଲା। ସକାଳେ ଏହାକୁ ପାରଳାଖେମୁଣ୍ଡି ସ୍ୱାଭିମାନ ମଞ୍ଚର ଆବାହକ ତିରୁପତି ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଏହାପରେ ଯୋଗାଭ୍ୟାସ ଆରମ୍ଭ ହୋଇଥିଲା। ଏଥିରେ ସହରର ବହୁ ବ୍ୟକ୍ତି ଯୋଗଦେଇଥିଲେ। ଯୋଗାଭ୍ୟାସ କରୁଥିବା ବେଳେ ହଠାତ ଜଣେ ବୃଦ୍ଧ ଅସୁସ୍ଥ ହୋଇ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ପକ୍ଷରୁ ଅନୁସନ୍ଧାନ ଜାରି ରହିଥିବା ଏଏସ୍ଆଇ ପୀତବାସ ଶତପଥି କହିଛନ୍ତି।

# ୩ ଜିଲାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୭।୨ (ବ୍ୟୁରୋ):** ଥଣ୍ଡା କମିବାରେ ଲାଗିଥିବାବେଳେ ଦିନରେ ତାପମାତ୍ରା ବଢ଼ି ଚାଲିଛି। ସକାଳେ ଅଧିକାଂଶ ସ୍ଥାନରେ କୁହୁଡ଼ି ଦେଖାଯାଉଛି। ଏପରିସ୍ଥଳେ ଦୁଇଦିନ ହେଲା ରାଜ୍ୟରେ ବିଭିନ୍ନ ଅଞ୍ଚଳରେ ସାମାନ୍ୟ ବର୍ଷା ସହ ପବନ ବହୁଛି। ରବିବାର ମଧ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ସୋମବାର ବାଲେଶ୍ୱର, ଗଞ୍ଜାମ, ଗଜପତି ଜିଲାରେ ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ତିନୋଟି ଜିଲାରେ ସ୍ୱଳ୍ପ ପରିମାଣର ବର୍ଷା ହେବା ସହିତ କୋହଲା ପାଗ ଲାଗି ରହିବ। ତେବେ ରାଜ୍ୟର ଅନ୍ୟ ଜିଲାଗୁଡ଼ିକରେ ପାଗ ଶୁଖିଲା ରହିବ ବୋଲି ଅନୁମାନ କରାଯାଇଛି। ରବିବାର ଅନୁଗୋଳରେ ସର୍ବନିମ୍ନ ୧୪.୬ ଡିଗ୍ରୀ ତାପମାତ୍ରା ଥିବାବେଳେ ମାଲକାନଗିରିରେ ସର୍ବାଧିକ ୩୪.୬ ଡିଗ୍ରୀ ରେକର୍ଡ ହୋଇଛି। ତେବେ ଆସନ୍ତା ଦୁଇଦିନ ରାଜ୍ୟରେ ରାତିର ତାପମାତ୍ରାରେ କୌଣସି ବଡ଼ ଧରଣର ପରିବର୍ତ୍ତନ ହେବ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।






ଧରିତ୍ରୀ
DHARITRI
ସୋମବାର, ୧୮ ଜାନୁୟାରୀ, ୨୦୧୯

କୃତଜ୍ଞତାର ଶୁଦ୍ଧ ଆଲୋକ ସର୍ବଦା ଆମ୍ଭମାନଙ୍କ ହୃଦୟରେ ପ୍ରଜ୍ୱଳିତ ରହିବା ଉଚିତ। ସେହି ଆଲୋକର ଉଷ୍ମତାରେ, ମାଧୁର୍ଯ୍ୟରେ ଓ ଉଜ୍ଜ୍ୱଳତାରେ ସବୁ ଅହଂକାର ଓ ଅଜ୍ଞାନ ମିଳେଇଯିବ।
–ଶ୍ରୀମା



# ଲଜ୍ଜିତ

ଜମ୍ମୁ ଓ କଶ୍ମୀରର ପୁଲୱାମାରେ ୧୪ ଫେବୃୟାରୀ ୨୦୧୯ରେ କଶ୍ମୀରଭିତ୍ତିକ ଜୈଶ-ଇ-ମହମ୍ମଦ ସଙ୍ଗଠନ ଦ୍ୱାରା କରାଯାଇଥିବା ଆତଙ୍କବାଦୀ ଆକ୍ରମଣରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ୪୯ ଜଣ ଯବାନ ଓ ଅଧିକାରୀ ପ୍ରାଣ ହରାଇଛନ୍ତି। ଏହି ଆକ୍ରମଣ ଘଟାଇଥିବା ଆତଙ୍କବାଦୀ ଆଦିଲ ଅହମ୍ମଦ ସ୍ଥାନୀୟ ଅଞ୍ଚଳର ଯୁବକ ବୋଲି ଜଣାପଡ଼ିଛି। କାର୍ଯ୍ୟଟି ଏକାକୀ ସେ କରାଇଛନ୍ତି। ଏକାଥରକେ ଏତେ ସଂଖ୍ୟକ ବ୍ୟକ୍ତିଙ୍କ ଜୀବନହାନି ସୁରକ୍ଷା ବଳକୁ କ୍ଷତି ଭରଣା କରିବାରେ ଦୀର୍ଘ ସମୟ ଲାଗିବ। ଏହି ଆକ୍ରମଣ ଭାରତୀୟମାନଙ୍କୁ ଗଭୀର ଆଘାତ ଦେଇଛି। ଏଭଳି କେମିତି ଘଟିଲା, ଶାସନର କେଉଁ ସ୍ତରରେ ତ୍ରୁଟି ରହିଲା ଓ ଆଗକୁ କ'ଣ କରାଯାଇପାରିବ ଭଳି ବହୁ ପ୍ରଶ୍ନ ଜନସାଧାରଣଙ୍କ ମନକୁ ଆସିବା ସ୍ୱାଭାବିକ।

ଉରି ଓ ପଠାନକୋଟ ସେନା ଶିବିର ଉପରେ ବୃହତ୍ ଆକ୍ରମଣ ପରେ ଆତଙ୍କବାଦୀ ସଙ୍ଗଠନ ଓ ସେଗୁଡ଼ିକର ମୁଖ୍ୟମାନେ ଯେଉଁଠାରୁ ଏସବୁ ଚଳାଉଥିଲେ ମଧ୍ୟ ଆକ୍ରମଣ ତରିକା ବଦଳାଇବାରେ ଲାଗିଛନ୍ତି। କିଭଳି ସେମାନଙ୍କ ପଟରୁ କମ୍ ଲୋକଙ୍କ ଜୀବନ ଯିବ, ସେ ଦିଗରେ ଚେଷ୍ଟା ଚଳାଉଛନ୍ତି। ଏହା ବିଶ୍ୱାସଯୋଗ୍ୟ ହେଉ ନାହିଁ ଯେ, ବିସ୍ଫୋରକଭର୍ତ୍ତି ଗାଡ଼ି ଚଳାଇ ଜଣେ ଆତ୍ମଘାତୀ ୨,୫୦୦ ସିଆର୍‌ପିଏଫ୍ କର୍ମଚାରୀଙ୍କୁ ନେଇ ଯାଉଥିବା ୭୦ଟି ଗାଡ଼ି ମଧ୍ୟରୁ ଗୋଟିଏକୁ ଧକ୍କା ଦେଇ ଏତେ ମାତ୍ରାରେ ବିପର୍ଯ୍ୟୟ ଘଟାଇପାରିବ। କିନ୍ତୁ ତାହା ହିଁ ଘଟିଲା। ନିଶ୍ଚିତ ଭାବେ ଏହା ଭାରତ ପାଇଁ ଦୁଃଖ ଓ ଲଜ୍ଜାର ଏକ ମିଶ୍ରିତ ପରିସ୍ଥିତି ସୃଷ୍ଟି କରିଛି। କଶ୍ମୀରରେ ଏଭଳି ଆକ୍ରମଣ ଘଟିଥିବାରୁ ପାକିସ୍ତାନକୁ ନିନ୍ଦା କରାଯାଉଛି। ଅନ୍ୟପକ୍ଷରେ ଭାରତର ଗୋଇନ୍ଦା ଓ ସଶସ୍ତ୍ର ସୁରକ୍ଷା ବ୍ୟବସ୍ଥାର ବିଫଳତା ଲଜ୍ଜାଜନକ ସ୍ତରରେ ପହଞ୍ଚିଯିବା ଭଳି ମନେହେଉଛି। ଗୋଇନ୍ଦାର ବିଫଳତା ବୁଝିବା କଷ୍ଟକର ମନେହେଉନାହିଁ। ସାଧାରଣତଃ ବିଶ୍ୱର ଜଣାଶୁଣା ଗୋଇନ୍ଦା ସଂସ୍ଥା ଓ ସେମାନଙ୍କ ସଫଳତା ସବୁବେଳେ ସ୍ଥାନୀୟ ବାସିନ୍ଦାଙ୍କ ସହିତ ସୁସମ୍ପର୍କ ଉପରେ ଆଧାରିତ ଥାଏ। ଯେଉଁ ଦେଶ ବା ସଙ୍ଗଠନ ପାଇଁ ଗୋଇନ୍ଦା କାର୍ଯ୍ୟ କରୁଥିବେ, ତାହା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ମନରେ ଭରସା ଓ ଭଲପାଇବା ରହିଥାଏ। ଏହାପରେ ଅର୍ଥ ଭଳି ବିଭିନ୍ନ ପ୍ରକାରର ଲୋଭ ଦେଖାଇ ଗୋଇନ୍ଦା ତଥ୍ୟ ହାତେଇବା ସମ୍ଭବପର ହୁଏ। ଏବେକାର ପରିସ୍ଥିତି ଦେଖିଲେ ମନେହେଉଛି ଯେପରି ସାଧାରଣ କଶ୍ମୀର ନାଗରିକର ଭାରତ ପାଇଁ ସମ୍ପୂର୍ଣ୍ଣ ବିମୁଖଭାବ ସୃଷ୍ଟି ହୋଇଛି। ଏଭଳି ବିଫଳତା ଯୋଗୁ ପାକିସ୍ତାନକୁ ଦୋଷ ଦେଇ ଖସିଯିବା ଗ୍ରହଣୀୟ ନୁହେଁ। ଅପରପକ୍ଷରେ ପୁଲୱାମା ଆକ୍ରମଣ ସ୍ପଷ୍ଟ ଦର୍ଶାଉଛି ଯେ, କଶ୍ମୀରରେ ସ୍ୱାଭାବିକତା ଫେରାଇ ଆଣିବା ଆଉ କେବେ ସମ୍ଭବପର ହୋଇ ନ ପାରେ। ବିଶେଷକରି ଭାରତର ଅନ୍ୟ ସ୍ଥାନରେ ଥିବା କଶ୍ମୀରୀଙ୍କ ଉପରେ କରାଯାଉଥିବା ଆକ୍ରମଣ ଜୈଶ-ଇ-ମହମ୍ମଦ ଭଳି ଆତଙ୍କବାଦୀଙ୍କ ଲକ୍ଷ୍ୟ ପୂରଣ କରିବାରେ ଅନେକ ସାହାଯ୍ୟ କରୁଛି। ମାଡ଼ଖାଇ ଘରକୁ ଫେରିଲା ପରେ ଏମାନେ କଶ୍ମୀରରେ ଆତଙ୍କବାଦୀ ପାଲଟିବାର ଯଥେଷ୍ଟ ଆଶଙ୍କା ରହିଛି। ସମଗ୍ର ପୃଥିବୀରେ ଆତଙ୍କବାଦ ହ୍ରାସ ପାଉଥିବା ପରିଲକ୍ଷିତ ହେଉଥିବା ବେଳେ ପୁଲୱାମା ଆକ୍ରମଣ ଜଣାଇ ଦେଉଛି ଯେ, କଶ୍ମୀର ସମସ୍ୟା ଏବେ ମଧ୍ୟ ଜ୍ୱଳନ୍ତ ରହିଛି। ସ୍ଥାନୀୟ ଲୋକଙ୍କ ଅସନ୍ତୋଷ ବୃଦ୍ଧି ପାଉଥିବାରୁ ପାକିସ୍ତାନକୁ କୌଣସି ପଦକ୍ଷେପ ନେବାର ପ୍ରୟୋଜନ ହେଉ ନାହିଁ। ସେଥିପାଇଁ ହୁଏତ ସେହି ଦେଶର କୌଣସି ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିମାନଙ୍କଠାରୁ ପ୍ରତିକ୍ରିୟା ଶୁଣିବାକୁ ମିଳିନାହିଁ। ଅର୍ଥାତ୍ ପାକିସ୍ତାନ ଏବେ ବସି ମଜା ଦେଖୁଛି।

**ତଥାଗତ ସତପଥୀ**

ପୁଲ୍‌ୱାମା ଆକ୍ରମଣ ପରେ ନିରାପତ୍ତା ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବସିବା, ହଠାତ୍ ୩ଟି ପଦକ୍ଷେପ ନିଆଯିବା ଓ ଯବାନଙ୍କ ଶହୀଦ ହେବା କଦାପି ବ୍ୟର୍ଥ ଯିବନାହିଁ ବୋଲି ଭାରତ ସରକାରଙ୍କ ଘୋଷଣା କାହାରିକୁ ଆଶ୍ୱସ୍ତ କରୁନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତତ୍‌କ୍ଷଣାତ୍ କହିପକାଇଥିଲେ, ଦେଶବାସୀ ଏବେ କ୍ରୋଧିତ। ପ୍ରତିକ୍ରିୟାଶୀଳ ହୋଇ ପ୍ରଥମ ପଦକ୍ଷେପ ସ୍ୱରୂପ ପାକିସ୍ତାନକୁ ଦିଆଯାଇଥିବା ସର୍ବାଧିକ ଅନୁଗୃହୀତ ରାଷ୍ଟ୍ର (ଏମ୍‌ଏଫ୍‌ଏନ୍) ମାନ୍ୟତାକୁ ଭାରତ ପ୍ରତ୍ୟାହାର କରିଦେଇଛି। ଦେଖିବାକୁଗଲେ ଏହା ଦ୍ୱାରା ପାକିସ୍ତାନ ନୁହେଁ, ଭାରତ ଅଧିକ ପ୍ରଭାବିତ ହେବ। କାରଣ ଭାରତରୁ ପାକିସ୍ତାନକୁ ଅଧିକ ବାଣିଜ୍ୟ କାରବାର ହେଉଥିଲା ବେଳେ ସେହି ଦେଶରୁ ଏଠାକୁ କମ୍ ଜିନିଷପତ୍ର ଆସୁଛି। ଅନ୍ତର୍ଜାତୀୟ ମଞ୍ଚରେ ପାକିସ୍ତାନକୁ ଏକଘରକିଆ କରାଯିବା ନେଇ ହୋଇଥିବା କୂଟନୈତିକ ଉଦ୍ୟମ ବିଷୟରେ ଯେତେ କମ୍ କୁହାଯିବ ସେତେ ଭଲ। କାରଣ ବିଶ୍ୱସ୍ତରରେ ଭାରତର ଦୁର୍ବଳ ପ୍ରଦର୍ଶନ ବିଶେଷକରି ପ୍ରଧାନମନ୍ତ୍ରୀ ମୋଦିଙ୍କ ବାରମ୍ବାର ବିଫଳତାକୁ ଅଣଦେଖା କରାଯାଇ ନ ପାରେ।

ନିଃସନ୍ଦେହରେ କୁହାଯାଇପାରେ ଯେ, ପାକିସ୍ତାନ ହେଉଛି ଚାଇନାର ଘନିଷ୍ଠ ସହଯୋଗୀ। ଏହା କେବଳ ଆମେରିକା ନୁହେଁ, ରୁଷିଆ ସହ ମଧ୍ୟ ଉତ୍ତମ ସମ୍ପର୍କ ସୃଷ୍ଟି କରିସାରିଲାଣି। ଅନ୍ୟ ଭାବେ କହିଲେ ଭାରତ ବିଶେଷକରି ମୋଦିଙ୍କ ଶାସନ ସମୟରେ ନୂଆଦିଲ୍ଲୀ ଅଧିକ ଅସହାୟ ହୋଇପଡ଼ିଛି। ପୁଲ୍‌ୱାମା ଆକ୍ରମଣ ନେଇ ପାକିସ୍ତାନକୁ ଉଚିତ ଶିକ୍ଷା ଦିଆଯିବ ବୋଲି କରାଯାଉଥିବା ଉଚ୍ଚାରଣ କେବଳ ଫମ୍ପା ମାଠିଆର ଶବଦ ଭଳି ପ୍ରତୀୟମାନ ହେଉଛି। ଭାରତ ପକ୍ଷରୁ ଏହିଭଳି ଧମକ ବିଗତ କିଛି ବର୍ଷ ଧରି ଦିଆଯାଇ ଆସୁଥିବା ଦେଶବାସୀ ଅନୁଭବ କଲେଣି। ବାସ୍ତବରେ ଏହା ଦ୍ୱାରା ଆତଙ୍କବାଦୀ ସଂଗଠନ ବା ପାକିସ୍ତାନକୁ ଶୃଙ୍ଖଳାକୁ ଅଣାଯିବା ଲାଗି କିଛି ଘଟୁ ନ ଥିବା ଦେଖାଯାଉଛି। ବରଂ ମାନିଯିବା ଦରକାର ଯେ ଆମ୍ଭେମାନେ ସାମରିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଦୁର୍ବଳ। ଯାହା କିଛି ଦେଶପ୍ରୀତି ରହିଛି, ତାହା କେବଳ ପୁରୁଣା ହିନ୍ଦୀ ଚଳଚ୍ଚିତ୍ର ସଙ୍ଗୀତ ଭିତରେ ସୀମିତ ରହିଯାଇଛି। କହିବାକୁ ଗଲେ ଆମର ସାମରିକ ବା ଅର୍ଦ୍ଧସାମରିକ ନେତୃତ୍ୱ ଅସଙ୍ଗତ ଓ ସମ୍ପୂର୍ଣ୍ଣଭାବେ ଅପାରଗ ହୋଇପଡ଼ିଛି।

ପାକିସ୍ତାନକୁ ଚାଇନାର ସମର୍ଥନ ପାକିସ୍ତାନ ପ୍ରୋତ୍ସାହିତ ଆତଙ୍କବାଦୀ ସଙ୍ଗଠନକୁ ନୂଆ ରୂପ ଦେବାରେ ଲାଗିଛି। ଅତୀତରେ ଭାରତ ଏ ଦିଗରେ ସମାଧାନର ବାଟ ଫିଟାଇଥିଲେ ହୁଏତ ଆଜି ଭଳି ପରିସ୍ଥିତି ସୃଷ୍ଟି ହୋଇ ନ ଥାଆନ୍ତା। ଅତୀତ ହେଉ ବା ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଆମର ରାଜନୈତିକ ଓ ସାମାଜିକ ନେତୃତ୍ୱ ଦୟନୀୟ ଭାବେ ବିଫଳ ହୋଇଛି।

ସିଆର୍‌ପିଏଫ୍ କର୍ମଚାରୀଙ୍କୁ ନେଇ ଯାଉଥିବା ଯାନ ଆଗରେ, ମଝିରେ ଓ ପଛରେ ଆବଶ୍ୟକ ସୁରକ୍ଷା ନ ଥାଇ କିଭଳି ଏଗୁଡ଼ିକ ଗତି କରୁଥିଲେ ? ଏକାଥରକେ ଏତେ ସିଆର୍‌ପିଏଫ୍ ଯବାନ ଓ ଅଧିକାରୀ କାହିଁକି ଯାଉଥିଲେ ଆଦି ପ୍ରଶ୍ନ ଅନେକଙ୍କ ମନର ଉଙ୍କି ମାରିବା ସ୍ୱାଭାବିକ। ତେବେ ବହୁସଂଖ୍ୟକ ସୁରକ୍ଷାକର୍ମୀ ଯାନରେ ଯାତାୟାତ ଖବର ଜୈଶ-ଇ-ମହମ୍ମଦ ସଦସ୍ୟ ଆଦିଲଙ୍କ ପାଖରେ ପହଞ୍ଚି ପାରିଥିଲା। ଏହି ତଥ୍ୟ ପାଇବା ପରେ ଯୋଗାଡ଼ କରି ଗାଡ଼ି ଭିତରେ ବିସ୍ଫୋରକ ପଦାର୍ଥ ଖଞ୍ଜିବାରେ ତାଙ୍କୁ ଅନେକ ସମୟ ଲାଗିଥିବ । ସିଆର୍‌ପିଏଫ୍‌ର ଖବର ଆଦିଲଙ୍କ ପାଖକୁ ଯାଇପାରିଲା, କିନ୍ତୁ ଆଦିଲ ସମ୍ପର୍କରେ ସୂଚନା ଭାରତୀୟ ଗୋଇନ୍ଦାକୁ ମିଳିଲା ନାହିଁ। ଏଥିରୁ ବୁଝିବାକୁ ହେବ ଯେ, ସିଆର୍‌ପିଏଫ୍‌ର ନେତୃତ୍ୱ ନେଉଥିବା ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଫିସରମାନେ ନିଜ କାର୍ଯ୍ୟରେ ଆଦୌ ମନ ଦେଉନାହାନ୍ତି। ଏହାର ଉଦାହରଣ ନିକଟରେ ସିବିଆଇରେ ଆଇପିଏସ୍ ଅଫିସରଙ୍କ ବିରୋଧରେ ଆଇପିଏସ୍ ଅଫିସର, କୋଲକାତା ପୋଲିସ ଅଫିସର ବିରୋଧରେ ସିବିଆଇ ଭଳି ଅନେକ ଘଟଣା ଘଟିବାରେ ଲାଗିଛି, ଯେଉଁଥିରେ ଏହି ଜାତୀୟ ପୋଲିସ ସେବାର ଅଧିକାରୀମାନେ ନିଜର କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ପରିବର୍ତ୍ତେ ସବୁ କଥାକୁ ହେୟଜ୍ଞାନ କରୁଛନ୍ତି। ଫଳସ୍ୱରୂପ ବୀର ନିରୀହ ଯବାନମାନଙ୍କ ପ୍ରାଣହାନି ଘଟୁଛି। ଏଥିସହିତ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ ମଧ୍ୟ ଏହି ଆକ୍ରମଣକୁ ସମ୍ମୁଖୀନ ହେବାର ବିଫଳତା ପାଇଁ ଦାୟୀ ହେବା କଥା। କିନ୍ତୁ ଆମ ଦେଶରେ ଉଚ୍ଚପାହ୍ୟା ଲୋକଙ୍କୁ କୌଣସି ଦୋଷ ଲାଗେନାହିଁ। ଜନସାଧାରଣ ମଧ୍ୟ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇ ଗୀତ ଗାଇବା, ଟେଲିଭିଜନ ଦେଖିବା ଓ ସୋସିଆଲ ମିଡିଆରେ ପାକିସ୍ତାନକୁ କଡ଼ା ଜବାବ ଦିଆଯାଉ ବୋଲି ଗର୍ଜନ କରୁଛନ୍ତି । କେତୋଟି ଜାଗାରେ ମହମବତି ଓ ଦୀପ ଜଳାଇ ନିଜର ଦେଶଭକ୍ତି ପ୍ରଚାର କରିବାକୁ ଚେଷ୍ଟା କରୁଛନ୍ତି। ଏକସପ୍ତାହ ମଧ୍ୟରେ ପୁଲ୍‌ୱାମା ଆକ୍ରମଣଠାରୁ ଅନ୍ୟ କିଛି ବଡ଼ ଘଟଣା ଘଟିଗଲେ ଆମର ଦୃଷ୍ଟି ଅନ୍ୟତ୍ର ଚାଲିଯିବ। ଦେଶଭକ୍ତିରେ ଚିତ୍କାର କରୁଥିବା ବ୍ୟକ୍ତିମାନେ ତତ୍‌କ୍ଷଣାତ୍ ସେନାରେ ଯୋଗଦେବାକୁ ସରକାର ନିମନ୍ତ୍ରଣ କଲେ କେହି ନିଜେ କିମ୍ବା ନିଜ ସନ୍ତାନମାନଙ୍କୁ ସାମିଲ ହେବା ପାଇଁ ଛାଡ଼ିବେ ନାହିଁ। ଅର୍ଥାତ୍ ଆମର କ୍ରୋଧ ମଧ୍ୟ ମିଥ୍ୟା। ଆମର ଏଭଳି ଚରିତ୍ର ପ୍ରଦର୍ଶନ ଯୋଗୁ ଭାରତ ଲଜ୍ଜିତ ହେଉଛି।

## ଚିରନ୍ତନୀ

ହେ ସାରଥି ଆଜି ଚଉପାଶେ ଏ କି ବ୍ୟୂହ
ନ ଚଳେ ତୁରଗ ନ ପାରଇ ରଥ ବାହି
ଯେଉଁ ଦେଶେ ମୁଖ ଫେରାଉ ଶୁଭଇ ବାଣୀ–
ପଥ କାହିଁ ? ପଥ କାହିଁ ? (ପଥ କାହିଁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ହଜିଯାଉଥିବା ନାରୀମାନେ



ନାରାୟଣ ପଣ୍ଡା

ନାରୀ ଓ ପୁରୁଷ ସମାନ ସଂଖ୍ୟାରେ ରହିବା ସମାଜ ପାଇଁ ପ୍ରାକୃତିକ ଅନୁପାତ। ଏଥିରେ ସାମାନ୍ୟ ବ୍ୟତିକ୍ରମ ହୁଏତ ବିଶେଷ ସମସ୍ୟା ସୃଷ୍ଟିକରି ନ ପାରେ, କିନ୍ତୁ ସୀମା ଅତିରିକ୍ତ ବ୍ୟବଧାନ ମଣିଷ ସମାଜ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୁଏ। ସମ୍ପ୍ରତି ବିଶ୍ୱର ଅନେକ ଦେଶରେ ପୁରୁଷଙ୍କ ସଂଖ୍ୟା ପ୍ରାୟତଃ ଅଧିକ ରହିଛି। ବିଶ୍ୱରେ ପ୍ରତି ୧୦୦ ପୁରୁଷଙ୍କ ତୁଳନାରେ ୯୮ ଜଣ ମହିଳା ଅଛନ୍ତି। ଆରବୀୟ ଓ ରୁଷୀୟ ଦେଶମାନଙ୍କରେ ମହିଳାଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବରେ ହ୍ରାସ ପାଇଥିବାରୁ ଦେଶର ଜନସଂଖ୍ୟା ଭାରସାମ୍ୟରେ ସଙ୍କଟ ସୃଷ୍ଟିକରିଛି। କାତାର, ମିଳିତ ଆରବ ଏମିରେଟ, ଓମାନ, ବାହାରିନ, କୁଏତ୍, ସୌଦୀ ଆରବ, ମାଲ ଆଦି ମୁସ୍‌ଲିମବହୁଳ ଓ ବିଭାଜିତ ରୁଷୀୟ ରାଷ୍ଟ୍ରମାନଙ୍କରେ ମହିଳାମାନଙ୍କ ହାର ଅପେକ୍ଷାକୃତ କମ୍। ମାଲଦ୍ୱୀପରେ ୧୨୩ ପୁରୁଷଙ୍କ ପାଇଁ ୧୦୦ ମହିଳା ଅଛନ୍ତି। ଓମାନ ଓ ସୌଦୀ ଆରବରେ ୧୦୦ ମହିଳା ଅନୁପାତରେ ୧୧୯ ପୁରୁଷ। ମୁସ୍‌ଲିମ ଦେଶ କାତାରରେ ପୁରୁଷ ଓ ନାରୀମାନଙ୍କ ଅନୁପାତର ବ୍ୟବଧାନ ବିଶ୍ୱରେ ସର୍ବୋଚ୍ଚ। ଦେଶରେ ସମଗ୍ର ଜନସଂଖ୍ୟାର ମାତ୍ର ୧୪% କାତାରୀୟ ହୋଇଥିବାବେଳେ ଅବଶିଷ୍ଟ ୮୬% ବିଦେଶୀ ଶ୍ରମିକ। ଏ ଦେଶରେ ୧୦୦ ପୁରୁଷ ପାଇଁ ମାତ୍ର ୩୨.୬୨୦ ମହିଳା ରହିଛନ୍ତି।

କାତାରର ବିକାଶ ଯୋଜନା ଓ ପରିସଂଖ୍ୟାନ ବିଭାଗର ଅଗଷ୍ଟ ୨୦୧୮ ତଥ୍ୟ ଅନୁଯାୟୀ, ଏଠାରେ ସ୍ଥାନୀୟ ଲୋକଙ୍କ ସଂଖ୍ୟା ୨୫ ଲକ୍ଷଙ୍କ ମଧ୍ୟରୁ ମହିଳା ମାତ୍ର ୭ ଲକ୍ଷ। ସବୁ କାତାରୀୟ ଯୁବକମାନଙ୍କ ଭାଗ୍ୟରେ ଜୀବନସାଥୀଟିଏ ମିଳିବା ଦୁଃସ୍ୱପ୍ନ। ତେଣୁ ସେମାନେ ଦେଶାନ୍ତର ଜୀବିକାର୍ଜନରେ ଯାଇ ସେଠାରେ ମହିଳା ସହଯୋଗୀ ଖୋଜିବସନ୍ତି। ଏହି ମୁସଲିମ ଦେଶଗୁଡ଼ିକୁ ଭାରତ ଓ ପାକିସ୍ତାନରୁ ବ୍ୟାପକ ମହିଳା ଚୋରାଚାଲାଣ କରାଯାଇଥାଏ। ଅନ୍ୟତମ ଧନଶାଳୀ ଇସ୍‌ଲାମିକ ରାଷ୍ଟ୍ର ମିଳିତ ଆରବ ଏମିରେଟ ବିଶ୍ୱରେ ଦ୍ୱିତୀୟ ବୃହତ୍ତମ ଉଚ୍ଚ ଲିଙ୍ଗ ଅସମାନତାର ଦେଶ। ଏଠାରେ ୧୦୦ ପୁରୁଷଙ୍କ ପାଇଁ ମାତ୍ର ୩୬ ମହିଳା ଅଛନ୍ତି। ଆରବ ବେଦୁଇନଙ୍କ ମରୁଭୂମିରୁ ଆଜି ନାରୀ ଅପସୃୟମାଣା।

ବିଶ୍ୱର ଅନ୍ୟ କେତେକ ଅଞ୍ଚଳରେ ମଧ୍ୟ ପ୍ରକୃତିର ବୈଚିତ୍ର୍ୟ ପରିଲକ୍ଷିତ ହୁଏ, ଯେଉଁଠି ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କ ସଂଖ୍ୟା ଅଧିକ। ସେ ଦେଶର କିଛି ମହିଳା ଅବିବାହିତ ରହିଯାଆନ୍ତି କିମ୍ବା ଜୀବିକା ଓ ଜୀବନସାଥୀ ସନ୍ଧାନରେ ଦେଶାନ୍ତରୀ ହୋଇଥାନ୍ତି। ଏହି ଦେଶମାନଙ୍କ ମଧ୍ୟରେ ସ୍ୱୟଂଶାସିତ ଅଞ୍ଚଳ ମାର୍ଟିନିକ, ଲାଟଭିୟା, ଲିଥୁନିୟା, ଇଉକ୍ରେନ, ଇଷ୍ଟୋନିୟା, ପର୍ତ୍ତୁଗାଲ ଓ କ୍ୟୁରେକାଓ ଆଦି ଅନ୍ତର୍ଭୁକ୍ତ। ଜାତିସଂଘ ଓ ବିଶ୍ୱବ୍ୟାଙ୍କର ତଥ୍ୟ ଅନୁଯାୟୀ ବିଶ୍ୱରେ ୧୨୮ଟି ଦେଶରେ ମହିଳା ପୁରୁଷଙ୍କ ତୁଳନାରେ ଅଧିକ। ଏହି ଦେଶମାନଙ୍କରେ ପ୍ରତି ୧୦୦ ମହିଳାଙ୍କ ଅନୁପାତରେ ପୁରୁଷଙ୍କ ସଂଖ୍ୟା ୮୪ରୁ ୮୬ ଭିତରେ। ଏ ଅଞ୍ଚଳର ଅଧିକାଂଶ ପୁରୁଷ ନିଶା, ଧୂମପାନ ଓ ମାନସିକ ଅବସନ୍ନତାର ଶିକାର ହୋଇଥାନ୍ତି। ମହିଳାମାନଙ୍କ ତୁଳନାରେ ପୁରୁଷମାନଙ୍କ ଆତ୍ମହତ୍ୟାର ହାର ଅଧିକ। ପୁରୁଷଙ୍କ ଜୀବନର ପ୍ରତ୍ୟାଶିତ ଅବଧି ଏଠାରେ ମଧ୍ୟ କମ୍। ଦ୍ୱିତୀୟ ବିଶ୍ୱଯୁଦ୍ଧର ସନ୍ତ୍ରାସରେ ଅଧିକାଂଶ ବିଭାଜିତ ରୁଷୀୟ ରାଜ୍ୟ ପୁରୁଷହୀନତାର ପ୍ରମୁଖ କାରଣ। କାରବିୟାନ ସାଗରରେ ସ୍ୱୟଂଶାସିତ ମାର୍ଟିନିକ ଦ୍ୱୀପରେ ମହିଳାଙ୍କ ଆନୁପାତିକ ସଂଖ୍ୟା ପୃଥିବୀରେ ସର୍ବୋଚ୍ଚ। ଏଠାରେ ମହିଳା ଓ ପୁରୁଷ ଅନୁପାତ ୧୧୯:୧୦୦। ୪୪୪୫ ବର୍ଗକିଲୋମିଟର ପରିମିତ ଦକ୍ଷିଣ କାରବିୟାନ ସାଗରର କ୍ୟୁରେକାଓରେ ତୁଳନାତ୍ମକ ଭାବରେ ଅଧିକ ମହିଳା ରହନ୍ତି।

ବର୍ତ୍ତମାନ ଭାରତ ଉପରେ ଆଲୋଚନା ନିବଦ୍ଧ ରଖିବା। ପୁରୁଷ ଓ ମହିଳାଙ୍କ ଅନୁପାତର ସନ୍ତୁଳନ ଭାରତରେ ମଧ୍ୟ ବିଗିଡ଼ି ଯାଇଛି। ଭାରତରେ ୨୦୧୧ ଜନସଂଖ୍ୟା ଅନୁଯାୟୀ ୧୦୦୦ ପୁରୁଷଙ୍କ ପିଛା ୯୪୩ ମହିଳା ରହିଛନ୍ତି। କିନ୍ତୁ ଜାତିସଂଘର ଅର୍ଥ ଓ ସାମାଜିକ ବ୍ୟାପାର ବିଭାଗର ସଦ୍ୟତମ ତଥ୍ୟ ଅନୁଯାୟୀ ୧୦୭.୬୨୫ ପୁରୁଷଙ୍କ ପାଇଁ ଏଠାରେ ଅଛନ୍ତି ୧୦୦ ମହିଳା, ଅର୍ଥାତ୍ ୧୦୦ ପୁରୁଷଙ୍କ ପାଇଁ ୯୨.୯୧୫ ମହିଳା ରହନ୍ତି। ମହିଳାବହୁଳ ରାଜ୍ୟ କେରଳ ଓ ପୁଦୁଚେରିରେ ୧୦୦୦ ପୁରୁଷଙ୍କ ପାଇଁ ଯଥାକ୍ରମେ ୧୦୮୪ ଓ ୧୦୩୭ ମହିଳା ଅଛନ୍ତି। କେନ୍ଦ୍ରଶାସିତ ଅଞ୍ଚଳ ଡାମନଡିଉ, ଦାଦ୍ରା ନଗରହବେଲି ଓ ଚଣ୍ଡିଗଡରେ ମହିଳା ମରୁଡ଼ି ଦେଖାଯାଏ। ଏଠାରେ ୧୦୦୦ ପୁରୁଷଙ୍କ ପାଇଁ ମହିଳାଙ୍କ ସଂଖ୍ୟା ମାତ୍ର ୬୧୮, ୭୭୪ ଓ ୮୧୮। ହରିୟାଣା ରାଜ୍ୟର ମହିଳାଙ୍କ ଅନୁପାତ ସର୍ବନିମ୍ନ, ଏଠାରେ ୮୭୯ ମହିଳାଙ୍କୁ ୧୦୦୦ ପୁରୁଷ। ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଛତିଶଗଡ ଆଦି ରାଜ୍ୟରେ ମହିଳାଙ୍କ ହାର ନିମ୍ନରେ ରହିଛି। ହଜିଯାଉଥିବା ମହିଳାଙ୍କ ସଂଖ୍ୟା ବିଶ୍ୱର ଏକପଞ୍ଚମାଂଶ ଜନସଂଖ୍ୟା ରହୁଥିବା ଭାରତ ପ୍ରତି ଏକ ସତର୍କଘଣ୍ଟି। ଓଡିଶାରେ ପ୍ରତି ୧୦୦୦ ମହିଳାଙ୍କ ପାଇଁ ୯୭୯ ପୁରୁଷ ରହିଛନ୍ତି। ସୁଖର ବିଷୟ ଆମ ରାଜ୍ୟର ୧୦ଟି ଜିଲାରେ ପୁରୁଷଙ୍କ ତୁଳନାରେ ଅଧିକ ମହିଳା ବାସ କରନ୍ତି। ଏଗୁଡିକ ମଧ୍ୟରେ ରାୟଗଡା, ଗଜପତି, କନ୍ଧମାଳ, କୋରାପୁଟ, ନୂଆପଡା, ନବରଙ୍ଗପୁର, ମାଲକାନଗିରି, କେନ୍ଦ୍ରାପଡା, ମୟୂରଭଞ୍ଜ ଓ କଳାହାଣ୍ଡି ଅନ୍ତର୍ଭୁକ୍ତ।

ପ୍ରଥମ ପାଞ୍ଚୋଟି ଜିଲାରେ ପ୍ରତି ୧୦୦୦ ପୁରୁଷଙ୍କ ପାଇଁ ଯଥାକ୍ରମେ ୧୦୪୮, ୧୦୪୨, ୧୦୩୭, ୧୦୩୧ ଓ ୧୦୨୮ ମହିଳା ରହିଥାନ୍ତି। ଏହି ଅନୁସୂଚିତ ଜାତି ଓ ଜନଜାତିପ୍ରବଣ ଜିଲାର ଲୋକମାନେ ଧର୍ମଭୀରୁ ଓ ପ୍ରକୃତିପ୍ରେମୀ ହୋଇଥିବାରୁ ପ୍ରାକୃତିକ ଭାବରେ ସନ୍ତାନ ଧାରଣ କରିବାକୁ ସେମାନେ ପସନ୍ଦ କରନ୍ତି। ରାଜ୍ୟର ଅନ୍ୟ ଅଞ୍ଚଳ ଭଳି ଏ ଜିଲାରେ କନ୍ୟାଭ୍ରୂଣ ହତ୍ୟା ଦେଖାଯାଇ ନ ଥାଏ। କିନ୍ତୁ ରାଜ୍ୟର ହୃଦୟ କୁହାଯାଉଥିବା ରାଜଧାନୀ ଜିଲା ଖୋର୍ଦ୍ଧାରେ ପ୍ରତି ୧୦୦୦ ପୁରୁଷଙ୍କ ପାଇଁ ମାତ୍ର ୯୧୫ ମହିଳା ରହିଛନ୍ତି। ଉଚ୍ଚଲିଙ୍ଗ ହାରରେ ରାଜ୍ୟର ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିବା ନୟାଗଡ ଓ ଜଗତ୍‌ସିଂହପୁରରେ ୧୦୦୦ ପୁରୁଷଙ୍କ ତୁଳନାରେ ଯଥାକ୍ରମେ ୯୧୬ ଓ ୯୬୭ ମହିଳା ଅଛନ୍ତି। ଶିକ୍ଷିତ ଓ ବିକଶିତ ଅଞ୍ଚଳରୂପେ ପରିଗଣିତ ଉପକୂଳୀୟ ଜିଲାଗୁଡିକରେ ଲିଙ୍ଗ ପରୀକ୍ଷା ଦ୍ୱାରା କନ୍ୟାଭ୍ରୂଣ ହତ୍ୟା ଏକ ବ୍ୟାଧିରେ ପରିଣତ ହୋଇଛି। ମହାରାଷ୍ଟ୍ରର ପୁଣେ ନଗରୀରେ ଏକଦା ଏକ ସର୍ଭେରୁ ଜଣାଯାଇଥିଲା, ସେଠାରେ ଅଧିକାଂଶ ଡାକ୍ତରଙ୍କ ପରିବାର ଗୋଟିଏ କିମ୍ବା ଦୁଇଟି ପୁତ୍ରସନ୍ତାନକୁ ନେଇ ସୀମିତ। ଆମ ରାଜ୍ୟର ଉନ୍ନତ ଜିଲାଗୁଡିକର ବଡ଼ବଡ଼ିଆମାନଙ୍କ ପରିବାରରେ କନ୍ୟା ଜନ୍ମ ନ ହେବା ଅବଶ୍ୟ ଅନୁସନ୍ଧାନର ବିଷୟ।

ଭାରତକୁ ବିଶ୍ୱର ବଳାତ୍କାରର ରାଜଧାନୀ କୁହାଯାଉଛି। କାରଣ ଏଠାରେ ପ୍ରତିଦିନ ୯୩ଟି ବଳାତ୍କାର ରିପୋର୍ଟ ହେଉଥିବା ଜାତୀୟ ଅନୁସନ୍ଧାନ ସଂସ୍ଥା ପ୍ରକାଶ କରିଛି। କିନ୍ତୁ ବାସ୍ତବରେ ଦେଶର ସମୁଦାୟ ବଳାତ୍କାରର ୯୧% ଲୋକଲୋଚନର ଅନ୍ତରାଳରେ ରହିଯାଉଛି। ସାମାଜିକ ସମ୍ମାନହାନି ହେବାର ଭୟ, ପୋଲିସ ଓ ଓକିଲଙ୍କର ଅଶାଳୀନ ପ୍ରଶ୍ନ, ଅର୍ଥନଷ୍ଟ ଓ ମନ୍ଥର ବିଚାର ପ୍ରକ୍ରିୟା ପରିବାରକୁ ଏହା ପ୍ରକାଶ କରିବାକୁ ନିରୁତ୍ସାହିତ କରେ। ଭାରତରେ ହେଉଥିବା ସମସ୍ତ ବଳାତ୍କାରର ୯୮% ପରିବାର ଓ ପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଘଟିଥାଏ। ତେଣୁ ନିମ୍ନବିତ୍ତ ଓ ମଧ୍ୟବିତ୍ତ ପରିବାରର ଗୃହସ୍ଥମାନେ କନ୍ୟାସନ୍ତାନର ଜନ୍ମକୁ ବିପଦରୂପେ ଦେଖୁଛନ୍ତି। ଯୌନାଚାରୀଙ୍କ ଦାନବୀୟ ଆତଙ୍କରେ ଆଜି ଦେଶର କନ୍ୟାସମ୍ପଦ ସନ୍ତ୍ରସ୍ତ ଓ ଅସୁରକ୍ଷିତ। ଦିନେ ଏହି ଆର୍ଯ୍ୟମାଟିରେ ନାରୀ ଇଡ଼ା, ରନ୍ତା, ହବ୍ୟା, କାମ୍ୟା, ଚନ୍ଦ୍ରା, ଜ୍ୟୋତା, ଅଦିତି, ସରସ୍ୱତୀ, ବିଶ୍ରୁତି ଓ ଅଘ୍ନ୍ୟା ଆଦି ଅନୁପମ ଅଳଙ୍କାରରେ ଭୂଷିତା ହୋଇ ସମାଜର ଜନନୀ, ଜାୟା ଓ ଭଗିନୀରୂପେ ବନ୍ଦନୀୟା ଥିଲା। ନାରୀଙ୍କ ମଧୁବର୍ଷୀ ବାଣୀ, ହୃଦୟର ରମଣୀୟତା, ଚନ୍ଦ୍ରମା ପରି ଆହ୍ଲାଦଦାୟିନୀ ମୂର୍ତ୍ତି ସମାଜକୁ ସ୍ୱର୍ଗୀୟ ଆବେଗରେ ବାନ୍ଧି ରଖିଥିଲା। ସନ୍ତାନ ଜନ୍ମଦେଇ ସେ ଥିଲା ଅଦିତି। ପରିବାର ଓ ସମାଜ କଲ୍ୟାଣ ପାଇଁ ସେ ନିଜକୁ ଯଜ୍ଞର ସମିଧ ସଜାଇଥିଲା। ପ୍ରେମପ୍ରୀତିରେ ଉଦ୍‌ବେଳିତ କରୁଥିଲା ତା'ର ସୃଷ୍ଟିସମଗ୍ର। ଆଜି କିନ୍ତୁ ଭାରତୀୟ ନାରୀ କେଉଁ ଅପଦେବତାର ଅଭିଶାପରେ ପ୍ରତିନିୟତ ପେଶି ହୋଇଚାଲିଛି, ତାହାର ଅନ୍ତ କେବେ ଘଟିବ ତା' କେବଳ ଈଶରଙ୍କୁ ହିଁ ଜଣା।

ନୂଆବନ୍ଧ ସାହି, ନବରଙ୍ଗପୁର,
ମୋ– ୯୪୩୭୧୧୮୯୬୨

# ସାର୍ବଜନୀନ ମହିମାମେଳା



ଡ. ଉଦ୍ଧବ ଚରଣ ନାୟକ

ଓଡ଼ିଶାରେ ପାଳିତ ମେଳା ମହୋତ୍ସବ ମଧ୍ୟରେ ଯୋରନ୍ଦା ମହିମାଗାଦିର ମେଳା ଅନ୍ୟତମ। ଏହି ମେଳାର ସ୍ୱାତନ୍ତ୍ର୍ୟ ରହିଛି। ପ୍ରତିବର୍ଷ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଅନୁଷ୍ଠିତ ଢେଙ୍କାନାଳର ମହିମା ମେଳା ମହିମାଧର୍ମର ବାର୍ଷିକ ଉତ୍ସବ ଭାବରେ ଖ୍ୟାତ। ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସକଳ ଶ୍ରେଣୀର ଲୋକ ଯୋଗଦାନ କରନ୍ତି ଏହି ମେଳାରେ।

ମେଳାର ପାଞ୍ଚଦିନ ପୂର୍ବରୁ ଅର୍ଥାତ୍ ଦଶମୀଠାରୁ ଭକ୍ତ ଓ ସନ୍ନ୍ୟାସୀମାନଙ୍କର ବିପୁଳ ସମାବେଶ ଘଟିଥାଏ ମହିମା ଗାଦିଠାରେ। ଆସାମ, ମଣିପୁର, ନାଗାଲାଣ୍ଡ, ତ୍ରିପୁରା, ଅରୁଣାଚଳପ୍ରଦେଶ, ସିକିମ୍, ପଶ୍ଚିମବଙ୍ଗ, ମେଘାଳୟ, ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ସମେତ ଭାରତର ପଡ଼ୋଶୀ ରାଷ୍ଟ୍ର ବାଂଲାଦେଶ, ନେପାଳ ଓ ଭୁଟାନର ମହିମା ଭକ୍ତମାନେ ଏହି ମେଳାରେ ଯୋଗଦାନ କରନ୍ତି। ତ୍ରୟୋଦଶୀ ପାହାନ୍ତାରୁ ଆରମ୍ଭ ହୁଏ ମେଳା। ଏହା ପାହାନ୍ତା ପୁନେଇଁ ବା ବେଢ଼ା ପରିକ୍ରମା ଉତ୍ସବ ଭାବରେ ଖ୍ୟାତ। ମହିମା ସମାଜର ଯେଉଁ ବରିଷ୍ଠ କୌପୀନଧାରୀ ସନ୍ନ୍ୟାସୀମାନେ ବଳ୍କଳ ପରିଧାନ ପାଇଁ ଯୋଗ୍ୟ ବିବେଚିତ ହୋଇଥାଆନ୍ତି ଓ କୌପୀନଧାରୀ ସମାଜର ଯେଉଁ ସନ୍ନ୍ୟାସୀମାନେ ଆଡ଼ବନ୍ଧ ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥାଆନ୍ତି, ସେମାନଙ୍କୁ ଯଥାକ୍ରମେ ବଳ୍କଳ ଓ ଆଡ଼ବନ୍ଧ ପ୍ରଦାନ କରାଯାଇ ସନ୍ନ୍ୟାସୀ ଶ୍ରେଣୀର ଉଚ୍ଚତମ ପାହ୍ୟାକୁ ଉନ୍ନୀତ କରାଯାଏ। ମହିମା ଧର୍ମସମାଜ ବୌଦ୍ଧ ଓ ଜୈନଧର୍ମ ପରି ଦୁଇଟି ଶ୍ରେଣୀରେ ବିଭକ୍ତ– କୌପୀନଧାରୀ ଓ ବଳ୍କଳଧାରୀ। ମହିମାଧର୍ମର ସନ୍ନ୍ୟାସୀମାନେ ଦୁଇ ଶ୍ରେଣୀରେ ବିଭକ୍ତ ହୋଇଥିଲେ ହେଁ ଉଭୟ ଧାରାର ସନ୍ନ୍ୟାସୀମାନଙ୍କ ନୀତି ଓ ଆଦର୍ଶ ଏକ।

ତ୍ରୟୋଦଶୀ ତିଥିରେ ଭେକ ପ୍ରଦାନ ଉତ୍ସବ ଦର୍ଶନ ସର୍ବସାଧାରଣଙ୍କ ପାଇଁ ନିଷେଧ। ତ୍ରୟୋଦଶୀ ସନ୍ଧ୍ୟା ସୁଦ୍ଧା ଭଣ୍ଡାରଘରୁ ବା ନୀତି ମନ୍ଦିରରୁ ସୁନାରୁପାର ଆଲଟ ଚାମର, ଛତ୍ରୀ ଆଦି ଗାଦିମନ୍ଦିର ବେଢ଼ାରେ ଥିବା ସଂରକ୍ଷିତ ସ୍ଥାନକୁ ପଠାଇ ଦିଆଯାଏ ଭକ୍ତମାନଙ୍କ ଦର୍ଶନ ନିମନ୍ତେ। ଚତୁର୍ଦ୍ଦଶୀ ଦିନ ଦିବା ଦୁଇଘଣ୍ଟାଠାରୁ ଗାଦି ମନ୍ଦିରରେ ସନ୍ନ୍ୟାସୀ ଓ ଭକ୍ତମାନଙ୍କର ପ୍ରବେଶ ଆରମ୍ଭ ହୋଇଯାଏ। ଢୋଲ, ବଡ଼କାଠ, ଭେରୀ, ତୂରୀ, ଶଙ୍ଖ, ମର୍ଦ୍ଦଳ ନିନାଦରେ ମନ୍ଦିରବେଢ଼ା ପ୍ରକମ୍ପିତ ହୁଏ। ଭାରତବର୍ଷର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଭକ୍ତମାନେ ଦଳ ଦଳ ହୋଇ ଖଞ୍ଜଣି, ଗିନି, କରତାଳ, ଝାଞ୍ଜ ଓ ଗୋପୀଯନ୍ତ୍ର ଆଦି ଧରି ମହିମା ଭଜନ ଗାୟନ କରି ଉଦଣ୍ଡ ଭାବରେ ନୃତ୍ୟ କରନ୍ତି। ସେ ଅପାସୋରା ଦୃଶ୍ୟ ଦେଖିଲେ ଭକ୍ତି ଭାବରେ ହୃଦୟ ବିଗଳିତ ହୋଇଉଠେ। ଜୀବନ ଧନ୍ୟ ହୋଇଯାଏ। ସନ୍ଧ୍ୟା ଆଗତ ହେବା ମାତ୍ରେ ମନ୍ଦିରର ଚାରିଦ୍ୱାର ସମ୍ମୁଖରେ ସୂଚ୍ଚ ପିତ୍ତଳ ଝାଡ଼ମାନଙ୍କରେ ସନ୍ନ୍ୟାସୀମାନେ ଅଲେଖ ମହିମା ମହାମନ୍ତ୍ର ଉଚ୍ଚାରଣପୂର୍ବକ ଅଗ୍ନିସଂଯୋଗ କରି ବିଶ୍ୱର କଲ୍ୟାଣ ନିମନ୍ତେ ଅଲେଖ ଡାକ ଦିଅନ୍ତି। ସାଧାରଣ ଭକ୍ତମାନେ ଭକ୍ତି ଭାବରେ ଗଦ୍ ଗଦ୍ ହୋଇ ତଳେ ଗଡ଼ିଯାଇ ପୁଣି ଠିଆ ହୋଇ ଊର୍ଦ୍ଧ୍ୱକୁ ହସ୍ତ ପ୍ରସାରଣ କରି ଉଚ୍ଚ ସ୍ୱରରେ କହନ୍ତି– 'ଗୁରୁ ଅଲେଖ, ମହିମା ରଖ– ତିନି ଭୁବନରୁ ପଡୁଛି ଡାକ।'

ମହିମାମେଳାରେ ମହଣ ମହଣ ଘିଅ ପୋଡ଼ାଯାଏ। ରାତିସାରା ସାଧୁସନ୍ନ୍ୟାସୀ, ଭକ୍ତ ଓ ସାଧାରଣ ଦର୍ଶକଙ୍କର ଭିଡ଼ ଲାଗିଥାଏ ମହିମା ଗାଦିମନ୍ଦିର ବେଢ଼ାରେ। ଭକ୍ତମାନେ ଗାଦିମନ୍ଦିରରେ ଅଲେଖ ଜ୍ୟୋତି ଦର୍ଶନ ସାରି ମନ୍ଦିରର ତୃତୀୟ ବେଢ଼ା ଭିତରେ ଥିବା ସିଦ୍ଧ ବଡ଼ କୃପାସିନ୍ଧୁ ବାବାଙ୍କ ଅଖଣ୍ଡବତି ମନ୍ଦିର ଓ ଜ୍ୟୋତି ମନ୍ଦିରରେ ଅଲେଖ ଜ୍ୟୋତି ଦର୍ଶନ କରନ୍ତି। ତା' ପରେ ଭକ୍ତମାନେ ଚାଲନ୍ତି ବିଭିନ୍ନ ଆଶ୍ରମ ପରିସରକୁ। ପୁରୀରେ ଥିବା ବିଭିନ୍ନ ମଠ ପରି ମହିମାଗାଦିରେ ରହିଛି ଅନେକ ମହିମାଶ୍ରମ ଓ ମଠ। ସେଗୁଡ଼ିକ ମଧ୍ୟରେ ମାହାଳମୂଳ, କୌପୀନଧାରୀ ସମାଜ ଆଶ୍ରମ ମଣ୍ଡଳ, ଆମ୍ବମୂଳ, ପଣସମୂଳ ଆଶ୍ରମ ମଣ୍ଡଳ, ପଟଣାମଠ, ପଶ୍ଚିମାଞ୍ଚଳ ମହିମା ସମାଜର ଲତାମୂଳ ମହିମା ଆଶ୍ରମ, ଜଟିଆବାବାଙ୍କ ଆଶ୍ରମ, କାଶୀନାଥ ବାବାଙ୍କ ଆଶ୍ରମ, ଚକ୍ରଧର ବାବାଙ୍କ ଆଶ୍ରମ ଆଦିରେ ସାରା ରାତି ଭଜନ, ଜଣାଣ ଚାଲିଥାଏ। ମେଳାପ୍ରେମୀ ଦର୍ଶକମାନେ ଏହିସବୁ ଆଶ୍ରମ ଭ୍ରମଣ କରି ଭଜନ, ଜଣାଣ ଉପଭୋଗ କରନ୍ତି। ମହିମା ସନ୍ନ୍ୟାସୀମାନଙ୍କର ଦର୍ଶନ ଲାଭ କରନ୍ତି।

ମାଘ ପୂର୍ଣ୍ଣମୀ ଦିନ ସକାଳୁ ଭକ୍ତ ଓ ଦର୍ଶକମାନେ ସ୍ନାନଶୌଚ ସମାପନ କରି ବିଭିନ୍ନ ଦର୍ଶନୀୟ ସ୍ଥାନ ଯଥା– ସିଂହଦ୍ୱାର, ଘଣ୍ଟାଘର, ନୀତିମନ୍ଦିର, ଶୂନ୍ୟମନ୍ଦିର, ଉଭୟ ଗୋଷ୍ଠୀର ସଭାମଣ୍ଡପ, ପାଠାଗାର, ଲତାମୂଳ ଆଶ୍ରମଠାରେ ଥିବା ବିରାଟ ପାତାଳଭେଦି କୂଅ, ସିଦ୍ଧ ସନ୍ନ୍ୟାସୀମାନଙ୍କର ସମାଧିମନ୍ଦିର ଆଦି ଦର୍ଶନ କରନ୍ତି। ଯୋରନ୍ଦା ଗ୍ରାମର ମହିମାଶ୍ରମଠାରେ ମହିମାଧର୍ମର ପ୍ରବର୍ତ୍ତକ ମହିମା ଗୋସେଇଁ ଅବସ୍ଥାନ କରି ଏଠାରେ ଇହଲୀଳା ସାଙ୍ଗ କରିଥିଲେ ୧୮୭୬ ମସିହା ଫାଲଗୁନ ଶୁକ୍ଳ ଚତୁର୍ଥୀ ତିଥିରେ। ମହିମା ଗୋସେଇଁ ପ୍ରତିଷ୍ଠା କରିଥିବା ଅନ୍ୟାନ୍ୟ ମହିମା ଆଶ୍ରମ ବା ଟୁଙ୍ଗିଗୁଡ଼ିକ ମଧ୍ୟରେ ବାଙ୍କୀର ମାଳବିହାରପୁର, ଆଠଗଡ଼ର ଖୁଣ୍ଟୁଣୀ, ଖୋର୍ଦ୍ଧାର ଅନ୍ଧାରୁଆ, ଦାରୁଠେଙ୍ଗ, ଢେଙ୍କାନାଳର ମଢ଼ି (କାମାକ୍ଷାନଗର), ବଉଳପୁର, ଯୋରନ୍ଦା, ହିନ୍ଦୋଳର ବ୍ରହ୍ମପୁର ଓ ଅନୁଗୋଳର ଅଙ୍ଗାରବନ୍ଧ ମହିମାଶ୍ରମ ଆଦି ପ୍ରଧାନ। ମହିମା ଗୋସେଇଁ ବିଭିନ୍ନ ତିଥିରେ ଏହିସବୁ ଆଶ୍ରମରେ ମହିମା ମହୋତ୍ସବ ଆୟୋଜନ କରୁଥିଲେ। ଯୋରନ୍ଦା ମହିମାଶ୍ରମରେ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ସେ ମେଳା ମହୋତ୍ସବ ଅନୁଷ୍ଠିତ କରିଥିବା ହେତୁ ଏହି ତିଥିରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିବର୍ଷ ମହିମା ମେଳା ଅନୁଷ୍ଠିତ ହୁଏ।

ବରମୁଣ୍ଡା, ହାଉସିଂବୋର୍ଡ କଲୋନୀ,
ଭୁବନେଶ୍ୱର, ମୋ–୯୪୩୮୨୯୯୧୭୪

## ଏଇ ଭାରତରେ

ରାଜସ୍ଥାନରେ ଖାଦ୍ୟପେୟ ଯେତେ ଲୋକପ୍ରିୟ, ଏଠାକାର ଆଦିବାସୀ ସମାଜର ରୀତିନୀତି ମଧ୍ୟ ସେତିକି ବିଚିତ୍ର। ମାଉ ଅଞ୍ଚଳରେ ରହୁଥିବା ଜନଜାତି ସମାଜରେ ଝିଅଙ୍କ ବିବାହକୁ ନେଇ ରହିଛି ଏକ ନିଆରା ପରମ୍ପରା। ବର ପସନ୍ଦ ପାଇଁ କନ୍ୟାକୁ ପୂର୍ଣ୍ଣ ସ୍ୱାଧୀନତା ମିଳିଥାଏ। ପ୍ରେମ ବିବାହ କରିବା ଏହି ଆଦିବାସୀ ସମାଜରେ ଅପରାଧ ବୋଲି ବିବେଚନା କରାଯାଏ। ରାଜସ୍ଥାନର ମାଉନ୍‌ଟ୍ଝିଲର ପିପଲ ପୁନମ୍‌ରେ ପ୍ରତିବର୍ଷ ଆଦିବାସୀ ସମାଜ ଦ୍ୱାରା ଏକ ମେଳା ଆୟୋଜନ କରାଯାଏ। ଏହି ମେଳାରେ ଝିଅମାନଙ୍କୁ ନିଜ ପସନ୍ଦର ଜୀବନସାଥୀ ବାଛିବାକୁ ପୂର୍ଣ୍ଣ ସ୍ୱାଧୀନତା ମିଳିଥାଏ। ମେଳାରେ ଆତ୍ମୀୟ ସ୍ୱଜନଙ୍କ ଉପସ୍ଥିତିରେ ସର୍ବପ୍ରଥମେ ଝିଅଟି ସେଠାରେ ଉପସ୍ଥିତ ଥିବା ବରର ପିତାଙ୍କୁ ମାଳା ପିନ୍ଧାଇଥାଏ। ଏହାପରେ ବରକୁ ବରଣମାଳା ପିନ୍ଧାଇ ଜୀବନସାଥୀ ରୂପେ ବାଛିଥାଏ।

## ସାପ୍ତାହିକ ପଞ୍ଜିକା

ଫେବୃୟାରୀ ୧୦–ସରକାରୀ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୫% ସ୍ଥାନ ସଂରକ୍ଷଣ ଦାବିରେ ରାଜସ୍ଥାନରେ ଗତ ଶୁକ୍ରବାରଠାରୁ ଚାଲିଥିବା ଗୁଜ୍ଜର ଆନ୍ଦୋଳନ ଉଗ୍ର ଓ ହିଂସାତ୍ମକ ରୂପ ନେଇଛି।

୧୨– ଭାରତୀୟ ନୌସେନା ପାଇଁ ୧୧୧ ନାଭାଲ ୟୁଟିଲିଟି ହେଲିକପ୍ଟର ଅଣାଯାଉଛି: ସେଥିମଧ୍ୟରୁ ୯୫ଟି ଭାରତରେ ନିର୍ମିତ ହେଉଥିବାବେଳେ ଅବଶିଷ୍ଟ ୧୬ଟି ବିଦେଶରୁ ଅଣାଯିବ।

୧୪– ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ଜୈଶ୍-ଇ-ମହମ୍ମଦ ଆତଙ୍କବାଦୀଙ୍କ ଆତ୍ମଘାତୀ ଆକ୍ରମଣ ଫଳରେ ୪୪ ଜଣ ଯବାନ ଶହୀଦ ହେଲେ।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଫେବୃୟାରୀ ୧୯୯୪

- କାମ୍ବୋଡିଆର ମେକଙ୍ଗ ନଦୀରେ ଏକ ନୌକା ବୁଡ଼ି ୮୦ ଯାତ୍ରୀଙ୍କ ମୃତ୍ୟୁ।
- ଗୁଜରାଟ ମୁଖ୍ୟମନ୍ତ୍ରୀ ଚିମନଭାଇ ପଟେଲଙ୍କ ହୃଦ୍‌କ୍ରିୟା ବନ୍ଦ ହୋଇଯିବା ଫଳରେ ମୃତ୍ୟୁ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 7 | | | | 9 | | | | 8 | | | | |
| | | 4 | 2 | B | | | | 0 | | C | A | 6 | | |
| 3 | 2 | | 4 | 0 | | | | E | | | | | | |
| 1 | A | | | 5 | | D | | | 9 | | | 2 | | |
| | | B | | | | 2 | | 1 | | | | | 5 | |
| | | 2 | | 6 | | | C | | 0 | | 7 | | | |
| | C | 3 | | 4 | 1 | | | | | 9 | | 5 | 8 | |
| B | 7 | | | 2 | | | 8 | | | | 5 | D | E | |
| | | 8 | | 3 | E | | | | | A | | | | C |
| | | | | 7 | 9 | | | | | 1 | | B | | |
| 6 | | | | | | E | | 9 | | | | 4 | 0 | |
| 0 | B | | 6 | E | 5 | | | A | 1 | | D | 9 | | |
| 5 | | | D | | | 0 | | 3 | | 7 | | | | |
| | 1 | | | | | | | | | 6 | 3 | | B | |
| | | D | | A | 8 | | | | | | | | C | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 4 | 2 | 9 | 0 | D | B | 8 | 7 | A | 5 | 3 | 6 | E | 1 |
| A | 8 | E | 5 | C | B | 4 | D | 6 | 9 | 0 | 1 | 2 | 3 | 7 |
| 1 | 6 | B | E | 3 | 7 | 0 | 9 | C | 2 | D | 4 | 8 | A | 5 |
| D | 7 | 0 | 1 | 2 | A | 3 | E | 5 | 6 | C | 8 | B | 4 | 9 |
| 3 | 5 | 9 | 4 | 6 | 8 | 2 | A | 1 | E | 7 | B | D | C | 0 |
| 0 | 1 | 4 | B | 5 | 3 | E | 6 | 8 | C | 2 | 9 | A | 7 | D |
| 5 | D | A | 6 | 1 | E | 9 | 4 | B | 3 | 8 | 7 | 0 | 2 | C |
| 8 | 9 | C | 2 | D | 4 | 7 | 0 | 3 | 5 | 6 | A | E | 1 | B |
| 6 | 2 | 3 | 0 | 7 | 9 | D | C | A | 1 | B | E | 4 | 5 | 8 |
| B | E | 7 | A | 8 | C | 1 | 5 | 2 | D | 4 | 0 | 3 | 9 | 6 |
| 9 | C | 5 | 3 | 4 | 0 | 8 | 2 | D | 7 | E | 6 | 1 | B | A |
| E | 3 | D | 7 | B | 2 | A | 1 | 0 | 8 | 9 | 5 | C | 6 | 4 |
| 2 | A | 6 | 8 | E | 5 | C | 7 | 4 | B | 1 | D | 9 | 0 | 3 |
| 7 | 0 | 8 | C | A | 1 | 6 | B | 9 | 4 | 3 | 2 | 5 | D | E |
| 4 | B | 1 | D | 9 | 6 | 5 | 3 | E | 0 | A | C | 7 | 8 | 2 |

ଗତକାଲିର ଉତ୍ତର

## ଆମ ସମସ୍ୟା

### ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଚୁପ୍ କାହିଁକି

ମହାଶୟ,

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନରେ ଥିବା ବାଜବାଟୀ ପାହାଡରେ ପରିବେଶ ମଞ୍ଜୁରୀ ନ ଥାଇ ୩୦ରୁ ଊର୍ଦ୍ଧ୍ୱ ଖାଦାନରେ ପଥର ବିସ୍ଫୋରଣ କରାଯାଉଛି। ଏହି ପାହାଡ଼ ଚାରିପାଖରେ ଥିବା ୨୦ରୁ ଊର୍ଦ୍ଧ୍ୱ ବଡବଡ କ୍ରସର ମଧ୍ୟ ପରିବେଶ ମଞ୍ଜୁରୀ ନ ଥାଇ ଚାଲିଛି। ଏଥିପାଇଁ ଭୂତଳ ଜଳସ୍ତର ହ୍ରାସ ପାଇବା ସହ ପ୍ରଦୂଷିତ ହେଉଛି। ସ୍ଥାନୀୟ କଳିଙ୍ଗନଗର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଏଥିନେଇ ନୀରବ ରହିବା ଫଳରେ ବିଭାଗର ସାଧୁତା ଓ ନିଷ୍ଠାପରତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସତୀଶ ବିଶ୍ୱାଳ, ଗଡ଼ମଧୁପୁର, ଯାଜପୁର

### ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ଏକ ପଞ୍ଚାୟତର ବାଳିକା

ପୁରୀ ଜିଲା ସଦର ବ୍ଲକ ଭାଇଲିପୁର ଗ୍ରାମପଞ୍ଚାୟତର ୫ରୁ ୨୦ ବର୍ଷ ପର୍ଯ୍ୟନ୍ତ ସମସ୍ତ ବାଳିକା ୨୦୧୬ଠାରୁ ୨ ବର୍ଷ ହେଲା ଖାଦ୍ୟ ସୁରକ୍ଷାରୁ ବଞ୍ଚିତ। ସରପଞ୍ଚଙ୍କୁ ପଚାରିବାରୁ ସେ କୁହନ୍ତି, ବାଳିକାମାନେ ତ ବାହାହୋଇଯିବେ, ସେମାନଙ୍କର ରାଶନ କାର୍ଡରେ ନାମ ରହିବା ଦରକାର ନାହିଁ। ରାଜ୍ୟ ସରକାରଙ୍କ ମିଶନ ଶକ୍ତି, ମହିଳା ସଶକ୍ତୀକରଣ, ବେଟୀ ବଚାଓ ବେଟୀ ପଢ଼ାଓ ଯୋଜନା ଏଠାରେ ନିରର୍ଥକ। ଯେହେତୁ ପରିବାରର ରାଶନ କାର୍ଡରେ ବାଳିକାମାନଙ୍କର ନାମ ନାହିଁ, ଏହା ଏକ ମହାଦୁର୍ନୀତି। ଏହାର ତଦନ୍ତ କରିବାକୁ ମହିଳା କମିଶନ ଓ ଦୁର୍ନୀତି ନିବାରଣ ବିଭାଗକୁ ଅନୁରୋଧ।

ସୁରସଙ୍ଗମୀ ସେନାପତି, ଭାଇଲିପୁର, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com:miku11@yahoo.com (Use only for advertisements,commercial queries)

# ମହୋତ୍ସବ ଦିଏ ଶାନ୍ତି, ମୈତ୍ରୀର ବାର୍ତ୍ତା



ଅତିଥିଙ୍କ ଗହଣରେ ସ୍ୱାଗତସଙ୍ଗୀତ ଗାନ କରାଯାଉଛି।

**ରୂପ୍‌ସା, ୧୭।୨(ଡି.ଏନ.ଏ.)**

ମହୋତ୍ସବ ଭାବ ବିନିମୟର ମାଧ୍ୟମ। ଏହା ସଭିଙ୍କୁ ଶାନ୍ତି, ମୈତ୍ରୀ ଓ ଜାତୀୟତାର ବାର୍ତ୍ତା ଦିଏ ବୋଲି ରୂପ୍‌ସା ମହୋତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବାଲେଶ୍ୱର ସଦର ବ୍ଲକ ପୋଡ଼ାଡ଼ିହା ଷ୍ଟାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ରୂପ୍‌ସା ମହୋତ୍ସବର ୫ମ ସନ୍ଧ୍ୟା ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭାରତୀୟ ଷ୍ଟେଟବ୍ୟାଙ୍କର ମହାପ୍ରବନ୍ଧକ ଦେବୀଶଙ୍କର ମିଶ୍ର, ମୁଖ୍ୟବକ୍ତା ଉପସହପ୍ରବନ୍ଧକ ଗୌରାଙ୍ଗ ଚନ୍ଦ୍ର ବେହେରା, ସମ୍ମାନନୀୟ ଅତିଥି ଭାବେ ଉପମୁଖ୍ୟପ୍ରବନ୍ଧକ କ୍ରିତାନ ଶର୍ମା ଓ ଆଞ୍ଚଳିକ ପ୍ରବନ୍ଧକ ଅରୁଣ କୁମାର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ଅବଦୁଲ ଅମିନ ଖାନ ଯୋଗଦେଇ ମହୋତ୍ସବର ସୁପରିଚାଳନା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଏବିଇଓ ତଥା ମହୋତ୍ସବ କମିଟିର ଉପଦେଷ୍ଟା ଜୟନ୍ତ କୁମାର ପାଣିଗ୍ରାହୀ ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ର ଆମ ଜିଲା ବାଲେଶ୍ୱର ଗୀତରେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ପଣ୍ଡିତ ଚକ୍ରଧର ଆଚାର୍ଯ୍ୟ ବେଦପାଠ କରିଥିଲେ। ଉପଦେଷ୍ଟା ବିନୟ କୁମାର ବେହେରା ଅତିଥି ପରିଚୟ ଓ ଡାକ୍ତର କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ନୃତ୍ୟ ପ୍ରତିଯୋଗିତାର ଆସର ଜମିଥିଲା।

## ବର୍ତ୍ତନା ବଜାର ଉଚ୍ଛେଦ ପାଇଁ ନୋଟିସ

# ଜୀବିକା ହରାଇବେ ୧୨୦ ବ୍ୟବସାୟୀ

**ଖଇରା, ୧୭।୨(ଡି.ଏନ.ଏ.)**

କୁପାରୀ-ଆଗରପଡା ରାସ୍ତା ନିର୍ମାଣ ପରିପ୍ରେକ୍ଷୀରେ ଖଇରା ବ୍ଲକ ଅଧୀନ ବର୍ତ୍ତନା ବଜାରର ୧୨୦ଦୋକାନ ଉଚ୍ଛେଦ ପାଇଁ ୩ଦିନ ତଳେ ଖଇରା ତହସିଲଦାରଙ୍କ ପକ୍ଷରୁ ନୋଟିସ ପ୍ରଦାନ କରାଯାଇଛି । ଏହାକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ନୈରାଶ୍ୟ ଖେଳିଯାଇଛି। ୧ମାସ ମଧ୍ୟରେ ଦୋକାନ ଖାଲି କରିବେ। ନଚେତ୍ ଜୋରଜବରଦସ୍ତ ଦୋକାନ ଗୁଡିକୁ ହଟାଇବାକୁ ଉଲ୍ଲେଖ କରାଯାଇଛି । ତେବେ ନୋଟିସର ତାରିଖ ଜାନୁୟାରୀ ୩୧ ଥିବାବେଳେ ଗୁରୁବାର ନୋଟିସ ବଣ୍ଟନକୁ ବ୍ୟବସାୟୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମାତ୍ର ଆଉ ୧୩ଦିନ ସମୟ ଥିବାରୁ ଏତେ କମ ସମୟ ମଧ୍ୟରେ ଦୋକାନ ସ୍ଥାନାନ୍ତର ଅସମ୍ଭବ ବୋଲି ବ୍ୟବସାୟୀ ସୁଧାକର ଦାସ, ମନୋହର ବେହେରା, ଚିତ୍ତରଞ୍ଜନ ନାୟକ, ଜୟକୃଷ୍ଣ ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି। ବର୍ଷ ବର୍ଷ ଧରି ଜୀବିକା କରି ଚଳୁଥିବା ଏହି ବ୍ୟବସାୟୀଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ସମସ୍ତ ବ୍ୟବସାୟୀ ଦାବି କରିଛନ୍ତି ।

# ୧୫୪ ଛାତ୍ରୀଛାତ୍ର ଦେଲେ ମେଧାବୃତ୍ତି ପରୀକ୍ଷା



ପିଲାମାନେ ପରୀକ୍ଷା ଦେଉଛନ୍ତି ।

**ଖଇରା, ୧୭।୨(ଡି.ଏନ.ଏ.)**

ଖଇରା ବ୍ଲକ ଅଧୀନ ନଟାପଡା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ୨୨ତମ ରାଜ୍ୟସ୍ତରୀୟ ଶିଶୁ ବିକାଶ ମେଧାବୃତ୍ତି ପରୀକ୍ଷା ରବିବାର ଅନୁଷ୍ଠିତ ହୋଇ ଯାଇଛି। ୨ୟରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୧୫୪ ଛାତ୍ରୀଛାତ୍ର ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ଶିଶୁମନ୍ଦିରର ପ୍ରଧାନଆଚାର୍ଯ୍ୟ ଶଶିକାନ୍ତ ଦାସ, ଦେବେନ୍ଦ୍ର ପାଣିଗ୍ରାହୀ, ପଙ୍କଜ ମହାନ୍ତିଙ୍କ ସମେତ ସମସ୍ତ ଗୁରୁମା ଗୁରୁଜୀଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ହୋଇଥିଲା ।

# ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ରୂପ୍‌ସା, ୧୭।୨(ଡି.ଏନ.ଏ.)**

ଜମ୍ମୁ-କଶ୍ମୀର ପୁଲୱାମା ଜିଲାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ସ୍ମୃତିରେ ବାଲେଶ୍ୱର ସଦର ବ୍ଲକର ରୂପ୍‌ସା କଳାକାର ସଂଘ ଓ ରସଲପୁର ପଞ୍ଚାୟତ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର କର୍ମକର୍ତ୍ତା ମୃତ୍ୟୁଞ୍ଜୟ ବାରିକ, ବିଷ୍ଣୁ ଦାସ, ଗୌରାଙ୍ଗ ନାୟକ, ପଙ୍କଜ ବେହେରା, ଜିତ୍ ଗିରି, ଗଜେନ୍ଦ୍ର ପଣ୍ଡା ଓ ଶମ୍ଭୁନାଥ ବେହେରା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ରୂପ୍‌ସା ବସ୍‌ଷ୍ଟାଣ୍ଡରୁ ଏକ ବିଶାଳ କ୍ୟାଣ୍ଡେଲ ଶୋଭାଯାତ୍ରା ବଜାର ପରିକ୍ରମା କରି ମେଡ଼ିକାଲ ଛକରେ ପହଞ୍ଚିଥିଲା। ସେହିପରି ରସଲପୁର ସରପଞ୍ଚ ସୁବେଶ ନାୟକଙ୍କ ଅଧ୍ୟକ୍ଷତାରେ ପାରବିଲା ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ତରଫରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଗାଁ ପରିକ୍ରମା କରି ଶହୀଦ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଯୁବନେତା ରମେଶ ଚନ୍ଦ୍ର ପାଣି, ଅଜୟ କୁମାର ଗାଆଁଣ, ବିନୋଦ କୁମାର ମହାନ୍ତି, ଆନନ୍ଦ କୁମାର ରାଉଳ, ବନଧର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ବାହାନଗା, (ଡି.ଏନ.ଏ.):** ବାହାନଗା ବ୍ଲକ ବେଳାଭୂମୀ ମହାବିଦ୍ୟାଳୟ ପରସରରେ ଶନିବାର ଛାତ୍ରୀଛାତ୍ରମାନେ ପୁଲୱାମାର ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ସଭା କରିବା ସହ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। ସେହପରି ଗୋପାଳପୁର ବଜାରରେ ଯୁବ କଂଗ୍ରେସ ତରଫରୁ ଶହୀଦଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ତାଙ୍କ ପରିବାରର ଆଶୁ କାମନା କରି କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା । ଏହା ଗୋପାଳପୁର ବୁଢୀ ଠାକୁରାଣୀ ମନ୍ଦିରରୁ ବାହାରି ଗୋପାଳପୁର ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ । ସେଠାରୁ ଜୁଣିଆ ହାଟ ଓ ରାମ ମନ୍ଦିରଠାରେ ଯାଇ ପୂଜା କରିବା ସହିତ ନୀରବ ପ୍ରାର୍ଥନା କରିଥିଲେ। ଖନ୍ତାପଡା ଯୁବକ ସଂଘ ତରଫରୁ ୪୪ ଜଣ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିବା ସହିତ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ।

# 'ପିଠା'ରେ ବାସି ଖାଦ୍ୟ ପରିବେଷଣ

## ସିଓଙ୍କୁ ଘେରିଲେ ମହିଳା

**ଜଳେଶ୍ୱର, ୧୭।୨(ଡି.ଏନ.ଏ.)**



ପୋଲିସ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଜଳେଶ୍ୱର ମ୍ୟୁନିସିପାଲଟି ଅଧୀନ ୧୦ ନଂ. ୱାର୍ଡ଼ ଅନ୍ତର୍ଗତ ଶାନ୍ତିଆ ଗ୍ରାମସ୍ଥିତ ଚଣ୍ଡୀ ମନ୍ଦିର ସମ୍ମୁଖରେ ପିଠା କାର୍ଯ୍ୟକ୍ରମର ୩ୟ ଦିବସରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିଭିନ୍ନ ଏସଏଚ୍‌ଜି ମହିଳା ଓ ଅନ୍ୟ ହିତାଧିକାରୀମାନଙ୍କୁ ବାସି ଖାଦ୍ୟ ପରିବେଷଣକୁ ନେଇ ତୁମୁଳକାଣ୍ଡ ହୋଇଥିଲା। ଗତ ୨ ଦିନ ଧରି ଉକ୍ତ କାର୍ଯ୍ୟକ୍ରମରେ ପରିବେଷଣ କରାଯାଉଥିବା ବଳକା ଭାତ ଓ ଡାଲମାକୁ ରବିବାର ପୁଣି ପରିବେଷଣ କରାଯାଉଥିବାରୁ ହିତାଧିକାରୀ ଓ ମହିଳାମାନେ ଖାଦ୍ୟ ବୋଝେଇ ଅଟୋକୁ ଦୀର୍ଘ ସମୟ ଧରି ଅଟକାଇ ରାସ୍ତାରେ ଧାରଣା ଦେଇଥିଲେ। ଏଥିସହିତ ମ୍ୟୁନିସିପାଲଟିରେ କାର୍ଯ୍ୟରତ ସିଓ(ଗୋଷ୍ଠୀ ସଂଯୋଜିକା) ଜ୍ୟୋସ୍ନାରାଣି ପତିଙ୍କୁ ମଧ୍ୟ ମହିଳାମାନେ ଘେରିଯାଇ ପ୍ରଶ୍ନବାଣରେ ଜର୍ଜରିତ କରିଥିଲେ। ବିଜୁ ଜନତା ଦଳର ଯୁବନେତା ଶୁଭେନ୍ଦୁ ଦାସ, ରଣ୍ଟୁ ବ୍ରହ୍ମ, ମହିଳାନେତ୍ରୀ ଦେବଯାନୀ ଅଣ୍ଡିଆ, ଗ୍ରୁପ ସଦସ୍ୟା ଉର୍ମିଳା ଦତ୍ତ ଓ ଅନ୍ୟମାନେ ଅଭିଯୋଗ କରିଛନ୍ତି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଦେଖି ଜଳେଶ୍ୱର ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ସଦାଶିବ ନାୟକ ଓ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଏନେଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଗିରିଧାରୀ ବାରିକ କହିଛନ୍ତି ଯେ, ସୋମବାରଠାରୁ ୨୦ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି କାର୍ଯ୍ୟକ୍ରମସ୍ଥଳରେ ଏଣିକି ଖାଦ୍ୟ ସୂଚୀ ପରିବର୍ତ୍ତନ କରାଯିବ।

## ପୋଲରୁ ଖସି ଯୁବକ ଗୁରୁତର

# ଉତ୍ତ୍ୟକ୍ତ ଲୋକଙ୍କ ୪ଘଣ୍ଟା ରାସ୍ତାରୋକୋ

**ବାଲେଶ୍ୱର ଅଫିସ, ୧୭।୨**

ବାଲେଶ୍ୱର ରସାଳପୁର ସଲ୍ଟ ରୋଡ୍ ପାଗନଇ ପୋଲ ତଳକୁ ଜଣେ ବାଇକ୍ ଆରୋହୀ ରବିବାର ପୂର୍ବାହ୍ନ ସମୟରେ ଖସିପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ସହ ୪ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରାସ୍ତାରୋକୋ କରି ଆନ୍ଦୋଳନ କରିଥିଲେ। ପୋଲର ଉଭୟ ପାଖରେ ବାଡ଼ା ଦେବାର କାର୍ଯ୍ୟ ପ୍ରଶାସନ ପକ୍ଷରୁ ଆରମ୍ଭ ହେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଟାଉନ ଥାନା ପୁରୁଣାବାଲେଶ୍ୱର ଗ୍ରାମର ଅର୍ଜୁନ ମହାନ୍ତି(୩୭) ବାଲେଶ୍ୱରରୁ ରସାଳପୁରସ୍ଥିତ ଭଡ଼ାଘରକୁ ଫେରୁଥିବା ବେଳେ ପାଗନଇ ପୋଲ ଉପରେ ଭାରସାମ୍ୟ ହରାଇ ପ୍ରାୟ ୩୦ ଫୁଟ୍ ତଳକୁ ବାଇକ୍ ସହ ଖସିପଡ଼ିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସଲ୍ଟ ରୋଡ୍ ହେବା ପରେ ଉକ୍ତ ପାଗନଇ ପୋଲ ଉପରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି। ୫ମାସ ଭିତରେ ୮ରୁ ଊର୍ଦ୍ଧ୍ୱ ମୃତ୍ୟୁବରଣ କରିଥିବା ବେଳେ ଏକାଧିକ ଗୁରୁତର ହୋଇଛନ୍ତି। ଏହାର ପ୍ରତିବାଦ କରି ସ୍ଥାନୀୟ ଲୋକେ ରାସ୍ତାରୋକୋ କରି ପୋଲର ଉଭୟ ପାର୍ଶ୍ୱରେ ବାଡ଼ା ଦେବାକୁ ଦାବି କରିଥିଲେ। ପୋଲିସ, ପିଡ଼ବ୍ଲ୍ୟୁଡ଼ି ଅତିରିକ୍ତ ଇଂ. ରମେଶ ମହାପାତ୍ର, ସହକାରୀ ତହସିଲଦାର ଶତ୍ରୁଘ୍ନ ସେଠୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ।



ଲୋକେ ରାସ୍ତାରୋକୋ କରିଛନ୍ତି।



# ଅନିଶ୍ଚିତତା ଭିତରେ ମହାମେଣ୍ଟ

**ଭୁବନେଶ୍ୱର, ୧୭।୨(ବ୍ୟୁରୋ)**

- କଂଗ୍ରେସ, ସିପିଆଇ, ସିପିଏମ୍, ଜେଏମ୍ଏମ୍ ଏକାଠି ଲଢ଼ିବାକୁ ପ୍ରୟାସ
- ଏରସମା ନ ମିଳିଲେ ବିଏସ୍‌ପି ସହ ମେଣ୍ଟ କରିବ ସିପିଏମ୍
- ୭ ଆସନ ମାଗିଲେ, ୪ରେ ରାଜି
- ମେଣ୍ଟ ପାଇଁ ମନାକଲେଣି ସିପିଆଇର ଯୁବ ନେତା

ଆସନ୍ତା ସାଧାରଣ ନିର୍ବାଚନରେ ବିଜେଡି ଓ ଭାଜପାକୁ ଶାସନ ଗାଦିରେ ବସାଇ ନ ଦେବା ପାଇଁ କଂଗ୍ରେସ ରଣନୀତି ପ୍ରସ୍ତୁତ କରୁଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶ ମିଳିବା ପରେ ରାଜ୍ୟର ସମଭାବାପନ୍ନ ଦଳଗୁଡ଼ିକ ସହ ମେଣ୍ଟ କରିବାକୁ ଯୋଜନା ଚାଲିଛି। ଏଥିପାଇଁ ବିଭିନ୍ନ ପର୍ଯ୍ୟାୟରେ ବାମପନ୍ଥୀ ଦଳ ସହ ପିସିସି(ପ୍ରଦେଶ କଂଗ୍ରେସ କମିଟି)ର ଆଲୋଚନା ମଧ୍ୟ ଜାରି ରହିଛି। କାହାକୁ କେତେ ଆସନ ଦିଆଯିବ ସେନେଇ କଂଗ୍ରେସ ଲଗାତର ଭାବେ ବୈଠକ କରି ସମୀକ୍ଷା କରୁଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମଧ୍ୟ ରାଜ୍ୟରେ ସିପିଆଇ,ସିପିଏମ୍ ଓ ଜେଏମ୍ଏମ୍ ସହ କଂଗ୍ରେସର ମେଣ୍ଟ ହେବା କଥା ସତ୍ୟ ବୋଲି କହିଛନ୍ତି। ହେଲେ ମିଳିଥିବା ସୂଚନା ମୁତାବକ କଂଗ୍ରେସ ବାମପନ୍ଥି ଦଳଗୁଡ଼ିକର ମେଣ୍ଟ ସମ୍ଭାବନା ଏକପ୍ରକାର ଅନିଶ୍ଚିତତା ଭିତରକୁ ଚାଲିଯାଇଛି। ଆସନକୁ ନେଇ ବୁଝାମଣା ହୋଇପାରୁ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡ଼ିଛି।

ଗତ ଶୁକ୍ରବାର, ଶନିବାର ଓ ରବିବାର ୩ଦିନ ଧରି ସିପିଆଇର କାର୍ଯ୍ୟକାରୀ କମିଟି ବୈଠକ ବସିଥିଲା। ତୃତୀୟ ଦିନ ଅର୍ଥାତ୍ ରବିବାର ବୈଠକରେ ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା ସମ୍ପର୍କିତ ଆଲୋଚନା କରାଯାଇଛି। ଦଳର ଜଣେ ବରିଷ୍ଠ ନେତାଙ୍କ କହିବାନୁଯାୟୀ, କଂଗ୍ରେସ ସହ ସିପିଆଇର ମେଣ୍ଟ ନେଇ ପ୍ରାୟ ଦୀର୍ଘ ସମୟ ଆଲୋଚନା ହୋଇଥିଲା। ଦାମ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଦଳର କେନ୍ଦ୍ର ସମ୍ପାଦକ ତଥା ଏମ୍‌ପି ଡି.ରାଜା ମଧ୍ୟ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭୟ ସାହୁ, ଦିବାକର ନାଏକ, ଆଶିଷ କାନୁନ୍‌ଗୋ, ନାରାୟଣ ରେଡ୍ଡି, ସୁର ଜେନା, ଜୟନ୍ତ ଦାସ, ବସନ୍ତ ପାଇକରାୟ, ଗୋକୁଳ ପଣ୍ଡା ଓ ରାମକୃଷ୍ଣ ପଣ୍ଡା ଉପସ୍ଥିତ ଥିଲେ। ଆସନ୍ତା ନିର୍ବାଚନରେ କେଉଁ ଆସନଗୁଡ଼ିକ ସିପିଆଇ ପାଇଁ କଂଗ୍ରେସ ଛାଡ଼ିବ ସେନେଇ ଆଲୋଚନା ହୋଇଛି।

ମିଳିଥିବା ସୂଚନା ଅନୁସାରେ, ୭ଟି ବିଧାନସଭା ଓ ଗୋଟିଏ ଲୋକସଭା ଆସନ ପାଇଁ ସିପିଆଇ ଦାବି କରିଥିଲା। ଛତ୍ରପୁର, ବୌଦ୍ଧ, ଚିତ୍ରକୋଣ୍ଡା, ବ୍ରଜରାଜନଗର, ଖଲ୍ଲିକୋଟ, ଏରସମା ଓ ଜୁନାଗଡ ଆସନ ପାଇଁ ଦଳ ଦାବି କରିଛି। ହେଲେ ଏଥିରୁ କେବଳ ୪ଟି ଆସନରେ କଂଗ୍ରେସ ସମର୍ଥନ ଦେବ ବୋଲି କହିଛି। ଛତ୍ରପୁର, ବୌଦ୍ଧ, ଚିତ୍ରକୋଣ୍ଡା ଓ ବ୍ରଜରାଜନଗର ଛାଡ଼ି ବାକି ଆସନରେ କଂଗ୍ରେସ ନିଜେ ପ୍ରାର୍ଥୀ ଦେବ ବୋଲି କହିଛି। ଯେଉଁଥିପାଇଁ ଏବେ ସିପିଆଇ ଓ କଂଗ୍ରେସ ମଧ୍ୟରେ ମେଣ୍ଟ ସମ୍ଭାବନା ଅନିଶ୍ଚିତତା ଭିତରକୁ ଚାଲିଯାଇଛି। ସିପିଆଇର ଯୁବ ନେତୃତ୍ୱମାନେ କଂଗ୍ରେସ ସହ ମେଣ୍ଟ କରିବାକୁ ଆଉ ରାଜି ହେଉନାହାନ୍ତି। ରବିବାର ସିପିଆଇ କାର୍ଯ୍ୟକାରୀ କମିଟି ବୈଠକ ପରେ ସେଠାକୁ ନିରଞ୍ଜନ ପଟ୍ଟନାୟକ ଆସି ଏକ ଘଣ୍ଟା କାଳ ଆଲୋଚନା କରିଛନ୍ତି। ହେଲେ ଏହାପରେ ମଧ୍ୟ ଭାଗ ଛିଡ଼ିପାରି ନ ଥିବା ଜଣାପଡ଼ିଛି। ମୁଖ୍ୟତଃ ଏରସମା ଆସନରେ ପ୍ରାର୍ଥୀ ଦେବାକୁ ସିପିଆଇ ଅଧିକ ଆଗ୍ରହୀ ରହିଛି। ହେଲେ କଂଗ୍ରେସ ଏହି ଆସନ ଛାଡ଼ିବାକୁ ପ୍ରସ୍ତୁତ ନାହିଁ। ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ଜଗତ୍‌ସିଂହପୁର ବିଧାୟକ ଥିବାରୁ ଏହି ଜିଲାର ଅନ୍ୟ ବିଧାନସଭା ନିର୍ବାଚନମଣ୍ଡଳୀ ଆସନକୁ ବାମପନ୍ଥିଙ୍କୁ ଛାଡ଼ିବାକୁ ଚାହୁଁନାହାନ୍ତି। ଏହି ଆସନଗୁଡ଼ିକରେ ଚିରଞ୍ଜୀବ ନିଜର କିଛି ଅନୁଗତଙ୍କୁ ଥଇଥାନ କରିବାକୁ ଚାହୁଁଥିବା ଜଣାପଡ଼ିଛି। ଯାହାକୁ ନେଇ କଂଗ୍ରେସ ଓ ସିପିଆଇ ମଧ୍ୟରେ ମେଣ୍ଟ ସମ୍ଭାବନା ବିପରୀତ ପରିସ୍ଥିତି ଆଡ଼କୁ ଗତି କରୁଛି। ଅନ୍ୟପଟେ ସିପିଆଇ ସହ କଂଗ୍ରେସ ମେଣ୍ଟର ଏଭଳି ସ୍ଥିତି ପରେ ସିପିଏମ୍ ଓ ଜେଏମ୍ଏମ୍ ସହ ଆସନ ବୁଝାମଣାକୁ ନେଇ ମଧ୍ୟ ଦଳର ବହୁ ନେତା ସନ୍ଦେହ ସୃଷ୍ଟି କରିଛନ୍ତି। ସିପିଆଇକୁ ଦେଖି ସିପିଏମ୍ ଓ ଜେଏମ୍ଏମ୍ ମଧ୍ୟ ସମାନଭାବେ ନିଜ ଦାବି ଅନୁଯାୟୀ ଆସନ ନ ମିଳିଲେ ମେଣ୍ଟ ପାଇଁ ରାଜି ନ ହୋଇପାରନ୍ତି ବୋଲି ଶୁଣିବାକୁ ମିଳିଛି। ସୋମବାର ସ୍ଥାନୀୟ ଏକ ହୋଟେଲରେ ସନ୍ଧ୍ୟା ୬ଟା ସମୟରେ ପୁନର୍ବାର କଂଗ୍ରେସ ଓ ସିପିଆଇ ମଧ୍ୟରେ ଚୂଡ଼ାନ୍ତ ଆଲୋଚନା ହେବ। ଯଦି ସିପିଆଇ ଦାବିକୁ କଂଗ୍ରେସ ଗ୍ରହଣ ନ କରେ ତେବେ ସେମାନେ ବିଏସ୍‌ପି(ବହୁଜନ ସମାଜବାଦୀ ପାର୍ଟି) ସହ ମେଣ୍ଟ କରିବେ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘୋଡ଼ା ମୁଠି, ଖଣ୍ଡା ମୁଠି;**
**ଯେ ପାଇଲା ତା'ର ।**

ଘୋଡ଼ାର ଲଗାମ ଯାହା ହାତରେ ଥାଏ ସେ ହିଁ ଘୋଡ଼ାର ମାଲିକ ହୋଇଥାଏ। ଘୋଡ଼ାକୁ ନିୟନ୍ତ୍ରଣ ବା ଅଧୀନରେ ରଖି ନିଜ ଇଚ୍ଛା ମୁତାବକ କାର୍ଯ୍ୟ ହାସଲ କରାଇନେଇଥାଏ। ସେହିପରି ଯାହା ହାତରେ ଖଣ୍ଡା ଥାଏ ସେ ନିଜକୁ ଅଧିକ ବଳବାନ୍ ମନେକରିଥାଏ। ଖଣ୍ଡା ବଳରେ ବଳୀୟାନ ହୋଇ ଧରାକୁ ସରା ମନେ କରିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଘିଅ ପେଟରେ ଘିଅ ପଶେ,**
**ଟାଙ୍ଗରା ମୁଣ୍ଡରେ ବୋଝ ବସେ ।**

ସାଧାରଣତଃ ଧନୀ ବ୍ୟକ୍ତିଙ୍କୁ ସମସ୍ତେ ଆଦର ଅଭ୍ୟର୍ଥନା ଦେଖାଇଥାନ୍ତି। ସେମାନଙ୍କୁ ମାନ୍ୟତା ଦେବା ସହ ନିଜର କୃତଜ୍ଞତା ଜଣାଇଥାନ୍ତି। ଅୟସରେ ଚଳୁଥିଲେ ମଧ୍ୟ ତାଙ୍କ ପାଦ ତଳେ ଭଲ ଭଲ ଜିନିଷ ଅଜାଡ଼ି ଦେଇଥାନ୍ତି। କିନ୍ତୁ ଯିଏ ଅଭାବ ଅନଟନରେ ରହି କଠିନ ପରିଶ୍ରମ କରି ପେଟକୁ ଦି'ମୁଠେ ଦାନ ଯୋଗାଡ଼ କରିଥାନ୍ତି ସେମାନଙ୍କ ଭଲମନ୍ଦ ପଚାରିବା ତ ଦୂରର କଥା ତାଙ୍କୁ ଆଡ଼ଆଖିରେ ମଧ୍ୟ ଚାହିଁ ନ ଥାନ୍ତି। ମଳିମୁଣ୍ଡିଆ ବ୍ୟକ୍ତିଙ୍କ ଦୁରବସ୍ଥା ପ୍ରତି ଆଖିବୁଜିଦେବା ଅପ୍ରିୟ ବାସ୍ତବତା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଶାୟୀଙ୍କୁ ଅଡୁଆ ଏକାଧିକ ଚୟନ

**ଭୁବନେଶ୍ୱର,୧୭।୨(ବ୍ୟୁରୋ)**

**କଂଗ୍ରେସ ରାଜନୀତି**
- ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ
- ଧର୍ମକୁ ଆଖିଠାର ପାଇଁ ସ୍କ୍ରିନିଂ, ପିଇସି

ସାଧାରଣ ନିର୍ବାଚନ ଘୋଷଣାକୁ ଅଳ୍ପ କିଛିଦିନ ବାକି ରହିଛି। ଏହାପୂର୍ବରୁ କଂଗ୍ରେସ ଦଳ ହିଁ ପ୍ରାର୍ଥୀ ଘୋଷଣାକୁ ନେଇ ପ୍ରଥମେ ଅଣ୍ଟା ଭିଡ଼ିଛି। ଇତିମଧ୍ୟରେ ୧୧ ଲୋକ ସଭା ଓ ୭୭ ବିଧାନସଭା ଆସନ ନେଇ ସ୍କ୍ରିନିଂ କମିଟି ବୈଠକ ସରିଯାଇଛି। ଆଉ ଦିନ କେଇଟା ଭିତରେ ବାକି ୧୦ ଲୋକ ସଭା ଏବଂ ୭୦ ବିଧାନସଭା ଆସନ ନେଇ ପ୍ରକ୍ରିୟା ଆରମ୍ଭ କରାଯିବ। ଏହାପରେ ପ୍ରଦେଶ କଂଗ୍ରେସ ନିର୍ବାଚନ କମିଟି(ପିଇସି) ବୈଠକ ବସିବ। ଏହି ପିଇସି ହିଁ ଚୂଡ଼ାନ୍ତ ତାଲିକା ହାଇକମାଣ୍ଡଙ୍କ ନିକଟକୁ ପଠାଇବ। ପ୍ରତିଥର ପିଇସିରେ ସମ୍ଭାବ୍ୟ ତାଲିକା ଆଲୋଚନା ହେବା ପରେ ସ୍କ୍ରିନିଂ କମିଟିକୁ ନାଁ ଯାଇଥାଏ। ହେଲେ ଚଳିତ ବର୍ଷ ପୂରା ଓଲଟା, ଆଗୁଆ ସ୍କ୍ରିନିଂ ପରେ ପିଇସି। ତେଣୁ ପିଇସି ବୈଠକକୁ ନେଇ ଆଶାୟୀଙ୍କ ମଧ୍ୟରେ ସଂଶୟ ପ୍ରକାଶ ପାଇଛି। ଏହି ବୈଠକରେ ରାଜ୍ୟ ନେତୃତ୍ୱ ଜିତିବା ସମ୍ଭାବନା ଅପେକ୍ଷା ନିଜ ମନପସନ୍ଦର ପ୍ରାର୍ଥୀଙ୍କୁ ଟିକେଟ ଦେବାକୁ ଯୋଜନା ଚଳାଇଥିବା ଜଣାପଡ଼ିଛି।

ରାଜ୍ୟରେ କଂଗ୍ରେସ ସରକାର ସମୟରେ ମନ୍ତ୍ରୀ ଥିବା ଜନୈକ ନେତା ନିଜ ନାମ ଗୋପନ ରଖି କହିଛନ୍ତି ଯେ, ସାଧାରଣତଃ ସ୍କ୍ରିନିଂ କମିଟି ସଦସ୍ୟ ରାଜ୍ୟ ବାହାରର ହୋଇଥାନ୍ତି । ତେଣୁ ସମ୍ଭାବିତ ଗୋଟିଏ ଦୁଇଟି ନାମ ଉପରେ ସେମାନେ ଉପଯୁକ୍ତ ନିଷ୍ପତ୍ତି ନେଇପାରିବେ। ହେଲେ ପ୍ରାଥମିକ ଭାବେ ସମ୍ଭାବ୍ୟ ଆଶାୟୀଙ୍କ ମଧ୍ୟରୁ ଚୂଡ଼ାନ୍ତ ନାଁ ଚୟନ ପାଇଁ ପଠାଇବା ସ୍କ୍ରିନିଂ କମିଟି କିପରି କରିପାରିବ। ତେଣୁ ଆଶାୟୀ ତାଲିକାକୁ ସଂକ୍ଷିପ୍ତ କରିବା ସହ ନିଜ ମୁଣ୍ଡରୁ ଦୋଷ ହଟାଇବା ପାଇଁ ପିସିସିର ଏହା ଏକ ଗେମ୍‌ପ୍ଲାନ୍। ସେହିଭଳି ୨୧ ଲୋକ ସଭା ଏବଂ ୧୪୭ ବିଧାନସଭା ପାଇଁ ପିଇସି ବୈଠକରେ ପ୍ରଥମଥର ଲାଗି 'ମଲ୍ଟିପଲ୍ ଚଏସ୍' ବା 'ଏକାଧିକ ଚୟନ'ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି। ଏହି ମଲ୍ଟିପଲ୍ ଚଏସ୍ କ'ଣ ବୋଲି ଜାଣିବା ପାଇଁ ଆମେ କିଛି ବରିଷ୍ଠ ନେତାଙ୍କୁ ଯୋଗାଯୋଗ କରିଥିଲୁ। ସେମାନଙ୍କ କହିବା ନେଇ , ପିଇସି ବୈଠକରେ ଉଭୟ ବିଧାନସଭା/ଲୋକ ସଭା ଲାଗି ନିର୍ବାଚନମଣ୍ଡଳୀ ପିଛା ସର୍ବାଧିକ ୩ଟି ନାମ ରଖାଯିବ। ଯେଉଁ ନାଁ ପାଇଁ ସର୍ବାଧିକ ସଦସ୍ୟଙ୍କ ସମର୍ଥନ ରହିବ, ସେହି ବ୍ୟକ୍ତିଙ୍କୁ ହିଁ ପ୍ରାର୍ଥୀ କରାଯିବ। ତେଣୁ ପୂର୍ବରୁ ତାଲିକା ପ୍ରସ୍ତୁତ କରାଯାଇ ଧର୍ମକୁ ଆଖିଠାର ଭଳି ସ୍କ୍ରିନିଂ ଏବଂ ପିଇସି ବୈଠକ କରାଯାଉଛି ବୋଲି ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ମତାମତ ପାଇଁ ତାଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ମତାମତ ମିଳିପାରି ନାହିଁ।

# ବ୍ରିଜ୍ ତଳକୁ ଠେଲି ନାବାଳକଙ୍କୁ ହତ୍ୟା, ୨ ଗିରଫ

**ବରଗଡ଼ ଅଫିସ୍,୧୭।୨**



ଗିରଫ ୨ ହତ୍ୟା ଅଭିଯୁକ୍ତ ।

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ-୯ ଭିଏସଏସ ନଗର ବିଶି କଲୋନୀର ଜଣେ ନାବାଳକ ଇନେଶ ତାଣ୍ଡି(୧୫)ଙ୍କୁ ସମ୍ବଲପୁର ଜିଲା ବୁର୍ଲା ପି.ସି ବ୍ରିଜ ତଳକୁ ଠେଲି ହତ୍ୟା କରାଯାଇଛି । ଏହି ଘଟଣାରେ ପୋଲିସ ୨ଜଣଙ୍କୁ ରବିବାର ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ସହର ଉପକଣ୍ଠ ଘୁଲିପାଲି ନିବାସୀ ଆଶିଷ ଭୋଇ(୧୯) ଏବଂ ବରହମଚାରୀ ନିବାସୀ ବିକାଶ ବାଗ(୧୯)। ପୋଲିସ ସେମାନଙ୍କ ବିରୋଧରେ ଦଫା ୩୦୨, ୩୬୪ କ୍ରମେ ଏକ ମାମଲା (ନଂ.୭୮/୧୯) ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ରବିବାର ରାତ୍ରି ପ୍ରାୟ ୮ଟାରେ କୋର୍ଟଚାଲାଣ କରିଛି । ସେଠାରୁ ଉଭୟ ଅଭିଯୁକ୍ତଙ୍କୁ ବରଗଡ଼ ସବଜେଲକୁ ପଠାଇ ଦିଆଯାଇଛି । ହତ୍ୟାକାଣ୍ଡରେ ବ୍ୟବହୃତ ବାଇକ୍, କଇଁଚି ଏବଂ ଛୁରୀକୁ ପୋଲିସ ଜବତ କରିଛି । ମୋବାଇଲକୁ ନେଇ ଉପୁଜିଥିବା ଗଣ୍ଡଗୋଳରୁ ଅଭିଯୁକ୍ତମାନେ ଏହି ହତ୍ୟାକାଣ୍ଡ ଘଟାଇଥିବା ତଦନ୍ତ ବେଳେ ଜଣାପଡ଼ିଛି । ଅନ୍ୟପଟେ ମୃତ ନାବାଳକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ଏବଂ ଭରଣପୋଷଣ ଦାବିରେ ଅପରାହ୍ନ ପ୍ରାୟ ଅଢ଼େଇଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବରଗଡ଼ ଗାନ୍ଧୀଛକରେ ମୃତକଙ୍କ ପରିବାରବର୍ଗ ଓ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ଏସ୍‌ଡିପିଓ କ୍ଷୀରସାଗର ନାଏକ ସେମାନଙ୍କୁ ବୁଝାଶୁଝା କରିବା ପରେ ସେମାନେ ଆନ୍ଦୋଳନରୁ ଓହରିଥିଲେ ।

ଏହି ହତ୍ୟାକାଣ୍ଡ ନେଇ ରବିବାର ରାତି ପ୍ରାୟ ସାଢ଼େ ୭ଟାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ନାଏକ ସୂଚନା ଦେଇ କହିଥିଲେ, ଆଶିଷ ଓ ବିକାଶ ଇନେଶଙ୍କୁ ଏକ ବାଇକ ଯୋଗେ କୁଆଡ଼େ ନେଇ ଯାଇଥିବା ତାଙ୍କ ମା' ସୁନନ୍ଦା ଗତ ୧୫ ତାରିଖରେ ବରଗଡ଼ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଏକ ମାମଲା ରୁଜୁ କରି ଅନୁସନ୍ଧାନ ଚଳାଇଥିଲା । ରବିବାର ଇନେଶଙ୍କ ମୃତଦେହ ମିଳିବା ପରେ ପୋଲିସ ଆଶିଷ ଓ ବିକାଶଙ୍କୁ ସନ୍ଦେହରେ ଥାନାକୁ ଆଣି ଜେରା କରିଥିଲା । ଜେରା ବେଳେ ମୋବାଇଲକୁ ନେଇ ଅଭିଯୁକ୍ତ ଦ୍ୱୟ ଇନେଶଙ୍କୁ ହତ୍ୟା କରିଥିବା ଜଣାପଡ଼ିଥିଲା । ଇନେଶଙ୍କ ପାଖରେ ଥିବା ମୋବାଇଲକୁ ଆଶିଷ ତାଙ୍କର ବୋଲି ଦାବି କରିଥିଲେ । କିନ୍ତୁ ଇନେଶ ତାହା ତାଙ୍କୁ ଦେଇ ନ ଥିଲେ ଏବଂ ମୋବାଇଲ ସମ୍ପର୍କିତ କାଗଜାତ ଦେଖାଇଲେ ଯାଇ ଦେବେ ବୋଲି ଆଶିଷଙ୍କୁ କହିଥିଲେ । ଫଳରେ ଆଶିଷ କାଗଜାତ ଆଣିବାକୁ ଯାଇ ଏକ କଇଁଚି, ଛୁରୀ ଏବଂ ଟାଙ୍ଗିଆ ଧରି ସେଠାକୁ ପହଞ୍ଚିଥିଲେ ଏବଂ ଇନେଶଙ୍କୁ ଆକ୍ରମଣ କରିଥିଲେ । ଏହାସତ୍ତ୍ୱେ ଇନେଶ ମୋବାଇଲ ଦେଇ ନ ଥିଲେ । ଫଳରେ ଅଭିଯୁକ୍ତ ଆଶିଷ ଓ ବିକାଶ ଇନେଶଙ୍କୁ ଏକ ବାଇକ୍‌ରେ ବସାଇ ଥାନାକୁ ନେବା ଆଳରେ ପି.ସି ବ୍ରିଜ୍‌କୁ ନେଇଥିଲେ ଏବଂ ବ୍ରିଜ ଉପରୁ ତାଙ୍କୁ ଠେଲି ହତ୍ୟା କରିଥିଲେ ବୋଲି ଏସ୍‌ଡିପିଓ ନାଏକ କହିଥିଲେ ।

# କେନ୍ଦ୍ରମନ୍ତ୍ରୀଙ୍କ ଅଭିଯୋଗର ଜବାବ ରଖିଲା ବିଜେଡି

**ଭୁବନେଶ୍ୱର,୧୭।୨(ବ୍ୟୁରୋ)**

ରବିବାର ଭଦ୍ରକରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଗୃହମନ୍ତ୍ରୀ ରାଜନାଥ ସିଂ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରିଛନ୍ତି। ବିଶେଷ କରି କେନ୍ଦ୍ରମନ୍ତ୍ରୀ ପ୍ରଧାନ ଅଧିକ ଆକ୍ରମଣାତ୍ମକ ଶୈଳୀ ଆପଣେଇଛନ୍ତି। ଦୀର୍ଘଦିନ ଧରି ବିଜେଡି ଶାସନରେ ରହିବା ପରେ ମଧ୍ୟ ରାଜ୍ୟର ସର୍ବାଙ୍ଗୀନ ବିକାଶ ହୋଇ ନ ଥିବା ସେ ଅଭିଯୋଗ କରିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ଏହି ଅଭିଯୋଗକୁ ବିଜେଡି ପକ୍ଷରୁ ଖଣ୍ଡନ କରାଯାଇଛି। ଦଳର ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ପ୍ରଧାନ ଜଣେ ଅଭ୍ୟାସଗତ ମିଛୁଆ। ଧାନର ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ୨୯୩୦ କାହିଁକି ଦିଆଗଲା ନାହିଁ। ବ୍ରାହ୍ମଣୀ ନଦୀରେ ଦ୍ୱିତୀୟ ସେତୁ କଥା ଭୁଲିଗଲେ। ୨୦୧୪ ନିର୍ବାଚନରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ତାହା କ୍ଷମତାରେ ଥିବା ସତ୍ତ୍ୱେ ମଧ୍ୟ ପୂରଣ କରାଗଲା ନାହିଁ। ତେଣୁ କେନ୍ଦ୍ରମନ୍ତ୍ରୀ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରିବା ପୂର୍ବରୁ ନିଜ କଥା ଚିନ୍ତାକରନ୍ତୁ ବୋଲି ସସ୍ମିତ କହିଛନ୍ତି।

## କଠୋର ହେଲା...

ସମ୍ବୋଧିତ କରି କହିଛନ୍ତି, ୧୯୮୯ରେ ଜମ୍ମୁ-କଶ୍ମୀରରେ ଆତଙ୍କବାଦ ମୁଣ୍ଡ ଟେକିବା ପରେ ପାକିସ୍ତାନ ସମର୍ଥିତ ଏତେବଡ଼ ଆତଙ୍କବାଦୀ ଆକ୍ରମଣ କେବେ ଘଟି ନ ଥିଲା। ଯାହା ଆପଣଙ୍କ ହୃଦୟରେ ଅଛି, ସେହି ନିଆଁ ମୋ ହୃଦୟରେ ମଧ୍ୟ ଜଳୁଛି ବୋଲି ମୋଦି ନିଜ ଭାବାବେଗ ପ୍ରକାଶ କରିଛନ୍ତି। ସେପଟେ ଶହୀଦ ଯବାନଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ ନେଇ ସାମାଜିକ ଗଣମାଧ୍ୟମରେ ଅରୁଚିକର ଓ ବିଭ୍ରାନ୍ତିକର ଫଟୋ ଭାଇରାଲ ହେବାରେ ଲାଗିଛି। ଏହାକୁ ଧ୍ୟାନରେ ରଖି ସିଆର୍‌ପିଏଫ୍ ଏକ ଆଡ୍‌ଭାଇଜରି ଜାରି କରିଛି। ସୁରକ୍ଷା ବଳ ଏକଜୁଟ ହୋଇ ରହିଥିବାବେଳେ ଦୁର୍ବୃତ୍ତମାନେ ଘୃଣା ବିସ୍ତାର ପାଇଁ ଅନ୍‌ଲାଇନ୍‌ରେ ଜାଲ୍ ଫଟୋ ପୋଷ୍ଟ କରୁଛନ୍ତି। ଏଭଳି ଫଟୋ ବା ପୋଷ୍ଟ ବିସ୍ତାର/ଶେୟାର/ ଲାଇକ୍ କରିବାକୁ ସିଆର୍‌ପିଏଫ୍ ଟୁଇଟର୍‌ରେ ଅନୁରୋଧ କରିଛି। ଆକ୍ରମଣ ପରେ କଶ୍ମୀରୀ ଛାତ୍ରୀଛାତ୍ରଙ୍କୁ ହଇରାଣ କରାଯାଉଥିବା ନେଇ ମିଥ୍ୟା ଖବର ପରିବେଷଣକୁ ମଧ୍ୟ ସିଆର୍‌ପିଏଫ୍ ନାପସନ୍ଦ କରିଛି।

ଆତଙ୍କବାଦୀମାନେ ସୁରକ୍ଷା ବଳକୁ ଆକ୍ରମଣ କଲେ ସିନା, ହେଲେ ଭାରତର ମୁକାବିଲା ରଣନୀତିରେ ଛାନିଆ ହୋଇଯାଇଛନ୍ତି। ପିଓକେର ଲଞ୍ଚ୍‌ପ୍ୟାଡ୍‌ଗୁଡ଼ିକରେ ଥିବା ହିଜ୍‌ବୁଲ୍, ଲଷ୍କର ଓ ଜୈଶ୍ ଆତଙ୍କବାଦୀମାନେ ଆଉ ଏକ ସର୍ଜିକାଲ୍ ଷ୍ଟ୍ରାଇକ୍ ହେବା ଆଶଙ୍କାରେ ଛତ୍ରଭଙ୍ଗ ଦେଇଛନ୍ତି। ନିୟନ୍ତ୍ରଣରେଖା (ଏଲ୍‌ଓସି) ସେପଟ କହୁଟା, ଲିପା ଚକୋଠି, ବାରକୋଟ୍, ଶାର୍ଡି ଓ ଜୁରା ଅଞ୍ଚଳର ଆତଙ୍କବାଦୀମାନେ ପାକିସ୍ତାନୀ ସେନା ଶିବିରରେ ଏବେ ଆଶ୍ରୟ ନେଇଛନ୍ତି। ମିଳିଥିବା ସୂଚନାନୁସାରେ ଭାରତ-ପାକିସ୍ତାନ ସୀମାର ୫୦୦ ମିଟର ଦୂରରେ ଥିବା ୨୭ଟି ଲଞ୍ଚ୍‌ପ୍ୟାଡ୍‌ରେ ୫୭ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ରହିଥିଲେ। ୨୦୧୬ ସେପ୍ଟେମ୍ବରରେ ଉରି ଆକ୍ରମଣ ପରେ ଭାରତୀୟ ସେନାର ସର୍ଜିକାଲ ଷ୍ଟ୍ରାଇକ୍ ଏହି ଅଞ୍ଚଳଗୁଡ଼ିକରେ ହୋଇଥିଲା। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଥିଲେ। ସଦ୍ୟ ଆକ୍ରମଣ ପରେ ଭାରତ ପାକିସ୍ତାନଠାରୁ ସର୍ବାଧିକ ଅନୁଗୃହୀତ ରାଷ୍ଟ୍ର (ଏମ୍‌ଏଫ୍‌ଏନ୍) ମାନ୍ୟତା ପ୍ରତ୍ୟାହାର କରିବା ସହ ପଡ଼ୋଶୀ ଦେଶରୁ ଆସୁଥିବା ସାମଗ୍ରୀଗୁଡ଼ିକ ଉପରେ ସୀମା ଶୁଳ୍କକୁ ୨୦୦%କୁ ବୃଦ୍ଧି କରିଛି। ଏହାସହ ପାକିସ୍ତାନକୁ ଏକଘରିକିଆ କରିବା ଲାଗି ବିଶ୍ୱ ସମୁଦାୟ ଉପରେ ମଧ୍ୟ ନୂଆଦିଲ୍ଲୀ ଚାପ ପକାଉଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ କେନ୍ଦ୍ର ସରକାର ଜନାକ୍ରୋଶକୁ ସମ୍ମାନ ଦେଇ ପାକିସ୍ତାନ ବିରୋଧରେ ଆଉ କେତେକ ବଡ଼ ନିଷ୍ପତ୍ତି ନେଇପାରନ୍ତି ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।

## ସ୍ଥାୟୀ ସରକାର...

ଅବତରଣ କରିଥିଲେ। ସେଠାରେ ଭାଜପା ପକ୍ଷରୁ ଆୟୋଜିତ ଉତ୍ତର ଓଡ଼ିଶା ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗଦେଇ ଶହୀଦଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, ଯବାନଙ୍କ ବଳିଦାନ ବ୍ୟର୍ଥ ଯିବନି। ଠିକ୍ ସମୟରେ ପାକିସ୍ତାନକୁ ଉଚିତ ଜବାବ ଦିଆଯିବ। ଆତଙ୍କବାଦୀଙ୍କ ଏଭଳି ହମ୍‌ଲାର ମୁହଁତୋଡ ଜବାବ ନିଶ୍ଚୟ ଭାରତ ଦେବ କହି ୧ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏହାପରେ ସ୍ୱରାଷ୍ଟ୍ରମନ୍ତ୍ରୀ ସିଂ ଦଳୀୟ ବୁଥ୍‌ସ୍ତରର କାର୍ଯ୍ୟକର୍ତ୍ତାଙ୍କୁ ଆଗାମୀ ନିର୍ବାଚନ ପାଇଁ ଗୁରୁମନ୍ତ୍ର ଦେବା ଆରମ୍ଭ କରିଥିଲେ। ସେ କହିଥିଲେ ବିକାଶ ପୁରୁଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଶ୍ରେଷ୍ଠ ୧୦ ଦେଶ ମଧ୍ୟରେ ଏବେ ଭାରତ ୫ମ ସ୍ଥାନ ଅଧିକାର କରିସାରିଛି। ୨୦୩୦ ସୁଦ୍ଧା ୧୦ ବିକାଶ ରାଷ୍ଟ୍ର ମଧ୍ୟରେ ଭାରତ ୩ୟ ସ୍ଥାନ ଅଧିକାର କରିବ। ବିଶ୍ୱରେ ଭାରତ ସୁପର୍ ଇକୋନୋମିକ ପାୱାର ରାଷ୍ଟ୍ର ଭାବେ ପରିଗଣିତ ହେବ। କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କର ମୋଦିଙ୍କ ପ୍ରତି ଥିବା ଆକ୍ଷେପକୁ ସେ କଡ଼ା ସମାଲୋଚନା କରିଥିଲେ। ସେ ରାହୁଲଙ୍କ 'ଚୌକିଦାର ଚୋର୍ ହେଁ' ବକ୍ତବ୍ୟକୁ କଟାକ୍ଷ କରିଥିଲେ। ଚୌକିଦାର ଚୋର୍ ନେହିଁ, ପିଓର ହେଁ, ଅଗଲେବାର ଆନା ସିଓର ହେ କହି ସମାଲୋଚନା କରିଥିଲେ। ଏପରିକି 'କୋଇ ମାଇକାଲାଲ ନେହିଁ ଜୋ ମୋଦି କେ ପର ଅଙ୍ଗୁଠି ଦିଖାଏ' ବୋଲି କହିଥିଲେ। ଆସନ୍ତା ନିର୍ବାଚନରେ ମୋଦି ଶାସନକୁ ଆସିବା ନିଶ୍ଚୟ ବୋଲି ସେ ଦମ୍ଭୋକ୍ତି ବାଢ଼ିଥିଲେ। ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଗାଁର ବିକାଶ ପାଇଁ ସଡକ, ବିଦ୍ୟୁତ୍ ସଂଯୋଗ ଭଳି ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଥିଲା ଐତିହାସିକ ପଦକ୍ଷେପ। ଏହାବ୍ୟତୀତ ଓଡ଼ିଶାର ସଂଗ୍ରାମୀଙ୍କ ବଳିଦାନର ଗାଥା ନିଆରା। ଏଠି ସମ୍ରାଟ ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକ ପାଲଟିଥିଲେ। ଏଣୁ ଏ ମାଟି ମହାନ୍। ରାଜ୍ୟରେ ଏଥର ନବୀନ ସରକାର ବଦଳିବା ଦରକାର। ରାଜ୍ୟରେ ଭାଜପା ସରକାର ଆସିଲେ ଦେଢ଼ଗୁଣା ହେବ ଏମ୍‌ଏସ୍‌ପି। କୃଷି ଓ କୃଷକ ବିକାଶ ଲାଗି ଅନେକ ଯୋଜନା କାର୍ଯ୍ୟକାରୀ ହେବ। କୃଷକଙ୍କ ଉତ୍ପାଦିତ ମୂଲ୍ୟ ୨ ଗୁଣା କରାଯିବ। ଆମେ ଲୋକଙ୍କ ଆଖିରେ ଧୂଳି ଦେଇ ରାଜନୀତି କରିବୁ ନାହିଁ। ଲୋକଙ୍କ ମୁହଁର କଥାକୁ କାର୍ଯ୍ୟରେ ପରିଣତ କରିବୁ। ଏଭଳି ଅନେକ ବିକାଶର ସ୍ୱପ୍ନ ଦେଖାଇଥିଲେ ମନ୍ତ୍ରୀ ରାଜନାଥ ସିଂ।

ଏହାପରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ବକ୍ତବ୍ୟ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କଡ଼ା ସମାଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ଅନେକ ଯୋଜନାକୁ ହାଇଜାକ୍ କରି ନବୀନ ବାହୁସ୍ଫୋଟ ମାରୁଛନ୍ତି। ଆୟୁଷ୍ମାନ ଯୋଜନା, କୋଷ୍ଟାଲ ହାଇୱେ, ଭଦ୍ରକରେ ଟେକ୍ସଟାଇଲ ପାର୍କ ଆଦି ଯୋଜନାରେ ବାଧକ ସାଜିଛନ୍ତି ରାଜ୍ୟ ସରକାର। ମୋଦିଙ୍କ ବିକାଶମୂଳକ ଯୋଜନାରେ ରାଜ୍ୟ ସରକାର ପ୍ରତିବନ୍ଧକ ସାଜିଛନ୍ତି। ବୁଥ୍‌ସ୍ତରୀୟ କର୍ମକର୍ତ୍ତା ଆଜିଠାରୁ ସଂକଳ୍ପ ନେଇ ଆଗାମୀ ନିର୍ବାଚନରେ କିଭଳି ଶାସନ ଗାଦି ଅକ୍ତିଆର କରାଯିବ ସେଥିପାଇଁ ପ୍ରସ୍ତୁତ ରହିବାକୁ ସେ ପରାମର୍ଶ ଦେଇଥିଲେ।

ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ସଂସଦୀୟ କ୍ଷେତ୍ରର ୭୨୨୪ଟି ବୁଥ୍‌ର ସଭାପତି, ପ୍ରଭାରୀ, ସମସ୍ତ ଶକ୍ତିକେନ୍ଦ୍ର ପ୍ରମୁଖ, ସହପ୍ରମୁଖ ଓ ପ୍ରଭାରୀ, ମଣ୍ଡଳ ଓ ଜିଲା ପଦାଧିକାରୀ, କାର୍ଯ୍ୟକାରିଣୀ ସଦସ୍ୟ, ୭ଟି ମୋର୍ଚ୍ଚାର ଜିଲା ଓ ମଣ୍ଡଳସ୍ତରୀୟ କାର୍ଯ୍ୟକର୍ତ୍ତା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓ ବରିଷ୍ଠ ନେତୃବୃନ୍ଦ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ସଭାପତିତ୍ୱ କରିଥିଲେ। ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ପୂର୍ବତନ ବିଧାୟକ ପ୍ରତାପ ଷଡ଼ଙ୍ଗୀ, ରାଜ୍ୟ ସଭାପତି ବସନ୍ତ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜକିଶୋର ଦାସ, ରାଜ୍ୟ ମହିଳା ଉପସଭାନେତ୍ରୀ ସୁକେଶୀ ଓରାମ ପ୍ରମୁଖ ଯୋଗ ଦେଇଥିଲେ।

## ଆଜି ଦେଶବ୍ୟାପୀ...

ସୁଧାକର ପଣ୍ଡା ସୂଚନା ଦେଇଛନ୍ତି। ଔଷଧ ଏବଂ ପେଟ୍ରୋଲ ଟାଙ୍କିକୁ ବନ୍ଦ ପାଳନରୁ ବାଦ୍ ଦିଆଯାଇଛି। ସେହିଭଳି ସଂଘ ପକ୍ଷରୁ ବନ୍ଦ ପାଳନ ବେଳେ ବ୍ୟବସାୟୀମାନେ ସାରା ଦିନ ଉପବାସରେ ରହିବେ ଏବଂ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାର କରିବେ ବୋଲି ସିଏଆଇଟି ମହାସଚିବ ପ୍ରବୀଣ ଖଣ୍ଡେଲୱାଲ୍ ପ୍ରକାଶ କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## କାମ ନ ସରୁଣୁ...

ତଥା ରେଳଯାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି କରିବ।
ସୂଚନାଯୋଗ୍ୟ ଯେ, ୨୦୧୮ ମାର୍ଚ୍ଚ ୩୧ସୁଦ୍ଧା ନୂଆଗାଁକୁ ଯାତ୍ରୀବାହୀ ରେଳ ଚଳାଚଳ କରିବ ବୋଲି ନୟାଗଡ ଗସ୍ତ ଅବସରରେ ତତ୍କାଳୀନ ବିଭାଗୀୟ ମନ୍ତ୍ରୀ ଘୋଷଣା କରିଥିଲେ। କିନ୍ତୁ ବର୍ତ୍ତମାନ ନୟାଗଡ଼ ରେଳ ଷ୍ଟେଶନଠାରୁ ରେଲୱେ ଟ୍ରାକ ପକାଯାଉଛି। ତେଣୁ ୨୦୧୯ ମସିହାରେ ନୂଆଗାଁକୁ ଟ୍ରେନ୍ ଗଡ଼ିପାରିବ କି ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି। ଏ ନେଇ ରେଳପଥ ନିର୍ମାଣ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ସହ ଫୋନରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ୍ ଗ୍ରହଣ କରି ନ ଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କ ପ୍ରତି ସାବଧାନ - ଯୋଗାଯୋଗ କରନ୍ତୁ -
7310612716, 7310616567
SCO- 106, Second Floor, Vishal Tower, Cannaught Place, Delhi.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ଋଣ ଧମାକା - ଋଣ ଧମାକା
ଧନଲକ୍ଷ୍ମୀ ଫାଇନାନ୍ସ
ପଞ୍ଜୀକୃତ କମ୍ପାନୀ ଦ୍ୱାରା GOVT. APPROVED
ପ୍ରପର୍ଟି, ପର୍ସନାଲ ଆଧାରକାର୍ଡ, ବ୍ୟବସାୟ ଗୃହ, ମାର୍କଶିଟ୍
ସବୁ ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
ଖର୍ଚ୍ଚ କମ୍ପାନୀର ଆପ୍ରୁଭାଲ ଲେଟର୍ ଆସିବା ପରେ
ସୁଧ 1% - ରିହାତି 40%
ମହିଳାଙ୍କ ପାଇଁ ବିଶେଷ ରିହାତି
07011421752
08826373383
House No.2, Ram Nagar, Narnol, Haryana

## ସଂକ୍ଷେପରେ

### ଭାଜପା ଜନ ଅଦାଲତ

**ବାଲେଶ୍ୱର ଅଫିସ,୧୭।୨:** ବାଲେଶ୍ୱର ପରମିଟ୍ ପଡ଼ିଆରେ ଭାଜପା ପକ୍ଷରୁ ରାଜ୍ୟ ସରକାରଙ୍କ ବିରୋଧରେ ଶନିବାର ସନ୍ଧ୍ୟାରେ ଜନ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜନତାଙ୍କ ସାମ୍ନାରେ ୧୯ବର୍ଷର ହିସାବ ନିକାଶ ଏହି ଅଦାଲତରେ ବିଚାର କରାଯାଇଥିଲା। ୨୦୧୯ ନିର୍ବାଚନରେ ଭ୍ରଷ୍ଟାଚାର, ଅପାରଗତ ଶାସକଙ୍କୁ ହରାଇବାକୁ ଆଇନଜୀବୀ ହରେକୃଷ୍ଣ ଦାସ ବିଚାରପତି ଭାବେ ଯୋଗଦେଇ ଆଦେଶ ଦେଇଥିଲେ। ସିନେ ତାରକା ଅନୁ ଚୌଧୁରୀ ପରିଚାଳନା କରିଥିବା ବେଳେ ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଷଡ଼ଙ୍ଗୀ, ରାଜ୍ୟ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲାସଭାପତି ମଦନମୋହନ ଦତ୍ତ, ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରୁ ଚିତ୍ତରଞ୍ଜନ ପଣ୍ଡା, ଜଳେଶ୍ୱରରୁ ନନୀଗୋପାଳ ଦାସ, ବସ୍ତାରୁ ରବୀନ୍ଦ୍ର ଜୈନ, ବଡ଼ସାହିରୁ ବୃନ୍ଦାବନ ଦାସ ଓ ଜାମିନକାନ୍ତ ନାୟକ ପ୍ରମୁଖ ଅଭିଯୋଗ ଉଠାଇଥିଲେ।

### ବିଶ୍ୱ ହିନ୍ଦୁ ପରିଷଦ ସାରସ୍ୱତ ସମାବେଶ

**ବାଲେଶ୍ୱର ଅଫିସ,୧୭।୨:** ବିଶ୍ୱ ହିନ୍ଦୁ ପରିଷଦ ବାଲେଶ୍ୱର ଜିଲା ଶାଖା ପକ୍ଷରୁ ସାରସ୍ୱତ ସମାବେଶ ଓ ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଛି। ମୁଖ୍ୟବକ୍ତା ଭାବେ ବିଶ୍ୱ ହିନ୍ଦୁ ପରିଷଦ କେନ୍ଦ୍ରୀୟ ପ୍ରବନ୍ଧକ ସମିତିର ସଦସ୍ୟ ଗୌରୀ ପ୍ରସାଦ ରଥ ଯୋଗଦେଇ ଭାରତର ସଂସ୍କୃତିର ରକ୍ଷା ଏବଂ ହିନ୍ଦୁତ୍ୱର ଉତ୍ଥାନ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଜିଲା ଉପଦେଷ୍ଟା ହରିହର ବିଶ୍ୱାଳ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ହିନ୍ଦୁତ୍ୱ ଓ ରାଷ୍ଟ୍ରୀୟତ କବିତା ପାଠ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ହିନ୍ଦୁ ପରିଷଦ ଜିଲା ସମ୍ପାଦକ ସଞ୍ଜୟ ମହାପାତ୍ରଙ୍କ ସହ ଜିଲା ସତ୍‌ସଙ୍ଗ ପ୍ରମୁଖ ବଳଭଦ୍ର ଶତପଥି, ଜିଲା ସେବା ପ୍ରମୁଖ ରଜନୀକାନ୍ତ ଶତପଥି, ଜିଲା ବଜରଙ୍ଗ ଦଳ ପ୍ରମୁଖ ଅଜୟ ପରିଡ଼ା, ବରିଷ୍ଠ ଆଇନଜୀବୀ ସୁଧାକର ପାଢ଼ି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ସଞ୍ଚାଳନ କରିଥିଲେ।

# 'କାର୍ଯ୍ୟକାରୀ ହେଉନି ଏନ୍‌ଜିଟି ଆଦେଶ'

**ଜଳେଶ୍ୱର, ୧୭।୨(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ତହସିଲ ଅଧୀନ ସେକ୍‌ସରାଇ ମୌଜା ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ବାଲିଘାଟରୁ ସମସ୍ତ ଆଇନକୁ ଜଳାଞ୍ଜଳି ଦେଇ ବେଆଇନ ବାଲି ଉତ୍ତୋଳନକୁ ସେକ୍‌ସରାଇ ଗ୍ରାମବାସୀ ବିରୋଧ କରିଛନ୍ତି। ଏନେଇ ଗ୍ରାମର ହରିପଦ ମାନ୍ନା, ସୁବଳଚନ୍ଦ୍ର ସାହୁ ଓ ପଦ୍ମଲୋଚନ ପାଲ ସମୂହ ଭାବେ ନୂଆଦିଲ୍ଲୀସ୍ଥିତ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ପ୍ରିନ୍ସିପାଲ ବେଞ୍ଚରେ ଏକ ଆବେଦନ (ଓଏ ନଂ.୫୨/୨୦୧୮) କରିଥିଲେ। ଉକ୍ତ ଆବେଦନ ଅନୁଯାୟୀ ପ୍ରିନ୍ସିପାଲ ବେଞ୍ଚ ଅଧୀନ କୋର୍ଟ ନଂ.୩ ରେ ଅବସ୍ଥାପିତ କୋରମ ବାଲେଶ୍ୱର ଜିଲାପାଳଙ୍କୁ ସେକ୍‌ସରାଇ ବାଲିଘାଟକୁ ପରିଦର୍ଶନ କରି ବେଆଇନ କାର୍ଯ୍ୟକୁ ନିଷିଦ୍ଧ କରିବା ପାଇଁ ସ୍ପଷ୍ଟ ଆଦେଶ ଦେଇଛନ୍ତି। ଏଥିସହିତ ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଜଷ୍ଟିସ୍ ଆର୍. କେ. ମେରାଥିଆଙ୍କ ନେତୃତ୍ୱରେ ଗଠିତ କମିଟି ସମ୍ମୁଖରେ ଉକ୍ତ ଆବେଦନର ନକଲ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଆଦେଶ ଅନୁଯାୟୀ ଶନିବାର ବାଲେଶ୍ୱର ଜିଲାପାଳ ରମେଶଚନ୍ଦ୍ର ରାଉତ ନିଜ ସହିତ ଅନ୍ୟ ଅଧିକାରୀମାନଙ୍କୁ ନେଇ ସେକ୍‌ସରାଇ ବାଲିଘାଟରେ ପହଞ୍ଚି ପରିଦର୍ଶନ କରିଥିଲେ। ଏହି ସମୟରେ ବାଲିଘାଟର ଲିଜ୍‌ଧାରୀ ମଧୁସୂଦନ ଦାସ ତାଙ୍କ ସମର୍ଥକମାନଙ୍କ ସହିତ ଉପସ୍ଥିତ ରହି ଜିଲାପାଳଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଏହି ସମୟରେ ସମ୍ପୃକ୍ତ ବାଲିଘାଟରୁ ବାଲି ଉତ୍ତୋଳନ ବନ୍ଦ ରହିବା ସହିତ କୌଣସି ବାଲି ବୋଝେଇ ଯାନବାହନ ଚଳାଚଳ ଗାଁ ରାସ୍ତାରେ କରି ନ ଥିଲା। ରବିବାର ସନ୍ଧ୍ୟାରେ ଆବେଦନକାରୀମାନଙ୍କ ସମେତ ସେକ୍‌ସରାଇ ଗ୍ରାମର ମୁଖ୍ୟ ନରେଶଚନ୍ଦ୍ର ଦାସ, ୱାର୍ଡ଼ମେମ୍ବର ଖୋକନ ଜେନା, କୁମୁଦିନୀ ବେହେରା, ଗ୍ରାମବାସୀ ମାୟାଧର ଦାସ, ଅଶୋକ ସାହୁ, ରତିକାନ୍ତ ପଲାଇ, ସୁଦର୍ଶନ ମାଇତି ପ୍ରମୁଖ ଏକ ଖବରଦାତା ସମ୍ମିଳନୀ ଡାକି ଜିଲାପାଳଙ୍କ ଏତାଦୃଶ୍ୟ କାର୍ଯ୍ୟଶୈଳୀକୁ ନେଇ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି। ଜିଲାପାଳଙ୍କ ଗସ୍ତ ବିଷୟରେ ଆବେଦନକାରୀମାନେ ଅଜ୍ଞ ଥିବା ବେଳେ ଲିଜ୍‌ଧାରୀ କିଭଳି ଭାବେ ଉପସ୍ଥିତ ରହିଲେ ଆବେଦନକାରୀ ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ତେଣୁ ଏନ୍‌ଜିଟି ଆଦେଶକୁ ଜିଲାପାଳ କେତେ ମାତ୍ରାରେ କାର୍ଯ୍ୟକାରୀ କରିବେ ତାହା ଦେଖିବାକୁ ବାକି ରହିଲା ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।


ଖବରଦାତା ସମ୍ମିଳନୀରେ ଗ୍ରାମବାସୀ।

**ଅଭିଯୋଗ ଆଣିଲେ ସେକ୍‌ସରାଇବାସୀ**

# ଗାର୍ଡ଼ୱାଲର ୩ ସ୍ଥାନରେ ଫାଟ

**ନୀଳଗିରି, ୧୭।୨(ଡି.ଏନ୍.ଏ.)**

ନୀଳଗିରି ବ୍ଲକ ଅଧୀନ ଧୋବଶିଳା ପଞ୍ଚାୟତର ଆଗିରିଆ ଆଦିବାସୀ ବସ୍ତିରେ ଆମ ଗାଁ ଆମ ବିକାଶ ଯୋଜନାରେ ନିର୍ମାଣ ହୋଇଥିବା ଗାର୍ଡ ୱାଲ ନିମ୍ନମାନର କାମ ଯୋଗୁ ଫାଟିଯାଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏହି କାମ ସମ୍ପର୍କରେ ଫଳକରେ କିଛି ଉଲ୍ଲେଖ ମଧ୍ୟ ନାହିଁ। ଏହି କାମ ଚାଲିଥିବା ବେଳେ କୌଣସି ବିଭାଗୀୟ ଅଧିକାରୀ କାର୍ଯ୍ୟ ତଦାରଖ କରିବାକୁ ଆସି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କରାଯାଉ ବୋଲି କଟି ସିଂଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର କନିଷ୍ଠଯନ୍ତ୍ରୀ ନରେଶ ପରିଡାଙ୍କୁ ପଚାରିବାରେ ସେ ଅଭିଯୋଗକୁ ଖଣ୍ଡନ କରିଛନ୍ତି।

ଆଗିରିଆ ଆଦିବାସୀ ବସ୍ତିର ୬ଟି ପରିବାର ପୋଖରୀ ହୁଡାରେ ଯାତାୟାତ କରୁଥିଲେ। ପୋଖରୀ ହୁଡାଟି ପାଣିରେ ନଷ୍ଟ ହୋଇଯାଉଥିବାରୁ ଲୋକେ ଯାତାୟାତରେ ଅସୁବିଧାରେ ସମ୍ମୁଖୀନ ହେଉଥିଲେ। ପୋଖରୀ ହୁଡାର ସୁରକ୍ଷା ପାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଜରିଆରେ ଆମଗାଁ ଆମ ବିକାଶ ଯୋଜନାରେ ୨ଲକ୍ଷ ବ୍ୟୟ ଅଟକଳରେ ୧୦ଦିନ ଭିତରେ ଗାର୍ଡ ୱାଲ ନିର୍ମାଣ ହୋଇଛି। ହେଲେ ନିମ୍ନମାନର କାମ ହୋଇଥିବାରୁ ୱାଲର ୩ଟି ସ୍ଥାନରେ ଫାଟିଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ସରିଲା ସିମୁଳିଆ ମହୋତ୍ସବ

**ସିମୁଳିଆ, ୧୭।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ଷ୍ଟେଶନ ବଜାର ରାବଣପୋଡି ପଡିଆରେ ଗତ ୮ ତାରିଖରୁ ୫ଦିନ ବ୍ୟାପୀ ଚାଲିଥିବା 'ସିମୁଳିଆ ମହୋତ୍ସବ' ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଗୋକୁଳାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉତ୍ସବର ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଦିବସରେ ଅତିଥି ରୂପେ ବିଷ୍ଣୁମୋହନ ମହାନ୍ତି, ଯାତ୍ରାଜଗତ ହାସ୍ୟ ଅଭିନେତା ତଥା ସ୍ଥାନୀୟ ଅଞ୍ଚଳର ଦୟାନିଧି ଉପାଧ୍ୟାୟ ଯୋଗ ଦେଇଥିଲେ। ଏହି ଅବସରରେ 'କବି କବିତା ମହାକୁମ୍ଭ' ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳରୁ କବିମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କବି ଭରତ ଚନ୍ଦ୍ର ଦାଶ, ପ୍ରଦୀପ୍ତ କୁମାର ମହାନ୍ତି, ମହେନ୍ଦ୍ର ବାରିକ କବିତା ସଂଯୋଜନା କରିଥିଲେ। ତୃତୀୟ ଦିବସରେ ବ୍ଲକ ଅଧ୍ୟକ୍ଷା ଧରିତ୍ରୀ ମହାରଣା ଓ ସିମୁଳିଆ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଜୟ କୁମାର ପଣ୍ଡା ଯୋଗଦେଇଥିଲେ। ଯାତ୍ରାଜଗତ ଖଳନାୟକ ସଞ୍ଜୟ ଭୋଳ ଯୋଗଦେଇ ମନୋରଞ୍ଜନ କରିଥିଲେ। ଚତୁର୍ଥ ଦିବସରେ ଲୋକ ପ୍ରତିନିଧି ଶଶି କୁମାର ସାହୁ, ଅବସରପ୍ରାପ୍ତ ଜିଲାଜଜ୍ ସଞ୍ଜୟ ସ୍ୱାଇଁ ଯୋଗ ଦେଇଥିଲେ। ପଞ୍ଚମ ଦିବସରେ ଅତିଥି ରୂପେ ଡ. ଶରତଚନ୍ଦ୍ର ସାହୁ, ଆଗରପଡା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନାରାୟଣ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ଦୂରଦର୍ଶନ ତାରକା, ହାସ୍ୟ ଅଭିନେତା ଓ କଣ୍ଠଶିଳ୍ପୀମାନେ ଯୋଗଦେଇ ମନୋରଞ୍ଜନ କରିଥିଲେ। ବିଭିନ୍ନ ଦୋକାନ ବଜାର ସମେତ ମନୋହରି ଦୋକାନ ଦର୍ଶକମାନଙ୍କ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ଅପରପକ୍ଷେ କେତେକ ବ୍ୟବସାୟୀଙ୍କୁ ସମାଜସେବୀ ଆଖ୍ୟା ଦେବା, ଉତ୍ସବ ଆରମ୍ଭରେ ଅନୁଷ୍ଠାନ ସମ୍ପାଦକ ଇସ୍ତଫା ଦେବା ଓ ଗତ ୨୦ବର୍ଷ ଧରି ସିମୁଳିଆରେ ବିଦ୍ୟୁତ୍ ସମସ୍ୟାର ସମାଧାନ ହୋଇ ପାରୁ ନ ଥିବା ବେଳେ ବିଦ୍ୟୁତ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ସମ୍ମାନିତ କରାଯିବା, ଗତବର୍ଷର ସ୍ମରଣିକା 'ସମୁଜ୍ଜ୍ୱଳା' ଉପରେ ନୂଆକଭର ଲଗାଯାଇ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯିବା ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଇଛି।

### ବ୍ରାହ୍ମଣ ସମିତିର ପ୍ରତିଷ୍ଠା ଦିବସ

**ଖଇରା, ୧୭।୨(ଡି.ଏନ.ଏ.)**

ଖଇରା ଆଞ୍ଚଳିକ ବ୍ରାହ୍ମଣ ସମିତିର ପ୍ରତିଷ୍ଠା ଦିବସ ଓ ବିଶିଷ୍ଟ ପଣ୍ଡିତ ସ୍ୱର୍ଗତ ଶ୍ୟାମସୁନ୍ଦର ଶତପଥୀଙ୍କ ୧୦ମ ପୁଣ୍ୟତିଥି ଶୁକ୍ରବାର ଖଇରା ବ୍ଲକର ବିଦ୍ୟାଧରପୁର ଶାସନରେ ଅନୁଷ୍ଠିତ ହୋଇଯାଇଛି। ସମିତି ସ୍ଥାୟୀ ସଭାପତି ଜଳଧର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପତ୍ରୀ, ରାମଚନ୍ଦ୍ର ପଣ୍ଡା, ବିଭୂତି ଭୂଷଣ ତ୍ରିପାଠୀ, ବିଷ୍ଣୁମୋହନ ଶତପଥୀ, ସଂକୀର୍ତ୍ତନ ପଣ୍ଡା, ଅନାମନନ୍ଦ ଦାଶ, ବୁଦ୍ଧିରାମ ପାଣିଗ୍ରାହୀ, ମଧୁସୂଦନ ଆଚାର୍ଯ୍ୟ, ଡମ୍ବରୁଧର ପଣ୍ଡା, ଗୌରଚନ୍ଦ୍ର ପାଠୀ, କ୍ଷେତ୍ରମୋହନ ପାଣି ପ୍ରମୁଖ ବକ୍ତା ଭାବେ ଯୋଗ ଦେଇ ପ୍ରତ୍ୟହ ଗୀତା ଭାଗବତ ପାଠ କଲେ ପିଲାମାନେ ପଥଭ୍ରଷ୍ଟ ନ ହୋଇ ସଂସ୍କାରି ହୋଇପାରିବେ ବୋଲି ପ୍ରକାଶ କରିଥିଲେ।

# ଯୁବ ସମାଜ ସୁସ୍ଥ ଗଣତନ୍ତ୍ରର କର୍ଣ୍ଣଧାର



ଜିଲା ସମ୍ମିଳନୀରେ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦର କର୍ମକର୍ତ୍ତା।

**ବାଲେଶ୍ୱର ଅଫିସ, ୧୭।୨**

ଯୁବ ସମାଜ ସୁସ୍ଥ ଗଣତନ୍ତ୍ରର କର୍ଣ୍ଣଧାର ବୋଲି ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦର ଜିଲା ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ସ୍ୱଦେଶୀ ଜାଗରଣ ମଞ୍ଚର ରାଜ୍ୟ ସହ ସଂଯୋଜକ ଶ୍ୟାମସୁନ୍ଦର ମିଶ୍ର ଯୋଗଦେଇ କହିଛନ୍ତି। ବାଲେଶ୍ୱର ଗୋପାଳଗାଁସ୍ଥିତ ପ୍ରଜ୍ଞାଭାରତୀ ପଡ଼ିଆରେ ରବିବାର ଆୟୋଜିତ ଏହି ସମ୍ମିଳନୀରେ ଜିଲା ସଭାପତି ସୁବର୍ଣ୍ଣ କେଶରୀ ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ସଂଯୋଜକ ଶଶିକାନ୍ତ ମିଶ୍ର ଯୋଗଦେଇ ଗଣତନ୍ତ୍ରରେ ଶତପ୍ରତିଶତ ମତଦାନ ଏବଂ ନୋଟାକୁ ନାଁ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଏବିଭିପିର ରାଜ୍ୟ ସହ-ସମ୍ପାଦକ ଲକ୍ଷ୍ମୀନାରାୟଣ ନାୟକ ରାଷ୍ଟ୍ରବାଦର ସରକାର ଓ ଗଣତନ୍ତ୍ରରେ ଯୁବକମାନଙ୍କ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ନଗର ସମ୍ପାଦକ ସୁବ୍ରତ କୁମାର ମାଝି, ଜିଲା ଛାତ୍ରୀ ପ୍ରମୁଖ ସୌମାସ୍ୱରୂପା ଦାସ ଓ ଜିଲା ସହସମ୍ପାଦକ ରଜତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବାଲେଶ୍ୱର ଜିଲାର ନୀଳଗିରି, ସୋର, ଖଇରା, ସଦର ବ୍ଲକ, ରେମୁଣା, ରସାଲପୁର, ଜଳେଶ୍ୱର, ଭୋଗରାଇ ଆଦି ସ୍ଥାନରୁ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଥିଲେ। କହ୍ନେଇ ସୁନ୍ଦର ମହାନ୍ତି, ସାଇପ୍ରୀତମ୍ ମହାନ୍ତି, ମହେନ୍ଦ୍ର ପ୍ରତାପ ଜେନା, ସ୍ମୃତି ରଞ୍ଜନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମୟୂରଭଞ୍ଜ

### ଜେଏମ୍‌ଏମ୍ ଜିଲା ଉପସଭାପତି ବହିଷ୍କୃତ

**ବାରିପଦା ଅଫିସ,୧୭।୨:** ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ ହେମ୍ବ୍ରମଙ୍କ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲା ଉପସଭାପତି ଦିଲୀପ ଦାଶଙ୍କୁ ଦଳୀୟ ପଦବୀରୁ ବହିଷ୍କୃତ କରାଯାଇଛି । ଏ ସମ୍ପର୍କରେ ଦଳର ମୁଖପାତ୍ର ଅଜେନ ମୁର୍ମୁ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି । ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ଦଳ ପକ୍ଷରୁ ତାଙ୍କ ପ୍ରତି ଏପରି ନିଷ୍ପତ୍ତି ଗ୍ରହଣ କରାଯାଇଛି ।

### କୃତୀ ଛାତ୍ରୀଛାତ୍ର ପୁରସ୍କୃତ

**ଖୁଣ୍ଟା, ୧୭।୨(ଡି.ଏନ.ଏ.):** ଖୁଣ୍ଟା ବ୍ଲକ ଅଧୀନ ଡୁକୁରା ପଞ୍ଚାୟତର ଅଙ୍ଗାରକୁଣ୍ଡିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷକ ଅଜୟ କୁମାର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ପଣ୍ଡା, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ନାଏକ, ସମ୍ମାନିତ ଅତିଥି ଭାବେ ସିଆରସିସି ଜୟନ୍ତ ଦାସ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସବିତା କଟୁଆଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବର୍ଷରେ ସର୍ବାଧିକ ଉପସ୍ଥାନରେ ପ୍ରଥମ ଛାତ୍ରୀ ସାବିତ୍ରୀ ମୁର୍ମୁ ଓ ପରିଷ୍କାର ପରିଚ୍ଛନ୍ନତା ପାଇଁ ଛାତ୍ର କୁନୁ ସୋରେନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷକ ଗୋପୀନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ଭାଜପାର କର୍ମୀ ସମ୍ମିଳନୀ

**ବଡସାହି,୧୭।୨(ସ୍ୱ.ପ୍ର.)**-ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବଡ଼ସାହି ୨୪ନଂ ଜୋନର ସମସ୍ତ ପଞ୍ଚାୟତରେ ଥିବା ବୁଥ୍‌ସ୍ତରୀୟ କର୍ମକର୍ତ୍ତାଙ୍କୁ ନେଇ ଏକ କର୍ମୀସମ୍ମିଳନୀ ଦେଉଳିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ଅଭୟ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ମହିଳା ପୁରୁଷ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୨୪ନଂ ଜିଲାପରିଷଦ ସଦସ୍ୟା ମଧୁସ୍ମିତା ପରିଡା, ବଡସାହି ନିର୍ବାଚନ ମଣ୍ଡଳୀର ପ୍ରଭାରୀ ସୁବାସ ଚନ୍ଦ୍ର ପ୍ରଧାନ, ବ୍ରଜବନ୍ଧୁ ରାଉତ, ବୈଶିଙ୍ଗା ଜିଲା ପରିଷଦ ସଦସ୍ୟ ବ୍ରଜ ମୋହନ ବେହେରା ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଫଳତା ସମ୍ପର୍କରେ ଆଲୋକପାତ କରିଛନ୍ତି ।

# ଭଙ୍ଗା ଚାଳିଆରେ ଅଙ୍ଗନୱାଡ଼ି କେନ୍ଦ୍ର

**କପ୍ତିପଦା, ୧୭।୨(ଡି.ଏନ୍.ଏ.)**

ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ର ମାନଙ୍କରେ ଘଟୁଥିବା ଦୁର୍ଘଟଣାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପରିତ୍ୟକ୍ତ କେନ୍ଦ୍ର ଗୁଡ଼ିକୁ ବିପଦ ସଙ୍କୁଳ ଦର୍ଶାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ମୁତବକ ବିଭାଗ ପକ୍ଷରୁ ସମସ୍ତ ଶିଶୁ ବିକାଶ ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପରିତ୍ୟକ୍ତ ଗୃହ ଗୁଡ଼ିକରେ କେନ୍ଦ୍ର ଖୋଲା ନ ଯାଇ ଅନ୍ୟତ୍ର ଏହା କାର୍ଯ୍ୟକାରୀ ହେଉଅଛି। ବିଭାଗୀୟ ଅଧିକାରୀଙ୍କ ଉପଯୁକ୍ତ ତଦାରଖ ଓ ତାଗିଦର ଅଭାବ ପାଇଁ କେଉଁଠି ଗ୍ରାମ ସଂଯୋଜକ ଓ ଠିକାଦାର ମାନେ କାର୍ଯ୍ୟ ଅସମ୍ପୂର୍ଣ୍ଣ କରି ରଖିଛନ୍ତି ତ କେଉଁଠି ସ୍ଥାନ ବାଦ ବିବାଦକୁ ନେଇ ଗୃହ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ। ଯାହା ଫଳରେ ସମ୍ପୃକ୍ତ ପଞ୍ଚାୟତର ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

କପ୍ତିପଦା ବ୍ଲକ୍ ଅଧୀନ ମହିଳା ଓ ଶିଶୁ ବିକାଶ ଯୋଜନା ଅଧୀନରେ ବ୍ଲକ୍‌ର ୨୬ଟି ପଞ୍ଚାୟତକୁ ଆଠଟି ସେକ୍ଟରରେ ଭାଗ କରାଯାଇଛି। ଆଠ ଜଣ ସୁପରଭାଇଜର କାର୍ଯ୍ୟରତ ଥିବା ବେଳେ ମୋଟ ୨୨୪ଟି ଅଙ୍ଗନୱାଡ଼ି ଓ ୯୪ଟି ମିନି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ମୋଟ ୩୧୮ କେନ୍ଦ୍ରରୁ ୨୦୫ଟିରେ ସ୍ଥାୟୀ ଗୃହ ଥିବା ବେଳେ ସେଥିମଧ୍ୟରୁ ୨୫ଟିରୁ ଊର୍ଦ୍ଧ୍ୱ ପରିତ୍ୟକ୍ତ ଅବସ୍ଥାରେ ରହିଛି । ୧୧୩ଟି ଅଙ୍ଗନୱାଡ଼ି କେନ୍ଦ୍ରର ସ୍ଥାୟୀ ଗୃହ ନାହିଁ। ସେଥିମଧ୍ୟରୁ ୫୩ଟିରେ କାମ ଚାଲୁ ରହିଥିବାର ବିଭାଗ ସୂତ୍ରରୁ ଜଣାଯାଇଛି । କେଉଁଠି ଗାଁ ଭଙ୍ଗା ଚାଳିରେ ତ ଆଉ କେଉଁଠି କେଉଁ ବ୍ୟକ୍ତିର ଘର ବାରଣ୍ଡାରେ ଚାଲୁଥିବାର ଦେଖାଯାଇଛି। ଫଳରେ ଶିଶୁ, ଗର୍ଭବତୀ ଓ ପ୍ରସୂତି ମାନେ ବାର ଦ୍ୱାର ଶୁଙ୍ଘି ପିଣ୍ଡା ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଅଙ୍ଗନୱାଡ଼ିକୁ ମିଳୁଥିବା ଆବଶ୍ୟକୀୟ ଖାଦ୍ୟ, ଔଷଧ, ବିଭିନ୍ନ ଉପକରଣ ନିରାପଦରେ ରଖିବାରେ ଅସୁବିଧା ସୃଷ୍ଟି ହେବା ସହିତ ବାଟମାରଣା ମଧ୍ୟ ହେଉଛି। ଘର ନ ଥିବା ଯୋଗୁଁ ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ପିଲା, ଗର୍ଭବତୀ ଓ ପ୍ରସୂତୀଙ୍କ ଖାଦ୍ୟ ବଣ୍ଟନ, ମମତା ଦିବସ ପାଳନ, ୩ ବର୍ଷରୁ ୫ବର୍ଷ ପିଲାମାନଙ୍କୁ ପାଠ ପଢା ସହିତ ରନ୍ଧା ଖାଦ୍ୟ ପ୍ରଦାନର ବହୁ ଅସୁବିଧା ସୃଷ୍ଟି ହେଉଥିବା କର୍ମୀମାନେ ପ୍ରକାଶ କରିଛନ୍ତି। କେତେକ ସ୍ଥାନରେ ପାଣିର ସୁବିଧା ନ ଥିବାବେଳେ କେତେକ ସ୍ଥାନରେ ଟ୍ୟୁବୱେଲ୍ ଗୁଡିକରୁ ପିଇବା ଉପଯୋଗୀ ପାଣି ବାହାରୁ ନାହିଁ। ସହିପରି ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନା ଅଧିକାରୀଙ୍କ ସମେତ କାର୍ଯ୍ୟରତ ଆଠ ଜଣ ସୁପରଭାଇଜର ନିଜ ନିଜ ହେଡକ୍ୱାର୍ଟରରେ ରହିବାର ନିର୍ଦ୍ଦେଶନାମା ରହିଛି। ହେଲେ ସେକ୍ଟର ଗୁଡ଼ିକରେ କ୍ୱାର୍ଟର ନ ଥିବାରୁ କର୍ମଚାରୀମାନେ ହଇରାଣ ହେଉଛନ୍ତି। ସେହିପରି ବାଲିଡାହି, ଡାହିସାହି, ଚେମଚଟା ଓ କଷିଗଡିଆ ଅଙ୍ଗନୱାଡି କେନ୍ଦ୍ର ମାନଙ୍କରେ କର୍ମୀ ପଦବୀ ଫାଙ୍କା ପଡିଥିବା ବେଳେ କାଠଚୁଆ, ଅଶ୍ୱକୋଟୀ, ଖଳାସାହି, କୁସୁନପୁର, ଫୁଲବାଡିଆ, ଖୁଣ୍ଟାବିଲ ଓ ପେଡାଗଡି ହରିଜନ ସାହିରେ କେନ୍ଦ୍ର ମାନଙ୍କରେ ସହାୟିକା ପଦବୀ ଫାଙ୍କା ପଡିଛି। ଏ ସମ୍ପର୍କରେ ସିଡିପିଓ ମିତାରାଣୀ ବସାଙ୍କୁ ପଚାରିବାରୁ ସେ ଏହାକୁ ସ୍ୱୀକାର କରିବା ସହିତ ସ୍ଥାୟୀ ଗୃହ ଥିବା ୨୦୫ଟି ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟରୁ ମରାମତି ଅଭାବରୁ କେତେକ ମଧ୍ୟ ବ୍ୟବହାର ଅନୁପଯୋଗୀ ଅବସ୍ଥାରେ ରହିଛି ବୋଲି କହଛନ୍ତି। ଏତଦବ୍ୟତୀତ କେତେକ ଘର ତ୍ରୟୋଦଶ ଅର୍ଥ କମିଶନ, ବିଆରଜିଏଫ୍, ଆଇଏପି, ଷ୍ଟେଟ୍ ପ୍ଲାନ ଓ ଏମଜିଏନଆରଇଜିଏ ଯୋଜନାରେ ନିର୍ମାଣାଧୀନ ରହିଛି। ସରକାରଙ୍କ ଅନୁଦାନ ଆସିଲେ ଅନ୍ୟ କେନ୍ଦ୍ର ଗୁଡିକ ନିର୍ମାଣ ହେବ।



ପୋଡାଡିହାଠାରେ ଥିବା ପରିତ୍ୟକ୍ତ ଅଙ୍ଗନୱାଡି କେନ୍ଦ୍ର।

- ବିଭାଗୀୟ ଅଧିକାରୀଙ୍କ ଦଦାରଖ ଅଭାବ
- ୧୧୩ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ

### ଜିଲାସ୍ତରୀୟ ସତସଙ୍ଗ ପ୍ରସ୍ତୁତି

**ବାରିପଦା ଅଫିସ, ୧୭।୨**

ବାରିପଦା ସତସଙ୍ଗ ବିହାର ଆନୁକୂଲ୍ୟରେ ଚଳିତବର୍ଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ବାର୍ଷିକ ଉତ୍ସବ ସ୍ଥାନୀୟ ଛଉ ପଡିଆରେ ୨୪ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ନିରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଦେଓଘର ଆଶ୍ରମରୁ ଠାକୁରଙ୍କ ପରିବାରର ପୂଜନୀୟ ବିଙ୍କିଦାଦାଙ୍କ ସମେତ ପରିବାର ଲୋକେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବ୍ରାହ୍ମମୁହୂର୍ତ୍ତରେ ବେଦ ମାଙ୍ଗଳିକ, ପ୍ରତ୍ୟୁଷ ଉଷାକୀର୍ତ୍ତନ, ବିନତି ପ୍ରାର୍ଥନା, ଧର୍ମଗ୍ରନ୍ଥାଦି ପାଠ, ସଙ୍ଗୀତାଞ୍ଜଳି ଆଦି କାର୍ଯ୍ୟକ୍ରମ ରହିଛି। ଦିବା ୧୧ଘଟିକାରେ ଠାକୁରଙ୍କ ଭାବାଦର୍ଶ ସମ୍ବଳିତ ଧର୍ମସଭାରେ ଆଲୋଚକଙ୍କ ବକ୍ତବ୍ୟ ଥିବାବେଳେ ଅପରାହ୍ନରେ ଆନନ୍ଦ ବଜାରରେ ପ୍ରସାଦସେବନ, ମାତୃ ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ଜାତି, ବର୍ଣ୍ଣ, ଧର୍ମ, ସମ୍ପ୍ରଦାୟ, ଗୋଷ୍ଠୀ ନିର୍ବିଶେଷରେ ଅଗଣିତ ମହିଳାପୁରୁଷ ଯୋଗଦେବା ପାଇଁ ପରିଚାଳନା କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

### ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ଉପକରଣ ପ୍ରଦାନ

**ବାରିପଦା ଅଫିସ, ୧୭।୨**

ମୟୂରଭଞ୍ଜ ଜିଲ୍ଲା ଶ୍ରମ ବିଭାଗ ଆନୁକୂଲ୍ୟରେ ବାରିପଦା ଷ୍ଟେଶନ ବଜାର ଖେଳ ପଡ଼ିଆ ଠାରେ ନିର୍ମାଣ ଶ୍ରମିକ ସେବା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ୪୧୯୩ଜଣ ନିର୍ମାଣ ଶ୍ରମିକଙ୍କୁ ୨କୋଟି ୩୫ଲକ୍ଷ ୩୭ହଜାର ଟଙ୍କାର ବିଭିନ୍ନ ଉପକରଣ ପ୍ରଦାନ କରାଯାଇଛି। ଜିଲା ଶ୍ରମ ଅଧିକାରୀ ମୋନାଲିସା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ବିଧାନସଭା ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ଘାସିରାମ ମୁର୍ମୁ ଯୋଗଦେଇ ନିର୍ମାଣ ଶ୍ରମିକଙ୍କୁ ସାଇକେଲ ଠାରୁ ଆରମ୍ଭ କରି ବିଭିନ୍ନ ଉପକରଣ ପ୍ରଦାନ କରିଛନ୍ତି। ୧୮ଶହ ଶ୍ରମିକଙ୍କୁ ୭୦ଲକ୍ଷ୨୦ହଜାର ଟଙ୍କାର ସାଇକେଲ ପ୍ରଦାନ କରାଯାଇଥିବା ବେଳେ ୬୦ ଶ୍ରମିକଙ୍କ ମୃତ୍ୟୁ ପାଇଁ ୬୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ଓଡିଶା ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଉଭୟ ସଙ୍ଗଠିତ ଓ ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ଥିବା ଶ୍ରମିକମାନଙ୍କ ଆଇନଗତ ଅଧିକାରର ସୁରକ୍ଷା ପାଇଁ ସର୍ବଦା କାର୍ଯ୍ୟ କରିବା ସହ ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ନିର୍ମାଣ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ସ୍ୱରୂପ ବିଭିନ୍ନ କଲ୍ୟାଣମୂଳକ ପଦକ୍ଷେପ ଗ୍ରହଣ କରୁଛି ବୋଲି ଆଲୋଚନା ହୋଇଥିଲା। ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ମୟୂରଭଞ୍ଜ ଜିଲାରେ ଚଳିତ ବର୍ଷ ପ୍ରାୟ ୧୪ହଜାର୨ଶହ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କରାଯିବା ସହ ପ୍ରାୟ ୮୩୭୪ଜଣ ଶ୍ରମିକଙ୍କୁ ୫କୋଟି ୬୪ଲକ୍ଷ ୫୫ହଜାର ୬୭୨ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି।

### ବାର୍ଷିକ କ୍ରୀଡା ଉତ୍ସବ

**ବାଙ୍ଗିରିପୋଷି, ୧୭।୨(ଡି.ଏନ.ଏ.)**

ବାଙ୍ଗିରିପୋଷି ପ୍ରାଣୀ ଚିକିତ୍ସାଳୟ ପଡିଆରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବାଙ୍ଗିରିପୋଷି ନିର୍ବାଚନୀ ମଣ୍ଡଳର ବିଧାୟକ ସୁଦାମ ମାରାଣ୍ଡି, ମୟୂରଭଞ୍ଜ ଏମ୍‌ପି ରାମଚନ୍ଦ୍ର ହାଁସଦା, ଓଡିଆ ଓ ତାମିଲ ଚଳଚ୍ଚିତ୍ରର ଅଭିନେତା ଉଦୟନ ଅପରାଜିତ, କୁଳିଅଣା ପୂର୍ବତନ ବ୍ଲକର ଅଧ୍ୟକ୍ଷ ଦୁର୍ଗା ମାରାଣ୍ଡି, ଯୁବ ନେତା ବିଶ୍ୱଜିତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ଉପଦେଷ୍ଟା ରାମଚନ୍ଦ୍ର ମୁର୍ମୁ ମଞ୍ଚ ପରିଚାଳନା କରିଥିବାବେଳେ ଜୟପ୍ରକାଶ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ପ୍ରତିଯୋଗୀଙ୍କୁ ଉତ୍ସାହିତ କରି ବିଜୟ ଦଳକୁ ପୁରସ୍କୃତ କରିଥିଲେ। ଅଭିନେତା ଉଦୟନ ଅପରାଜିତ ଅଭିନୟ କରିଥିବା ଚଳଚ୍ଚିତ୍ର ଡାଇଲଗ୍‌ର ଅଭିନୟକରି ଉପସ୍ଥିତ ଥିବା ଜନସାଧାରଣଙ୍କ ମନ ମୋହିଥିଲେ।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

**କପ୍ତିପଦା, ୧୭।୨(ଡି.ଏନ.ଏ.)**

ସୋଲଗଡ଼ିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କପ୍ତିପଦା ଗୋଷ୍ଠୀ ଶିକ୍ଷାଧିକାରୀ ଶଶୀଧର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ବିଶିଷ୍ଟ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସାଉନା ମାଝି, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ, ଶାଳଚୁଆ ସିଆର୍‌ସିସି ଗଙ୍ଗାଧର ମୁର୍ମୁ, ନିରଞ୍ଜନ ଧଳ, ପରିଚାଳନା କମିଟିର ସଭାପତି ରଞ୍ଜିତା ଲେଙ୍କା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ରାଜକିଶୋର ବେହେରା ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ। ଶିକ୍ଷକ ବାବୁରାମ ସେଠୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିରେ ଡାଲଖାଇ ଓ ଡଙ୍ଗଲ ରାଜା ନୃତ୍ୟ ପ୍ରଥମ ହୋଇଥିଲା। ଶେଷରେ ଶିକ୍ଷକ ସଂଗ୍ରାମ କେଶରୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗୋବିନ୍ଦ ବେହେରା, ସଞ୍ଜୟ ମହାପାତ୍ର, ବିଜୟ କୁମାର ନନ୍ଦ, ଅନୁପମା ରାଉତ, କୌଶଲ୍ୟା ବେହେରା, ଜାନକୀ ସଲଙ୍ଗୀ, ସମାଏ ମୁର୍ମୁ, ଲକ୍ଷ୍ମୀମଣି ସେଠୀ, ସୁଧାକର ସେଠୀ, ଆରତୀ ପୁଥାଳ, ଶିକ୍ଷୟିତ୍ରୀ କମଳାମଣି ଦାସ, ତୁଳସୀ ସାମଲ ପ୍ରମୁଖ ସହଯୋଗ କରିଥିଲେ।


ଉତ୍ସବରେ ଛାତ୍ରୀମାନେ ଡଙ୍ଗଲରାଜା ନୃତ୍ୟ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ଭାଗ ନେଲେ ୧୭୫ ପ୍ରତିଯୋଗୀ

ତିହିଡ଼ି, ୧୭।୨ (ଡି.ଏନ.ଏ.) - ତିହିଡ଼ି ବ୍ଲକ ଭାଟପଡ଼ା ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମକୁ ବ୍ଲକ ଅଧକ୍ଷା ବିଦ୍ୟୁତଲତା ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଗ୍ରାମରୁ ୧୭୫ ପ୍ରତିଯୋଗୀ ଭାଗ ନେଇଥିଲେ। ଗୀତ, ମୁରୁଜ, କବିତା ଓ ନୃତ୍ୟ ପ୍ରତିଯୋଗିତାରେ ୧୨ ଜଣ ପୁରସ୍କୃତ ହୋଇଥିଲେ। ପ୍ରତିଯୋଗିତାରେ ୧ମ ହୋଇଥିବା ଗୀତରେ ରୁଦ୍ରନାରାୟଣ ତ୍ରିପାଠୀ, ମୁରୁଜରେ ଗୀତାରାଣୀ ସାହୁ, କବିତାରେ ଅଭିଲିପ୍ସା ବେହେରା ଏବଂ ନୃତ୍ୟରେ ହରିଶ୍ଚନ୍ଦ୍ର ନୋଡାଲ ସ୍କୁଲକୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟବକ୍ତା ଏମ୍‌ପିଙ୍କ ପ୍ରତିନିଧି ସୁରେନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର, ସାମାଜିକ କର୍ମୀ ବିଜୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ଧାମନଗର, ୧୭।୨ (ଡି.ଏନ.ଏ.): ଧାମନଗର ବ୍ଲକରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଅସୁରାଳିରେ ଶହୀଦ ଷ୍ଟାଡିୟମ, କୋଠାର ମାର୍କେଟ କମ୍ପ୍ଲେକ୍ସ ଏବଂ ଧୁଷୁରୀ ଏରିଆ ହସ୍ପିଟାଲରେ ଭିତ୍ତିଭୂମି ପାଇଁ କୋଠାଘର ନିର୍ମାଣ ଲାଗି ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରାଙ୍କ ଦ୍ୱାରା ଶିଳାନ୍ୟାସ ହୋଇଯାଇଛି। ଧୁଷୁରୀ ମେଡିକାଲରେ ଦୀର୍ଘଦିନର ଅବ୍ୟବସ୍ଥା ପରେ ପ୍ରାୟ ୩୦ଲକ୍ଷ ଟଙ୍କା ବ୍ୟୟରେ କୋଠାଘର ନିର୍ମାଣ ଶୁଭାରମ୍ଭ ନେଇ ସେଠାରେ ମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ଏଥିପାଇଁ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ଉଦ୍ୟମକୁ ମନ୍ତ୍ରୀ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିବିସିସି ସଭାପତି ରଘୁନାଥ ଲେଙ୍କା, ରାଜ୍ୟ ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଭିଜିଲାନ୍ସ ମନିଟରିଂ ସଭ୍ୟ ହରେକୃଷ୍ଣ ପାଢ଼ୀ, ଏମ୍‌ପିଙ୍କ ପ୍ରତିନିଧି ନାରାୟଣ ଚନ୍ଦ୍ର ସାହୁ, ବ୍ଲକ ସୋସିଆଲ ମିଡିଆ ସଂଯୋଜକ ହିତେଶ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ଏବିଭିପିର ନଗର କାର୍ଯ୍ୟକାରିଣୀ କମିଟି ଗଠିତ

ଧାମନଗର, ୧୭।୨ (ଡି.ଏନ.ଏ.): ଧାମନଗର ବ୍ଲକ ଅସୁରାଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏବିଭିପି(ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ)ର ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁରାଶିଷ ମାହନ୍ତ ଯୋଗଦେଇଥିଲେ। ନଗର ସଭାପତି କିଶୋର ପୃଷ୍ଟିଙ୍କ ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ରବୀନ୍ଦ୍ର ପାଣିଗ୍ରାହୀ, ସୌରଭ ପତି, ଅନିଲ ଆରଣ ଯୋଗଦେଇ ସଙ୍ଗଠନକୁ ସୁଦୃଢ଼ ଲାଗି ଆହ୍ୱାନ ଦେଇଥିଲେ। ପରେ ନଗର କାର୍ଯ୍ୟକାରିଣୀ କମିଟି ଗଠିତ ହୋଇ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ସଭାପତି କିଶୋର ପୃଷ୍ଟି, ସମ୍ପାଦକ ରାକେଶ ମଲ୍ଲିକ, ସହସମ୍ପାଦକ ତୁଷାର ଦାସ, ମିଡିଆ ପ୍ରମୁଖ ଆଶୁତୋଷ ନାୟକଙ୍କୁ ମନୋନୀତ କରାଯାଇଥିଲା। ସଦସ୍ୟ ଭାବେ ଦିବାକର ରାଉତ, ଗଣେଶ ତ୍ରିପାଠୀ, ଶୁଭଲକ୍ଷ୍ମୀ ପୃଷ୍ଟି, ଅନୁପମା ଦାସ, ମଳୟ ରଞ୍ଜନ ମହାପାତ୍ର, ପିଙ୍କିରାଣୀ ମାଝି, ଲକ୍ଷ୍ମୀପ୍ରିୟା ଦାସ, ଅନିଲ ରାଉତ, ସୌମ୍ୟରଞ୍ଜନ ଜେନା, ସୁବାଶିଷ ଆରଣ, ଗଣେଶ ମହାରଣା, ବିଶ୍ୱଜିତ ପଣ୍ଡା, ଚନ୍ଦନ ବାରିକ, ପବିତ୍ର ମୋହନ ପରିଡ଼ାଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା।

### ଜଳିଗଲା ୮ ବଖରା



ତିହିଡ଼ି, ୧୭।୨ (ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ମହରମପୁର ପଞ୍ଚାୟତ ଷାଠିବାଟି ଗ୍ରାମରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟି ୪ ପରିବାରର ୮ ବଖରା ଘର ଜଳିଯାଇଛି। ଗ୍ରାମର ରାଜକିଶୋର ଆଚାର୍ଯ୍ୟ, ଖଗେଶ୍ୱର ଆଚାର୍ଯ୍ୟ, ମଧୁସୂଦନ ଆଚାର୍ଯ୍ୟ ଓ ତପନ ଆଚାର୍ଯ୍ୟଙ୍କ ଘର ପୋଡ଼ି ଯାଇଛି। ତିହିଡ଼ିରୁ ଦମକଳ ଯାଇ ନିଆଁକୁ ଆୟତ୍ତ କରିଥିଲା। ବିଦ୍ୟୁତ ଶର୍ଟ୍‌ସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।



ଇରମ ଶହୀଦ ସମାଧି ପୀଠରେ ମାଲ୍ୟାର୍ପଣ ବେଳେ ଉପସ୍ଥିତ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।



ସମ୍ମିଳନୀରେ ଯୋଗଦେଇଥିବା କାର୍ଯ୍ୟକର୍ତ୍ତା।

# ଇରମ ଶହୀଦ ପୀଠରେ ମାଲ୍ୟାର୍ପଣ, ମା' ଭଦ୍ରକାଳୀଙ୍କ ଆଶୀର୍ବାଦ ଭିକ୍ଷା

ଭଦ୍ରକ ଅଫିସ/ବାସୁଦେବପୁର, ୧୭।୨ (ଡି.ଏନ.ଏ.)

ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂହଙ୍କ ରବିବାର ଭଦ୍ରକ ଗସ୍ତ ପୂର୍ବରୁ ବାସୁଦେବପୁର ରକ୍ତତୀର୍ଥ ଇରମର ଶହୀଦ ପୀଠ ଓ ସ୍ମୃତିସ୍ତମ୍ଭ ନିକଟରେ ମଧ୍ୟାହ୍ନରେ ମନ୍ତ୍ରୀ ସିଂଙ୍କ ସମେତ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁଷ୍ପମାଲ୍ୟ ଦେଇ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦୁଇ କେନ୍ଦ୍ରମନ୍ତ୍ରୀ ଏକ ସ୍ୱତନ୍ତ୍ର ହେଲିକପ୍ଟରରେ ଆସି ଗମେଇ ନଦୀପଠାରେ ଅସ୍ଥାୟୀ ହେଲିପ୍ୟାଡରେ ଅବତରଣ କରି ଇରମରେ ପହଞ୍ଚିଥିଲେ। ପ୍ରଥମେ ଦୁଇ ମନ୍ତ୍ରୀ ଶହୀଦ ପୀଠରେ ମାଲ୍ୟାର୍ପଣ କରିଥିଲେ। ପରେ ଶହୀଦ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରିବା ସହିତ ସଂଗ୍ରାମୀ ସ୍ୱର୍ଗତ ଗଣେଶ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇଥିଲେ। ସ୍ଥାନୀୟ ଭାଜପାର ବରିଷ୍ଠ ନେତା ମାଧବାନନ୍ଦ ମଲ୍ଲିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀନବନ୍ଧୁ ପତି, ଜିଲା ଉପସଭାପତି ଅଶୋକ ସାହୁ, ଶହୀଦ ସ୍ମୃତି କମିଟି ସଭାପତି ରତିକାନ୍ତ ରାୟ, ସମ୍ପାଦକ ଭଗବାନ ନାୟକଙ୍କ ସମେତ କମିଟି କର୍ମକର୍ତ୍ତା ଓ ଭାଜପାର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହାପରେ ସେଠାରୁ ଦୁଇମନ୍ତ୍ରୀ ହେଲିକେପ୍ଟର ଯୋଗେ ଭଦ୍ରକର ଶକ୍ତିପୀଠ ମା' ଭଦ୍ରକାଳୀଙ୍କ ପୀଠରେ ପହଞ୍ଚି ଦର୍ଶନ କରିଥିଲେ। ନିର୍ବାଚନ ପୂର୍ବରୁ ସେମାନେ ମା' ଭଦ୍ରକାଳୀଙ୍କୁ ସୁନାବେଶରେ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ସ୍ଥାନୀୟ ସେବାୟତମାନେ ମା' ଭଦ୍ରକାଳୀଙ୍କୁ ମହାକାଳୀ ବିଜେ ମନ୍ତ୍ରରେ ପୂଜା କରି ୨ ମନ୍ତ୍ରୀଙ୍କ ହାତରେ ପୁଷ୍ପାଞ୍ଜଳି ଅର୍ପଣ କରାଇଥିଲେ। ଡା. ପ୍ରଦୀପ ନାୟକଙ୍କ ନେତୃତ୍ୱରେ ବହୁ ଭାଜପା ନେତା ସ୍ୱାଗତ କରିଥିଲେ।

### ୧୫ ପ୍ଲାଟୁନ ପୋଲିସ ମୁତୟନ

୨ କେନ୍ଦ୍ରମନ୍ତ୍ରୀଙ୍କ ପାଇଁ ଜିଲା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ବାସୁଦେବପୁର ଇରମ ପୀଠ, ମା' ଭଦ୍ରକାଳୀ ଓ ରାଣୀତାଲ ସଭା ମଣ୍ଡପ ନିକଟରେ ପ୍ରାୟ ୧୫ ପ୍ଲାଟୁନ ପୋଲିସ ସୁରକ୍ଷା ଦାୟିତ୍ୱରେ ଥିଲେ। କଡ଼ା ସୁରକ୍ଷା ସାଙ୍ଗକୁ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ପାଇଁ ନାକେଦମ୍ ହୋଇଥିଲେ ପୋଲିସ। ଏସ୍‌ପି ରାଜେଶ ପଣ୍ଡିତ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ଯାଞ୍ଚ କରିଥିଲେ।

ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ରାଣୀତାଲଠାରେ ଭାଜପା ପକ୍ଷରୁ ଆୟୋଜିତ ଉତ୍ତର ଓଡ଼ିଶା ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗ ଦେଇଥିଲେ। ବାଲେଶ୍ୱର ଜିଲା ସଭାପତି ମଦନ ମୋହନ ଦତ୍ତ, ପୂର୍ବତନ ଏମ୍‌ପି ଅନନ୍ତ ନାୟକ, ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ଭଦ୍ରକ ପ୍ରଭାରୀ ମନମୋହନ ମାଝି, ଭଦ୍ରକ ଜିଲା ସଭାପତି ବଦ୍ରିନାରାୟଣ ଧଳ, ରେମୁଣା ବିଧାୟକ ଗୋବିନ୍ଦ ଦାସ, ପୂର୍ବତନ ଏମ୍‌ପି ମୋହନ ମାଝି, ମୟୂରଭଞ୍ଜ ଜିଲା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର, ଅମ୍ବିକା ଦାସ, ତପନ ମହାନ୍ତି, ରାଜୀବ ମହାନ୍ତି, ଶରତ ପଢ଼ିଆରୀ, ପ୍ରଦୀପ୍ତ ବିଶ୍ୱାଳ, ପ୍ରଭାତ ଜେନା, ବିଦ୍ୟାଧର ସାହୁ, ରାଷ୍ଟ୍ରୀୟ କୃଷକ ମୋର୍ଚ୍ଚା ଉପସଭାପତି ମହେଶ୍ୱର ସାହୁ, ରାଜ୍ୟ ମହିଳା ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାରଙ୍କ ସମେତ ୪ ଜିଲାର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଏପାଖ ସେପାଖ

### ଚଣ୍ଡାଶୋକରୁ ଧର୍ମାଶୋକ

ଓଡ଼ିଶା ମାଟିର ମହନୀୟତାକୁ ମନେ ପକାଇ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ବେଶ୍ ବିଭୋର ହୋଇଥିଲେ। ଏଠି ସମ୍ରାଟ ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକ ପାଲଟିଥିଲେ। ଏହି ମାଟିର ରହିଛି ସ୍ୱାତନ୍ତ୍ର୍ୟ। ସ୍ୱାଧୀନତା ସଂଗ୍ରାମରେ ଏହି ମାଟିର ସଂଗ୍ରାମୀଙ୍କ ବଳିଦାନ ଏବେବି ଜାଜ୍ୱଲ୍ୟମାନ। ଏଠାକାର ଲୋକେ ବିଶ୍ୱାସୀ, ସଂସ୍କୃତିପ୍ରେମୀ ଓ ସଂଗ୍ରାମୀ ବୋଲି ସମ୍ବୋଧନ କରିଥିଲେ ମନ୍ତ୍ରୀ।

### ଭୁଲିଗଲେ ବନ୍ଦେ ଉତ୍କଳ ଜନନୀ

ଏହି ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ବନ୍ଦେ ଉତ୍କଳ ଜନନୀକୁ ସମସ୍ତେ ଭୁଲିଗଲେ। ଭାଜପାର ଯେକୌଣସି ବୈଠକରେ ବନ୍ଦେ ଉତ୍କଳ ଜନନୀ ବୋଲାଯିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହେଉଥିବା ବେଳେ ଏହି ସମ୍ମିଳନୀରେ କର୍ମୀ ଓ ନେତା ଏହାକୁ ଭୁଲିଗଲେ। ଭାରତମାତା କି ଜୟ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସଭା ମଞ୍ଚ। କିନ୍ତୁ ଭଦ୍ରକରୁ ସୃଷ୍ଟି ହୋଇ ପୁରପଲ୍ଲୀରେ ବୋଲାଯାଉଥିବା ବନ୍ଦେ ଉତ୍କଳ ଜନନୀକୁ ଭୁଲିଯିବା ଦୁର୍ଭାଗ୍ୟଜନକ ବୋଲି ଅନେକେ କୁହାକୁହି ହେଉଥିଲେ।

### ମେଡିକାଲ କଲେଜ କଥା ମୁହଁରେ ଧରିଲେନି ୨ ମନ୍ତ୍ରୀ

ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାଷଣ ଛଳରେ ଭଦ୍ରକର ପ୍ରମୁଖ ଦାବି ମେଡିକାଲ କଲେଜ କଥା ମୁହଁରେ ଧରିଲେନି। ଯଦିଓ ଏହା ଦଳୀୟ ବୁଥ୍‌ସ୍ତରୀୟ ନେତାଙ୍କ ସମ୍ମିଳନୀ ଥିଲା, କିନ୍ତୁ ଜିଲାବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି କଥା ନ କହିବା ଭଦ୍ରକ ନେତାଙ୍କୁ ଦୁଃଖିତ କରିଥିବା ବାରି ହୋଇପଡ଼ିଥିଲା।



ମହୋତ୍ସବର ୨ୟ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ।

## ■ ଧାମନଗର ମହୋତ୍ସବର ୨ୟ ସନ୍ଧ୍ୟା
# ନାଚଗୀତରେ ଝୁମିଲେ ଦର୍ଶକ

ଧାମନଗର, ୧୭।୨ (ଡି.ଏନ.ଏ.)

ଧାମନଗର କାଟଣାପାହିସ୍ଥିତ ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମରେ ଚାଲିଥିବା ଧାମନଗର ମହୋତ୍ସବର ଶନିବାର ଥିଲା ୨ୟ ସନ୍ଧ୍ୟା। ଭୁବନେଶ୍ୱରରୁ ଆସିଥିବା ନୃତ୍ୟଶିଳ୍ପୀଙ୍କ ନୃତ୍ୟ ପରିବେଷଣ ପରେ କଣ୍ଠଶିଳ୍ପୀ ବିଷ୍ଣୁମୋହନ କବି ତାଙ୍କ ସହଯୋଗୀଙ୍କ ସହିତ ସଂଗୀତ ପରିବେଷଣ କରିଥିଲେ। ଏହି ସନ୍ଧ୍ୟାରେ ନାଚଗୀତରେ ଦର୍ଶକ ଝୁମିଥିଲେ। ବିଧାୟକ ମୁକ୍ତିକାନ୍ତ ମଣ୍ଡଳ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କ୍ରୀଡ଼ା ଏବଂ ଯୁବ ବ୍ୟାପାର ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ଯୋଗଦେଇ ନିଜର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ଉତ୍ସବ ମନାଇବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ କାଜୁ ନିଗମ ଅଧ୍ୟକ୍ଷ ମୁନ୍ନା ଖାଁ, ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ, ରାଜ୍ୟ ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଉପେନ୍ଦ୍ର ପ୍ରସାଦ ପାଢ଼ୀ ପ୍ରମୁଖ ଯୋଗଦେଇ ଧାମନଗରରେ ନୂତନ ମିନିଷ୍ଟାଡିୟମରେ ଉତ୍ସବ ପାଳନ ନେଇ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ମହୋତ୍ସବ ଦ୍ୱାରା ଭାଇଚାରା ସୃଷ୍ଟି ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ପୂର୍ବତନ ବିଡିଓ ଡ. ନରହରି ବେହେରା ସଂଯୋଜନା କରିଥିଲେ। ପୂର୍ବତନ ତହସିଲଦାର ଚାର୍ଲସ ନାୟକ, ଅତିରିକ୍ତ ତହସିଲଦାର ଲଗନଜିତ ବେହେରା ଓ ଧାମନଗର ଏନ୍‌ଏସି ନିର୍ବାହୀ ଅଧିକାରୀ ଯତିନ୍ଦ୍ର କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## ପାଚିକା ଚୟନରେ ଅନିୟମିତତା ଅଭିଯୋଗ

ତିହିଡ଼ି, ୧୭।୨ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁର ପଞ୍ଚାୟତ ଗୁଡୁପାଳ ପ୍ରକଳ୍ପ ଏମ୍‌ଇ ସ୍କୁଲରେ ପାଚିକା ଚୟନରେ ଅନିୟମିତତା ହୋଇଥିବା ନେଇ ଗ୍ରାମବାସୀ ଜିଲାପାଳ ଓ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସପ୍ତାହକ ମଧ୍ୟରେ ଏହାର ତଦନ୍ତ କରି ଉପଯୁକ୍ତ ପ୍ରାର୍ଥିନୀ ଚୟନ କରା ନ ଗଲେ ସେମାନେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଗ୍ରାମର ଅସହାୟ ମହିଳା ମଞ୍ଜୁଲତା ସେଠୀ ଏହି ପଦବୀ ପାଇଁ ଆବେଦନ କରିଥିଲେ। ତାଙ୍କୁ ଚୟନ କରା ନ ଯାଇ ଅନ୍ୟ ଜଣେ ମହିଳାଙ୍କୁ ନିଯୁକ୍ତି ଲାଗି ଉଦ୍ୟମ କରାଯାଉଥିବା ୱାର୍ଡସଭ୍ୟା ସୁକାନ୍ତି ମହାଳିକ, ଅମୂଲ୍ୟ ପ୍ରଧାନ, ପ୍ରକାଶ ଚନ୍ଦ୍ର ନାୟକ, ଯଶୋଦା ମହାଳିକ ଓ ବାଇଧର ମହାଳିକ ପ୍ରମୁଖ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଉଦୟ ନାରାୟଣ ଦାସଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ଭଣ୍ଡାରିପୋଖରୀ, ୧୭।୨ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ପଞ୍ଚାୟତର ଜଗନ୍ନାଥ ପ୍ରସାଦ ଉଚ୍ଚ ବିଦ୍ୟାଳୟର ୧୯୮୮ ବ୍ୟାଚ୍ ମାଟ୍ରିକ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତିରଞ୍ଜନ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେବୀପ୍ରସାଦ ଦାସ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ଯବାନଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ବ୍ୟାଚ୍‌ର ଦିବଂଗତ ଦୀପକ ମଲିକ, ସରସ୍ୱତୀ ନାୟକ, ବିଷ୍ଣୁପ୍ରସାଦ ମଲିକ ଓ ଶିକ୍ଷକ ଶ୍ରୀକାନ୍ତ ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରାଯାଇଥିଲା। ଅତିଥି ଭାବେ ଖବରଦାତା ଦୁର୍ଯ୍ୟୋଧନ ଲେଙ୍କା ଯୋଗଦେଇ ବନ୍ଧୁମିଳନ ଉତ୍ସବ ସ୍କୁଲ ଜୀବନର ସ୍ମୃତିକୁ ମନେ ପକାଇଥାଏ ବୋଲି କହିଥିଲେ। ଅସିତ କୁମାର ଜେନା, ସତ୍ୟପ୍ରକାଶ ମହାପାତ୍ର ଓ ରାଜଲକ୍ଷ୍ମୀ ଜେନା ସ୍କୁଲ ଜୀବନର ସ୍ମୃତି ବଖାଣିଥିଲେ। ଚିନ୍ମୟ ମହାପାତ୍ର, ଅନୀଲ ନାୟକ, ମନୋରଞ୍ଜନ ମିଶ୍ର, ଅଶୋକ ମିଶ୍ର, ସ୍ମୃତିଲେଖା ଦାସ, ଲିଜାରାଣୀ ମହାପାତ୍ର, ପ୍ରଣତି ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

ଚାନ୍ଦବାଲି, ୧୭।୨ (ଡି.ଏନ.ଏ.)

ଭାରତ ଗ୍ୟାସ୍ ପକ୍ଷରୁ ସ୍ଥାନୀୟ କାଳୀପଡ଼ିଆରେ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ୟାସ୍ ସମ୍ପର୍କରେ ଜାଣିବା ପାଇଁ ବିଭିନ୍ନ ଅଞ୍ଚଳରୁ ମହିଳାମାନେ ଏଥିରେ ଯୋଗ ଦେଇଥିଲେ। ଝାଡ଼ଖଣ୍ଡର ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉପଭୋକ୍ତାଙ୍କ ସହିତ କଥା ବିନିମୟ କରିଥିଲେ। ଗ୍ୟାସ୍‌ର ବ୍ୟବହାର ଓ ଉପଯୋଗିତା ସମ୍ପର୍କରେ ସେ ମତ ରଖିଥିଲେ। ଇଣ୍ଡିଆନ ଅଏଲ(ଆଇଓସିଏଲ)ର ବରିଷ୍ଠ ପରିଚାଳକ କାର୍ତ୍ତିକ ଚରଣ ଜେନା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଭାଜପା ନେତା କମଳାକାନ୍ତ ସୂତାର, ପୂର୍ଣ୍ଣଚନ୍ଦ୍ର ପାଣି, ମାଳତୀ ସାହୁ, ଶଶିକାନ୍ତ ବିଶ୍ୱାଳ, ଭାରତ ଗ୍ୟାସ୍‌ର ଚାନ୍ଦବାଲି ଶାଖା ପକ୍ଷରୁ ଜୟକୃଷ୍ଣ ମଲ୍ଲିକ, ସତ୍ୟରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଚାନ୍ଦବାଲି, କରଣପଲ୍ଲୀ, ଆରଡି ଓ ପୀରହାଟର ଗ୍ୟାସ୍ ବିତରକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭଦ୍ରକ ମୁସ୍‌ଲିମ ଜମାତ ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ ଅଫିସ, ୧୭।୨

ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ପୁରୁଣାବଜାରଠାରେ ଭଦ୍ରକ ମୁସଲିମ୍ ଜମାତ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ସ୍କୁଲ, କଲେଜ ଛାତ୍ରୀଛାତ୍ର ଓ ଭଦ୍ରକର ବାସିନ୍ଦା ଏଥିରେ ସାମିଲ ହୋଇ ଏନ୍‌ସି ହାଇସ୍କୁଲରୁ ବାହାରି ମଦିନା ମଇଦାନରେ ପହଞ୍ଚିଥିଲେ। ଯବାନଙ୍କ ସ୍ମୃତିରେ ଦୀପଦାନ କରାଯିବା ସହ ମଦିନା ମଇଦାନ ପ୍ରାଙ୍ଗଣରେ ସଭା ହୋଇଥିଲା। ମୁସ୍‌ଲିମ ଜମାତର ସଭାପତି ହାଜି ଅବଦୁଲ ବାରୀ, ହାଜି ଅନୱର ହୋସେନ, ଏନାମ ମହମ୍ମଦ, ହାଜି ଅବଦୁଲ ଦୟାନ, ଆଇନଜୀବୀ ଜୁଲଫୁକାର, ତାହେର ମହମ୍ମଦ, ଶେଖ୍ ସମଦାନୀ, ଅସରଫ ଅଲ୍ଲି, ହବିବୁର ଖାଁ, ଗୋଲାମ ମୋହିଦ୍ଦିନ, ଇକ୍‌ବାଲ ଖାଁ, ମୁକିତ ଖାଁ, ଅତୁଲ୍ୟ ନାୟକ ଓ ମିର୍ଜା ଏକରାମ ପ୍ରମୁଖ ଉପସ୍ଥିତ ଥିଲେ। ନଳିନୀ ମହାନ୍ତି, ସଞ୍ଜୀବ ମଲିକ, ୱାଲିଦ ପଟେଲ, ଥାନାଧିକାରୀ ପ୍ରଜ୍ଞା ମହାନ୍ତି, ନମିତା ମିଶ୍ର, ରାକେଶ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମୁସ୍ତାକ ଗୌହର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସବୀର ଅଲ୍ଲି, ସେର ଖାଁ, ମତଲୁବ ଖାଁ, ତବାରକ ଅଲି, ମଇରାଜ ସାର ପ୍ରମୁଖ ସହଯୋଗ କରିଥିଲେ।




କ୍ୟାଣ୍ଡେଲ ଶୋଭାଯାତ୍ରାରେ ମୁସଲିମ୍ ଜମାତର ସଦସ୍ୟ।

# ପଲିଥିନ ତଳେ ବିତୁଛି ଜୀବନ

■ ନିଜ ଜାଗାରେ ଘର କରିପାରୁନାହାନ୍ତି ପାର୍ବତୀ
■ ୧୬ ବର୍ଷ ଧରି ଅସହାୟ ଅବସ୍ଥାରେ

ପଦ୍ମପୁର, ୧୭।୨ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତ ମିଶ୍ରପୁର ଗ୍ରାମର ପାର୍ବତୀ ଦତ୍ତଙ୍କ ପାଇଁ ସାମାଜିକ ସୁରକ୍ଷା ପ୍ରହସନ ପାଲଟିଛି। ନିଜର ଜାଗା ଥାଇ ମଧ୍ୟ ବିବାଦ କାରଣରୁ ସେଠାରେ ଘର କରିପାରୁ ନାହାନ୍ତି। ଫଳରେ ଦୀର୍ଘ ୧୬ ବର୍ଷ ଧରି ପଲିଥିନ ତଳେ ପାର୍ବତୀ ଜୀବନ ବିତାଉଛନ୍ତି। ନ୍ୟାୟ ପାଇଁ ସେ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ସେ ଅଭିଯୋଗ କରିଛନ୍ତି।



ପଲିଥିନ କୁଡ଼ିଆରେ ପାର୍ବତୀ ଦତ୍ତ।

ପାର୍ବତୀ ଜଣେ ଅସହାୟ ମହିଳା। ଘରେ କେତୋଟି ଛେଳି ପାଳି ଜୀବିକା ନିର୍ବାହ କରନ୍ତି। ୨୦୦୨ ମସିହାରେ ସେ ଦଧିବାମନପୁର ମୌଜାରେ ୬ ଡିସିମିଲ ଜମି ରାଜେନ୍ଦ୍ର ରାୟଙ୍କଠାରୁ କିଣିଥିଲେ। ୨୦୧୩ରେ ବାସୁଦେବପୁର ତହସିଲ ଅଫିସରୁ ସେ ପଟ୍ଟା ମଧ୍ୟ ପାଇଥିଲେ। ହେଲେ ଅଞ୍ଚଳରେ ଚକବନ୍ଦୀ ଚାଲୁଥିବା ବେଳେ ଗ୍ରାମର କେତେଜଣ ବ୍ୟକ୍ତି ଚକ୍ରାନ୍ତ କରି ଉକ୍ତ ଜାଗାକୁ ଏମ୍‌ଏସ୍ ଖାତା ନମ୍ବର ୨୫୨, ପ୍ଲଟ ୩୯୬ ଓ ହାଲ୍‌ଚକବନ୍ଦୀରେ ପ୍ଲଟ ନମ୍ବର ୭୮୩ କୁ ୭୮୪ରେ ଅନ୍ତର୍ଭୁକ୍ତ କରାଇ ନକ୍ସା କରାଇ ନେଇଛନ୍ତି। ଏ ନେଇ ପାର୍ବତୀ ନାୟକାଣିଡିହୀ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ବାଲିମେଦ ରାଜସ୍ୱ ନିରୀକ୍ଷକ ସରଜମିନ ତଦନ୍ତ କରି ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ତଦନ୍ତ ରିପୋର୍ଟରେ ପାର୍ବତୀଙ୍କ କବଲା ଅନୁଯାୟୀ ସମସ୍ତ ତଥ୍ୟର ବିବରଣୀ ଠିକ୍ ରହିଥିବା ବେଳେ ଚକବନ୍ଦୀରେ ଭୁଲ୍‌କ୍ରମେ ନକ୍ସା ପ୍ରସ୍ତୁତ ହୋଇଥିବା ଦର୍ଶାଯାଇଛି। ବାସୁଦେବପୁର ଅତିରିକ୍ତ ତହସିଲଦାର ନାୟକାଣିଡିହୀ ଥାନାଧିକାରୀଙ୍କୁ ପାର୍ବତୀଙ୍କୁ ନିଜ ଜାଗାରେ ଘର କରି ରହିବା ପାଇଁ ଆଇନଗତ ସୁରକ୍ଷା ଯୋଗାଇ ଦେବାକୁ ଚିଠି ମଧ୍ୟ ଲେଖିଛନ୍ତି। ଚକବନ୍ଦୀ କମିଶନରଙ୍କ ଠାରେ ଆର୍ ପି ମାମଲା (ନଂ.୫୫୩/୧୭) ରୁଜୁ କରାଯାଇଛି। ନକ୍ସା ଖତିଆନ ସଂଶୋଧନ ପାଇଁ ଦର୍ଶାଯାଇଛି। ହେଲେ ଅପରପକ୍ଷରୁ ପାର୍ବତୀଙ୍କୁ ବିଭିନ୍ନ ସମୟରେ ଧମକ ଦିଆଯାଉଥିବା ସହ ଘର କରାଇ ଦେଉ ନ ଥିବା ପାର୍ବତୀ ପ୍ରକାଶ କରିଛନ୍ତି। ଘର କରିପାରୁ ନ ଥିବାରୁ ଖରା ବର୍ଷା ଶୀତ କାକରରେ ପଲିଥିନ ତଳେ ବହୁ କଷ୍ଟରେ ଜୀବନ କାଟୁଛନ୍ତି। ଏ ନେଇ ସେ ବାରମ୍ବାର ନାୟକାଣିଡିହୀ ଥାନା ଓ ବାସୁଦେବପୁର ତହସିଲ ଅଫିସକୁ ଦୌଡ଼ି ନୟାନ୍ତ ହେଲେଣି। ହେଲେ ପ୍ରଶାସନ ପକ୍ଷରୁ ତାଙ୍କୁ କୌଣସି ପ୍ରକାର ଆଇନଗତ ସହାୟତା ପ୍ରଦାନ କରାଯାଉ ନାହିଁ। ନ୍ୟାୟ ପାଇଁ ସେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।



❝ ଆମ ଯବାନଙ୍କୁ ହତ୍ୟାକରି ଯୁଦ୍ଧ ଜିତିଯାଇଛୁ ବୋଲି ପାକିସ୍ତାନୀ ଆତଙ୍କବାଦୀମାନେ ଚିନ୍ତା କରୁଥିଲେ ତାହା ଭୁଲ୍। ଜାତୀୟ ନିରାପତ୍ତା ପ୍ରତି ବିପଦ ସୃଷ୍ଟି ହେଲେ ବରଦାସ୍ତ କରାଯିବ ନାହିଁ।


- ଅମିତ୍ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ



## ସଂକ୍ଷେପରେ

### କୁଳଭୂଷଣ ମାମଲାର ଶୁଣାଣି ଆଜିଠୁ

ନୂଆଦିଲ୍ଲୀ,୧୭।୨: ନେଦରଲାଣ୍ଡର ହେଗ୍‌ସ୍ଥିତ ଜାତିସଂଘର ଇଣ୍ଟରନ୍ୟାଶନାଲ୍ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ)ରେ ପାକିସ୍ତାନ ଜେଲ୍‌ରେ ବନ୍ଦୀ ଥିବା କୁଳଭୂଷଣ ଯାଦବଙ୍କ ମାମଲାର ଶୁଣାଣି ସୋମବାରଠାରୁ ଆରମ୍ଭ ହେବ। ଶୁଣାଣି ପ୍ରକ୍ରିୟା ୨୧ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଚାଲିବ। ଆଇସିଜେ ୱେବ୍‌ସାଇଟ୍ ଏବଂ ୱେବ୍ ଟେଲିଭିଜନରେ ଏହାର ସିଧା ପ୍ରସାରଣ କରାଯିବ। ଭାରତ ଓ ପାକିସ୍ତାନ ଉଭୟ ଦେଶ ସେମାନଙ୍କ ପକ୍ଷ ରଖିବେ। ଏଥିପାଇଁ ପୃଥକ ଦିନ ଧାର୍ଯ୍ୟ ହୋଇଛି। ପ୍ରଥମ ଦିନରେ ଅର୍ଥାତ୍ ଫେବୃୟାରୀ ୧୮ରେ ନୂଆଦିଲ୍ଲୀ



ପକ୍ଷରୁ ବରିଷ୍ଠ ଆଇନଜୀବୀ ହାରିଶ୍ ସାଲ୍‌ଭେଙ୍କ ନେତୃତ୍ୱାଧୀନ ଟିମ୍ ଏବଂ ୧୯ ତାରିଖ ବିଚାର ପ୍ରକ୍ରିୟାରେ ଖାୱର କ୍ୟୁରେସି ଇସ୍‌ଲାମାବାଦ୍‌ର ପ୍ରତିନିଧିତ୍ୱ କରିବେ। ତୃତୀୟ ଦିନରେ ସାଲ୍‌ଭେ ପୁନର୍ବାର ତାଙ୍କ ଯୁକ୍ତି ରଖିବେ। ଅନ୍ତିମ ଦିବସରେ ଆଇସିଜେ ଇସ୍‌ଲାମାବାଦ୍‌ର ବୟାନ ଉପରେ ବିଚାର କରିବେ। ଭାରତୀୟ ଗୋଇନ୍ଦା ସଂସ୍ଥାର ଗୁପ୍ତଚର ଭାବେ କୁଳଭୂଷଣଙ୍କୁ ପାକିସ୍ତାନ ସେନା ବନ୍ଦୀ କରିଥିଲା। ୨୦୧୭ ଏପ୍ରିଲ୍‌ରେ ସେଠାକାର ସାମରିକ କୋର୍ଟ ତାଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେବା ପରେ ଭାରତ ଆଇସିଜେରେ ଏହାକୁ ଚ୍ୟାଲେଞ୍ଜ୍ କରିଥିଲା।

### କରୋଲବାଗ୍ ଅଗ୍ନିକାଣ୍ଡ ଘଟଣା
### ହୋଟେଲ ମାଲିକ ଗିରଫ

ନୂଆଦିଲ୍ଲୀ,୧୭।୨ :ନୂଆଦିଲ୍ଲୀର କରୋଲବାଗସ୍ଥିତ ହୋଟେଲ୍ ଅର୍ପିତ୍ ପ୍ୟାଲେସ୍‌ରେ ଗତ ୧୨ରେ ଘଟିଥିଲା ଭୟଙ୍କର ଅଗ୍ନିକାଣ୍ଡ। ଏଥିରେ ୧୭ଜଣ ଜୀବନ୍ତଦଗ୍ଧ ହୋଇଥିଲେ। ଏହି ଘଟଣାରେ ଦିଲ୍ଲୀ ପୋଲିସ କ୍ରାଇମ୍ ବ୍ରାଞ୍ଚ୍ ରବିବାର ହୋଟେଲ ମାଲିକ ରାକେଶ ଗୋଏଲ୍‌ଙ୍କୁ ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଗିରଫ କରିଛି। ହୋଟେଲରେ ଶର୍ଟ ସର୍କିଟ୍‌ରୁ ନିଆଁ ଲାଗିଥିଲା। ଅଗ୍ନି ନିରାପତ୍ତାରେ ବ୍ୟାପକ ଅବ୍ୟବସ୍ଥା ଓ ହୋଟେଲ ପାଇଁ ରହିଥିବା ମାନଦଣ୍ଡ ଉଲ୍ଲଂଘନ ହୋଇଥିବା ତଦନ୍ତରୁ ଜଣାପଡ଼ିଥିଲା। ଏ ନେଇ ଶନିବାର ଦିଲ୍ଲୀ ସରକାର ହୋଟେଲର ଲାଇସେନ୍ସ ରଦ୍ଦ କରିଥିଲେ। ତେବେ ଦୁର୍ଘଟଣା ପରେ ଗୋଏଲ୍ ଫେରାର୍ ହୋଇଯାଇଥିଲେ। ରବିବାର ସେ କାତାର୍‌ରୁ ଇଣ୍ଡିଗୋ ବିମାନ (୬ଇ ୧୭୦୨)ଯୋଗେ ନୂଆଦିଲ୍ଲୀ ଫେରୁଥିବା କ୍ରାଇମ ବ୍ରାଞ୍ଚ୍‌କୁ ସୂଚନା ମିଳିଥିଲା। ଇନ୍ଦିରା ଗାନ୍ଧୀ ବିମାନବନ୍ଦରରୁ ଗୋଏଲ୍‌ଙ୍କୁ କ୍ରାଇମ୍‌ବ୍ରାଞ୍ଚ୍ ଅଧିକାରୀ ଗିରଫ କରିବା ପରେ କୋର୍ଟରେ ତାଙ୍କୁ ହାଜର କରାଯାଇଥିବା ଡିସିପି ରାଜେଶ ଦେଓ ଜଣାଇଛନ୍ତି।

### ନିର୍ବାଚନ ଲଢ଼ିବେ ନାହିଁ ରଜନୀକାନ୍ତ



ନୂଆଦିଲ୍ଲୀ,୧୭।୨ : ଅଭିନେତାରୁ ରାଜନେତା ପାଲଟିଥିବା ସୁପରଷ୍ଟାର୍ ରଜନୀକାନ୍ତଙ୍କ 'ରଜନୀ ମକ୍କଲ ମନ୍ଦ୍ରମ୍' (ଆର୍‌ଏମ୍‌ଏମ୍) ଆସନ୍ତା ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବ ନାହିଁ। ତାମିଲନାଡୁର ବିକାଶ ସହ ଗରିବଙ୍କୁ ନ୍ୟାୟ ଦେବା ଲାଗି ସେ ଦଳ ଗଢ଼ିଥିବା କହିଛନ୍ତି। ତେବେ ଲୋକ ସଭା ନିର୍ବାଚନରେ ତାଙ୍କ ଦଳ ପ୍ରାର୍ଥୀ ଛିଡ଼ା କରିବ ନାହିଁ ବୋଲି ରଜନୀକାନ୍ତ ରବିବାର ଏକ ଖବରଦାତା ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି।

### [ଇତିହାସର ଆଇନାରେ]

### ଫେବୃୟାରୀ ୧୮ର ପ୍ରମୁଖ ଘଟଣା

୨୦୦୩ ଫେବୃୟାରୀ ୧୮ରେ ଦକ୍ଷିଣ କୋରିଆର ଡେଇଗୁ ସବ୍‌ୱେରେ ଅଗ୍ନିକାଣ୍ଡ ଯୋଗୁ ପାଖାପାଖି ୨୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ନିଆଁ ଲଗାଇଥିବା ବ୍ୟକ୍ତି ଜଣକ ଥିଲେ କିମ୍ ଡାଇ-ହାନ୍(୫୬)। ସେ ପୂର୍ବରୁ ଟ୍ୟାକ୍ସି ଡ୍ରାଇଭର ଥିଲେ।

୨୦୧୪ ଫେବୃୟାରୀ ୧୮ରେ ୟୁକ୍ରେନ୍‌ର କିଏଭ୍‌ଠାରେ ବିକ୍ଷୋଭକାରୀ ଏବଂ ପୋଲିସ ମଧ୍ୟରେ ସଂଘର୍ଷ ଯୋଗୁ ଅନ୍ୟୁନ ୭୬ ଲୋକଙ୍କ ପ୍ରାଣହାନି ଘଟିଥିଲା। ୨୦୧୪ରେ ଘଟିଥିବା ୟୁକ୍ରେନୀୟ ବିପ୍ଲବକୁ ୟୁରୋମେଡାନ୍ ରିଭୋଲ୍ୟୁଶନ୍ ବା ରିଭୋଲ୍ୟୁଶନ୍ ଅଫ୍ ଡିଗ୍ନିଟି କୁହାଯାଏ।



ପୁଲଓ୍ୱାମା ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ରବିବାର ନୂଆଦିଲ୍ଲୀର କନଟ ପ୍ଲେସ୍‌ରେ ଲୋକେ କ୍ୟାଣ୍ଡେଲ ଜାଳୁଛନ୍ତି।




କୋଲ୍‌କାତାରେ ଲୋକେ ତ୍ରିରଙ୍ଗା ଧରି ପାକିସ୍ତାନ ବିରୋଧରେ ସ୍ଲୋଗାନ ଦେଉଛନ୍ତି।



ଲଣ୍ଡନସ୍ଥିତ ପାକିସ୍ତାନ ଉଚ୍ଚାୟୁକ୍ତ କାର୍ଯ୍ୟାଳୟ ସମ୍ମୁଖରେ ପ୍ରବାସୀ ଭାରତୀୟଙ୍କ ବିକ୍ଷୋଭ।

## ■ ୪ ମାସ ତଳେ ରଚାଯାଇଥିଲା ପୁଲଓ୍ୱାମା ଆକ୍ରମଣ ଷଡ଼ଯନ୍ତ୍ର


# ରାଓ୍ୱଲପିଣ୍ଡିରୁ ମିଳିଥିଲା ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୭।୨

ପାକିସ୍ତାନ ଯେତେ ମନାକଲେ ବି ସତକୁ ଆଉ ଲୁଚାଇ ପାରୁନାହିଁ। ପୁଲଓ୍ୱାମା ଆକ୍ରମଣରେ ପଡ଼ୋଶୀ ଦେଶର ସମ୍ପୃକ୍ତି ନେଇ ଗୋଟିଏ ପରେ ଗୋଟିଏ ପ୍ରମାଣ ସାମ୍ନାକୁ ଆସିବାରେ ଲଗିଲାଣି। କେବଳ ଏତିକି ନୁହେଁ, ଶତ୍ରୁରାଷ୍ଟ୍ରର ଆତଙ୍କବାଦୀ କେଉଁଠି, କେବେ ଓ କିପରି ଚକ୍ରାନ୍ତ କରି ପ୍ରାୟ ୫୦ ଭାରତୀୟ ଯବାନଙ୍କ ଜୀବନ ନେବାରେ ସଫଳ ହେଲେ ତା'ର ସବୁ ଭିତିରି କଥା ଧରାପଡ଼ିଗଲାଣି। ଏଥିଯୋଗୁ ଆତଙ୍କବାଦୀଙ୍କୁ ଲଗାମ ଲଗାଇବା ପାଇଁ ପାକିସ୍ତାନ ଉପରେ ଅନ୍ତର୍ଜାତୀୟ ସମୁଦାୟର ଚାପ ବଢ଼ିବାରେ ଲାଗିଛି।

ଜମ୍ମୁ-କଶ୍ମୀରର ପୁଲଓ୍ୱାମା ଆକ୍ରମଣର ଷଡ଼ଯନ୍ତ୍ର ୪ ମାସ ତଳେ ରଚାଯାଇଥିଲା ପାକିସ୍ତାନୀ ସେନାର ରାଓ୍ୱଲପିଣ୍ଡିସ୍ଥିତ ମୁଖ୍ୟାଳୟରେ। ଏହି ଆକ୍ରମଣ ପାଇଁ ନକ୍ସା ପ୍ରସ୍ତୁତ କରିଥିଲେ ଉକ୍ତ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜୈଶ୍-ଇ-ମହମ୍ମଦ (ଜେଇଏମ୍) ମୁଖ୍ୟ ମୌଲନା ମାସୁଦ୍ ଆଝାର। ମିଳିଥିବା ସୂଚନାନୁସାରେ ଆଝାର ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତିକରୁଛନ୍ତି। ଏଥିପାଇଁ ପାକିସ୍ତାନର ରାଓ୍ୱଲପିଣ୍ଡିରେ ଥିବା ସେଠାକାର ସେନା ହସ୍ପିଟାଲରେ ଅତିଥିଙ୍କ ଭଳି ତାଙ୍କୁ ଚିକିତ୍ସା କରାଯାଉଛି। ଖରାପ ସ୍ୱାସ୍ଥ୍ୟ ଯୋଗୁ ସେ ୟୁନାଇଟେଡ୍ ଜେହାଦ୍ କାଉନ୍ସିଲ୍ (ୟୁଜେସି)ର କ୍ରମାଗତ ୬ଟି ବୈଠକରେ ଯୋଗଦେଇ ପାରି ନ ଥିଲେ। ହେଲେ ରୋଗଶଯ୍ୟାରେ ଥାଇ ପୁଲଓ୍ୱାମାରେ ସିଆର୍‌ପିଏଫ୍ ଉପରେ କିପରି ଆକ୍ରମଣ କରି ଅଧିକରୁ ଅଧିକ ଯବାନଙ୍କୁ ହତ୍ୟା କରାଯିବ ତା'ର ବ୍ଲୁ-ପ୍ରିଣ୍ଟ ତିଆରି କରିଥିଲେ। ଆକ୍ରମଣର ୮ ଦିନ ପୂର୍ବରୁ ଏଥିପାଇଁ ସେ ନିଜ ଅନୁଗାମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରକାଶ ଯେ, ଗତବର୍ଷ ଅକ୍ଟୋବରରେ ଜମ୍ମୁ-କଶ୍ମୀରର ତ୍ରାଲ୍ ଅଞ୍ଚଳରେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ଆଝାରଙ୍କ ପୁତୁରା ଉସ୍‌ମାନ୍ ନିହତ ହୋଇଥିଲେ। ଏହାର ବର୍ଷକ ପୂର୍ବରୁ ଆଉ ଜଣେ ପୁତୁରା ତଲା ରାଶିଦ୍ ପୁଲଓ୍ୱାମାରେ ଏନ୍‌କାଉଣ୍ଟର ବେଳେ ନିହତ ହୋଇଥିଲେ। ଭାରତୀୟ ଯବାନଙ୍କଠାରୁ ଏହାର ପ୍ରତିଶୋଧ ନିଆଯିବ ବୋଲି ଆଝାର ୪ ମାସ ତଳେ ଏକ ଅଡିଓ ଟେପ୍ ଜାରି କରିଥିଲେ। ସେପଟେ ଆଝାରଙ୍କ ନିର୍ଦ୍ଦେଶକ୍ରମେ ତାଙ୍କର ଆଉ ଜଣେ ପୁତୁରା ଉମୈର ଏବଂ ଜୈଶ୍ କମାଣ୍ଡର ତଥା ଆଇଇଡି ମାଷ୍ଟର ଅବଦୁଲ୍ ରାଶିଦ୍ ଗାଜି ଏହାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଅଣ୍ଟା ଭିଡ଼ିଥିଲେ। ସେମାନେ କଶ୍ମୀରର ୨୦ ବର୍ଷୀୟ ଯୁବକ ଆଦିଲ ଅହମ୍ମଦ ଦାର୍‌ଙ୍କୁ ଏଥିପାଇଁ ସବୁପ୍ରକାର ତାଲିମ ଓ ସହାୟତା ପ୍ରଦାନ କରିଥିଲେ। ଗୁରୁବାର ସିଆର୍‌ପିଏଫ୍ ଯବାନମାନେ ବସ୍‌ରେ ଯାଉଥିବାବେଳେ ଲେଥ୍‌ପୋରାରେ ଆଦିଲ୍ ଏକ ବିସ୍ଫୋରକ ଭର୍ତ୍ତି କାର୍‌ରେ ଧକ୍କା ଦେଇଥିଲେ। ଆତ୍ମଘାତୀ ବିସ୍ଫୋରଣରେ ଆଦିଲ ନିହତ ହେଲେ। କିନ୍ତୁ ଏହାର ମାଷ୍ଟରମାଇଣ୍ଡ ଗାଜି ଏବେ ବି ଦକ୍ଷିଣ କଶ୍ମୀରରେ ଲୁଚି ରହିଥିବା ଜଣାପଡ଼ିଛି। ଗତ ଡିସେମ୍ବରରେ ଦୁଇ ସହଯୋଗୀଙ୍କ ସହ ଭାରତକୁ ଅନୁପ୍ରବେଶ କରିବାରେ ରାଶିଦ୍ ସଫଳ ହୋଇଥିଲେ। ୨୦୦୮ରେ ଜେଇଏମ୍‌ରେ ସାମିଲ ହୋଇଥିବା ୩୨ ବର୍ଷୀୟ ଗାଜି ଆଫଗାନିସ୍ତାନରେ ତାଲିବାନଠାରୁ ତାଲିମପ୍ରାପ୍ତ। ସେ ପୁଲଓ୍ୱାମା ଅଞ୍ଚଳରେ ଆତ୍ମଗୋପନ କରିଥିବା ନେଇ ସୁରକ୍ଷା ସଂସ୍ଥାଗୁଡ଼ିକୁ ଗୋଇନ୍ଦା ସୂଚନା ମିଳିଛି।





### ଉପତ୍ୟକାରେ ଆତଙ୍କ
ଏବେ ବି ଦକ୍ଷିଣ କଶ୍ମୀରରେ ଲୁଚିଛନ୍ତି ମାଷ୍ଟରମାଇଣ୍ଡ ଗାଜି ରସିଦ୍

### ମ୍ୟୁନିକ୍ ସମ୍ମିଳନୀରେ ଉଠିଲା ପ୍ରସଙ୍ଗ

ମ୍ୟୁନିକ୍/ନୂଆଦିଲ୍ଲୀ,୧୭।୨(ପି.ଟି.): ମ୍ୟୁନିକ୍‌ଠାରେ ଚାଲିଥିବା ୫୫ତମ ନିରାପତ୍ତା ସମ୍ମିଳନୀରେ ଭାରତ ପୁଲଓ୍ୱାମା ଆକ୍ରମଣ ପ୍ରସଙ୍ଗ ଉଠାଇଛି। ଶନିବାର ଶେଷ ହୋଇଥିବା ଏହି ୩ ଦିନିଆ ସମ୍ମିଳନୀରେ ଆମେରିକା, ଜର୍ମାନୀ, ରୁଷିଆ ସମେତ ବିଭିନ୍ନ ଦେଶର ପ୍ରତିନିଧି ଯୋଗଦେଇଥିଲେ। ଭାରତରୁ ଜାତୀୟ ନିରାପତ୍ତା ଉପପରାମର୍ଶଦାତା ପଙ୍କଜ ସରନ୍ ଯୋଗଦେଇଥିଲେ। ଅନ୍ତର୍ଜାତୀୟ ଆତଙ୍କବାଦ ସମେତ ବିଭିନ୍ନ ନିରାପତ୍ତା ପ୍ରସଙ୍ଗରେ ସମ୍ମିଳନୀରେ ଆଲୋଚନା ହୋଇଥିଲା।

### ୫ ଗିରଫ, ୪ ଛାତ୍ରୀ ନିଲମ୍ବିତ

ଲକ୍ଷ୍ନୌ/ଶିମଲା/ଜୟପୁର,୧୭।୨(ପି.ଟି.): ସୋସିଆଲ ମିଡିଆରେ ଦେଶବିରୋଧୀ ମନ୍ତବ୍ୟ ଦେବା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରାଯିବା ସହ ୪ ଛାତ୍ରୀଙ୍କୁ ନିଲମ୍ବିତ କରାଯାଇଛି। ହିମାଚଳପ୍ରଦେଶର ଏକ ଘରୋଇ ବିଶ୍ୱବିଦ୍ୟାଳୟର କଶ୍ମୀରୀ ଛାତ୍ର ଇନ୍‌ଷ୍ଟାଗ୍ରାମରେ ଦେଶବିରୋଧୀ ଭିଡିଓ ଛାଡି ଗିରଫ ହୋଇଛନ୍ତି। ଆକ୍ରମଣ ଉପରେ ଆପତ୍ତିଜନକ ମନ୍ତବ୍ୟ ଦେବା ଓ ଦେଶବିରୋଧୀ ସ୍ଲୋଗାନ ଅଭିଯୋଗରେ ଉତ୍ତରପ୍ରଦେଶ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଆତଙ୍କବାଦୀ ଆକ୍ରମଣରେ ଖୁସି ମନାଇବା ଏବଂ ହ୍ୱାଟ୍ସଆପ୍‌ରେ ଦେଶ ବିରୋଧୀ ବାର୍ତ୍ତା ପଠାଇବା ଅଭିଯୋଗରେ ଜୟପୁରସ୍ଥିତ ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ ୪ ପାରାମେଡିକାଲ କଶ୍ମୀର ଛାତ୍ରୀଙ୍କୁ ନିଲମ୍ବନ କରାଯିବା ସହ ସେମାନଙ୍କ ନାଁରେ ମାମଲା ରୁଜୁ ହୋଇଛି।

## ବ୍ରିଟେନ, ଅଷ୍ଟ୍ରେଲିଆରେ ବିକ୍ଷୋଭ

ଲଣ୍ଡନ/ମେଲବୋର୍ନ,୧୭।୨

ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣକୁ ପାଖାପାଖି ୫୦ଟି ଦେଶ ନିନ୍ଦା କରିଥିବାବେଳେ ପାକିସ୍ତାନ ବିରୋଧରେ ବିଦେଶରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଲଣ୍ଡନରେ ଥିବା ପାକିସ୍ତାନ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ପ୍ରବାସୀ ଭାରତୀୟ ଏକାଠି ହୋଇ 'ପାକିସ୍ତାନ ମୁର୍ଦ୍ଦାବାଦ' ଓ 'କଶ୍ମୀର ଆମର' ସ୍ଲୋଗାନ ଦେଇଥିଲେ। ଆତଙ୍କବାଦୀଙ୍କୁ ସୁରକ୍ଷା ଦେଇଥିବା ପାକିସ୍ତାନକୁ ସେମାନେ ନିନ୍ଦା କରିବା ସହ ଉକ୍ତ ଦେଶ ସହ ବ୍ରିଟେନ ସମ୍ପର୍କ ତୁଟାଇବା ଏବଂ ସାମରିକ ସହାୟତା ବନ୍ଦ କରିବାକୁ ପ୍ରବାସୀ ଭାରତୀୟମାନେ ଦାବି କରିଛନ୍ତି। ସେହିପରି ଅଷ୍ଟ୍ରେଲିଆର ଭିକ୍ଟୋରିଆନ ପାର୍ଲାମେଣ୍ଟ ବାହାରେ ପ୍ରବାସୀ ଭାରତୀୟମାନେ ଏକାଠି ହୋଇ ପୁଲଓ୍ୱାମାରେ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିବା ସହ ପାକିସ୍ତାନ ଆତଙ୍କବାଦୀଙ୍କୁ ସହାୟତା ବନ୍ଦ କରୁ ବୋଲି ଦାବି କରିଛନ୍ତି। ସେମାନେ 'ଭାରତ ମାତା କୀ ଜୟ' ସ୍ଲୋଗାନ ଦେବା ସହ ଆତଙ୍କବାଦକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ। ଶହୀଦ ଯବାନଙ୍କ ପରିବାରକୁ କ୍ଷତିପୂରଣ ପାକିସ୍ତାନ ଯୋଗାଇଦେବାକୁ ସ୍ଥାନୀୟ କାଉନସିଲର ଇନ୍ତାଜ ଖାନ୍ ଦାବି କରିଛନ୍ତି। ଭାରତ ସବୁବେଳେ ଶାନ୍ତି ଓ ପ୍ରେମ ଉପରେ ବିଶ୍ୱାସ କରିଆସିଛି ବୋଲି କାର୍ତ୍ତିକ ଅରାସୁ କହିଛନ୍ତି। ଅଷ୍ଟ୍ରେଲିଆର ହିନ୍ଦୁ କାଉନସିଲ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିଛି।

## ପ୍ରତିଶୋଧ ପାଇଁ ବିକଳ୍ପ ଖୋଲା

ନୂଆଦିଲ୍ଲୀ,୧୭।୨

ଆତଙ୍କବାଦୀ ଆକ୍ରମଣର ସମର୍ଥନକାରୀ ପଡୋଶୀ ଦେଶକୁ ଦଣ୍ଡିତ କରିବା ଲାଗି ଭାରତ କେବଳ ସାମରିକ କାର୍ଯ୍ୟାନୁଷ୍ଠାନ କଥା ଚିନ୍ତା କରୁନାହିଁ, ଏଥିସହିତ ଅନ୍ୟ ସମସ୍ତ ବିକଳ୍ପ ମଧ୍ୟ ଖୋଲା ରଖିଛି। କୂଟନୈତିକ ସ୍ତରରେ ପାକିସ୍ତାନକୁ ନିନ୍ଦିତ କରିବା ସହ ଏହାର ଅର୍ଥନୀତିକୁ ଦୁର୍ବଳ କରିବା ଲାଗି ପଦକ୍ଷେପ ଆରମ୍ଭ କରିଛି ଭାରତ। ନିଜ ମାଟିରେ ଆତଙ୍କବାଦୀଙ୍କୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା ପାକିସ୍ତାନକୁ ଅନ୍ତର୍ଜାତୀୟ ସ୍ତରରେ ସମାଲୋଚନା କରାଯାଇଛି। ଇସଲାମାବାଦକୁ ଏକଘରିକିଆ କରିବା ଲାଗି ଭାରତ ସବୁ ପ୍ରକାର ଉଦ୍ୟମ ଚଳାଇଛି। ଇସ୍‌ଲାମାବାଦକୁ ଭାରତ ଦେଇଥିବା ସବୁଠୁ ଅନୁଗୃହୀତ ରାଷ୍ଟ୍ର



(ଏମ୍‌ଏଫ୍‌ଏନ୍) ମାନ୍ୟତା ପ୍ରତ୍ୟାହାର କରିନେଇଛି। ପାକିସ୍ତାନରୁ ଆମଦାନୀ ସାମଗ୍ରୀ ଉପରେ ନୂଆଦିଲ୍ଲୀ ୨୦୦ ପ୍ରତିଶତ ସୀମାଶୁଳ୍କ ଲାଗୁ କରିଛି। ସିନ୍ଧୁ ନଦୀ ଜଳ ରୋକିବା ଲାଗି ବିଭିନ୍ନ ମହଲରୁ ଦାବି ହେଉଛି। ଏହା ହେଲେ ପାକିସ୍ତାନର ଅର୍ଥନୀତି ଭୁଶୁଡ଼ି ପଡିବ। ତେବେ ସିନ୍ଧୁ ନଦୀ ଚୁକ୍ତିରୁ ଭାରତ ଓହରିଯିବା ସମ୍ଭବ କି ନୁହେଁ ତାହା ଉପରେ ବିଶେଷଜ୍ଞମାନେ ଭିନ୍ନ ମତ ଦେଇଛନ୍ତି। ଭାରତ ନଦୀଜଳ ପ୍ରବାହ ରୋକିପାରିବ ବୋଲି ଜଳସମ୍ପଦ ମନ୍ତ୍ରଣାଳୟର ଅବସରପ୍ରାପ୍ତ ଅଧିକାରୀ ଏମ୍.ଏସ୍. ମେନନ ମତ ରଖିଛନ୍ତି। ଅଧିକ ଜଳ ବ୍ୟବହାର କ୍ଷମତା ଭାରତକୁ ଦିଆଯାଇଥିବାରୁ ଷ୍ଟୋରେଜ୍ ଡ୍ୟାମ୍ ନିର୍ମାଣ କରି ଏହାର ଜଳପ୍ରବାହ ରୋକିପାରିବ। ଝେଲମ, ଚେନାବ ଏବଂ ସିନ୍ଧୁ ନଦୀର ଅଧିକ ଜଳକୁ ଭାରତରେ ବ୍ୟବହାର କରାଯାଇପାରିବ। ଅନ୍ୟପକ୍ଷରେ ପୂର୍ବତନ ସିନ୍ଧୁ ଆୟୁକ୍ତ କହିଛନ୍ତି ପାକିସ୍ତାନକୁ ନଦୀଜଳ ରୋକିବା ସମ୍ଭବ ନୁହେଁ। ଦୁଇ ଦେଶ ମଧ୍ୟରେ ହୋଇଥିବା ରାଜିନାମାକୁ ଭାରତ ପାଳନ କରିବାକୁ ବାଧ୍ୟ।

## ଫୁର୍‌ସତ

## 'ପାକ୍ କଳାକାରଙ୍କୁ ବାସନ୍ଦ କର'


ମୁମ୍ବାଇ: ଆକ୍ରମଣ ପରେ ପାକିସ୍ତାନୀ କଳାକାରଙ୍କୁ କୌଣସି କାର୍ଯ୍ୟକ୍ରମ ପାଇଁ ଆମନ୍ତ୍ରଣ ନ କରିବାକୁ ଅଭିନେତା ପରେଶ ରାଓ୍ୱଲ ଭାରତୀୟ ନ୍ୟୁଜ୍ ଚ୍ୟାନେଲଗୁଡ଼ିକୁ ନିବେଦନ କରିଛନ୍ତି। ସେ ଟୁଇଟ୍ କରି ଦର୍ଶାଇଛନ୍ତି, ଆମର ପ୍ରିୟ ଚ୍ୟାନେଲଗୁଡିକ



କୌଣସି ପାକିସ୍ତାନୀ କିମ୍ବା ଆତଙ୍କବାଦୀଙ୍କ ପ୍ରତିଅନୁକମ୍ପା ପ୍ରଦର୍ଶନ କରୁଥିବା ଭାରତୀୟଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପାଇଁ ନିମନ୍ତ୍ରଣ କରନ୍ତୁ ନାହିଁ। ଏହାଦ୍ୱାରା ସେମାନେ ଆମର ପ୍ରିୟ ମାତୃଭୂମିରେ ବିଷ ଢାଳିବାକୁ ପଛଘୁଞ୍ଚା ଦେବେନାହିଁ।

## ଗୀତ ହଟାଇଲା ଟି-ସିରିଜ୍

ମୁମ୍ବାଇ: ପାକିସ୍ତାନୀ କଳାକାରଙ୍କ ଗୀତ ପ୍ରସାର ବନ୍ଦ କରିବା ଏବଂ ସେମାନଙ୍କ ସହ ଯୋଗସୂତ୍ର ନ ରଖିବାକୁ ମହାରାଷ୍ଟ୍ର ନବନିର୍ମାଣ ସେନା(ଏମ୍‌ଏନ୍‌ଏସ୍) ପରାମର୍ଶ ଦେବା ପରେ ମୁମ୍ବାଇର ସଂଗୀତ ଆଲବମ୍ ଶିଳ୍ପ ଟି-ସିରିଜ୍ ପାକିସ୍ତାନୀ କଳାକାରଙ୍କ ସଂଗୀତଭିତ୍ତିକ ଭିଡିଓ କାର୍ଯ୍ୟକ୍ରମ ହଟାଇଦେଇଛି। ଫେବୃୟାରୀ ୧୪ରେ ପୁଲ୍‌ଓ୍ୱାମାଠାରେ ପାକିସ୍ତାନ ପ୍ରୋତ୍ସାହିତ ଆତ୍ମଘାତୀ ଆକ୍ରମଣରେ ୪୯ ସିଆରପିଏଫ୍ ଯବାନ ଶହୀଦ ହେବା ପରେ ଏମ୍‌ଏନ୍‌ଏସ୍ ଏପରି ଏକ କଡା ଆଭିମୁଖ୍ୟ ଗ୍ରହଣ କରିଛି। ପାକିସ୍ତାନୀ କଳାକାରଙ୍କ ଭିଡିଓ ବିଭିନ୍ନ ଚ୍ୟାନେଲରୁ ହଟାଇ ଦିଆଯିବା ସହିତ ଭବିଷ୍ୟତରେ ସେମାନଙ୍କୁ ଆମନ୍ତ୍ରଣ ନ କରିବା ପାଇଁ ଏମ୍‌ଏନ୍‌ଏସ୍ ଚିତ୍ରପଟ ସେନାର ସଭାପତି ଅମିୟ ଖପ୍‌କାର ସୂଚନା ଦେଇଛନ୍ତି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘୁଆ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୮ | ୧୫.୪ |
| ଚାନ୍ଦବାଲି | ୩୧.୪ | ୧୯.୦ |
| କଟକ | ୩୧.୮ | ୧୬.୫ |
| ପାରାଦ୍ୱୀପ | ୨୮.୧ | ୨୦.୨ |
| ଭୁବନେଶ୍ୱର | ୩୩.୮ | ୧୭.୯ |
| ଗୋପାଳପୁର | ୨୯.୫ | ୨୦.୨ |
| ପୁରୀ | ୨୯.୮ | ୨୧.୨ |
| ଅନୁଗୋଳ | ୩୦.୧ | ୧୪.୬ |
| ବାରିପଦା | ୨୯.୪ | ୧୮.୦ |
| ଝାରସୁଗୁଡ଼ା | ୨୯.୦ | ୧୬.୫ |
| କେନ୍ଦୁଝର | ୨୬.୬ | ୧୫.୭ |
| ସମ୍ବଲପୁର | ୨୮.୪ | ୧୬.୪ |
| ସୁନ୍ଦରଗଡ଼ | ୩୧.୦ | ୧୪.୦ |
| ହୀରାକୁଦ | ୨୮.୦ | ୧୭.୧ |
| ତାଳଚେର | ୩୧.୩ | ୧୫.୩ |
| ଭବାନୀପାଟଣା | ୩୧.୦ | ୧୯.୦ |
| ବଲାଙ୍ଗୀର | ୩୦.୦ | ୧୭.୫ |
| କୋରାପୁଟ | ୨୮.୦ | ୧୫.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୫.୦ |
| ମାଲକାନଗିରି | ୩୨.୫ | ୧୬.୨ |
| ସୋନପୁର | ୨୮.୮ | ୧୬.୨ |
| ଦାରିଙ୍ଗିବାଡ଼ି | ୨୮.୦ | ୧୫.୫ |

ଡିଗ୍ରୀ ସେଲ୍‌ସିୟସ୍

## କାର୍ଯ୍ୟାନୁଷ୍ଠାନ ଦାବିକଲେ ହେମା



ମୁମ୍ବାଇ: ଜମ୍ମୁ-କଶ୍ମୀର୍‌ର ପୁଲ୍‌ଓ୍ୱାମାଠାରେ ସେନା ଗାଡି ଉପରେ ଆତଙ୍କବାଦୀ ଆକ୍ରମଣକୁ ବିଶିଷ୍ଟ ଅଭିନେତ୍ରୀ ତଥା ଭାଜପା ଏମ୍‌ପି ହେମା ମାଳିନୀ ତୀବ୍ର ନିନ୍ଦା କରିଛନ୍ତି। ଆତଙ୍କବାଦୀଙ୍କୁ ଦୃଢ଼ହସ୍ତରେ ଦମନ କରିବା ପାଇଁ ପ୍ରଧାନମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ ଆଶାବାଦୀ। ଏଠାରେ ତାଙ୍କ କନ୍ୟା ଇଶାଙ୍କ ଏକ ଛୋଟ ଫିଲ୍ମ 'କେକ୍‌ୱାକ୍' ପ୍ରଦର୍ଶନ ଚାଲିଥିବା ପରିପ୍ରେକ୍ଷୀରେ ହେମା ଏହା କହିଛନ୍ତି। ଆତଙ୍କବାଦୀଙ୍କୁ ଦମନ କରିବା ପାଇଁ ପଦକ୍ଷେପ କ'ଣ ବୋଲି ପ୍ରଶ୍ନରେ ହେମା କହିଲେ, ମୁଁ ନିଶ୍ଚିତ ଯେ, ପ୍ରଧାନମନ୍ତ୍ରୀ ଏଥିପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ମୋଦିଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ମଥୁରା ଲୋକ ସଭା ଆସନରୁ ସେ ବିଜୟୀ ହୋଇ ଏମ୍‌ପି ଥିବାରୁ ଖୁସି ପ୍ରକାଶ କରିଥିଲେ। ମଥୁରାରୁ ଅନେକ ଯବାନ୍ ଅତୀତରେ ଦେଶ ପାଇଁ ପ୍ରାଣବଳି ଦେଇଛନ୍ତି। କିନ୍ତୁ ଏହି ଆକ୍ରମଣରେ ପ୍ରାଣ ହରାଇଥିବା କୌଣସି ଯବାନ ମଥୁରାର ଅଧିବାସୀ ହୋଇ ନ ଥିଲେ ହେଁ ଅତୀତରେ ଶହୀଦ ଯବାନଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛି। କାରଣ ସେମାନଙ୍କ ପ୍ରତି ମୋର ଗଭୀର ସମ୍ମାନ ଓ କୃତଜ୍ଞତା ରହିଛି।

# ମାଇକ୍ରୋସର୍ଜିକାଲ ସ୍ପର୍ମ ଆସ୍ପିରେସନ



ଡା. ଲିପସା ମିଶ୍ର

ମାଇକ୍ରୋସର୍ଜିକାଲ ସ୍ପର୍ମ ଆସ୍ପିରେସନ (ଏମ୍‌ଇଏସ୍‌ଏ) ଏକ ସର୍ଜିକାଲ ସ୍ପର୍ମ ନିଃସାରଣ କୌଶଳ ଯାହାଦ୍ୱାରା ପୁରୁଷମାନଙ୍କ ମଧ୍ୟରେ ଭାସାଲ କିମ୍ବା ଏପିଡିଡିମଲ ପ୍ରତିରୋଧ ସହିତ ଏପିଡାଇଡାମିସରୁ ତରଳୁଥିବା ସ୍ପର୍ମକୁ ପୁନରୁଦ୍ଧାର କରାଯାଇଥାଏ । ଏହି କୌଶଳ ଆଇସିଏସ୍‌ଆଇ(ଇଣ୍ଟ୍ରା-ସାଇଟୋପ୍ଲାଜମିକ ସ୍ପର୍ମ ଇକେସନ) ସହିତ ପ୍ରୟୋଗ କରାଯାଇ ବାଧାପ୍ରାପ୍ତ ଏଜୋସ୍ପର୍ମିଆକୁ ବହୁ ଲାଭ ପ୍ରଦାନ କରେ, ଯେଉଁଠାରେ ପର୍ଯ୍ୟାପ୍ତ ପରିମାଣର ସ୍ପର୍ମ ଉତ୍ପନ୍ନ ହୁଏ କିନ୍ତୁ ଅଣ୍ଡକୋଷରୁ ସ୍ଖଳନ ପର୍ଯ୍ୟନ୍ତ ଯିବା ସମୟରେ ବ୍ଲକ ହୋଇଯାଏ । ଏହି ପ୍ରକ୍ରିୟା ସେହି ସମୟରେ ପ୍ରୟୋଗ କରାଯାଇଥାଏ ଯେବେ ଭାସ ଡିଫରେନ୍ସ ବ୍ଲକ, କଠୋର କିମ୍ବା ଅନୁପସ୍ଥିତ ଥାଏ ।

ଏହି ପ୍ରକ୍ରିୟା ଏକ ଅସ୍ତ୍ରୋପଚାର କୋଠରିରେ କରାଯାଇଥାଏ । ଏପିଡାଇଡାମିସରେ ନିର୍ଭୁଲଭାବେ ଟ୍ୟୁବଲଗୁଡ଼ିକୁ ଚିହ୍ନଟ କରିବା ପାଇଁ ଅପରେଟିଙ୍ଗ ମାଇକ୍ରୋସ୍କୋପ୍‌ର ବ୍ୟବହାର କରାଯାଏ, ଯାହାଦ୍ୱାରା ବହୁ ସଂଖ୍ୟାରେ ସ୍ପର୍ମ ନିଃସାରଣ କରାଯାଇପାରିବ । ଏହା ସାଧାରଣ, ସ୍ପାଇନାଲ କିମ୍ବା ଲୋକାଲ ଆନାସ୍ଥେସିଆ ଦ୍ୱାରା କାର୍ଯ୍ୟକାରୀ କରାଯାଇଥାଏ । ଡାକ୍ତରମାନେ ଏପିଡାଇଡାମିସରୁ ସ୍ୱତଃ ଗତିଶୀଳ ସ୍ପର୍ମକୁ ଅଲଗା କରିବା ପାଇଁ କ୍ୟାନୁଲା ବ୍ୟବହାର କରିଥାନ୍ତି ।


ଟେଷ୍ଟିସ ଏବଂ ଏପିଡାଇଡାମିସକୁ ବାହାର କରିବା ପାଇଁ ସ୍କ୍ରୋଟାଲ ସ୍କିନରେ ଛେଦନ କରାଯାଇଥାଏ । ଅପରେଟିଙ୍ଗ ମାଇକ୍ରୋସ୍କୋପ ଦ୍ୱାରା ଉଚ୍ଚଶକ୍ତିର ଅପ୍ଟିକାଲ ମ୍ୟାଗ୍ନିଫିକେସନର ବ୍ୟବହାର କରି ଏପିଡାଇଡାମାଲ ଟ୍ୟୁବଲକୁ ଚିହ୍ନଟ ଏବଂ ଖୋଲାଯାଇଥାଏ ଏବଂ ସ୍ପର୍ମ ନିଃସାରଣ କରାଯାଇଥାଏ ।

ଏପିଡାଇଡାମିସରୁ ସୃଷ୍ଟି ହେଉଥିବା ସ୍ପର୍ମଗୁଡ଼ିକ ଟେଷ୍ଟିକିଲରେ ସିଧାସଳଖଭାବେ ସୃଷ୍ଟି ହେଉଥିବା ସ୍ପର୍ମଠାରୁ ସାଧାରଣତଃ ଭଲ ଗୁଣବତ୍ତାର କାରଣ ତାହା ପରିପକ୍ୱ ହେବା ପାଇଁ ବହୁ ସମୟ ନେଇଥାଏ । ଉତ୍ପନ୍ନ ହୋଇଥିବା ସ୍ପର୍ମ ତତ୍‌କ୍ଷଣାତ୍ ବ୍ୟବହୃତ ହୋଇପାରିବ ଏବଂ ପରେ ବ୍ୟବହାର ପାଇଁ ମଧ୍ୟ ସଂଗୃହୀତ କରିହେବ । ଯଦି କୌଣସି ସ୍ପର୍ମ ମିଳୁନାହିଁ ତେବେ ଅଣ୍ଡକୋଷ ମଧ୍ୟରେ ମୂଲ୍ୟବାନ ସ୍ପର୍ମ ଖୋଜିବା ପାଇଁ ଆଗାମୀ ପ୍ରକ୍ରିୟାକୁ ଯିବା ଖୁବ୍ ଆବଶ୍ୟକ, ଯାହାକୁ ଟିଇଏସଇ କିମ୍ବା ଟେଷ୍ଟିକୁଲାର ସ୍ପର୍ମ ଏକ୍ସଟ୍ରାକ୍ସନ କୁହାଯାଏ ।










ଏମ୍‌ଇଏସ୍‌ଏ ମାଧ୍ୟମରେ କରାଯାଇଥିବା ସ୍ପର୍ମଗୁଡ଼ିକ ଖୁବ ଶୀଘ୍ର ପ୍ରସ୍ତୁତ ହୋଇଥାଏ ଏବଂ ଲାବରେଟୋରିରେ ପରୀକ୍ଷା ହୋଇଥାଏ । ଯଦି ପରୀକ୍ଷା ପରେ ସ୍ପର୍ମ ମିଳିଥାଏ ତେବେ ତାହା ପ୍ରାଥମିକଭାବେ ତରଳ ନାଇଟ୍ରୋଜେନ (କ୍ରାଓପ୍ରିଜରଭେସନ୍) ମଧ୍ୟରେ ସଂଗୃହୀତ ହୋଇଥାଏ । ଏମ୍‌ଇଏସ୍‌ଏ ମାଧ୍ୟମରେ ସଂଗ୍ରହ ହୋଇଥିବା ସ୍ପର୍ମ ସାଧାରଣତଃ ନିମ୍ନମାନର ଏବଂ ସ୍ୱତନ୍ତ୍ର ପ୍ରଜନନ ପାଇଁ ଅକ୍ଷମ । ତେଣୁ, ସହବନ୍ଧୁଙ୍କ ଅଣ୍ଡା ଆଇସିଏସ୍‌ଆଇର ବ୍ୟବହାର ଦ୍ୱାରା ଫର୍ଟିଲାଇଜ୍‌ଡ ହୋଇଥାଏ ।

ଆଇସିଏସ୍‌ଆଇ ମାଇକ୍ରୋଆସିଷ୍ଟେଡ ପ୍ରଜନନର ଏକ ପ୍ରକାର । ଆଇସିଏସଆଇ ବିନା, ଆଇଭିଏଫ୍‌ରେ ହଜାର ହଜାର ସ୍ୱତଃ ଗତିଶୀଳ ସ୍ପର୍ମ ପ୍ରତ୍ୟେକ ଅଣ୍ଡା ସହିତ ଏକ ପାତ୍ରରେ ରହିଥାଏ । ଏହାକୁ ଅଣ୍ଡାର ଇନସେମିନେସନ କୁହାଯାଏ । ଏହା ଆଶା କରାଯାଉଛି କି ସ୍ପର୍ମ ଏବଂ ଅଣ୍ଡା ବାଇଓକେମେଷ୍ଟ୍ରି ପ୍ରକିୟାରେ ମିଶ୍ରଣ ହୋଇଥାଏ କିନ୍ତୁ ଯଦି କୌଣସି କ୍ଷେତ୍ରରେ ସ୍ପର୍ମ କିମ୍ବା ଅଣ୍ଡାର ପରିମାଣ କମ୍ ହୋଇଥାଏ ତେବେ ଖୁବ୍ କମ୍ ଅଣ୍ଡା ସ୍ପର୍ମ ସହିତ ସମ୍ପୂର୍ଣ୍ଣ ରାତି ଇନକ୍ୟୁବେସନ ପରେ ଫର୍ଟିଲାଇଜ୍‌ଡ ହୋଇଥାଏ ।

ଆଇସିଏସ୍‌ଆଇ ସ୍ପର୍ମ ଅସୁବିଧା ଥିବା ଦମ୍ପତିମାନଙ୍କ ପାଇଁ ଏକ ଫଳପ୍ରଦ ପ୍ରକିୟା । ଏହା ମଧ୍ୟରେ ରହିଛି: ସ୍ପର୍ମର ଚୟନ, ସ୍ୱତନ୍ତ୍ର ମାଇକ୍ରୋ-ନିଡଲ ସହିତ ଏହାର ଉଠାଣ ଏବଂ ଅଣ୍ଡାର ମଧ୍ୟ ଭାଗକୁ ଏହାର ପ୍ରୟୋଗ ।

**ଆଇସିଏସ୍‌ଆଇ ପାଇଁ କିପରି ସ୍ପର୍ମର ପ୍ରସ୍ତୁତି କରାଯିବ**

ଏଜାକୁଲେସନରୁ ପ୍ରସ୍ତୁତ ହୋଇଥିବା ସ୍ପର୍ମ ଆଇସିଏସ୍‌ଆଇରେ ପ୍ରୟୋଗ ହୋଇଥାଏ । ଯେବେ ସେଠାରେ ପର୍ଯ୍ୟାପ୍ତ ପରିମାଣର ସ୍ପର୍ମ ଉପଲବ୍ଧ ହୋଇ ନ ଥାଏ ସେଠାରେ ଏମଇଏସ୍‌ଏର ବ୍ୟବହାର କରାଯାଇପାରିବ ।

ଏମଇଏସ୍‌ଏ ସହିତ ଆଇସିଏସ୍‌ଆଇ ପୁରୁଷମାନଙ୍କ ପାଇଁ ଉପଯୁକ୍ତ ଯେଉଁମାନଙ୍କ କ୍ଷେତ୍ରରେ ଭାସେଟୋମି ରହିଛି ଏବଂ ସର୍ଜିକାଲ ରିଭର୍ସାଲ ପାଇଁ ଇଚ୍ଛା କରି ନ ଥାନ୍ତି କିମ୍ବା ସର୍ଜିକାଲ ରିଭର୍ସାଲରେ ଫେଲ ହୋଇଥାନ୍ତି । ଭାସ୍କୋଟୋମି ରିଭର୍ସାଲଙ୍କ ପାଇଁ ପ୍ରତି ଚକ୍ର ପିଛା ସଫଳତା ହାର ବୃଦ୍ଧି ପାଇଥାଏ ।

-ଆଇଭିଏଫ୍ ଏକ୍ସପର୍ଟ, ଇନ୍ଦିରା
ଆଇଭିଏଫ୍ ହସ୍ପିଟାଲ, ଭୁବନେଶ୍ୱର
ମୋ: ୯୪୩୮୧୭୫୧୦୮

## ବ୍ୟାୟାମ ଟିପ୍ସ

**ସୁସ୍ଥ ରହିବା ପଛରେ ବ୍ୟାୟାମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେ ସମ୍ପର୍କରେ କେତେକେ ଅବଗତ ଥିଲେ ମଧ୍ୟ ଏହାକୁ ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରି ନ ଥାନ୍ତି। ତେବେ ବ୍ୟାୟାମ କରିବା ପୂର୍ବରୁ ଏବଂ ପରେ କେତୋଟି ବିଷୟରେ ଅବଗତ ହେବା ନିହାତି ଜରୁରୀ। ଜାଣନ୍ତୁ ସେ ସମ୍ପର୍କରେ...**



- ବ୍ୟାୟାମ କରିବା ପୂର୍ବରୁ ପ୍ରଥମେ ଜଣେ ବ୍ୟାୟାମ ଏକ୍ସପର୍ଟ କିମ୍ବା ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ। ସେ ଆପଣଙ୍କ ଫିଟନେସକୁ ଲକ୍ଷ୍ୟ କରି ଏ ନେଇ ସୁଚିନ୍ତିତ ଟିପ୍ସ ଦେବେ।
- ଆଉ ଏକ କଥା ହେଲା-କେଉଁଠି ବ୍ୟାୟାମ କରିବେ। ଏଥିପାଇଁ ପ୍ରଦୂଷଣମୁକ୍ତ ଜାଗାଟିଏ ଚୟନ କରନ୍ତୁ। ବିଶେଷଭାବରେ ପାର୍କ କିମ୍ବା ଖୋଲା ସ୍ଥାନରେ ବ୍ୟାୟାମ କରନ୍ତୁ।
- ଯଦି ଏକୁଟିଆ ବ୍ୟାୟାମ କରିବାକୁ କୁଣ୍ଠାବୋଧ କରୁଛନ୍ତି ତେବେ କିଛି ସାଙ୍ଗ ଏକାଠି ହୋଇ ବ୍ୟାୟାମ କରନ୍ତୁ। ଏହାଦ୍ୱାରା ମନ ପ୍ରଫୁଲ୍ଲ ରହିବା ସହ ବ୍ୟାୟାମ ପ୍ରତି ଏକାଗ୍ରତା ଆସିଥାଏ।
- ଯଦି ଆପଣଙ୍କୁ ଅଧିକାଂଶ ସମୟ ଅଫିସରେ ବସି କାମ କରିବାକୁ ପଡୁଛି ତେବେ କିଛି ସମୟ ଅନ୍ତରାଳରେ ସିଟ୍‌ରୁ ଉଠି ଚଲାବୁଲା କରନ୍ତୁ। ଏହାକୁ ଏକ ପ୍ରକାର ବ୍ୟାୟାମ ଭାବରେ ନେଇପାରନ୍ତି।
- ବ୍ୟାୟାମ କରିବା ସମୟରେ ମୋବାଇଲ୍ ସୁଇଚ୍ ଅଫ୍ କରିଦିଅନ୍ତୁ। କାରଣ କେତେକ ମୋବାଇଲ୍‌ରୁ ଗୀତ ଶୁଣିବା ସହ ବ୍ୟାୟାମ କରିଥାଆନ୍ତି। ଏହାଦ୍ୱାରା ବ୍ୟାୟାମ ପ୍ରତି ଏକାଗ୍ରତା ଭଙ୍ଗ ହୋଇଥାଏ।
- ବ୍ୟାୟାମ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ନିର୍ଘଣ୍ଟ ପ୍ରସ୍ତୁତ କରନ୍ତୁ। ଏହାଦ୍ୱାରା ପ୍ରତିଦିନ ଆପଣ ଠିକ୍ ସମୟରେ ଏହାକୁ କରିପାରିବେ।
- ଯଦି ଅସୁସ୍ଥ ଅନୁଭବ କରୁଛନ୍ତି ତେବେ ସେଦିନ ବ୍ୟାୟାମରୁ ବିରତ ରହିଲେ କିଛି କ୍ଷତି ନାହିଁ।
- ନିୟମିତ ଯେମିତି ବ୍ୟାୟାମ କରନ୍ତି ସେଥିପ୍ରତି ସଜାଗ ରହନ୍ତୁ।

## କୁକିଂ ଏକ୍ସପର୍ଟ ରୋବୋ




ଆଜିକାଲି ରୋବୋକୁ ବିଭିନ୍ନ କ୍ଷେତ୍ରରେ ବ୍ୟବହାର କରାଯାଉଛି। ଏପରିକି ଚିକିତ୍ସା ବିଜ୍ଞାନରେ ଅପରେସନ ପରି ଗୁରୁତ୍ୱପୂର୍ଣ୍ଣ କାମରେ ଏହା ସହାୟକ ହୋଇପାରୁଛି। ନିକଟରେ ଜାପାନରେ ଏପରି ଏକ ରୋବୋ ପ୍ରସ୍ତୁତ ହୋଇଛି ଯାହା ଅକ୍ଳେଶରେ ରୋଷେଇ କରିପାରିବ। କେବଳ ସେତିକି ନୁହେଁ, ଘର ସଫା, ବାସନ ମଜା ଭଳି କାମକୁ ମଧ୍ୟ ତୁଲାଇବାରେ ସକ୍ଷମ ହୋଇପାରିବ ଏହି ରୋବୋ। ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରସ୍ତୁତ ଏହି ରୋବୋରେ ୨୫ଟି ମୋଟର ଏବଂ ୧୩୦ଟି ସେନସର ଲାଗିଛି। ରୋଷେଇ କରୁଥିବା ଜଣେ ବ୍ୟକ୍ତିଙ୍କୁ ମାତ୍ର ଅଳ୍ପ ସମୟ ଅନୁଧ୍ୟାନ କରିବା ପରେ ଠିକ୍ ସେହିପରି ଉକ୍ତ ରୋବୋ ନିଜେ ହିଁ ଖାଦ୍ୟ ପ୍ରସ୍ତୁତ କରିପାରିବ। ତେବେ ଏହି ରୋବୋ ଆହୁରି ଜ୍ଞାନକୌଶଳବିଶିଷ୍ଟ କରିବା ପରେ ତାହା ବଜାରରେ ଉପଲବ୍ଧ ହେବ ବୋଲି ପ୍ରସ୍ତୁତକାରୀ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## ଅସନ୍ତୁଳିତ ଜୀବନଶୈଳୀ ଓ ବୁଦ୍ଧିମତ୍ତା

ଆଜିକାଲିର ବ୍ୟସ୍ତମୟ ଜୀବନରେ ନିଜ ଜୀବନଶୈଳୀକୁ ସନ୍ତୁଳିତ ରଖିବା ଏକ ସହଜ କଥା ନୁହେଁ। ଅନେକେ ଏଥିରେ ବିଫଳ ହୋଇ ପରବର୍ତ୍ତୀ ସମୟରେ କେତେକ ଶାରୀରିକ ସମସ୍ୟାର ସମ୍ମୁଖୀନ ହେଉଥିବାର ନଜିର ରହିଛି। ତେବେ ଏପରି ଅସନ୍ତୁଳିତ ଜୀବନଶୈଳୀ ପ୍ରଭାବ ସଂପୃକ୍ତ ବ୍ୟକ୍ତିଙ୍କ ବୁଦ୍ଧିମତ୍ତା ଉପରେ ପଡ଼ିଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡିଛି। ଏପରି ସମସ୍ୟା ସହ ଜଡ଼ିତ କିଛି ବ୍ୟକ୍ତିଙ୍କ ଜୀବନଶୈଳୀକୁ ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ବିଶେଷଜ୍ଞମାନେ ଅନୁଧ୍ୟାନ କରିଥିଲେ। ତା'ସହ ସେମାନଙ୍କର ବୁଦ୍ଧିମତ୍ତା ଉପରେ ଏହାର କି ପ୍ରକାର ପ୍ରଭାବ ପଡୁଛି ତାହାକୁ ମଧ୍ୟ ବିଚାର ପରିସରକୁ ନିଆଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ଅସନ୍ତୁଳିତ ଜୀବନଶୈଳୀ ସହ ଜଡ଼ିତ କିଛି ବ୍ୟକ୍ତିଙ୍କ ବୁଦ୍ଧିମତ୍ତାରେ ତାରତମ୍ୟତା ଦେଖିବାକୁ ମିଳିଥିଲା ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି। ତେବେ ଏକ ସୁସ୍ଥ ତଥା ରୁଟିନ୍ ମୁତାବକ ଜୀବନଶୈଳୀ ଅନୁସରଣ କଲେ ତାହା ଜଣେ ବ୍ୟକ୍ତିଙ୍କୁ ଅନେକାଂଶରେ ସୁସ୍ଥ ରଖିବା ସହ ବୁଦ୍ଧିମତ୍ତା ବିକାଶ ଦିଗରେ ସହାୟକ ହୋଇଥାଏ ବୋଲି ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

## ଆଖି କ୍ୟାନ୍‌ସରର ସହଜ ଚିକିତ୍ସା

ଆଖି କ୍ୟାନ୍‌ସର ରୋଗୀଙ୍କ ପାଇଁ ଖୁସି ଖବର। ଏଥିରୁ ଉପଶମ ପାଇବା ତାଲିକାରେ ନିକଟରେ ଆଉ ଏକ କଥାକୁ ସାମିଲ କରିଛନ୍ତି ସିଡ୍‌ନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ। ଦୀର୍ଘ ୩ବର୍ଷ ଗବେଷଣା କରିବା ପରେ ସେମାନେ ଏକ ଇଞ୍ଜେକସନ ପ୍ରସ୍ତୁତ କରିଛନ୍ତି। ଏହା ଆଖି କ୍ୟାନ୍‌ସର ରୋଗୀଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇପାରିବ ବୋଲି ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି। ବିଶେଷଭାବରେ ଏଭଳି କ୍ୟାନ୍‌ସରରୁ ସୃଷ୍ଟ ଯନ୍ତ୍ରଣା ଲାଘବ କ୍ଷେତ୍ରରେ ଏହି ଇଞ୍ଜେକସନ ବେଶ୍ ସହାୟକ ହୋଇପାରିବ ବୋଲି ପରୀକ୍ଷାମୂଳକ ଭାବରେ ହୋଇଥିବା ବ୍ୟବହାରରୁ ଜଣାପଡିଛି। ଏହି ଇଞ୍ଜେକସନ ନେବାକୁ ମାତ୍ର ୦.୨ ଏମ୍‌ଏମ୍ ଛୁଞ୍ଚି ବ୍ୟବହାର କରାଯାଇଥିଲା। ତେବେ ଆଉ ଏକ ପରୀକ୍ଷାନିରୀକ୍ଷା ପରେ ଏହା ବଜାରରେ ଉପଲବ୍ଧ ହେବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।



## ଔଷଧ ବ୍ୟବହାର

(ଶେଷ ଭାଗ)

ଔଷଧ ଖାଇବା ଭୁଲି ହୋଇଗଲେ ପରବର୍ତ୍ତୀ ମାତ୍ରାକୁ ଦୁଇଗୁଣ ବଢ଼େଇ ଦେଇ ବ୍ୟବହାର କରିବେନି। ଔଷଧର ନାଁ ଲେଖା ନ ଥିବା ବୋତଲରେ ଔଷଧ ରଖିବେନି। ଡାକ୍ତରଙ୍କୁ ନ ପଚାରି କୌଣସି ବଟିକା ଔଷଧକୁ ଫାଳ କରି କି ଗୁଣ୍ଡକରି ଖାଇବେନି। କାରଣ କେତେକ ବଟିକାକୁ ପୂରା ସେହିପରି ଭାବରେ ଗିଳିପକେଇଲେ ତା'ର ସକ୍ରିୟତା ଅକ୍ଷୁର୍ଣ୍ଣ ରହିଥାଏ। କିନ୍ତୁ ତାକୁ ଫାଳ କରିଦେଲେ କି ଗୁଣ୍ଡ କରିଦେଲେ ଔଷଧର କାର୍ଯ୍ୟକାରିତା ହ୍ରାସ ପାଇଯାଏ।



ଡାକ୍ତରଙ୍କୁ ନ ପଚାରି ନିଜ ନିର୍ବାଚନରେ ଔଷଧ କିଣି ବ୍ୟବହାର କରିବେନି। ବୟସ୍କ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ଔଷଧ ପିଲାଙ୍କୁ ଦେବେନି। କୌଣସି ପିଲାକୁ ଆସ୍ପିରିନ୍ ଔଷଧ ଖୁଆଇବେନି। ପିଲାମାନଙ୍କୁ ପାଣି ଔଷଧ ଖୁଇଇବାର ଥିଲେ ପାଣି ଔଷଧର ପରିମାଣକୁ ଅନୁମାନ କରି ସ୍ଥିର କରିବେନି। ମାପ ବ୍ୟବହାର କରି ମାତ୍ରା ସ୍ଥିର କରିବେ।

ଔଷଧର ଏକ୍ସପାଏରୀ ଡେଟ୍ ବା ବୈଧ ସମୟ ପୂରା ହୋଇଯାଇଥିଲେ, ଏଭଳି ଔଷଧ ଆଦୌ ନିରାପଦ ନୁହେଁ। ସୁତରାଂ ଏକ୍ସପାଏରୀ ଡେଟ୍ ହୋଇସାରିଥିବା ଔଷଧ ଜମା ବ୍ୟବହାର କରିବେନି। ଘରେ ବଳିପଡ଼ିଥିବା ଔଷଧ ସ୍ୱାଭାବିକ ରଙ୍ଗ ପରିବର୍ତ୍ତିତ ହୋଇଯାଇଥିବା ଔଷଧ କି ଆଲୋକ କିମ୍ବା ଜଳୀୟବାଷ୍ପ ସଂସ୍ପର୍ଶରେ ଆସିଥିବା ଔଷଧ ଆଦୌ ବ୍ୟବହାର ଉପଯୋଗୀ ନୁହେଁ। ସେହିପରି ବ୍ୟବହୃତ ହେବାପରେ ଆଖି, କାନ ଓ ନାକ ଡ୍ରପ୍ ଔଷଧ କିଛି ବଳିପଡ଼ିଥିଲେ ମଧ୍ୟ ତାକୁ ପରବର୍ତ୍ତୀ ସମୟରେ ପୁନର୍ବାର ବ୍ୟବହାର କରିବେନି।

ପୂର୍ବର କୌଣସି ରୋଗ ପାଇଁ ଔଷଧ ବ୍ୟବହାର କରିଆସୁଥିଲେ ଓ ପରେ ଅନ୍ୟ କୌଣସି ଅସୁସ୍ଥତା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହେବା ପାଇଁ ପଡ଼ିଲେ, ପୂର୍ବର ଔଷଧମାନ ବ୍ୟବହାର କରିବେ କି ନାଁ, ତାହା ଡାକ୍ତରଙ୍କୁ ପଚାରି ସ୍ଥିର କରିବେ। ଡାକ୍ତରଖାନାରେ ଥିବାବେଳେ ନର୍ସଙ୍କୁ ନ ଜଣେଇ କୌଣସି ଔଷଧ ସେବନ କରିବେନି।



ବିଭିନ୍ନ ରୋଗ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଔଷଧକୁ ନିର୍ଦ୍ଦିଷ୍ଟ ସମୟ ଧରି ବ୍ୟବହାର କରିବା ହିଁ ବିଧି। ଏଥିରେ ବ୍ୟତିକ୍ରମ କରିବା ଆଦୌ ନିରାପଦ ନୁହେଁ। ମାତ୍ର ଚିକିତ୍ସିତ ହେଉଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅନେକେ ରୋଗର ଉପଶମକୁ ଲକ୍ଷ୍ୟକରି ଅଧାରୁ ଔଷଧ ବନ୍ଦ କରିଦିଅନ୍ତି। ଡାକ୍ତର ପରାମର୍ଶ ଦେଇଥିବା ପୂରା ସମୟର ଔଷଧ ବ୍ୟବହାର କରି ନ ଥାନ୍ତି। ବିଶେଷକରି ଆଣ୍ଟିବାୟୋଟିକ୍ ଔଷଧର ଚିକିତ୍ସା କ୍ଷେତ୍ରରେ ଏଭଳି ବ୍ୟତିକ୍ରମ ଅତି ସାଧାରଣ। ମାତ୍ର ପୂରା ସମୟ ପାଇଁ ଆଣ୍ଟିବାୟୋଟିକ୍ ବ୍ୟବହାର ନ କଲେ ରୋଗ ଜୀବାଣୁମାନେ ସମ୍ପୂର୍ଣ୍ଣ ଧ୍ୱଂସ ନ ପାଇବାରେ କିଛି ବିଚିତ୍ରତା ନାହିଁ। ଏହାଛଡ଼ା ଅଧାରୁ ଆଣ୍ଟିବାୟୋଟିକ୍ ଔଷଧ ବନ୍ଦ କରିଦେଲେ ଜୀବାଣୁମାନେ ପିଠିଆ ହୋଇପଡ଼ି ଆଣ୍ଟିବାୟୋଟିକ୍‌କୁ ଆଉ ଭ୍ରୂକ୍ଷେପ କରନ୍ତିନି। ସେମାନେ ହରେଇବସନ୍ତି ଆଣ୍ଟିବାୟୋଟିକ୍ ପ୍ରତି ସମ୍ବେଦନଶୀଳତା। ଫଳରେ ଚିକିତ୍ସା ଫଳବତୀ ହୋଇପାରେନି।

ଔଷଧପତ୍ରଗୁଡ଼ିକ ଆମ ଜୀବନ ସହ ଓତଃପ୍ରୋତ ଭାବରେ ଜଡ଼ିତ। କାରଣ ଆଜୀବନ ଅସୁସ୍ଥତାମୁକ୍ତ ରହିବା ଆଦୌ ସମ୍ଭବ ନୁହେଁ। ତେଣୁ କୌଣସି ନା କୌଣସି ସମୟରେ ଆମେ ଔଷଧ ଉପରେ ନିର୍ଭର କରିବା ପାଇଁ ବାଧ୍ୟ। ସୁତରାଂ ନିଜକୁ ସୁରକ୍ଷିତ ରଖିବା ନିମନ୍ତେ ଔଷଧପତ୍ରଗୁଡ଼ିକର ବ୍ୟବହାର ସମ୍ପର୍କରେ ଆମର ମୌଳିକ ଧାରଣା ରହିଥିବା ବାଞ୍ଛନୀୟ।

*-ଡା. ନିତ୍ୟାନନ୍ଦ ସ୍ୱାଇଁ, ଅଭାପ୍ସା
ସେକ୍ଟର-୬, ପ୍ଲଟ୍ ନଂ-୧୧୩୧
ଅଭିନବ ବିଡ଼ାନାସୀ, କଟକ*



❝ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଦ୍ୱାରା କୃଷକମାନେ ଏକାଧିକ ସ୍ତରରେ ଲାଭ ପାଇପାରିବେ।
– କେ.ଭି. ସୁବ୍ରମଣ୍ୟନ, ସିଇଏ



❝ ବିଭିନ୍ନ ସାମାଜିକ ପ୍ରସଙ୍ଗଗୁଡ଼ିକୁ ସମାଧାନ ନ କରି ଅଣଦେଖା କରିବା କୌଣସି ଅର୍ଥନୀତି ଲାଗି କ୍ଷତିକାରକ ସାବ୍ୟସ୍ତ ହେବା।
– ରଘୁରାମ ରାଜନ, ପୂର୍ବତନ ଗଭର୍ନର, ଆରବିଆଇ

## ସଂକ୍ଷେପରେ

### ପୁଞ୍ଜି ପ୍ରତ୍ୟାହାରରୁ ମିଳିଛି ୫୩,୫୫୮ କୋଟି

**ନୂଆଦିଲ୍ଲୀ,୧୭-୨:** କେନ୍ଦ୍ର ସରକାର ପୁଞ୍ଜି ପ୍ରତ୍ୟାହାରରୁ ଚଳିତ ଆର୍ଥିକ ବର୍ଷ ଲାଗି ୮୦ ହଜାର କୋଟି ଟଙ୍କା ହାସଲ କରିବେ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। କିନ୍ତୁ ବାସ୍ତବରେ ଏହା ଅଦ୍ୟାବଧି ୫୩,୫୫୮ କୋଟି ଟଙ୍କା ସଂଗ୍ରହ କରିପାରିଛନ୍ତି। ଗତ ସପ୍ତାହରେ ସରକାର ଭାରତ-୨୨ ଇଟିଏଫ୍‌ରୁ ୧୦ ହଜାର କୋଟି ଟଙ୍କା ଏବଂ ସ୍ପେଶିଫାଏଡ ଅଣ୍ଡରଟେକିଂ ଅଫ୍ ୟୁନିଟ ଟ୍ରଷ୍ଟ ଅଫ୍ ଇଣ୍ଡିଆ(ସୁଟି)ର ଆକ୍ସିସ ବ୍ୟାଙ୍କରେ ଥିବା ୫,୩୭୯ କୋଟି ଟଙ୍କା ହାସଲ କରିଛନ୍ତି। ଏହାବାଦ୍ ଇଣ୍ଡିଆନ ଅଏଲ କର୍ପୋରେଶନର ଶେୟାର ପୁନଃଖରିଦରୁ ୨୬୪୭ କୋଟି, ଭେଲ୍, ଏନ୍‌ଏଚ୍‌ପିସି ଏବଂ କୋଚିନ ସିପୟାର୍ଡ, ଏନ୍‌ଏଲ୍‌ସି, ନାଲ୍‌କୋ, କେଆଇଓସିଏଲ୍‌ରୁ ଯଥାକ୍ରମେ ୯୯୨ କୋଟି, ୩୯୮ କୋଟି ଏବଂ ୧୩୭ କୋଟି,୯୯୦ କୋଟି,୨୬୦ କୋଟି ଓ ୨୦୫ କୋଟି ଟଙ୍କା ମିଳିଛି।

### ଡାକ୍ତରଙ୍କୁ ଉପହାର ନେଇ ସଂସଦୀୟ କମିଟି ଅସନ୍ତୁଷ୍ଟ

### ଆୟକର ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୭-୨:** ଔଷଧ ନିର୍ମାତାଙ୍କ ପକ୍ଷରୁ ଡାକ୍ତରମାନଙ୍କୁ ମାଗଣା ଉପହାର ଦିଆଯାଉଛି। ତେବେ ଆୟକର ଆସେସମେଣ୍ଟ ବେଳେ ଅଧିକାରୀ ଏହାକୁ ଆୟକରରେ ସାମିଲ କରୁ ନଥିବାରୁ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂସଦୀୟ କମିଟି ଆୟକର ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିଯୋଗୁ କେନ୍ଦ୍ର ସରକାର ୫୬.୧୦ କୋଟି ଟଙ୍କାର ରାଜସ୍ୱ ହରାଇଥିବା ଜଣାପଡ଼ିଛି। ଆୟକର ଆଇନ ଏବଂ ମେଡିକାଲ କାଉନସିଲ୍ ଅଫ୍ ଇଣ୍ଡିଆ ନିୟମାବଳୀ ଅଧୀନରେ ମାଗଣା ଉପହାର ନିଷେଧ କରାଯାଇଥିବା ବେଳେ ୭ଟି ରାଜ୍ୟରେ ୩୬ ଟି ଏଭଳି ମାମଲା ଧରାପଡିଛି। ଏଥିରେ ଆସେସମେଣ୍ଟ ଅଧିକାରୀ ମାଗଣା ଉପହାରକୁ ଟିକସ ପରିସରଭୁକ୍ତ ନ କରି ଛାଡ଼ି ଦେଇଛନ୍ତି ବୋଲି ବରିଷ୍ଠ କଂଗ୍ରେସ ସାଂସଦ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଅଧ୍ୟକ୍ଷତାରେ ଗଠିତ ଆର୍ଥିକ ବ୍ୟାପାର ସଂସଦୀୟ କମିଟି ଧରିଛନ୍ତି। ଏହି ୩୬ଟି ମାମଲା ମଧ୍ୟରୁ ଗୁଜରାଟ, କର୍ଣ୍ଣାଟକ, ମହାରାଷ୍ଟ୍ର, ନୂଆଦିଲ୍ଲୀ ଏବଂ ତାମିଲନାଡୁରେ ୨୧ଟି ମାମଲାରେ ୪୫.୪୩ କୋଟି ଟଙ୍କା ମାଗଣା ଉପହାରକୁ ଆୟକର ଅଧିକାରୀମାନେ ଟିକସମୁକ୍ତ ବୋଲି ଦର୍ଶାଇଥିଲେ। ସେହିପରି ଉତ୍ତରାଖଣ୍ଡ ଓ ମହାରାଷ୍ଟ୍ରରେ ଏଭଳି ୧୧ଟି ମାମଲା ଧରାପଡିଛି ଯେଉଁଠି ଆୟକର ଅଧିକାରୀମାନେ ମିଳିଥିବା ଉପହାର ସମ୍ପର୍କରେ ସମ୍ପୂର୍ଣ୍ଣ ଯାଞ୍ଚ କରି ନଥିଲେ।

# ନିଯୁକ୍ତିବିହୀନ ଅର୍ଥନୀତିକୁ ନେଇ ଯୁବଗୋଷ୍ଠୀ ଅସନ୍ତୁଷ୍ଟ

**ନୂଆଦିଲ୍ଲୀ,୧୭-୨**

### ଏନ୍‌ଡିଏକୁ ଟାର୍ଗେଟ କଲେ ମନମୋହନ



ନିଯୁକ୍ତି ସୃଷ୍ଟି ଓ ଅର୍ଥନୀତି ଅଭିବୃଦ୍ଧିକୁ ନେଇ ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଡ.ମନମୋହନ ସିଂହ ଏନ୍‌ଡିଏ ସରକାରକୁ ଟାର୍ଗେଟ କରିଛନ୍ତି। ନିଯୁକ୍ତିବିହୀନ ଅର୍ଥନୀତି ଅଭିବୃଦ୍ଧିକୁ ନେଇ ଯୁବବର୍ଗ ଅସନ୍ତୁଷ୍ଟ। ଦେଶର ଅର୍ଥନୀତିକୁ ଏହାର କ୍ଷମତା ଅନୁରୂପ ଉଚ୍ଚଶୀଖରରେ ପହଞ୍ଚାଇବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ବିଫଳ ହୋଇଛନ୍ତି ବୋଲି ସେ କହିଛନ୍ତି।

ସ୍ଥାନୀୟ ଦିଲ୍ଲୀ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟରେ ଆୟୋଜିତ ଏକ ସମ୍ମିଳନୀରେ ରବିବାର ଯୋଗ ଦେଇ ଡ.ସିଂହ କହିଛନ୍ତି ଯେ, ନିଯୁକ୍ତି ସୁଯୋଗ ସୃଷ୍ଟି ନ ହୋଇ ଦେଶର ଅର୍ଥନୀତି ଆଗେଇ ଚାଲିଛି। ଗ୍ରାମୀଣ କ୍ଷେତ୍ରରେ ଋଣ ବୃଦ୍ଧି ସହିତ ସହରାଞ୍ଚଳରେ ସମାନ୍ତରାଳ ଅର୍ଥନୀତି ଯୋଗୁ ଯୁବଗୋଷ୍ଠୀର ଆକାଂକ୍ଷା ବୃଦ୍ଧି ପାଉଛି ଏବଂ ସେହି ଅନୁପାତରେ ଅସନ୍ତୋଷ ସୃଷ୍ଟି ହୋଇଚାଲିଛି। ସେ କହିଛନ୍ତି ଯେ, କୃଷି କ୍ଷେତ୍ରରେ ସଙ୍କଟ ବଢ଼ି ଚାଲିଥିବା ବେଳେ ନିଯୁକ୍ତି ସୁଯୋଗ ସୃଷ୍ଟି ନ ହେବା, ପରିବେଶ ସନ୍ତୁଳନ ବିଗୁଡୁଥିବା ବେଳେ ବିଭାଜନକାରୀ ଶକ୍ତିଙ୍କ କାର୍ଯ୍ୟକଳାପ ଯୋଗୁ ଦେଶ ସମ୍ମୁଖରେ ଏବେ ଅନେକ ଆହ୍ୱାନ ସୃଷ୍ଟି ହୋଇଛି। ବରିଷ୍ଠ କଂଗ୍ରେସ ନେତା କହିଛନ୍ତି ଯେ, ଚାଷୀ ଆତ୍ମହତ୍ୟା ଓ ବାରମ୍ବାର ଚାଷୀ ଆନ୍ଦୋଳନରୁ ଏହା ସ୍ପଷ୍ଟ ହେଉଛି ଯେ, ଦେଶର ଢାଞ୍ଚାଗତ ଅସନ୍ତୁଳନ ବଢ଼ିଚାଲିଛି। ଏହି ସମସ୍ୟାର ସମାଧାନ କରିବାକୁ ହେଲେ ଗମ୍ଭୀରଭାବେ ବିଶ୍ଳେଷଣ ସହ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। ଏବେ ସୁଦ୍ଧା ଯାହା ନିଯୁକ୍ତିବିହୀନ ଅଭିବୃଦ୍ଧି ଥିଲା ତାହା ଏବେ ବଦଳି ଯାଇ ରୋଜଗାରକୁ କ୍ଷତି କରୁଥିବା ଆର୍ଥିକ ଅଭିବୃଦ୍ଧିରେ ପରିଣତ ହେଲାଣି। ସରକାର ଔଦ୍ୟୋଗିକ କ୍ଷେତ୍ରରେ ଅତିରିକ୍ତ ନିଯୁକ୍ତି ସୃଷ୍ଟି କରିବାରେ ବିଫଳ ହୋଇଛନ୍ତି। ଆବଶ୍ୟକତା ଅନୁସାରେ ଔଦ୍ୟୋଗିକ ବୃଦ୍ଧି ଦୃଷ୍ଟିଗୋଚର ହେଉନାହିଁ ବୋଲି ସେ କହିଛନ୍ତି। ବିମୁଦ୍ରୀକରଣ ଓ ତରବରିଆ ଭାବେ ଜିଏସ୍‌ଟି ଲାଗୁ କରିବା ଯୋଗୁ ଏମ୍‌ଏସ୍‌ଏମ୍‌ଇ ସେକ୍ଟରକୁ ବହୁତ କ୍ଷତି ସହିବାକୁ ପଡ଼ିଛି। ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ରଙ୍କ ଉଦ୍‌ବୋଧନ ଦେଇ ପୂର୍ବତନ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଭାରତ ଏଭଳି ଏକ ବାଣିଜ୍ୟ ଜଗତରେ ପ୍ରବେଶ କରିବାକୁ ଯାଉଛି , ଯେଉଁଠି ୨୦୩୦ ସୁଦ୍ଧା ଭାରତ ବିଶ୍ୱର ଶୀର୍ଷ ୩ଟି ଦେଶ ମଧ୍ୟରେ ରହିବ ବୋଲି ଅନୁମାନ କରାଯାଉଛି।



# କ୍ୟାନନ ଇଣ୍ଡିଆର ଫଟୋ ମାରାଥନ

**କୋଲକାତା,୧୭-୨**

କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଫଟୋ କଣ୍ଟେଷ୍ଟ ୯ମ ଫଟୋ ମାରାଥନ କଲିକତାଠାରେ ଅନୁଷ୍ଠିତ ହୋଇଯାଇଛି। କ୍ୟାନନ ଇଣ୍ଡିଆର କଞ୍ଜ୍ୟୁମର ଇମେଜିଂ ଉପସଭାପତି ଏଡ଼ି ଉଡାଗାୱା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସାରା ଦେଶର ଫଟୋଗ୍ରାଫି ଲଭରଙ୍କ ଲାଗି ଏକ ପ୍ଲାଟଫର୍ମ ସୃଷ୍ଟି କରିବା ଲାଗି କମ୍ପାନୀ ପକ୍ଷରୁ ଏଭଳି ଏକ ପଦକ୍ଷେପ ନିଆଯାଇଛି। ପୂର୍ବାଞ୍ଚଳରେ ପ୍ରଥମ ଥର ଲାଗି ଏଭଳି ଏକ ପ୍ରତିଯୋଗିତା କମ୍ପାନୀ ଆୟୋଜନ କରିଥିବା ବେଳେ ୫୦୦ ପ୍ରତିନିଧି ଯୋଗ ଦେବା ସହ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏଭଳି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଲୋକଙ୍କୁ ଯୋଡ଼ିବା ନେଇ କାର୍ଯ୍ୟ କରୁଥିବା କ୍ୟାନନ ଇଣ୍ଡିଆର ସିଇଓ ଏବଂ ସଭାପତି କାଜୁଟାଡା କୋବାୟସି କହିଛନ୍ତି।



ଆଦିତ୍ୟ ମୋଟର୍ସ ଶୋ'ରୁମ ଠାରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ନୂଆ ଷ୍ଟାଇଲିସ ଏକ୍ସୟୁଭି ୩୦୦ର ବଜାର ପ୍ରବେଶ କରାଯାଉଛି।

# ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ଏକ୍ସୟୁଭି ୩୦୦

**ଭୁବନେଶ୍ୱର,୧୭-୨**

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ନୂଆ ଷ୍ଟାଇଲିସ ଏକ୍ସୟୁଭି ୩୦୦ ବଜାରକୁ ଆସିଛି। କଟକ ଫୁଲନଖରାସ୍ଥିତ ଆଦିତ୍ୟ ମୋଟର୍ସ ଶୋ'ରୁମ ଠାରେ ଏହାର ଉନ୍ମୋଚନ ହୋଇଥିଲା। ଶୋ'ରୁମର ପରିଚାଳନା ନିର୍ଦ୍ଦେଶକ ଆଦିତ୍ୟ ପାତ୍ର ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ଆଞ୍ଚଳିକ ବିକ୍ରି ପ୍ରବନ୍ଧକ ସୌରଭ ତ୍ରିପାଠୀ, ଆଦିତ୍ୟ ମୋଟର୍ସ ପ୍ରବନ୍ଧକ ମନୋଜ କୁମାର ରଥ ନୂଆ ଯାନଟିକୁ ବଜାର ପ୍ରବେଶ କରାଇଥିଲେ। ଏକ୍ସୟୁଭି ୩୦୦ ଡବ୍ଲ୍ୟୁ୪, ଡବ୍ଲ୍ୟୁ୬ ଏବଂ ଡବ୍ଲ୍ୟୁ୮ ଭଳି ୩ଟି ଭାରିଆଣ୍ଟରେ ଆସୁଛି। ଏଥିରେ ଡବ୍ଲ୍ୟୁ ୮ ଭାରିଆଣ୍ଟର ବିକଳ୍ପ ପ୍ୟାକ ରହିଛି। ମଡେଲଟି ଉଭୟ ପେଟ୍ରୋଲ ତଥା ଡିଜେଲ ଭର୍ସନରେ ଉପଲବ୍ଧ। ଡବ୍ଲ୍ୟୁ୪ ଭାରିଆଣ୍ଟର ପେଟ୍ରୋଲର ବେସିକ ଏକ୍ସଶୋ'ରୁମ ଦର ୭.୯୦ ଲକ୍ଷ ଟଙ୍କା ଏବଂ ଡିଜେଲ ଭାରିଆଣ୍ଟ ଲାଗି ୮.୪୯ ଲକ୍ଷ ଟଙ୍କା ରହିଛି। ଏଥିରେ ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ସ୍ଥାନ ପାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ଜାଲ୍ ଇ-ୱେ ବିଲ୍ ଲାଗି କମିଟି ଗଠନ

**ନୂଆଦିଲ୍ଲୀ,୧୭-୨**

ଜାଲ୍ ଇ-ୱେ ବିଲ୍ ଜରିଆରେ ବ୍ୟବସାୟୀମାନେ ଜିଏସ୍‌ଟି ଫାଙ୍କି ଚାଲିଥିବାରୁ ରାଜସ୍ୱ ଆଦାୟ ହ୍ରାସ ପାଉଛି। ଏହାକୁ ନେଇ ରାଜସ୍ୱ ବିଭାଗ ଚିନ୍ତିତ। ଏ ଦିଗରେ କି ପ୍ରକାର ପଦକ୍ଷେପ ନିଆଯାଇପାରିବ ସେ ସଂକ୍ରାନ୍ତରେ ଜଣାଇବା ଲାଗି ବିଭାଗ ପକ୍ଷରୁ ବରିଷ୍ଠ ଆୟକର ଅଧିକାରୀମାନଙ୍କୁ ନେଇ ଏକ କମିଟି ଗଠନ କରାଯିବ।

ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଗତବର୍ଷ ଏପ୍ରିଲରୁ ଦେଶରେ ଇ-ୱେ ବିଲ୍ ଲାଗୁ କରାଯାଇଛି। ତେବେ ବ୍ୟବସାୟୀମାନେ ବ୍ୟାପକ ହାରରେ ଜାଲ୍ ଇ-ୱେ ବିଲ୍ ଓ ଇନ୍‌ଭଏସ ବ୍ୟବହାର କରୁଥିବାର ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନଡାଇରେକ୍ଟ ଟ୍ୟାକ୍ସେସ ଆଣ୍ଡ କଷ୍ଟମ୍ସ(ସିବିଆଇସି) ନଜରକୁ ଆସିଛି। ଏହି କାରଣରୁ ସରକାର ପ୍ରାୟ ୫ହଜାର କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଟିକସ ଫାଙ୍କିକୁ ରୋକିବା ଲାଗି କେନ୍ଦ୍ର ସରକାର ୨୦୧୮ ଏପ୍ରିଲ ପହିଲାରୁ ରାଜ୍ୟ ଭିତରେ ଏବଂ ରାଜ୍ୟ-ରାଜ୍ୟ ମଧ୍ୟରେ ୫୦ ହଜାର ଟଙ୍କାର ସାମଗ୍ରୀ ପରିବହନ ଲାଗି ଇ-ୱେ ବିଲ୍ ପ୍ରଚଳନ କରିଥିଲେ।

# ନୂଆ କୋକ୍ ଓଭନ୍ ସ୍ଥାପନ କରିବ ଏନ୍‌ଆଇଏନ୍‌ଏଲ୍

**ଭୁବନେଶ୍ୱର,୧୭-୨**



ନୀଳାଚଳ ଇସ୍ପାତ ନିଗମ ଲିମିଟେଡ (ଏନ୍‌ଆଇଏନ୍‌ଏଲ୍) କଳିଙ୍ଗ ନଗରସ୍ଥିତ ନିଜ ପ୍ଲାଣ୍ଟ ପରିସରରେ ଏକ ନୂଆ କୋକ ଓଭନ ସ୍ଥାପନ ନେଇ ଯୋଜନା ରଖିଛି। ଏହା ଉତ୍ପାଦନ ବାର୍ଷିକ କ୍ଷମତା ୦.୮୮ ନିୟୁତ ଟନ୍ ୭ ମିଟର ଉଚ୍ଚତାରେ ୬୭ଟି ଓଭନ ବିଶିଷ୍ଟ। ବ୍ଲାଷ୍ଟ ଫର୍ଣ୍ଣେସରେ ହଟ ମେଟାଲ ଉତ୍ପାଦରେ କୋକ୍ ଏକ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ ଭାବେ କାର୍ଯ୍ୟ କରିଥାଏ।

# ଇସ୍ପାତ ଶିଳ୍ପରେ ଅସ୍ଥିରତା ସତ୍ତ୍ୱେ ସ୍ଥିତାବସ୍ଥା ବଜାୟ ରଖିଛୁ: ନରେନ୍ଦ୍ରନ

**ମୁମ୍ବାଇ,୧୭-୨**

ଅନ୍ତର୍ଜାତୀୟ ବଜାରରେ ଇସ୍ପାତ ଦର ହ୍ରାସ ତଥା ବଜାରର ଅସ୍ଥିର ଅବସ୍ଥା ସତ୍ତ୍ୱେ ଉନ୍ନତ ସ୍ଥିତି ବଜାୟ ରଖିବାକୁ ସକ୍ଷମ ହୋଇଛୁ ବୋଲି ଟାଟା ଷ୍ଟିଲର ଏମ୍‌ଡି ତଥା ସିଇଓ ଟି.ଭି. ନରେନ୍ଦ୍ରନ କହିଛନ୍ତି। ଟାଟା ଷ୍ଟିଲ ବିଏସ୍‌ଏଲ୍ ମିଶ୍ରଣ କଳିଙ୍ଗ ନଗର ସମ୍ପ୍ରସାରଣ ସଫଳତା ସହ ହୋଇ ପାରିଛି। ଉଷା କମ୍ପାନୀ ଅଧିଗ୍ରହଣ ଲାଗି ଉଦ୍ୟମ ଜାରି ରହିଥିବା ସେ ସୂଚନା ଦେଇଛନ୍ତି। ସେହିଭଳି ଇସ୍ପାତ ଶିଳ୍ପରେ ଅସ୍ଥିରତା ଥିଲେ ମଧ୍ୟ କମ୍ପାନୀ ଅଭିବୃଦ୍ଧି ଜାରି ରଖିଥିବା ସେ କହିଛନ୍ତି। ୨୦୧୮ ଡିସେମ୍ବର ସୁଦ୍ଧା ଟାଟା ଷ୍ଟିଲର ମୋଟ ଉତ୍ପାଦନ ୧୧% ବୃଦ୍ଧି ଘଟି ୭.୨୩ ନିୟୁତ ଟନ ଛୁଇଁଛି। କମ୍ପାନୀର ବିତରଣ ୭% ବଢି ୬.୯୯ ନିୟୁତ ଟନ୍ ରହିଛି। ନିକଟରେ ପ୍ରକାଶିତ ତୃତୀୟ ତ୍ରୈମାସ ଫଳାଫଳରେ ଏହା ସୂଚନା ଦେଇଛି। ଏହି ସମୟରେ କମ୍ପାନୀର ଘରୋଇ ବଜାରରେ ଇସ୍ପାତ ଉତ୍ପାଦନ ୩୪% ଏବଂ ବିତରଣ ୧୮% ବୃଦ୍ଧି ଘଟିଛି। ମୋଟ ରାଜସ୍ୱ ୨୩% ବଢି ୪୧,୨୨୦ କୋଟି ଟଙ୍କା ରହିଛି।

# ଆଜି ରିଜର୍ଭ ବ୍ୟାଙ୍କ ବୋର୍ଡ ବୈଠକ

**ନୂଆଦିଲ୍ଲୀ,୧୭-୨**

### ଜେଟ୍‌ଲୀ ଦେବେ ଉଦ୍‌ବୋଧନ
### ଲାଭାଂଶ ଉପରେ ନଜର

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବୋର୍ଡ ବୈଠକ ସୋମବାର ଏଠାରେ ଅନୁଷ୍ଠିତ ହେବ। ପରମ୍ପରା ଅନୁଯାୟୀ, ବଜେଟ ପରେ ବସୁଥିବା ବୋର୍ଡ ବୈଠକରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଉଦ୍‌ବୋଧନ ଦେବେ। ଏହି ବୈଠକରେ ରାଜକୋଷୀୟ ଏକତ୍ରୀକରଣ ରୋଡମ୍ୟାପ୍ ସହ ଅନ୍ତରୀଣ ବଜେଟର ବିଭିନ୍ନ ଦିଗ ଉପରେ ସେ ରିଜର୍ଭ ବ୍ୟାଙ୍କକୁ ବୁଝାଇବେ।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଏହି ବୈଠକରେ ଲାଭାଂଶକୁ ନେଇ ଆଲୋଚନା ହେବାକୁ ଯାଉଥିବାରୁ କେନ୍ଦ୍ର ସରକାରଙ୍କ ଏହା ଉପରେ ନଜର ରହିବ। କେନ୍ଦ୍ରୀୟ ବ୍ୟାଙ୍କର ଆର୍ଥିକ ସ୍ଥିତି ହିସାବକୁ ନେଇ ସରକାର ୨୦୧୮-୧୯ରେ ୨୮ହଜାର କୋଟି ଟଙ୍କାର ଅନ୍ତରୀଣ ଲାଭାଂଶ ଆଶା କରୁଛନ୍ତି। ଗତ ଆର୍ଥିକ ବର୍ଷରେ ରିଜର୍ଭ ବ୍ୟାଙ୍କ କେନ୍ଦ୍ରକୁ ୧୦ ହଜାର କୋଟି ଟଙ୍କା ଅନ୍ତରୀଣ ଲାଭାଂଶ ଦେଇସାରିଛି।

ଚଳିତ ଆର୍ଥିକ ବର୍ଷରେ ରାଜକୋଷୀୟ ନିଅଣ୍ଟ ନେଇ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାରେ ସରକାର ବିଫଳ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଥିବା ବେଳେ ବଜେଟ ଉପସ୍ଥାପନ ପରେ ଆୟୋଜିତ ଏହି ପରମ୍ପରାଗତ ବୈଠକ ବେଶ୍ ଗୁରୁତ୍ୱବହନ କରୁଛି। ପୂର୍ବରୁ ରାଜକୋଷୀୟ ନିଅଣ୍ଟ ବଜେଟର ୩.୩% ରହିବ ବୋଲି ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଅନ୍ତରୀଣ ବଜେଟରେ ଏହା ୩.୪%କୁ ବୃଦ୍ଧି ପାଇବ ବୋଲି ଅନୁମାନ କରିଛନ୍ତି। ଆସନ୍ନ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସରକାର ଅନ୍ତରୀଣ ବଜେଟରେ ଟିକସ ଛାଡ଼ କରି ମଧ୍ୟବିତ୍ତଙ୍କୁ ଖୁସି କରିଛନ୍ତି। ସରକାର ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକୁ ଟିକସମୁକ୍ତ ସମେତ ଷ୍ଟାଣ୍ଡାର୍ଡ ଡିଡକ୍ସନକୁ ୫୦ ହଜାର ଟଙ୍କା ଏବଂ ଟିଡିଏସ୍ ସୀମାକୁ ୧୦ରୁ ୪୦ ହଜାର ଟଙ୍କାକୁ ବୃଦ୍ଧି ଘୋଷଣା କରିଥିବା ବେଳେ ୧୨ କୋଟି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୩ଟି କିସ୍ତିରେ ବାର୍ଷିକ ୬ ହଜାର ଟଙ୍କାର ସହାୟତା ଯୋଗାଇବା ଲାଗି ଘୋଷଣା କରିଛନ୍ତି। ଏଥିଯୋଗୁ ରାଜକୋଷୀୟ ନିଅଣ୍ଟ ବୃଦ୍ଧି ପାଇବ ବୋଲି କାରଣ ଦର୍ଶାଯାଇଛି। ତେବେ ନିଅଣ୍ଟ ପରିମାଣକୁ କମାଇବା ନେଇ ସରକାର ରିଜର୍ଭ ବ୍ୟାଙ୍କ ନିକଟରେ ଏକ ରିପୋର୍ଟ ଉପସ୍ଥାପନ କରିବେ ବୋଲି ଜଣାପଡିଛି।

# ୟୁପିଆଇ ଜରିଆରେ ଆକାଉଣ୍ଟରୁ ଗାଏବ ହେଉଛି ଟଙ୍କା

**ମୁମ୍ବାଇ,୧୭-୨**

### ବ୍ୟାଙ୍କକୁ ସତର୍କ କଲା ଆର୍‌ବିଆଇ



ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ(ୟୁପିଆଇ) ଜରିଆରେ ହ୍ୟାକରମାନେ ଆକାଉଣ୍ଟରୁ ଟଙ୍କା ଗାଏବ କରୁଛନ୍ତି। ଏ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ବ୍ୟାଙ୍କଗୁଡ଼ିକୁ ସତର୍କ କରାଯାଇଛି। ଅତି ସହଜରେ ଟଙ୍କା ଗାଏବ କରାଯାଉଛି ବୋଲି ଏଥିରେ କୁହାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ହ୍ୟାକରମାନେ ଗ୍ରାହକଙ୍କୁ ଏକ ଆପ୍ 'ଏନିଡେସ୍କ' ଡାଉନଲୋଡ କରିବାକୁ ଅନୁରୋଧ କରେ। ଏହାପରେ ସେମାନେ ଗ୍ରାହକଙ୍କର ମୋବାଇଲରେ ଆସୁଥିବା ୯ ଡିଜିଟ୍‌ର କୋଡ୍ ଜରିଆରେ ତାଙ୍କ ଫୋନ୍‌କୁ ରିମୋଟ ଭାବେ ବ୍ୟବହାର କରେ। ହ୍ୟାକରମାନେ ଏହି ଆପ୍ କୋଡକୁ ନିଜ ମୋବାଇଲରେ ଲୋଡ କରିବା ମାତ୍ରେ ଟାର୍ଗେଟରେ ଥିବା ଗ୍ରାହକଙ୍କଠାରୁ କିଛି ଅନୁମତି ମାଗେ। ଏହାଦ୍ୱାରା ହ୍ୟାକର ଦୂରରେ ଥାଇ ଟାର୍ଗେଟରେ ଥିବା ଗ୍ରାହକଙ୍କ ମୋବାଇଲ ଫୋନ ବ୍ୟବହାର କରିବାର ସୁଯୋଗ ପାଇଯାଏ। ଫଳରେ ଗ୍ରାହକଙ୍କ ଆକାଉଣ୍ଟକୁ ଏହା ନିଜ ମୋବାଇଲ ଜରିଆରେ ପରିଚାଳନା କରିପାରେ। ଏହାର ସୁଯୋଗ ନେଇ ସେ ଗ୍ରାହକଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ କରେ ବୋଲି ରିଜର୍ଭ ବ୍ୟାଙ୍କ ସତର୍କବାଣୀରେ କହିଛି। ଏହାଦ୍ୱାରା ବ୍ୟାଙ୍କରେ ଥିବା ହଜାର ହଜାର ଗ୍ରାହକଙ୍କ ଆକାଉଣ୍ଟ ପ୍ରତି ଏବେ ବିପଦ ସୃଷ୍ଟି ହୋଇଛି।


OFFICE OF THE NOTIFIED AREA COUNCIL, BHUBAN
E-mail ID: bhubann.hud@nic.in, Ph. No.: 06769 272023

No. 299 Dt. 16.02.2019

TENDER CALL NOTICE

Quotations are invited from the interested firms/ Authorized Agents for Privatisation of Baji Rout Kalyan Mandap near Bhuban NAC Office annually on Lease Basis. The Base Price for Lease of the Building is Rs. 3,00,000.00 (Rupees Three Lakhs Only) per Year. The Rate of Lease will remain Valid for 3 years. Initially Lease will be given for one year only. The same will be extended for next two years after successful performance of the quotationer. The last date for receipt of quotation is on Dt. 23.02.19 upto 1.00 PM and the same will be opened on same date at 3.00 PM in presence of quotationer or their Authorized agent if present. The quotations should be accompanied with Rs. 5,000.00 (Rupees Five Thousand) only is to be deposited in shape of Cash/ Demand Draft issued from any Bank prepared in favour of Executive Officer Bhuban, NAC payable at Bhuban towards paper cost. The Quotation should be accompanied with an agreement that the party will maintain the establishment properly, sanitation as well as cleanliness of the premises maintained and Electric Charges will borne by the Lease holder. The Leaseholder will not claim more than Rs. 8000.00 (Rupees Eight Thousand Only) per programme. The quotationer will have to deposit about 50% of the Quoted Value at the time of agreement of the lease & rest 50% will be deposited within next six months. 5% of the lease will be enhanced at commencement of every financial year. In case of Govt. Programmes, the Leaseholder will provide the Hall free of cost with direction of Executive Officer. Interested parties may submit quotations for the above said Lease. For details please contact "Works Section" between 10 AM to 5 PM at above mentioned address on all working days. The undersigned reserves all the rights to accept or reject any/ all quotations in full or in part without assigning any reason thereof.

Details as below:-

| Sl. No. | Particular | Unit | Quoted Rate In Figure | Quoted Rate In Words | Remarks |
|---|---|---|---|---|---|
| 1 | Privatisation of Baji Rout Kalyan Mandap of Bhuban NAC on lease basis | Annual | | | |

Sd./- Executive Officer, Bhuban N.A.C.



idco Your power to grow | ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR.
Tender Call Notice No. IDCO/HO/P&C/EST-E/1074/04/2018(Vol-VI-A)-3034 Date:- 14.02.2019

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

1. Name of the Work : Design, Supply, Installation, Testing and Commissioning of Servo Powered 32" Automatic Polythene Pouch Bottom sealing & cutting machine line Unit of Polythene Unit of Sea-Food Park at Deras.
2. Period of Completion : 03 (Three) Calendar Months
3. Other details :

| Procurement Officer | Bid Identification No. | Availability of Tender on-Line for Bidding From | Availability of Tender on-Line for Bidding To |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, Idco Tower, Bhubaneswar | Bid Id. No. PC-EST-E- 87 / 2018-19 | 22.02.2019 at 17.00 hrs. | 18.03.2019 upto 17.00 hrs. |

Further details can be seen from the e-Procurement Portal. www.tendersorissa.gov.in and Corrigendum if any will not be published in news papers and can only be seen in the e-procurement portal www.tenderorissa.gov.in

Sd/-
Chief General Manager (P&C) I/C, IDCO, Bhubaneswar



ଓଡ଼ିଶା ସରକାର
Government of Odisha
Social Security & Empowerment of PwDs Department SIDR Building, Capital Hospital Campus, Unit-6, Bhubaneswar-751001
No.23-gg

CORRIGENDUM
For Outsourcing of Manpower

No.1703 Date:16.02.2019


The time line of tender notice No.877/SSEPD dated.29.02.2019 is revised and accordingly the last date of submission of tender is extended of from 11.02.2019 to 25.02.2019. The condition of the tender remain same. Revised schedule is here under http://www.ssepd.gov.in.

1. Availability of tender document:
SSEPD website www.ssepd.gov.in
2. Date and time for submission of the tender documents:
By speed post/ Registered post / courier/ hand in all working days up to 1:00 P.M. of 25.02.2019.

Sd./-
Director, SSEPD, Odisha
46001/11/0041/1819


See Career Appointment on every Wednesday & Saturday

କାତାର ଓପନ ଫାଇନାଲରେ ବିଶ୍ୱର ୩ ନମ୍ବର ଖେଳାଳି ସିମନୋ ହାଲେପ୍‌ଙ୍କୁ ପରାସ୍ତ କରିବା ମୋ କ୍ୟାରିୟରର ଶ୍ରେଷ୍ଠ ବିଜୟ ।
–ଏଲିସି ମର୍ଟେନ୍ସ, ବେଲଜିୟମ ଟେନିସ୍ ଖେଳାଳି



ବର୍ମିଂହାମ୍ ଇନ୍‌ଡୋର ଗ୍ରାଁ ପ୍ରି ୧,୫୦୦ ମିଟର ରେସ୍‌ରେ ମୁଁ ବିଶ୍ୱ ରେକର୍ଡ କରିବି ବୋଲି ମୋ କଳ୍ପନା ବାହାରେ ଥିଲା ।
–ସାମୁଏଲ ଟେଫେରା,ଇଥିଓପିଆନ୍ ଆଥ୍‌ଲେଟ



## ସଂକ୍ଷେପରେ

### କେରଳଠାରୁ ହାରିଲା ଓଡ଼ିଶା

**କଟକ ଅଫିସ,୧୭।୨:** ଗୁଜରାଟର ଆନନ୍ଦସ୍ଥିତ ଶାସ୍ତ୍ରୀ ପଡ଼ିଆରେ ୨୩ ବର୍ଷରୁ କମ୍ ପୁରୁଷ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୧୧୧ ରନ୍‌ରେ କେରଳଠାରୁ ପରାସ୍ତ ହୋଇଛି। ଓଡ଼ିଶାର ଏହା ଲଗାତର ୩ୟ ପରାଜୟ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କେରଳ ୯ ଉଇକେଟ ହରାଇ ୨୪୪ ରନ୍ କରିଥିଲା। ଉଇକେଟ କିପର ବିଷ୍ଣୁ ରାଜ ସର୍ବାଧିକ ୧୦୮ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ପ୍ରୀତ କନ୍‌ୱର ସିଂ ଚୌହ୍ୱାନ ଓ ତାରିଣୀ ସ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ୧୩୩ ରନ୍‌ରେ ଅଲଆଉଟ ହୋଇଥିଲା। ସୌଭାଗ୍ୟ ରଞ୍ଜନ ମିଶ୍ର ସର୍ବାଧିକ ୪୨ ରନ୍ କରିଥିବା ବେଳେ କେରଳ ପକ୍ଷରୁ ଏସ୍. ଯୋଶେଫ ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ।

### ଏସ୍‌ପିଏସ୍‌ବି ବିପକ୍ଷରେ ମ୍ୟାଚ୍ ଡ୍ର ରଖିଲା ଓଡ଼ିଶା

**କଟକ ଅଫିସ,୧୭।୨:** ମହାରାଷ୍ଟ୍ରର ଔରଙ୍ଗାବାଦ୍‌ଠାରେ ରବିବାରଠାରୁ ୯ମ ଜୁନିୟର ବାଳକ ଜାତୀୟ ହକି ଚାମ୍ପିୟନଶିପ(ଡିଭିଜନ-ଏ) ଆରମ୍ଭ ହୋଇଛି। ଓଡ଼ିଶା ଓ ଷ୍ଟିଲ ପ୍ଲାଣ୍ଟ ସ୍ପୋର୍ଟ୍ସ ବୋର୍ଡ(ଏସ୍‌ପିଏସ୍‌ବି) ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଛି। ପ୍ରଥମ ଦୁଇଟିଯାକ କ୍ୱାର୍ଟର ଗୋଲଶୂନ୍ୟ ରହିବା ପରେ ୩ୟ କ୍ୱାର୍ଟରରେ ଓଡ଼ିଶା ପକ୍ଷରୁ ସୁବାସ ବାର୍ଲା ୪୨ତମ ମିନିଟରେ ପ୍ରଥମ ଗୋଲ ଦେଇଥିଲେ। ପରେ ୪ର୍ଥ କ୍ୱାର୍ଟରରେ ଏସ୍‌ପିଏସ୍‌ବି ପକ୍ଷରୁ ଏକ ଗୋଲ ହେବା ସହ ମ୍ୟାଚ୍ ଅମୀମାଂସିତ ରହିଥିଲା।

### ରାଜ୍ୟ ଟେନିସ୍ ଭଲିବଲ ଉଦ୍‌ଯାପିତ

**କଟକ ଅଫିସ,୧୭।୨:** ଢେଙ୍କାନାଳ କାମାକ୍ଷାନଗରସ୍ଥିତ ସଂସ୍କାର ସ୍କୁଲଠାରେ ତୃତୀୟ ରାଜ୍ୟ ସିନିୟର ଟେନିସ ଭଲିବଲ୍ ଚାମ୍ପିୟନଶିପ ରବିବାର ଉଦ୍‌ଯାପିତ ହୋଇଛି । ପୁରୁଷ ବିଭାଗରେ ଭଦ୍ରକ ଦଳ ୨-୧ ସେଟ୍‌ରେ ପାରାଦୀପକୁ ପରାସ୍ତ କରି ଚାମ୍ପିୟନ ହୋଇଥିବା ବେଳେ ମହିଳା ବିଭାଗରେ କେନ୍ଦୁଝର ୨-୧ ସେଟ୍‌ରେ ରାଉରକେଲାକୁ ହରାଇ ଚାମ୍ପିୟନ ହୋଇଥିଲା । ମିକ୍ସଡ୍ ଡବଲସ୍‌ରେ ଚାମ୍ପିୟନ ହୋଇଛି କେନ୍ଦୁଝର । ଢେଙ୍କାନାଳ ଜିଲା ଟେନିସ ଭଲିବଲ୍ ସଂଘ ଦ୍ୱାରା ହୋଇଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ସଂସ୍କାର ସ୍କୁଲର ଟ୍ରଷ୍ଟି ପ୍ରସନ୍ନ କୁମାର ସାହୁ, ଅଧକ୍ଷା ସମଶ୍ରୀ ପତି, ରାଜ୍ୟ ଟେନିସ ଭଲିବଲ୍ ସଂଘର ସମ୍ପାଦକ ଶଶିକାନ୍ତ ନାୟକ, ସଂଗଠନ ସମ୍ପାଦକ ଚିରଞ୍ଜୀବ ମିଶ୍ର, ଢେଙ୍କାନାଳ ଜିଲା ଟେନିସ ଭଲିବଲ ସମ୍ପାଦକ ନୀଳମଣି ସାହୁ, ରାଜ୍ୟ ସଂଘର ଯୁଗ୍ମ ସମ୍ପାଦକ ସ୍ମୃତି ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ଦିନିକିଆ ଭଲିବଲ ଟୁର୍ଣ୍ଣାମେଣ୍ଟ

**ରାଜନଗର, ୧୭।୨:** ରାଜନଗର ବ୍ଲକ ଫିରିକିଦାଣ୍ଡି ଖେଳ ପଡ଼ିଆରେ ବାବା ବୈଷ୍ଣବ ଗୋସ୍ୱାମୀ କ୍ଲବ ପକ୍ଷରୁ ଦିନିକିଆ ହାରାମଣି ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦବାଲି ଭଲିବଲ ଟିମ ଓ ତରିପାଟଣା ମଧ୍ୟରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହୋଇଥିଲା। ତରିପାଟଣା ପ୍ରଥମ ସେଟରେ ୨୫-୧୬ ସେଟରେ ଆଗୁଆ ରହି ଚାମ୍ପିୟନ ହୋଇଛି। ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରାଯାଇଛି। ବନ୍ଧପଡ଼ା ପଞ୍ଚାୟତର ସରପଞ୍ଚ କାରଣ କୁମାର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଭିମନ୍ୟୁ ପ୍ରଧାନ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମାଜସେବୀ ସୁରେନ୍ଦ୍ର ନାଥ ନାୟକ ଓ ସରପଞ୍ଚ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସୁଧୀର ବେହୁରା, ତ୍ରିଲୋଚନ ସ୍ୱାଇଁ ଧାରା ବିବରଣୀ ପ୍ରଦାନ କରିଥିଲେ। ବାବା ବୈଷ୍ଣବ ଗୋସ୍ୱାମୀ କ୍ଲବର ଜ୍ଞାନରଞ୍ଜନ ନାୟକ, ଅଶୋକ ପ୍ରଧାନ, ଚିତରଞ୍ଜନ ଜେନା, ଶ୍ରୀକାନ୍ତ ନାୟକ, ମନୋଜ ଜେନା, ସଞ୍ଜୟ ବେହୁରା, ପାର୍ଥବୀର ବେହୁରା, ପ୍ରଦ୍ୟୁମ୍ନ ରାଉତ, ଅରୁପାନନ୍ଦ ବେହେରା, ସୁଧୀର ଜେନା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।





ଭୁବନେଶ୍ୱର: ରବିବାର ଭଞ୍ଜ କଳାମଣ୍ଡପରେ ଅନୁଷ୍ଠିତ ମିଷ୍ଟର ଆଣ୍ଡ ମିସ୍ ବଡିବିଲ୍ଡିଂ ଚାମ୍ପିୟନଶିପରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

## ମୋହାଲି ଷ୍ଟାଡିୟମରୁ ପାକ୍ କ୍ରିକେଟରଙ୍କ ଫଟୋ କଢ଼ାଗଲା

ଚଣ୍ଡିଗଡ଼, ୧୭।୨(ପି.ଟି.)

କଶ୍ମୀରର ପୁଲୱାମାରେ ଆତଙ୍କବାଦୀ ଆକ୍ରମଣ ପରେ ପଞ୍ଜାବ କ୍ରିକେଟ ଆସୋସିଏଶନ (ପିସିଏ) ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଶହୀଦ ହୋଇଥିବା ଯବାନଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇ ପିସିଏ ମୋହାଲି ଷ୍ଟାଡିୟମରୁ ପାକିସ୍ତାନ କ୍ରିକେଟରଙ୍କ ଫଟୋ ହଟାଇ ଦେଇଛି। ପିସିଏ କର୍ମକର୍ତ୍ତାଙ୍କ ଏକ ବୈଠକରେ ପାକ୍ କ୍ରିକେଟରଙ୍କ ଫଟୋ ହଟାଇବାକୁ ନିଷ୍ପତ୍ତି ନିଆଯାଇଥିଲା ବୋଲି ପିସିଏ କୋଷାଧକ୍ଷ ଅଜୟ ତ୍ୟାଗୀ କହିଛନ୍ତି। ଏହା ଏକ ବିନମ୍ର ପଦକ୍ଷେପ ବୋଲି ସେ କହିଛନ୍ତି। ଏହି ଆତଙ୍କବାଦୀ ଆକ୍ରମଣ ପରେ ସାରା ଦେଶରେ ଦୁଃଖ ଓ କ୍ରୋଧର ନିଆଁ ଜଳୁଛି। ପିସିଏ ଏହାକୁ ଭଲଭାବେ ହୃଦୟଙ୍ଗମ କରିଛି। ଗ୍ୟାଲେରି, ଲଙ୍ଗରୁମ୍, ରିସିପ୍‌ଶନ ଓ ହଲ୍ ଅଫ୍ ଫେମ୍ ଏରିଆ ସମେତ ଷ୍ଟାଡିୟମ୍‌ର ବିଭିନ୍ନ ପଏଣ୍ଟରେ ପାଖାପାଖି ୧୫ ପାକିସ୍ତାନ କ୍ରିକେଟରଙ୍କ ଫଟୋ ଲାଗିଥିଲା। ୨୦୧୧ ବିଶ୍ୱକପ୍‌ରେ ଭାରତ ମୋହାଲିରେ ସାହିଦ୍ ଆଫ୍ରିଦୀଙ୍କ ନେତୃତ୍ୱାଧୀନ ପାକିସ୍ତାନକୁ ୨୯ ରନ୍‌ରେ ସେମିଫାଇନାଲରେ ପରାସ୍ତ କରି ଫାଇନାଲକୁ ଉଠିଥିଲା। କଢ଼ାଯାଇଥିବା ଫଟୋଗୁଡ଼ିକ ମଧ୍ୟରେ ଏବେକାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁଙ୍କ ଫଟୋ ସାମିଲ ଥିଲା। ସେହିପରି ଆଫ୍ରିଦୀ, ଜାଭେଦ ମିଆଁଦାଦ୍ ଓ ୱାସିମ୍ ଆକ୍ରମଙ୍କ ଫଟୋକୁ ମଧ୍ୟ ହଟାଯାଇଛି।

ଗୁରୁବାର ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୪୦ ଜଣ ସିଆରପିଏଫ୍ ଯବାନ ମୃତ୍ୟୁବରଣ କରିଥିଲେ ଓ ୫ଜଣ ଆହତ ହୋଇଥିଲେ। ପାକିସ୍ତାନର ଏକ ସଂଗଠନ ଜୈଶ୍-ଇ-ମହମ୍ମଦ ଏହି ଆତଙ୍କବାଦୀ ଘଟଣା ଘଟାଇଥିଲା।

## କଟକ ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ

ସୋନପୁର,୧୭।୨(ନି.ପ୍ର.)

ସ୍ଥାନୀୟ ସୋନପୁର ଗାନ୍ଧୀ ପଡିଆଠାରେ ଅନୁଷ୍ଠିତ ୧୩ତମ ଅଲ ଓଡ଼ିଶା ରବି ଆଣ୍ଡ ଅନାଦି ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲରେ କଟକ ସ୍ପୋର୍ଟ୍ସ ହଷ୍ଟେଲ ପେନାଲ୍ଟି ଶୁଟ୍ ଆଉଟ୍ ୪-୨ ଗୋଲରେ ବରଗଡ଼ର ୟୁନାଇଟେଡ ସ୍ପୋର୍ଟିଂକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ମ୍ୟାଚ୍‌ର ୨୦ ତମ ମିନିଟରେ ବରଗଡ଼ ଦଳର ବିର୍ସା ମୁଣ୍ଡା ଗୋଲ ଦେଇଥିଲେ। ୭୫ତମ ମିନିଟ୍‌ରେ କଟକର ଜୟସିଂ ଗାଗାରାଇ ଗୋଟିଏ ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ତରକୁ ଆଣିଥିଲେ। ନିର୍ଦ୍ଧାରିତ ସମୟ ଖେଳ ୧-୧ରେ ବରାବର ରହିଥିଲା। ଶେଷରେ ପେନାଲଟି ଶୁଟ୍ ଆଉଟରେ କଟକ ସ୍ପୋର୍ଟ୍ସ ହଷ୍ଟେଲ ୪-୨ଗୋଲରେ ବିଜୟୀ ହୋଇଥିଲା। କଟକର ଜୟସିଂ ଗାଗାରାଇଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଉନ୍ନତ ଖେଳ ପ୍ରଦର୍ଶନ ସହ ମୋଟ ୬ଟି ଗୋଲ ଦେଇଥିବାରୁ ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଭାବେ ପୁରସ୍କୃତ କରାଯାଇଥିଲା। କଟକର ଫଗୁ ବାସ୍କେ ବେଷ୍ଟ ଗୋଲକିପର ଓ ବରଗଡ଼ର ମୁକେଶ ଭୋଇ ବେଷ୍ଟ ଡିଫେନ୍ସ ବିବେଚିତ ହୋଇଥିଲେ। ମ୍ୟାଚ୍‌କୁ ରେଫରି ସଞ୍ଜୀବ କୁମାର ସାହୁ, ସଲିଲ ବେହେରା, ଦିଲୀପ କୁମାର ରାଉତ ଓ ଦେବାଶିଷ ବାଗ୍ ପରିଚାଳନା କରିଥିଲେ। ରାମଧୁନ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ନଗର ଉନ୍ନୟନ ଓ ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ, ବଲାଙ୍ଗୀର କ୍ରୀଡା ସଂସଦର ସମ୍ପାଦକ ହରିନାରାୟଣ ପୂଜାରୀ, ଜିଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ବେହେରା, ସାମାଜିକ କର୍ମୀ ଶ୍ରୀବସ୍ତ ମଲ୍ଲିକ୍, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ପ୍ରକାଶ ଚନ୍ଦ୍ର ସାହୁ, ଗୋରେଖନାଥ ସାହୁ, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ହିମାଂଶୁ ଶେଖର ବିଶ୍ୱାଳ ଓ ବୌଦ୍ଧ ଜିଲା କ୍ରୀଡା ଅଧିକାରୀ ପବିତ୍ର କୁମାର ରାଉତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ହିରନମୟ ପଟ୍ଟନାୟକ, ସୁବାସ ବିଶ୍ୱାଳ ଓ ମନୋରଞ୍ଜନ ତ୍ରିପାଠୀ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କ୍ଲବର ସଭାପତି ଶିବ ଶଙ୍କର ନାଗ, ସମ୍ପାଦକ ପୀୟୂଷ କୁମାର ପଣ୍ଡା, ହୃଷୀକେଶ ପଣ୍ଡା, ରାଜୀବ ସାହୁ, କଲିମ ମହମ୍ମଦ, ବିଦ୍ୟାଧର ମିଶ୍ର, ଅନୁପ ସାହୁ, ଭକ୍ତିରଞ୍ଜନ ଦଳେଇ, ଜୟନାରାୟଣ ମେଣ୍ଡଲି, ରବି ଗୁରୁ ଓ ଜିତୁ ସାହୁଙ୍କ ସମେତ ସମସ୍ତ ସଭ୍ୟ ଖେଳ ପରିଚାଳନାରେ ସହାୟତା କରିଥିଲେ। ଏହି ଅବସରରେ ୮ଟି ଟିମ୍‌ର ଫ୍ରାଞ୍ଚାଇଜରମାନେ ଯୋଗଦେଇଥିଲେ ।



ଚାମ୍ପିୟନ ଟିମ୍‌କୁ ମୁଖ୍ୟ ଅତିଥି ରାଜ୍ୟ ନଗର ଉନ୍ନୟନ ଓ ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ପୁରସ୍କୃତ କରୁଛନ୍ତି।

## ବାପୁଜୀ ସ୍ପୋର୍ଟିଂ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ବାପୁଜୀ ସ୍ପୋର୍ଟିଂ କ୍ଲବ ।

ଧର୍ମଶାଳା,୧୭।୨(ଡି.ଏନ୍.ଏ.)

ଧର୍ମଶାଳା ଫୁଟବଲ୍ ଆସୋସିଏଶନ୍ ଆନୁକୂଲ୍ୟରେ ଧର୍ମଶାଳା ବାଣୀପୀଠ ଖେଳ ପଡ଼ିଆରେ ଆୟୋଜିତ ଏକବିଂଶତମ ରାଜ୍ୟସ୍ତରୀୟ ଡିଫା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ମ୍ୟାଚ୍‌ରେ ବାପୁଜି ସ୍ପୋର୍ଟିଂ କ୍ଲବ କଟକ ମା' ମଙ୍ଗଳା ଆଥଲେଟିକ ଆସୋସିଏଶନ ବରୁଆଁକୁ(୩-୦) ଗୋଲ୍‌ରେ ପରାସ୍ତକରି ଚଳିତ ବର୍ଷର ଚାମ୍ପିୟନ ହୋଇଛି । କଟକ ଦଳର କାହ୍ନା ସିଂଙ୍କ ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ ଗୋଟିଏ ଲେଖାଏ ଗୋଲ ଓ ଦ୍ୱିତୀୟାର୍ଦ୍ଧରେ ଡେନୁ ମାଝୀଙ୍କ ଆଉ ଗୋଟିଏ ଗୋଲ୍ ଦଳକୁ ବିଜୟୀ କରି ପରିଛି। ତାଜ୍‌ଉଦ୍ଦିନ ଖାଁ ଖେଳ ପରିଚାଳନା କରିଥିବାବେଳେ ସେକ୍ ସଲିମ ଅହମ୍ମଦ୍ ଓ ପ୍ରଶାନ୍ତ ସେଠୀ ଲାଇନ୍‌ରେ ସହାୟତା କରିଥିଲେ। ଡିଫା କ୍ଲବର କାର୍ଯ୍ୟକାରୀ ସଭାପତି କାଶୀନାଥ ଜେନାଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସମାଜିକ କର୍ମୀ ସନ୍ତୋଷ କୁମାର ଜେନା, ଅତିଥିଭାବେ କଟକ କମର୍ସିଆଲ ଟ୍ୟାକ୍ସ ଅଫିସର ଅଶୋକ କୁମାର ସେଠୀ, କ୍ରୀଡା ସଙ୍ଗଠକ ଭରତ ସାହୁ ଯୋଗଦେଇ ବିଜୟୀ ଦଳକୁ ଚାମ୍ପିଅନ ଟ୍ରଫି ଓ ବରୁହାଁ ଦଳକୁ ରନର୍ସ ଅଫ୍ ଟ୍ରଫି ପ୍ରଦାନ କରିଥିଲେ। ଏଥିସହ ବିଜୟୀ ଦଳର ଦାରା ସିଂ ଜାମୁଡାକୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ କାହ୍ନା ସିଂଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ପୁରସ୍କୃତ କରାଯାଇଛି। ପ୍ରବୋଧ ପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ସଭାପତି ପ୍ରମୋଦ ଦାସ ସୁଚାରୁଭାବେ ଖେଳ ସମାପନ ହୋଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

**OFFICE OF THE CHILD DEVELOPMENT PROJECT OFFICER, ICDS PROJECT, KHALLIKOTE, GANJAM**

**Phone No.-06810256336 / Email. ID -cdpokhallikote@gmail.com**

Sealed Quotations are invited from the authorised distributors / Registered farms / Co-operative organisations/SSI units for supply of AWC articles for 281 AWCs. The quotation should be reached at the office of the CDPO ICDS Project, Khallikote, by Rgd. Post/speed post only on or before 25.02.2019, by 12.30 PM. The tenderers can get the details from the Ganjam District website **"origan@nic.in"** *Sd./- Child Development Project Officer, Khallikote*

**Government of Odisha** No.1706-O
**Office of the Executive Engineer, Rural Works Division, Jharsuguda**
**Bid Identification No. Online - EEJSG -13 of 2018-19**
**NOTICE INVITING TENDER FOR BUILDING WORKS IN ODISHA**
**Email: eerw_jharsuguda@yahoo.co.in , Tel.: 06645-271643**
**NATIONAL COMPETITIVE BIDDING THROUGH e-Procurement**

1. Name of the work : Building works as per DTCN available in the **www.tendersorissa.gov.in**
2. Total No. of work : 03 nos.
3. Estimated Cost : Rs.11.62 Lakhs to Rs.39.57 Lakhs
4. Period of completion : 9 (Nine) Calendar Months
5. Period and Time of availability of bid document in the portal for bidding : Dt.20.02.2019 at 11.00 AM. to 28.02.2019 up to 5.00 PM.
6. Date and time of bid opening : Dt.02.03.2019 at 11.00 AM.
7. Name and address of the officer inviting Bid : E.E.R.W. Division, Jharsuguda

(1) Other details can be seen from detailed notice inviting Tenders, available in website **www.tendersorissa.gov.in.**
(2) Corrigendum if any shall only be published in the above website.

25104/11/0014/1819 **Sd./- Executive Engineer, R.W. Division, Jharsuguda**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RWS&S DIVISION, KORAPUT**
e-mail: eerwss.kpt@rediffmail.com, Ph. No. (Off): 06852-250281, (Res) 06852-250680, Fax No.: 06852-251098

**National Competitive Bidding Through E-Procurement**
**Tender Identification No. 12/EE/RWSS/KPT/2018-19/ Dt.13.02.2019**

**No. 1714-O:-** The Executive Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Double cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted online in the website www.tendersorissa.gov.in separately for the works.

| | | |
|---|---|---|
| 1. | Nature of work | Rural Piped Water Supply Work (Civil) |
| 2. | Estimated Cost | Varies from 22.46 Lakhs to 149.50 lakhs |
| 3. | No. of works | 10 Nos. |
| 4. | Tender cost | 6000 & 10000.00 |
| 5. | Class of Contractor | "C", "B", "A" |
| 6. | Availability of Bid document in the website | Dt.20.02.2019, 17hours to 26.02.2019, 17hours |
| 7. | Date of Seeking clarification | During the Office hours of 20.02.2019 to 25.02.2019 |
| 8. | Date of opening of Bid | Dt.27.02.2019 at 11hours |

Further details can be seen in the bidding documents which is available in the e-Procurement portal https://www.tendersorissa.gov.in subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.

*Sd./- Executive Engineer RWS&S Division, Koraput*
25034/11/0042/1819

**GOVERNMENT OF ODISHA** No.1715-O
**OFFICE OF THE SUPERINTENDING ENGINEER SOUTHERN CIRCLE RURAL WORKS, SUNABEDA**
ଓଡ଼ିଶା ସରକାର
**email-serwsbd2003@yahoo.com**

No...................... **E-Procurement Notice** Dt..........................

1. Name of the work : Construction of Roads under UPANTA (07 Nos) Construction of Bridge under UPANTA (02 Nos)
2. Class of Contractor : "B" & "A" Class of (Odisha PWD) or relevant class of other licensing authority.
3. Estimated Cost : Varies from Rs.82.09 Lakhs to Rs.245.54 Lakhs (Approximately)
4. Details projects as per Annexure attached. :

| Procurement Officer | Bid Identification No. | Availability of tender on line for bidding | | Last Date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Southern Circle, Sunabeda | SERWSCSBD -Online- 27/2018-19 | 21.02.2019 at 11.00 AM. | 13.03.2019 up to 5.00 P.M. | 12.03.2019 up to 2.00 P.M. | 14.03.2019 at 11.00 AM. | To be intimated separately |
| Executive Engineer, Rural Works Division-II, Nabarangpur at Umerkote | Online Tender/05/ RWD-UKT/2018-19 | 21.02.2019 at 11.00 AM. | 13.03.2019 up to 5.00 P.M. | 12.03.2019 up to 2.00 P.M. | 14.03.2019 at 11.00 AM. | To be intimated separately |

5. Further details can be seen from the website **www.tendersodisha.gov.in**
6. Any Corrigendum / Addendum will be displayed in the above e-tender website.

25045/11/0034/1819 **Superintending Engineer, Southern Circle RW: Sunabeda**

**NOTIFIED AREA COUNCIL, KANTABANJI E-PROCUREMENT NOTICE**
**Tender Call Notice No.181_16_02_19_NACKBJ**
**Tender ID.2019_ORULB_53808**

1 Name of the work. :- 07 NOS OF CIVIL WORKS as in the DTCN published in the portal.
2 Estimated Cost. :- As per D.T.C.N.
3 Period of complication. :- As per D.T.C.N.
4 Date & Time of availability of bid documents in the portal. :- DT.18.02.2019 at 10 hours and close on DT.25.02.2019 at 17.00 hours
5 Production of bid documents. :- DT.18.02.2019 at 10 hours and close on DT.25.02.2019 at 17.00 hours through Online in **www.tendersorissa.gov.in**
6 Date & time of opening of bid. :- DT.26.02.2019 at 10.00 AM.
7 Name & address of the officer inviting bid. :- Executive officer, N.A.C. Kantabanji.

Further details can be seen from the e-procurement portal:-
**www.tendersorissa.gov.in** **Sd./- Executive officer, N.A.C., Kantabanji**

**OFFICE OF THE DISTRICT EDUCATION OFFICER, MALKANGIRI**

**Letter No.585 / 2019** **Dated.16.02.2019**

**OPEN TENDER**

Sealed tenders are invited from the intending firms for supply of items to the 03 (Three) no's Girls Hostels of Odisha Adarsha Vidyalayas of Malkangiri District i.e OAV Kangurukonda, Chitrakonda & Bapanpalli as per specification noted against the items as furnished in the enclosed list which will be received through registered post/ Speed post only. The tender paper completed in all respect along with relevant enclosures in Technical Bid and Financial Bid to be inserted in a Big size envelope which to be super scribed as "Tender paper for supply of items to Girls Hostel of OAVs" which will be submitted to the District Education Officer, Malkangiri by 28.02.2019 05 PM. The tender paper in terms and conditions may be collected from the office of the District Education Officer, Malkangiri during office hour of any working day from 18.02.2019 to 28.02.2019 on payment of non-refundable amount of Rs.2000/- (Rupees Two Thousands) only in a/c payee Demand Draft payable in favour of District Education Officer, Malkangiri payable at Malkangiri. The tender paper may be downloaded from the District website **www.malkangiri.nic.in.** In such case the cost of tender paper should be submitted along with tender paper.

The last date of receipt of tender paper is 28.02.2019 by 05 PM. and the date of opening of tender is 01.03.2019 at 11.00 AM. in presence of the members of the District Procurement Committee and tenderers or their authorised representatives at **Conference Hall, Collectorate, Malkangiri.** The tender received beyond the date and time mentioned above shall not be taken into consideration. The Tender paper without its supporting documents and incomplete tender shall not be entertained to participate in the process of tender without assigning any reason thereof.

The Collector-cum- Chairperson, Odisha Adarsha Vidyalaya reserves the right to accept or cancel any or all tender if any without assigning any reason thereof. The details of items with specification,terms and condition of the tender available in the District website i.e **www.Malkangiri.nic.in.**

**Sd./- District Education Officer, Malkangiri.**

“ ଜାପାନର ଆକାନେ ୟାମାଗୁଚି ଏଥର ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଟାଇଟଲ ଜିତିବା ଯଥେଷ୍ଟ ସମ୍ଭାବନା ଅଛି।
-ଡେନ୍ ମୋର୍ଟେନ ଫ୍ରଷ୍ଟ, ବ୍ୟାଡ୍‌ମିଣ୍ଟନ କିମ୍ବଦନ୍ତୀ



“ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ବିଜୟ ମ୍ୟାଚରେ କୁଶାଲ ପେରେରାଙ୍କ ପ୍ରଦର୍ଶନ ଅବାସ୍ତବ ମନେ ହେଉଛି।
-କୁମାର ସଙ୍ଗକାରା, ପୂର୍ବତନ ଶ୍ରୀଲଙ୍କା ଅଧିନାୟକ



## ସଂକ୍ଷେପରେ

### ମେଲବୋର୍ନ ରେନେଗେଡ୍ସଙ୍କୁ ପ୍ରଥମ ବିବିଏଲ ଟାଇଟଲ

**ମେଲବୋର୍ନ,୧୭।୨:** ଅଷ୍ଟ୍ରେଲିଆର ବିଗ୍ ବାଶ ଲିଗ୍ (ବିବିଏଲ) ଇତିହାସରେ ମେଲବୋର୍ନ ରିନେଗେଡ୍ସ ଫ୍ରାଞ୍ଚାଇଜ ପ୍ରଥମ ଥର ପାଇଁ ଟାଇଟଲ ଜିତିଛି। ସ୍ଥାନୀୟ ଡକ୍‌ଲାଣ୍ଡ ଷ୍ଟାଡିୟମ୍‌ରେ ରବିବାର ଖେଳାଯାଇଥିବା ରୋମାଞ୍ଚଭରା ବିବିଏଲର ୮ମ ସଂସ୍କରଣର ଫାଇନାଲରେ ରିନେଗେଡ୍ସ ଦଳ ୧୩ ରନ୍‌ରେ ମେଲବୋର୍ନ ଷ୍ଟାର୍ସକୁ ହରାଇ ଦେଇଛି। ଆରୋନ ଫିଞ୍ଚଙ୍କ ନେତୃତ୍ୱାଧୀନ ରେନେଗେଡ୍ସ ଦଳ ପକ୍ଷରୁ ୧୪୬ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଏକଦା ବିନା କ୍ଷତିରେ ୯୩ ରନ୍ କରିଥିବା ଷ୍ଟାର୍ସ ଦଳ ବ୍ୟାଟିଂ ଲାଇନ ଅପ୍ ତାସ ଘର ପରି ଭୁଶୁଡି ପଡ଼ିଥିଲା। ଫଳରେ ଦଳ ବିଜୟ ଠାରୁ ୧୪ ରନ୍ ଦୂରରେ ରହିଯାଇଥିଲା। ମ୍ୟାଚ୍‌ରେ ଅଲରାଉଣ୍ଡର ପ୍ରଦର୍ଶନ କରିଥିବା ଡାନିଏଲ ଖ୍ରୀଷ୍ଟିଆନଙ୍କୁ ମ୍ୟାନ୍ ଅଫ୍ ଦି ଫାଇନାଲ ପୁରସ୍କୃତ କରାଯାଇଛି। ମାତ୍ର ୧୪୬ ରନ୍‌ର ଟାର୍ଗେଟ ପିଛା କରୁଥିବା ମେଲବୋର୍ନ ଷ୍ଟାର୍ସ ଦଳ ପାଇଁ ବେନ୍ ଡଙ୍କ୍ ଓ ମାର୍କସ ଷ୍ଟୋଇନିସଙ୍କ ଓପନିଂ ଯୋଡ଼ି ଜବରଦସ୍ତ ବ୍ୟାଟିଂ କରିଥିଲେ। ଦୁଇ ଓପନର ଦଳୀୟ ସ୍କୋରକୁ ୧୨.୫ ଓଭରରେ ୯୩ ରନ୍‌ରେ ପହଞ୍ଚାଇଥିଲେ। ଏହାପରେ ମ୍ୟାଚ୍‌ର ମୋଡ଼ ୧୮୦ ଡିଗ୍ରୀରେ ଓଲଟି ଯାଇଥିଲା। ଦଳ ମାତ୍ର ୧୯ ରନ୍ ମଧ୍ୟରେ ଷ୍ଟୋଇନିସ (୩୯), ଡଙ୍କ (୫୭), ପିଟର ହ୍ୟାଣ୍ଡସ୍କମ୍ବ (୦), ଅଧିନାୟକ ଗ୍ଲେନ ମ୍ୟାକ୍ସୱେଲ (୧), ନିକ୍ ମାଡିନ୍‌ସନ୍ (୬), ସେବ୍ ଗୋଟ୍ (୨) ଓ ଡ୍ୱେନ ବ୍ରାଭୋ (୩)ଙ୍କ ଉଇକେଟ ହରାଇ ଥିଲା। ଫଳରେ ଦଳ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୭ ଉଇକେଟ ହରାଇ ୧୩୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ରିନେଗେଡ୍ସ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୦.୨ ଓଭରରେ ୫ ଉଇକେଟ ହରାଇ ୬୫ ରନ୍ କରିଥିଲା। ଏହିଠାରୁ ଟମ୍ କୁପର ୪୩ କ୍ରିଷ୍ଟିଆନଙ୍କ ୩୮ ରନ୍ ଯୋଗୁ ଦଳ ୨୦ ଓଭର ସୁଦ୍ଧା ୧୪୫ ରନ୍ କରିପାରିଥିଲା।

### ନିଆଁ ଭୟରେ ଖାଲି ହେଲା ମାର୍ଭେଲ ଷ୍ଟାଡିୟମ

**ମେଲବୋର୍ନ,୧୭।୨:** ସ୍ଥାନୀୟ ଡକ୍‌ଲାଣ୍ଡ ଷ୍ଟାଡିୟମ୍‌ରେ ରବିବାର ମେଲବୋର୍ନ ରେନେଗେଡ୍ସ ଓ ଷ୍ଟାର୍ସ ମଧ୍ୟରେ ଚଳିତ ବିବିଏଲର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ମ୍ୟାଚ୍ ଆରମ୍ଭ ହେବାର କିଛି ଘଣ୍ଟା ପୂର୍ବରୁ ଷ୍ଟାଡିୟମରେ ନିଆଁ ଭୟ ସୃଷ୍ଟି ହୋଇଥିଲା। ସତର୍କ ଆଲାର୍ମ ବାଜିବା ପରେ ଷ୍ଟାଡିୟମରୁ ସମସ୍ତ ଦର୍ଶକ, ଷ୍ଟାଫ ଓ ଖେଳାଳିଙ୍କୁ ବାହାର କରି ନିଆଯାଇଥିଲା। ଭୁଲବଶତଃ ଆଲାର୍ମ ବାଜିଥିବା ପରେ ଜଣାପଡ଼ିବାରୁ ଅଧଘଣ୍ଟା ମଧ୍ୟରେ ଦର୍ଶକଙ୍କ ପାଇଁ ଷ୍ଟାଡିୟମ ପୁଣି ଖୋଲାଯାଇଥିଲା। ମେଲବୋର୍ନ ମେଟ୍ରୋପଲିଟାନ ଫାୟାର ବ୍ରିଗେଡ୍ ପକ୍ଷରୁ କୁହାଯାଇଛି, ଷ୍ଟାଡିୟମ୍‌ର ଏକ ଛୋଟିଆ ଅଞ୍ଚଳରେ ଲାଗିଥିବା ଆଲାର୍ମରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ବିନା ନିଆଁରେ ବାଜି ଉଠିଥିଲା।

### ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍‌ରୁ ସୋଲୋମୋନ୍ସ ବିଦା

**ୱେଲିଂଟନ, ୧୭।୨(ଏଏଫ୍‌ପି):** ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିପୂର୍ବରୁ ସୋଲୋମୋନ୍ସ ଆଇସଲାଣ୍ଡ ଟିମ୍‌କୁ ଶକ୍ତ ଧକ୍କା ଲାଗିଛି। କ୍ୱାଲିଫାଇଙ୍ଗ୍ ମ୍ୟାଚ୍ ସମୟରେ ଅଧିକ ବୟସ ବର୍ଗର ଖେଳାଳିଙ୍କୁ ଖେଳାଇଥିବା ମାମଲାରେ ସୋଲୋମୋନ୍ସକୁ ବିଶ୍ୱକପ୍‌ରୁ ବିଦାୟ କରାଯାଇଛି। ଓସେନିଆ ଫୁଟ୍‌ବଲ କନଫେଡେରେଶନ (ଓଏଫ୍‌ସି) ପକ୍ଷରୁ ରବିବାର ଏକ ପ୍ରେସ୍ ବିଜ୍ଞପ୍ତିରେ ଏହା କୁହାଯାଇଛି। ଗତବର୍ଷ ୧୬ ବର୍ଷରୁ କମ୍ ଏକ ରିଜିଓନାଲ ଟୁର୍ନାମେଣ୍ଟରେ ସୋଲୋମୋନ୍ସର ଜଣେ ଖେଳାଳିଙ୍କ ବୟସ ଧାର୍ଯ୍ୟ ସମୟସୀମାଠାରୁ ଅଧିକ ଥିଲା ବୋଲି ଜଣାପଡ଼ିଛି। ଜାନୁୟାରୀ ୨୦୦୨ ପରେ ଯେଉଁ ଖେଳାଳି ଜନ୍ମଗ୍ରହଣ କରିଥିବେ ସେମାନେ ଏହି ଟୁର୍ନାମେଣ୍ଟ ଖେଳିପାରିବେ ବୋଲି ନିୟମ ରହିଥିଲା। କିନ୍ତୁ ସୋଲୋମୋନ୍ସର ଜଣେ ଖେଳାଳି ଧାର୍ଯ୍ୟ ସମୟର ପୂର୍ବରୁ ଜନ୍ମଗ୍ରହଣ କରିଥିବା ଜଣାପଡ଼ିଛି। ସୋଲୋମୋନ୍ସ ଆଇସଲାଣ୍ଡ ଟିମ୍ ଏହି ଟୁର୍ନାମେଣ୍ଟରେ ନ୍ୟୁଜିଲାଣ୍ଡ ପଛକୁ ୨ୟ ସ୍ଥାନରେ ରହି ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିଥିଲା। ସୋଲୋମୋନ୍ସ ସ୍ଥାନରେ ଏବେ କେଉଁ ଦଳ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବ ତାହାର ନିଷ୍ପତ୍ତି ଖୁବ୍ ଶୀଘ୍ର ନିଆଯିବ ବୋଲି ଜଣାପଡ଼ିଛି। ରିଜିଓନାଲ ଟୁର୍ନାମେଣ୍ଟରେ ଫିଜିକୁ ପରାସ୍ତ କରି ୩ୟ ସ୍ଥାନରେ ରହିଥିବା ତାହିତିକୁ ଏହି ଯୋଗ୍ୟତା ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି।

# ଓଡ଼ିଶା ପ୍ରଥମଥର ଚାମ୍ପିୟନ




ଚାମ୍ପିୟନ ଓଡ଼ିଶା ଦଳ ଖୁସି ମୁହୂର୍ତ୍ତରେ ।

## ଟେନିସ୍ କ୍ରିକେଟ ଚାମ୍ପିୟନ୍ସ ଟ୍ରଫି ଉଦ୍‌ଯାପିତ

**ଭୁବନେଶ୍ୱର, ୧୭।୨(କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ ରେଲ୍‌ୱେ ଷ୍ଟାଡିୟମ୍‌ରେ ଟେନିସ୍ କ୍ରିକେଟ ଚାମ୍ପିୟନ୍ସ ଟ୍ରଫିର ଦ୍ୱିତୀୟ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ତାମିଲନାଡୁକୁ ୬ ଉଇକେଟରେ ହରାଇ ଓଡ଼ିଶା ପ୍ରଥମଥର ପାଇଁ ଚାମ୍ପିୟନ ହୋଇଛି। ଉତ୍ତର ପ୍ରଦେଶର ମଥୁରାରେ ଅନୁଷ୍ଠିତ ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ ଗତବର୍ଷ ଓଡ଼ିଶା ତୃତୀୟ ସ୍ଥାନ ଅଧିକାର କରିଥିଲା।

ଟାଇଟଲ ମୁକାବିଲାରେ ତାମିଲନାଡୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୬୩ ରନ୍ ସଂଗ୍ରହ କରିଥିଲା। ଜବାବରେ ଓଡ଼ିଶା ୯ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ପ୍ରଥମ ସେମିଫାଇନାଲରେ ଓଡ଼ିଶା ୫ ଉଇକେଟରେ ମୁମ୍ବାଇକୁ ହରାଇ ଦେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୮ ଓଭରରେ ୭ ଉଇକେଟ ହରାଇ ୫୪ ରନ୍ କରିଥିବାବେଳେ ଓଡ଼ିଶା ୬.୪ ଓଭରରେ ୫ ଉଇକେଟ ହରାଇ ୫୮ ରନ୍ ସଂଗ୍ରହ କରିନେଇଥିଲା। ତୀବ୍ର ସଂଘର୍ଷପୂର୍ଣ୍ଣ ଏବଂ ରୋମାଞ୍ଚକ ଦ୍ୱିତୀୟ ସେମିରେ ତାମିଲନାଡୁ ମାତ୍ର ୧ ରନ୍‌ରେ ଗୋଆକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ତାମିଲନାଡୁ ୮ ଓଭରରେ ୯ ଉଇକେଟ ହରାଇ ୫୨ ରନ୍ କରିଥିଲା। ଜବାବରେ ଗୋଆ ୭.୫ ଓଭରରେ ୫୧ ରନ୍ କରି ଅଲଆଉଟ ହୋଇଯାଇଥିଲା। ସକାଳେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଝାଡ଼ଖଣ୍ଡକୁ ହରାଇ ଓଡ଼ିଶା ଆଗକୁ ବଢ଼ିଥିଲା। ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ କହ୍ନେୟା ଗୁର୍ଜର, ଓଡ଼ିଶା ରାଜ୍ୟ ଟେନିସ୍ କ୍ରିକେଟ ଆସୋସିଏଶନ (ଓଏସ୍‌ଟିସିଏ)ନିର୍ଦ୍ଦେଶକ ତଥା ପରାମର୍ଶଦାତା ବାରିଜ ରଞ୍ଜନ ମହାନ୍ତି, ସଭାପତି ଅବିନାଶ ସାହୁ, ଉପସଭାପତି ମହମ୍ମଦ ଆଜାମ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଏସ୍‌ଟିସିଏ ସମ୍ପାଦକ ରିଣ୍ଟୁ ମିତ୍ର ଓ କୋଷାଧ୍ୟକ୍ଷ ରାଗିଣୀ ମିତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା। ବାହାର ରାଜ୍ୟ ଆସୋସିଏଶନ କର୍ମକର୍ତ୍ତାଙ୍କ ମଧ୍ୟରେ ଏମ୍. ଗୋପାଲ, ରାମ୍ ରାଜ, ସଞ୍ଜୟ ଶର୍ମା, ବିଜୟ ରତ୍ନାକର, ସାଜନ ସିଂ, ମହମ୍ମଦ ପର୍‌ଭେଜ, ଲଳିତା ଚୌହାନ, ଆଶିଷ କୁମାର ସିଂ, ଜଗଦୀଶ ଜାଡ଼ାର ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶାରେ ଏସିଆ କପ୍ ଟେନିସ୍ କ୍ରିକେଟ ସମ୍ଭାବନା

ଓଡ଼ିଶାରେ ଚାମ୍ପିୟନ୍ସ ଟ୍ରଫି ଟେନିସ୍ କ୍ରିକେଟ ଆୟୋଜନରେ ଅଭୀଭୂତ ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ କହ୍ନେୟା ଗୁର୍ଜର। ଏଠାରେ ଅତ୍ୟନ୍ତ ସଫଳତାର ସହ ପ୍ରତିଯୋଗିତା ଆୟୋଜିତ ହୋଇଛି। ବାହାରୁ ଆସିଥିବା ସମସ୍ତ ଖେଳାଳି ଏବଂ ଅଫିସିଆଲ ଖୁସି ଜାହିର କରିଛନ୍ତି। ତେଣୁ ଆମେ ଏଠାରେ ଏସିଆ କପ୍ ଟେନିସ କ୍ରିକେଟର ପ୍ରଥମ ସଂସ୍କରଣ ଆୟୋଜନ କରିବାକୁ ଚିନ୍ତା କରୁଛୁ ବୋଲି ଗୁର୍ଜର କହିଛନ୍ତି। ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ ସମ୍ପାଦକ ତଥା ସର୍ବଭାରତୀୟ ଟେନିସ କ୍ରିକେଟ ଆସୋସିଏଶନର ଟେକ୍ନିକାଲ ଚେୟାରମ୍ୟାନ ରିଣ୍ଟୁ ମିତ୍ର ମଧ୍ୟ ଏହା ସ୍ୱୀକାର କରିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏ ସମ୍ପର୍କରେ ଆଲୋଚନା ହୋଇଛି। ମାର୍ଚ୍ଚ ୨୮ରୁ ଏପ୍ରିଲ ୧ ପର୍ଯ୍ୟନ୍ତ ମଦୁରାଇରେ ଫେଡେରେଶନ କପ୍ ଟେନିସ୍ କ୍ରିକେଟ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟ ଅବସରରେ ଏସିଆ କପ୍ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଚାମ୍ପିୟନ୍ସ ଟ୍ରଫି ଟେନିସ୍ କ୍ରିକେଟରେ ଓଡ଼ିଶା ଚାମ୍ପିୟନ ହୋଇଥିବାରୁ ଆମେ ପ୍ରକୃତରେ ବହୁତ ଖୁସି। ଗତବର୍ଷ ଦଳ ଭଲ ଖେଳିଥିଲେ ହେଁ ଫାଇନାଲରେ ପହଞ୍ଚିପାରି ନ ଥିଲା। ଏଥର ଟୁର୍ନାମେଣ୍ଟ ପାଇଁ ଆମେ ଜାନୁୟାରୀ ୨୫ରୁ ନହରକଣ୍ଟାସ୍ଥିତ ଜୟଦେବ କଲେଜରେ କ୍ୟାମ୍ପ୍ କରିଥିଲୁ। କ୍ୟାମ୍ପ୍‌ରେ ପିଲାମାନେ କରିଥିବା ପରିଶ୍ରମ ସାକାର ହୋଇଛି ବୋଲି ରିଣ୍ଟୁ ପ୍ରକାଶ କରିଛନ୍ତି।



କହ୍ନେୟା ଗୁର୍ଜରଙ୍କ ସହ ରିଣ୍ଟୁ ମିତ୍ର ।

■ ଆଇସିସି ଟେଷ୍ଟ ର୍‌ୟାଙ୍କିଙ୍ଗ୍

## ଶୀର୍ଷ ସ୍ଥାନ ବଜାୟ ରଖିଲେ କୋହଲି

**ଦୁବାଇ, ୧୭।୨(ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ସଦ୍ୟ ପ୍ରକାଶିତ ଟେଷ୍ଟ ବ୍ୟାଟ୍ସମ୍ୟାନ ତାଲିକାରେ ଭାରତୀୟ ଅଧିନାୟକ ବିରାଟ କୋହଲି ପୂର୍ବଭଳି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ସେହିଭଳି ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଚେତେଶ୍ୱର ପୂଜାରା ମଧ୍ୟ ୩ ନମ୍ବର ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ (୮୯୭ ପଏଣ୍ଟ) କୋହଲିଙ୍କଠାରୁ ୨୫ ପଏଣ୍ଟ କମ୍ ପାଇ ତାଲିକାର ୨ୟ ସ୍ଥାନ ହାସଲ କରିଛନ୍ତି। ତେବେ ଶ୍ରୀଲଙ୍କାର କୁଶଲ ପେରେରାଙ୍କ ମାନ୍ୟତାରେ ଆଖିଦୃଶିଆ ଉନ୍ନତି ଘଟିଛି। ଏହି ବାମହାତୀ ସିଂହଳୀ ବ୍ୟାଟ୍ସମ୍ୟାନ ଏକାଥରକେ ୫୮ ପାହାଚ ଉପରକୁ ଲମ୍ଫ ପ୍ରଦାନ କରି କ୍ୟାରିୟରର ଶ୍ରେଷ୍ଠ ୪୦ତମ ସ୍ଥାନ ଲାଭ କରିଛନ୍ତି। ୨୮ ବର୍ଷୀୟ ପେରେରାଙ୍କ ଦମ୍‌ଦାର ଅପରାଜିତ ୧୫୩ ରନ୍ ଯୋଗୁ ଘରୋଇ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟକୁ ଶ୍ରୀଲଙ୍କା ୧ ଉଇକେଟ୍‌ରେ ରୋମାଞ୍ଚକ ଭାବେ ଜିତି ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ଅନ୍ତିମ ଉଇକେଟ୍ ଯୋଡ଼ିରେ କୁଶଲ ଓ ୧୧ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ବିଶ୍ୱ ଫର୍ନାଣ୍ଡୋ (୬*) ୭୮ ରନ ପାର୍ଟନରଶିପ୍ କରି ଦଳକୁ ସ୍ମରଣୀୟ ବିଜୟ କରାଇଥିଲେ। ଅନ୍ତିମ ଉଇକେଟ୍ ଯୋଡ଼ିରେ ଦଳକୁ ଜିତାଇବାରେ ଏହା ବିଶ୍ୱ ରେକର୍ଡ ପାର୍ଟନରଶିପ୍ ହୋଇଛି। ଅପରପକ୍ଷରେ ଟେଷ୍ଟ ବୋଲିଂ ତାଲିକାରେ କାଗିସୋ ରାବାଡାଙ୍କୁ ହଟାଇ ପ୍ୟାଟ୍ କୁମିନ୍ସ ଏକ ନମ୍ବର ସ୍ଥାନ ଦଖଲ କରିଛନ୍ତି। ୨୦୦୬ରେ ଗ୍ଲେନ ମ୍ୟାକ୍‌ଗ୍ରାଙ୍କ ପରେ ପ୍ରଥମ ଅଷ୍ଟ୍ରେଲିଆ ବୋଲର ଭାବେ କୁମିନ୍ସ ଶୀର୍ଷ ସ୍ଥାନ ଲାଭ କରିଛନ୍ତି। ବାମହାତୀ ଭାରତୀୟ ସ୍ପିନର ରବୀନ୍ଦ୍ର ଜାଡେଜା (୭୯୪ ପଏଣ୍ଟ) ବୋଲିଂ ତାଲିକାର ୫ମ ସ୍ଥାନରେ ରହିଥିବାବେଳେ ଅଲ୍‌ରାଉଣ୍ଡରେ ୩ୟ ସ୍ଥାନରେ ରହିଛନ୍ତି। ୱେଷ୍ଟଇଣ୍ଡିଜର ଜାସନ ହୋଲ୍ଡର ଓ ଶାକିବ-ଅଲ୍ ହାସନ ଯଥାକ୍ରମେ ପ୍ରଥମ ଦୁଇ ସ୍ଥାନ ଲାଭ କରିଛନ୍ତି।

■ ଇଂଲଣ୍ଡ ବିପକ୍ଷ ୱାର୍ମଅପ୍ ଆଜି

## ରୀମାଲକ୍ଷ୍ମୀଙ୍କ ଉପରେ ନଜର

**ମୁମ୍ବାଇ, ୧୭।୨(ପି.ଟି.)**

ଘରୋଇ ଭାରତୀୟ ମହିଳା କ୍ରିକେଟ ଟିମ୍ ଓ ପ୍ରତିପକ୍ଷ ଇଂଲଣ୍ଡ ମଧ୍ୟରେ ସୀମିତ ଓଭର ସିରିଜ ଚଳିତ ସପ୍ତାହ ଶେଷ ଭାଗରୁ ଆରମ୍ଭ ହେବାକୁ ଯାଉଛି। ଏଥିପୂର୍ବରୁ ଇଂଲଣ୍ଡ ଓ ବୋର୍ଡ ସଭାପତି ଏକାଦଶ ମଧ୍ୟରେ ଏକ ୱାର୍ମଅପ୍ ମ୍ୟାଚ୍ ସୋମବାର ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯିବ। ଏହି ୱାର୍ମଅପ୍ ମ୍ୟାଚ୍‌ରେ ଷ୍ଟାର୍ ଖେଳାଳି ସ୍ମୃତି ମନ୍ଧାନାଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ମନ୍ଧାନା ନିକଟରେ ନ୍ୟୁଜିଲାଣ୍ଡ ଟୁର୍‌ରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜରେ ୧୯୬ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ଗୋଟିଏ ଶତକୀୟ ଓ ୯୦ ରନ୍ ଇନିଂସ ସାମିଲ ରହିଛି। ସେହିଭଳି ଏହି ୱାର୍ମଅପ୍ ମ୍ୟାଚ୍ ଲାଗି ବୋର୍ଡ ସଭାପତି ଏକାଦଶ ଦଳରେ ଓଡ଼ିଶା ଦ୍ରୁତ ବୋଲର ରୀମାଲକ୍ଷ୍ମୀ ଏକ୍କାଙ୍କୁ ସୁଯୋଗ ମିଳିଛି। ଭ୍ରମଣକାରୀ ଇଂଲଣ୍ଡ ମହିଳା ଦଳରେ ଟମ୍ମି ବିଉମଣ୍ଟ, ହେଥର ନାଇଟ୍ ଓ ଡାନି ହ୍ୱାଇଟ୍‌ଙ୍କ ପରି ଖେଳାଳି ସ୍ଥାନ ପାଇଥିବାରୁ ଆଗାମୀ ଦିନିକିଆ ସିରିଜ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ଦିନିକିଆ ସିରିଜ ଯଥାକ୍ରମେ ଚଳିତ ମାସ ୨୨, ୨୫ ଓ ୨୮ ତାରିଖରେ ଏହି ଭେନ୍ୟୁରେ ଖେଳାଯିବ।

## ୟଙ୍ଗ୍ ଉତ୍କଳ କ୍ଲବ ଜିତିଲା ଉରାଳୀ କପ୍

**ଭୁବନେଶ୍ୱର, ୧୭।୨(ସ୍ପୋର୍ଟ୍ସ ବ୍ୟୁରୋ)**

ଉରାଳୀ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଏକଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇ ଯାଇଛି। ଟୁର୍ନାମେଣ୍ଟରେ ୟଙ୍ଗ୍ ଉତ୍କଳ କ୍ଲବ (ଖାନନଗର) ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ୟଙ୍ଗ୍ ଉତ୍କଳ ପ୍ରତିପକ୍ଷ ମା ମଙ୍ଗଳା କ୍ଲବ (ଗୋଠପୁର)କୁ ପରାସ୍ତ କରିଛି। ସେମିଫାଇନାଲରେ ଲକ୍ଷ୍ମୀ ନାରାୟଣ କ୍ଲବ (ରାଣୀହାଟ)କୁ ହରାଇ ୟଙ୍ଗ୍ ଉତ୍କଳ କ୍ଲବ ଏବଂ ପ୍ରତାପ କ୍ଲବ (ପ୍ରତାପନଗରୀ)କୁ ପରାସ୍ତ କରି ମା ମଙ୍ଗଳା ଫାଇନାଲରେ ପ୍ରବେଶ କରିଥିଲେ। ଟୁର୍ନାମେଣ୍ଟରେ ୮ ଦଳ ଅଂଶଗ୍ରହଣ କରିଥିଲେ। ପୂର୍ବତନ ଖେଳାଳି ନାରାୟଣ ଚୌଧୁରୀ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଜାତୀୟ କରାଟେ ଆସୋସିଏଶନର ଉପସଭାପତି ତଥା ଟେକ୍ନିକାଲ ଡାଇରେକ୍ଟର ହରିପ୍ରସାଦ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବିଭୂତି ଭୂଷଣ ମହାନ୍ତି, ରାମକୃଷ୍ଣ ମହାନ୍ତି, ବିଶ୍ୱ ବିହାରୀ ଜେନା, ପ୍ରଦୀପ୍ତ ମହାନ୍ତି, ରାଜନ ବେହେରା, ସନ୍ତୋଷ ଚୌଧୁରୀ, ବସନ୍ତ ସ୍ୱାଇଁ, ମହେଶ୍ୱର ସାହୁ, ନବକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଉରାଳୀ କପ୍ ଫୁଟବଲ ଚାମ୍ପିୟନ ୟଙ୍ଗ୍ ଉତ୍କଳ କ୍ଲବ୍ ଦଳର ଖେଳାଳିମାନେ ଅତିଥିଙ୍କ ସହ ।

■ ଜାତୀୟ ସିନିୟର ମହିଳା ହକି

## ଆରଏସ୍‌ପିବି-ମଧ୍ୟପ୍ରଦେଶ ଫାଇନାଲ

**ହିସାର,୧୭।୨(ପି.ଟି.)**

ଏଠାରେ ଚାଲିଥିବା ନବମ ହକି ଇଣ୍ଡିଆ ସିନିୟର ମହିଳା ଜାତୀୟ ଡିଭିଜନ-ଏ' ହକି ଚାମ୍ପିୟନଶିପ୍‌ରେ ଗତଥରର ଚାମ୍ପିୟନ ରେଲ୍‌ୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ଆରଏସ୍‌ପିବି) ଏଥର ମଧ୍ୟ ଫାଇନାଲରେ ପ୍ରବେଶ କରିଛି। ରବିବାର ସେମିଫାଇନାଲ ମୁକାବିଲାରେ ଆରଏସ୍‌ପିବି ୮-୦ ଗୋଲରେ ହରିୟାଣାକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଫାଇନାଲରେ ଆରଏସ୍‌ପିବି ଓ ମଧ୍ୟପ୍ରଦେଶ ମୁହାଁମୁହିଁ ହେବେ। ପ୍ରଥମ ସେମିଫାଇନାଲରେ ଆରଏସ୍‌ପିବି ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା ଓ ହରିୟାଣାକୁ କୌଣସି ସୁଯୋଗ ଦେଇ ନ ଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲରେ ମଧ୍ୟପ୍ରଦେଶ ୨-୧ ଗୋଲରେ ମହାରାଷ୍ଟ୍ରକୁ ହରାଇ ଫାଇନାଲରେ ପ୍ରବେଶ କରିଛି।

ପ୍ରଥମ ସେମିଫାଇନାଲରେ ଆରଏସ୍‌ପିବି ତରଫରୁ ବନ୍ଦନା କାଟାରିୟା ୬ଷ୍ଠ, ୧୬ତମ, ୩୮ତମ ମିନିଟ୍‌ରେ ୩ଟି ଗୋଲ ସ୍କୋର କରିଥିଲେ। ସେହିପରି ଅନୁପ ବାର୍ଲା ୪୪ତମ ମିନିଟ୍‌ରେ ଦୁଇଟି ଗୋଲ ଦେଇଥିଲେ। ନଭଜୋତ କୌର ୧୮ତମ, ଦୀପଗ୍ରେସ୍ ଏକ୍କା ୪୮ତମ ଓ ନେହା ୫୧ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ସେହିପରି ଦ୍ୱିତୀୟ ସେମିରେ ମଧ୍ୟପ୍ରଦେଶ ତରଫରୁ ୩୪ତମ ମିନିଟରେ ପୂଜା ରାନୀ ପେନାଲ୍ଟି କର୍ନର ଜରିଆରେ ପ୍ରଥମ ଗୋଲ ସ୍କୋର କରିଥିଲେ। ସେହିପରି ନରେନ୍ଦର କୌର ୪୭ତମ ମିନିଟ୍‌ରେ ଦ୍ୱିତୀୟ ଗୋଲ ଦେଇଥିଲେ। ଅପରପକ୍ଷରେ ମହାରାଷ୍ଟ୍ର ପକ୍ଷରୁ ୫୩ତମ ମିନିଟ୍‌ରେ ଏଚ୍. ଲାଲରୁଆଟଫେଲି ଗୋଲ ଦେଇଥିଲେ ମଧ୍ୟ ଏହା ଯଥେଷ୍ଟ ନ ଥିଲା।

## ସ୍ୱର୍ଣ୍ଣଦେବୀ କ୍ରିକେଟ : ବମ୍ଫକୁଦ ଚାମ୍ପିୟନ

**ଫୁଲନଖରା, ୧୭।୨(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଆମଣ ପଞ୍ଚାୟତର ଶାସୋଳ ଗ୍ରାମର ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ଆୟୋଜିତ ମା' ସ୍ୱର୍ଣ୍ଣଦେବୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଏହି ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ବମ୍ଫକୁଦର ମା' ଯୋଗିଆଣୀ ଟିମ୍ ଓ ଖଣ୍ଡେୟତା କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବମ୍ଫକୁଦ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଟସ୍ ଜିତି ପ୍ରଥମେ ଖଣ୍ଡେୟତା ଟିମ୍ ୧୪ ଓଭରରେ ସମସ୍ତ ଉଇକେଟ ହରାଇ ୬୯ ରନ୍ ସଂଗ୍ରହ କରିଥିଲା। ଜବାବରେ ବମ୍ଫକୁଦ ୭ ଓଭରରେ ୭୧ ରନ୍ କରି ବିଜୟୀ ହୋଇ ଟାଇଟଲ ହାସଲ କରିଥିଲା। ବିଜୟୀ ଦଳର ସୁନୀଲ ଜେନା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ଜିଲା ପରିଷଦ ସଦସ୍ୟ କ୍ଷୀରୋଦ ଚନ୍ଦ୍ର ଦଳାଇ ଅଧ୍ୟକ୍ଷତା କରିଥିଲେ। ଏଥିରେ ଆମଣ ସରପଞ୍ଚ ପୁନାନନ୍ଦ ଭୋଇ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ସମିତି ସଭ୍ୟା ସୁଭାସିନୀ ସେଠୀ, ମାନସ କୁମାର ଦଳାଇ, ଜ୍ଞାନରଞ୍ଜନ ମହାନ୍ତି, ଶିବୁ ମଙ୍ଗରାଜ, ମନୋଜ ଦଳାଇ, ରାଜେଶ ରାଉତ ଏହି ଅବସରରେ ଉପସ୍ଥିତ ଥିଲେ। ଚାମ୍ପିୟନ ଦଳକୁ ନଗଦ ୯ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ନଗଦ ୬ ହଜାର ଟଙ୍କା ସହ କପ୍ ପ୍ରଦାନ କରାଯାଇଥିଲା।



ଟାଇଟଲ ବିଜୟୀ ବମ୍ଫକୁଦ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

## ଇରାନୀ କପ୍ ଡ୍ର' ମ୍ୟାଚରେ ଅମ୍ପାୟରଙ୍କ ଭୂମିକାକୁ ନେଇ ପ୍ରଶ୍ନ

**ନାଗପୁର,୧୭।୨**

ଚଳିତ ସିଜନର ରଣଜୀ ଟ୍ରଫି ଚାମ୍ପିୟନ ବିଦର୍ଭ ଦଳ ଅବଶିଷ୍ଟ ଭାରତୀୟ ଦଳକୁ ହରାଇ କ୍ରମାଗତ ଦ୍ୱିତୀୟ ଥର ଲାଗି ଇରାନୀ କପ୍ ଜିତିଛି। କିନ୍ତୁ ଇରାନୀ କପ୍ ମ୍ୟାଚ୍ ଡ୍ର' ହେବାରେ ଅମ୍ପାୟରଙ୍କ ଭୂମିକା ନେଇ ପ୍ରଶ୍ନ ଉଠିଛି। ବିଦର୍ଭକୁ ମ୍ୟାଚ୍ ଜିତିବା ପାଇଁ ମାତ୍ର ୧୧ ରନ୍ ଦରକାର ଥିବାବେଳେ ଫିଲ୍ଡ ଅମ୍ପାୟର ମ୍ୟାଚ୍‌କୁ ଡ୍ର' ଘୋଷିତ କରିବା ସଭିଙ୍କୁ ଚକିତ କରିଥିଲା। ୨୮୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ବିଦର୍ଭ ଦଳ ଗଣେଶ ସତୀଶ (୮୭) ଆଉଟ୍ ହେବା ସୁଦ୍ଧା ୫ ଉଇକେଟ ହରାଇ ୨୬୯ ରନ୍ କରିଥିଲା। ଏହିଠାରୁ ଘରୋଇ ଦଳର ଅଧିନାୟକ ଫୈଜ ଫଜଲ ଓ ଅବଶିଷ୍ଟ ଭାରତୀୟ ଦଳର ଅଧିନାୟକ ଅଜିଙ୍କ୍ୟ ରାହାନେଙ୍କ ମିଳିତ ବୁଝାମଣାରେ ମ୍ୟାଚ୍‌କୁ ଶେଷ କରିବା ନେଇ ନିଷ୍ପତ୍ତି ନେଇଥିଲେ। ହେଲେ ଫିଲ୍ଡ ଅମ୍ପାୟର କେଉଁ କାରଣରୁ ମ୍ୟାଚ୍ ଶେଷ କରିବା ପାଇଁ ଅପେକ୍ଷା କରି ନ ଥିଲେ। ବିସିସିଆଇ ବହୁ ଦିନିଆ ମ୍ୟାଚରେ ଦୁଇ ଅଧିନାୟକ ଆଲୋଚନା କରି ମୁକାବିଲାର ଫଳାଫଳ ବାହାର କରିବାର କୌଣସି ସ୍ପଷ୍ଟ ନିୟମ ନାହିଁ। ବିସିସିଆଇର ୧୬.୧.୬ ଧାରା ଅନୁଯାୟୀ, ମ୍ୟାଚ୍‌ର ଅନ୍ତିମ ଦିନରେ ଉଭୟ ଅଧିନାୟକ (କ୍ରିଜ୍‌ରେ ଥିବା ବ୍ୟାଟ୍ସମ୍ୟାନ ମଧ୍ୟ ଦଳର ପ୍ରତିନିଧିତ୍ୱ କରିପାରେ) ମ୍ୟାଚ୍‌ର କୌଣସି ଫଳାଫଳ ସମ୍ଭବ ନ ଥିବା ସ୍ୱୀକାର କରିବା ପରେ ମ୍ୟାଚ୍‌କୁ ଅମୀମାଂସିତ ଭାବେ ଶେଷ କରିବାକୁ ନିଷ୍ପତ୍ତି ନେଇପାରନ୍ତି। ଅନ୍ତିମ ଘଣ୍ଟା କିମ୍ବା ଦିନର ଶେଷ ୧୫ ଓଭର ଖେଳ ପୂର୍ବରୁ ଏ ନେଇ ଘୋଷଣା କରାଯାଇପାରେ। କିନ୍ତୁ ନାଗପୁରଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଫଳାଫଳ ସ୍ପଷ୍ଟ ଥିଲା। ଅମ୍ପାୟରଙ୍କ ବିନା ସହମତିରେ ଉଭୟ ଅଧିନାୟକ ଡ୍ର' ରଖିବା ନିଷ୍ପତ୍ତି କିଛି ମାନେ ରଖୁନାହିଁ। ସେଠାରେ କ'ଣ ଘଟିଲା, ସେ ସମ୍ପର୍କରେ ମୋତେ ସ୍ପଷ୍ଟ ସୂଚନା ନାହିଁ। ମ୍ୟାଚ୍‌ର ଫଳାଫଳ ସମ୍ଭବ ଥିବାରୁ ଏଭଳି ନିଷ୍ପତ୍ତିରେ ମୁଁ ମଧ୍ୟ ଚକିତ। ଏହି ଅମ୍ପାୟରଙ୍କୁ ଖେଳ ବନ୍ଦ କରିବାକୁ ଅନୁମତି ଦେବାର ନ ଥିଲା। ନିୟମ ଦୃଷ୍ଟିରେ ରଖିଲେ, ଏଥିନେଇ କୌଣସି ଅନୁମତି ନାହିଁ ବୋଲି ଜଣେ ବିସିସିଆଇ ଅମ୍ପାୟର କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ସୋମବାର, ଫେବୃୟାରୀ ୧୮/୨୦୧୯ Balasore, Monday, February 18/ 2019

## ସଂକ୍ଷେପରେ

### ରକ୍ତାକ୍ତ ଅବସ୍ଥାରେ ଭାଲୁର ମୃତଦେହ ଉଦ୍ଧାର



**ସଜନାଗଡ଼,୧୭।୨(ଡି.ଏନ.ଏ.):** ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତ ଚଳଣାପାଳ ଗ୍ରାମରେ ରବିବାର ରକ୍ତାକ୍ତ ଅବସ୍ଥାରେ ଏକ ଭାଲୁର ମୃତଦେହ ଉଦ୍ଧାର ହୋଇଛି। ଭାଲୁର ମୁହଁରେ ଗଭୀର ଆଘାତ ଲାଗିଥିବାରୁ ତାକୁ କେହି ପିଟି ପିଟି ମାରିଦେଇଥିବା ଅନୁମାନ କରାଯାଉଛି। ଭାଲୁଟି ମରିପଡିଥିବା ସ୍ଥାନରେ ରକ୍ତଛିଟା ପଡ଼ିଛି। କେତେକ ଲୋକଙ୍କ କହିବାନୁଯାୟୀ ଗ୍ରାମ ନିକଟରେ ରହିଛି ସ୍ୱର୍ଣ୍ଣଚୁଡ଼ ସଂରକ୍ଷିତ ଜଙ୍ଗଲ। ଭାଲୁ ଖାଦ୍ୟ ଅନ୍ୱେଷଣରେ ଆସି ପାହାଡ଼କୁ ଫେରୁଥିବା ବେଳେ ଏକ ବିରାଟ ଖାଲରେ ପଡ଼ିଯାଇଥିଲା। ଭାଲୁର ଚିତ୍କାର ଶୁଣି କେତେକ ଗ୍ରାମବାସୀ ସେଠାରେ ପହଞ୍ଚି ତାକୁ ଠେଙ୍ଗାରେ ପିଟି ପିଟି ମାରିଦେଇଥିବା କୁହାଯାଉଛି। ରବିବାର ଏ ସମ୍ପର୍କରେ ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ। ନୀଳଗିରି ରେଞ୍ଜର ସୁକୁମାର ଦାସ କର୍ମଚାରୀଙ୍କ ସହ ପହଞ୍ଚି ଭାଲୁର ମୃତଦେହକୁ ଉଦ୍ଧାର କରି ନୀଳଗିରି ଅଫିସ୍‌କୁ ଆଣିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ। ଏ ସମ୍ପର୍କରେ ନୀଳଗିରି ରେଞ୍ଜର ସୁକୁମାର ଦାସଙ୍କୁ ପଚରାଯିବାରୁ ପିଟି ପିଟି ମାରି ଦିଆଯିବା ଘଟଣାକୁ ସେ ଅସ୍ୱୀକାର କରିବା ସହ ବୟସାଧିକ ହେତୁ ଭାଲୁ ମୃତ୍ୟୁବରଣ କରିଥିବା ସୂଚନା ଦେଇଛନ୍ତି। ଉକ୍ତ ଘଟଣାରେ ତଦନ୍ତ ଜାରି ରହିଥିବା ବେଳେ ଭାଲୁର ଶବ ବ୍ୟବଚ୍ଛେଦ କରାଇ ପୋତି ଦିଆଯାଇଛି।

### ମିଶନ ଟାଇଗର ଚାମ୍ପିୟନ

**ରେମୁଣା, ୧୭।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ରେମୁଣା ବ୍ଲକ ବରୁଣସିଂ ପଞ୍ଚାୟତର ରୂପାବାଲି ପଡ଼ିଆରେ ନୀଳଗିରିରୋଡ଼ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଗଜେନ୍ଦ୍ର ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ କଲିକତାର ଏମ୍‌ସି ବେଲଦା ଫୁଟବଲ ଟିମ୍ ଓ ଓଡ଼ିଶାର ମିଶନ୍ ଟାଇଗର ବାଲେଶ୍ୱର ଫୁଟବଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ମିଶନ୍ ଟାଇଗର ଦଳ ୫-୪ ଗୋଲରେ ବିଜୟୀ ହୋଇଥିଲା। ମୁଖ୍ୟଅତିଥି ପ୍ରାକ୍ତନ ବିଧାୟକ ସୁଦର୍ଶନ ଜେନା ଓ ସମ୍ମାନିତ ଅତିଥି ଯୁବସଭାପତି ଶୁଭେନ୍ଦୁ ମଙ୍ଗରାଜ, ଛାତ୍ର ସଭାପତି ଶ୍ରୀମନ୍ ଦାସମହାପାତ୍ର, ବାଲେଶ୍ୱର ଜିଲା ଏସ୍‌ସି ସେଲ୍ ସମ୍ପାଦକ ବଂଶୀଧର ଦଳାଇ, ଶିକ୍ଷାବିତ୍ କାଳିଚରଣ ସେଠୀ, ମାର୍କଣ୍ଡ ଚରଣ ସେଠୀ ଯୋଗ ଦେଇଥିଲେ। ସନ୍ତୋଷ ରାଉତ, ଦିଲୀପ ପ୍ରଧାନ, ଲକ୍ଷ୍ମଣ ସୋରେନ ଓ ରତିକାନ୍ତ ପ୍ରଧାନ ଖେଳକୁ ପରିଚାଳନା କରିଥିଲେ।

## ■ ୨୮ରୁ ଧାନକିଣା ବନ୍ଦ ଲାଗି ନିର୍ଦ୍ଦେଶ

# ଚାଷୀଙ୍କ ମୁଣ୍ଡରେ ବଜ୍ର, ଦାନା ବାନ୍ଧୁଛି ଆନ୍ଦୋଳନ

**ଖଇରା, ୧୭।୨(ଡି.ଏନ.ଏ.)**



ସାରଡାଙ୍ଗ ଗ୍ରାମର ଜଣେ ଚାଷୀ ମଣ୍ଡିରେ ଧାନକୁ ଘୋଡାଇ ରଖିଛନ୍ତି।

ବାଲେଶ୍ୱର ସମେତ ୧୯ଟି ଜିଲାରେ ଆସନ୍ତା ଫେବୃୟାରୀ ୨୮ତାରିଖରୁ ଧାନ କିଣା ବନ୍ଦ ପାଇଁ ଯୋଗାଣ ବିଭାଗରୁ ସମ୍ପୃକ୍ତ ଜିଲାର ଜିଲାପାଳମାନଙ୍କୁ ଜଣାଇ ଦିଆଯାଇଛି । ଉକ୍ତ ଚିଠିର ନକଲ ଖଇରା ବ୍ଲକର ୧୪ଟି ସେବା ସମବାୟ ସମିତିରେ ପହଞ୍ଚିବା ପରେ ହଜାର ହଜାର ଚାଷୀଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ବର୍ଷକର ପରିଶ୍ରମର ଫଳ ଆଉ ତାଙ୍କୁ ମିଳିବ ନାହିଁ ବୋଲି ଜାଣିବା ପରେ ସେମାନଙ୍କ ମୁଣ୍ଡରେ ବଜ୍ର ପଡ଼ିଛି। ସରକାର ଏପ୍ରିଲ ପର୍ଯ୍ୟନ୍ତ ଧାନ କିଣିବେ ବୋଲି ଆରମ୍ଭରୁ ଘୋଷଣା କରିଥିବା ବେଳେ ଏବେ ହଠାତ୍ ଏଭଳି ଅଧାରୁ ବନ୍ଦ ପାଇଁ ଚିଠି କରିବା ଘଟଣା ସେମାନଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ତୁରନ୍ତ ସରକାର ନିଷ୍ପତ୍ତିରେ ପରିବର୍ତ୍ତନ କରି ଅଧିକ ସମୟ ନ ଦେଲେ କିମ୍ବା ୨୮ତାରିଖ ପୂର୍ବରୁ ଚାଷୀମାନଙ୍କ ନିକଟରେ ପଡିରହିଥିବା ଧାନ କିଣିବାକୁ ବ୍ୟବସ୍ଥା ନ କଲେ ୧୪ସେବା ସମବାୟ ସମିତିର ଚାଷୀ ସମିତି ସମ୍ମୁଖରେ ଆମରଣ ଅନଶନରେ ବସିବାକୁ ଚେତାବନୀ ଦେଇଛନ୍ତି ।

ଖଇରା ବ୍ଲକ ଅଧୀନରେ ଥିବା ଗଗନଧୂଳି, ଗୋବିନ୍ଦପୁର, କୁରୁଣ୍ଟା, ମିର୍ଜାପୁର, ଗଡ଼ପୋଖରୀ, ଡୁଙ୍ଗୁରା, ପଳସା, ଗୋଳିହା ଓ ଖଇରା ଆଦି ପ୍ରାଥମିକ କୃଷି ସେବା ସମବାୟ ସମିତିକୁ ଧାନ କିଣିବାକୁ ଅନୁମତି ଦିଆଯାଇଥିଲା। ଏଥିପାଇଁ ୯ହଜାର ଚାଷୀ ୪ଲକ୍ଷ ୬ହଜାର ୬୫୬ କୁଇଣ୍ଟାଲ ଧାନ ବିକିବାକୁ ଅନଲାଇନରେ ପଞ୍ଜୀକରଣ କରିଥିଲେ। ହେଲେ ଫେବୃୟାରୀ ୧୫ତାରିଖ ସୁଦ୍ଧା ମାତ୍ର ୧ଲକ୍ଷ ୭୪ହଜାର ୩୧ କୁଇଣ୍ଟାଲ ଧାନ ବିକିବାକୁ ସକ୍ଷମ ହୋଇଛନ୍ତି । ଏବେ ସୁଦ୍ଧା ଚାଷୀଙ୍କ ନିକଟରେ ୨ କୁଇଣ୍ଟାଲ ୧ହଜାର ୨୧୮କୁଇଣ୍ଟାଲ ଧାନ ବଳକା ରହିଛି। ଏଭଳି କି ସମିତିକୁ ଟାର୍ଗେଟ ମଧ୍ୟ ବନ୍ଦ କରିଦିଆଯାଇଛି । ଜିଲା ଯୋଗାଣ ବିଭାଗ ଅଧିକାରୀ ରବି ନାରାୟଣ ପୃଷ୍ଟି କହିଛନ୍ତି ଯେ ଗତବର୍ଷ ତୁଳନାରେ ଏଥର ଜିଲାରୁ ଅଧିକ ୪ହଜାର କୁଇଣ୍ଟାଲ ଧାନକିଣା ସରିଲାଣି । ତଥାପି ବାକି ୮ଦିନ ମଧ୍ୟରେ କିଭଳି ଆଉ କିଛି ଧାନ ଉଠିପାରିବ ତା’ର ବ୍ୟବସ୍ଥା କରାଯିବ।

### ଚାଷୀ କୁହନ୍ତି

“ ଏପ୍ରିଲ ମାସ ପର୍ଯ୍ୟନ୍ତ ଧାନ କିଣାଯିବ ବୋଲି ଘୋଷଣା କରାଯାଇଥିଲେ ହେଁ ଏବେ ହଠାତ୍ କିଛି କାରଣ ନ ଥାଇ ବନ୍ଦ କରିବା ସରକାରଙ୍କ ଦୋମୁହାଁ ନୀତିକୁ ପଦାରେ ପକାଇଛି।

*ବିଜୟ କୁମାର ଦାଶ, ସାଲୋ।*

“ ଆଗକୁ ନିର୍ବାଚନ ଥିବାରୁ ଯୋଗାଣ ବିଭାଗ ଓ ମିଲରମାନେ ମିଳିମିଶି ରିସାଇକ୍ଲିଂ କରିବା ଉଦ୍ଦେଶ୍ୟରେ ଧାନକିଣାକୁ ବନ୍ଦ କରିଦେଇଛନ୍ତି । କେବଳ ଅନଶନ ନୁହେଁ ଏହାର ଜବାବ ଆଗାମୀ ନିର୍ବାଚନରେ ଚାଷୀମାନେ ଦେବେ ।

*ଗୌରାଙ୍ଗ ସେଠୀ, ଗରସଙ୍ଗ*

“ ଶହ ଶହ ଚାଷୀ ଧାନକୁ ବର୍ଷା ସତ୍ତ୍ୱେ ଧାନ ବିକିବାକୁ ଖଳାରେ କି ଅଗଣାରେ ରଖି ମାସ ମାସ ଧରି ଚାତକ ଭଳି ଅନାଇ ରହିଛନ୍ତି । ଏଭଳି ପରିସ୍ଥିତିରେ ଧାନକିଣା ବନ୍ଦ କରି ଦିଆଯିବା ଚାଷୀଙ୍କ ପ୍ରତି ଉପହାସ ।

*ଗଦାଧର ଦାସ,ବଡ଼ମୁହାଁ*

“ ଏବର୍ଷ ଚାଷୀ ଧାନ ବିକିବାକୁ ଯେତେ ହଟହଟା ହେଲେଣି, ପୂର୍ବବର୍ଷରେ କେବେ ଏଭଳି ଭୋଗି ନ ଥିଲେ । ସରକାର ଯେଭଳି ଚାଷୀମାନଙ୍କ ସହ ଖେଳୁଛନ୍ତି ଚାଷୀମାନେ ମଧ୍ୟ ସେହିଭଳି ଖେଳିବେ ।

*ଜଗବନ୍ଧୁ ବେହେରା,ବଉଳାଣି*

### ଗାଡ଼ି ସହ ୨୧ ମୋବାଇଲ ଟାୱାର ବ୍ୟାଟେରି ଜବତ

#### ଜଣେ ଗିରଫ, ୪ ଫେରାର

**ଚାନ୍ଦବାଲି, ୧୭।୨ (ଡି.ଏନ.ଏ.)**

ପାଟ୍ରୋଲିଂ ବେଳେ ଶନିବାର ବିଳମ୍ବିତ ରାତିରେ ବାଂଶଡା ଥାନା ପୋଲିସ ଏକ ଚୋରା ଗାଡ଼ି ସହିତ ୨୧ଟି ବଡ଼ ବ୍ୟାଟେରି ଜବତ କରିଛି। ଏଥିସହ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ୪ ଜଣ ଖସି ଯାଇଛନ୍ତି। ସୂଚନା ଅନୁସାରେ, ଦିଗଛିଆ ବଜାର ସନ୍ନିକଟ ବଇଦପୋଖରୀ ଛକ ନିକଟରେ ଥିବା ମୋବାଇଲ ଟାୱାର ନିକଟରେ ଏକ ସ୍କର୍ପିଓ ଠିଆ ହୋଇଥିବା ଦେଖି ପୋଲିସର ସନ୍ଦେହ ହୋଇଥିଲା। ଗାଡ଼ିକୁ ଯାଞ୍ଚ ବେଳେ ସେଥିରୁ ୨୧ଟି ବ୍ୟାଟେରି ଜବତ ହୋଇଥିଲା। ଗାଡ଼ିରେ ଥିବା ଧାମନଗର ଥାନା ଅଞ୍ଚଳର ସେକ୍ କଲିମ୍ ଖାଁକୁ ଗିରଫ କରାଯାଇଥିଲା। ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି କରୁଥିବା ଅନ୍ୟ ୪ ସହଯୋଗୀ ଫେରାର ହୋଇଯାଇଥିଲେ। ବ୍ୟାଟେରି ସହ ଗାଡ଼ିକୁ ବାଂଶଡା ଥାନାକୁ ନିଆଯାଇଥିଲା। ତେବେ ଗାଡ଼ିରେ ନକଲି ନମ୍ବର ପ୍ଲେଟ ଲଗାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

## ଚିତ୍ରରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି



ଛାତ୍ରୀଛାତ୍ରୀମାନେ ଚିତ୍ର ଆଙ୍କି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି।

**ବାଲେଶ୍ୱର ଅଫିସ, ୧୭।୨**

ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟ ଓ ଫକୀରମୋହନ ଆଟିଷ୍ଟିକ କ୍ରାଫ୍ଟ ସ୍କୁଲର ମିଳିତ ଉଦ୍ୟମରେ ରବିବାର ଶହୀଦ ଯବାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଚିତ୍ର ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ବିଦ୍ୟାଳୟଠାରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ୧୦୫ଜଣ ଛାତ୍ରୀଛାତ୍ର ଯୋଗଦେଇ ଚିତ୍ର ଆଙ୍କିଥିଲେ।

ଆତଙ୍କବାଦୀଙ୍କ ଦ୍ୱାରା ଆତ୍ମଘାତୀ ବିସ୍ଫୋରଣରେ ଯବାନଙ୍କ ମୃତ୍ୟୁରେ ଭାରତବାସୀଙ୍କ ଶୋକରେ ସମବେଦନା ଜଣାଇ ଚାରୁ ଓ କାରୁ କଳା ମହାବିଦ୍ୟାଳୟ ଓ ଫକୀରମୋହନ ଆଟିଷ୍ଟିକ କ୍ରାଫ୍ଟ ସ୍କୁଲର ଛାତ୍ରୀଛାତ୍ରଙ୍କର ଏକ ନିଆରା କାର୍ଯ୍ୟକ୍ରମ। ଛାତ୍ରୀଛାତ୍ରମାନେ ନିଜର ଚିତ୍ର ମାଧ୍ୟମରେ ଶହୀଦଙ୍କୁ ସଲାମ ଆଙ୍କି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଛାତ୍ରୀଛାତ୍ରମାନେ ଶହୀଦ ଯବାନମାନଙ୍କର ଫଟୋ ଅଙ୍କନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଡା. ଦେବାଶିଷ ମିଶ୍ର, ଗୌରୀଶଙ୍କର ନାୟକ, ସୁଧାଂଶୁ ଶେଖର ଯେନା, ଶଶାଙ୍କ ଶେଖର ଦାସ, ଦୈତାରୀ ବେହେରା, ଶ୍ରୀକୃଷ୍ଣ ଚନ୍ଦ୍ର ପାତ୍ର ପରିଚାଳନା କରିଥିଲେ। ମୋଟ ୧୦୫ ଚିତ୍ରକୁ ପ୍ରଦର୍ଶନୀ କରାଯାଇ ତାହା ଶହୀଦ ଯବାନମାନଙ୍କ ପାଇଁ ଶେଷ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା।

### ଚେତାଶୂନ୍ୟ ଅବସ୍ଥାରେ ରାସ୍ତାକଡ଼ରୁ ଯୁବତୀ ଉଦ୍ଧାର

**ଜଳେଶ୍ୱର, ୧୭।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ସହର ନୂଆବଜାର ଜିକେ ଭଞ୍ଜର ସରକାରୀ ଡାକ୍ତରଖାନାର ଅନତି ଦୂରରେ ରବିବାର ସକାଳେ ଚନ୍ଦନେଶ୍ୱର ପଟୁ ଏକ ପିକ୍‌ଅପ୍ ଭ୍ୟାନ୍‌ରେ କେହି ଦୁର୍ବୃତ୍ତ ଜଣେ ଯୁବତୀଙ୍କୁ ଫିଙ୍ଗି ଦେଇ ପଳାଇଯାଇଥିଲେ। ସ୍ଥାନୀୟ ଅଞ୍ଚଳର ଯୁବକ ବୁଦ୍ଧିଆ ଖିଲାର, ହରି ପାତ୍ର ଓ ତୋଫାନ ନାୟକ ପ୍ରମୁଖ ଜଳେଶ୍ୱର ମ୍ୟୁନିସିପାଲଟି ବିଜୁ ଯୁବବାହିନୀର ସଂଯୋଜକ ଜଗନ୍ନାଥ ଗୋଛାୟତ ଓ ଯୁବନେତା ଶିବନାରାୟଣ ମହାପାତ୍ରଙ୍କୁ ଡାକି ଉକ୍ତ ଯୁବତୀଙ୍କୁ ଜିକେ ଭଞ୍ଜର ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କର ଚିକିତ୍ସା କରାଇଥିଲେ। ଦୀର୍ଘ ସମୟ ପରେ ଚେତା ଫେରିବାରୁ ତାଙ୍କ ନାମ ସିଂହ ହାଁସଦା(୨୫) ଘର ମୟୂରଭଞ୍ଜ ଜିଲା ମୋରଡ଼ା ଅଞ୍ଚଳର ବୋଲି ପରିଚୟ ଦେଇଥିଲେ। ସେ କମର୍ଦ୍ଦା ଥାନା ଅଧୀନ କମର୍ଦ୍ଦା ବଜାରରେ ଥିବା ଏକ ଜଳଖିଆ ଦୋକାନରେ ଦୀର୍ଘଦିନ ଧରି କାର୍ଯ୍ୟ କରି ଆସୁଥିଲେ। ସେ ମୋରଡ଼ା ଯିବାପାଇଁ କମର୍ଦ୍ଦାରୁ ଜଳେଶ୍ୱର ଅଭିମୁଖେ ଅଟୋ ଯୋଗେ ଆସୁଥିବା ବେଳେ ଅଟୋ ଡ୍ରାଇଭର ତାଙ୍କୁ ଏକ ଚକଲେଟ୍ ଖାଇବାକୁ ଦେଇଥିଲେ। ତାପରେ ତାଙ୍କର ଚେତାଶୂନ୍ୟ ହୋଇଯାଇଥିଲା। ଏନେଇ ଥାନାରେ ଉକ୍ତ ଯୁବତୀ କୌଣସି ଲିଖିତ ଅଭିଯୋଗ କରିନାହାନ୍ତି ବୋଲି ଆଇଆଇସି ପ୍ରଦୀପ କୁମାର ମାଝି ସୂଚନା ଦେଇଛନ୍ତି।

## ମାଟ୍ରିକ୍ ପରୀକ୍ଷା ୨ଦିନ ପୂର୍ବରୁ ଉତ୍ସବ ପାଳନକୁ ବିରୋଧ

**ବାହାନଗା,୧୭।୨(ଡି.ଏନ.ଏ.)**




ଖବରଦାତା ସମ୍ମିଳନୀରେ ଆଞ୍ଚଳିକ ଯୁବ ପରିଷଦର କର୍ମକର୍ତ୍ତା।

ମାଟ୍ରିକ୍ ପରୀକ୍ଷାର ଦୁଇ ଦିନ ପୂର୍ବରୁ ଖନ୍ତାପଡା ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ପାଳନକୁ ଆଞ୍ଚଳିକ ଯୁବ ପରିଷଦ ବିରୋଧ କରିଛି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଲକ୍ଷ୍ୟରେ ରଖି ଏହି ଉତ୍ସବ ବନ୍ଦ କରାଯାଉ ନଚେତ ଅନ୍ୟତ୍ର କରାଯାଉ ବୋଲି ବାହାନଗା ବ୍ଲକ ଖନ୍ତାପଡା ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଆଞ୍ଚଳିକ ଯୁବ ପରିଷଦ ତରଫରୁ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏହି ସମ୍ମିଳନୀରେ ସଭାପତି ଚନ୍ଦନେଶ୍ୱର ବେହେରା ପୌରୋହିତ୍ୟ କରିଥିଲେ ।

ଖନ୍ତାପଡ଼ା ଉଚ୍ଚ ବିଦ୍ୟାଳୟରେ ପ୍ରତିବର୍ଷ ମାଟ୍ରିକ ପରୀକ୍ଷା ପାଇଁ ସେଣ୍ଟର ହୋଇଥାଏ । ଚଳିତବର୍ଷ ମଧ୍ୟ ପରୀକ୍ଷା ପାଇଁ ସେଣ୍ଟର ହୋଇଛି। ସେଠାରେ କେତେକ ବିଦ୍ୟାଳୟର ପ୍ରଶ୍ନପତ୍ର ଗଚ୍ଛିତ ରଖାଯାଇଥାଏ। ମାଟ୍ରିକ୍ ପରୀକ୍ଷା ଚଳିତ ମାସ ୨୨ ତାରିଖଠାରୁ ଆରମ୍ଭ ହେବ। ତାର ଦୁଇଦିନ ପୂର୍ବରୁ ସେହି ବିଦ୍ୟାଳୟ ପରିସରରେ ଅର୍ଥାତ ୧୯ ତାରିଖରେ ଏକ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ଯେଉଁ ବିଦ୍ୟାଳୟରେ ପରୀକ୍ଷାର୍ଥୀଙ୍କ ପାଇଁ ପ୍ରଶ୍ନପତ୍ର ପୋଲିସ ହେପାଜତରେ ରଖାଯାଉଛି ସେହି ସ୍ଥାନରେ କିପରି ବାର୍ଷିକ ଉତ୍ସବ ପାଳନ ହେଉଛି ଓ ତାହାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିପରି ଅନୁମତି ପ୍ରଦାନ କରିଛନ୍ତି ସେନେଇ ଯୁବକ ସଂଘ ପ୍ରଶ୍ନ ଉଠାଇଛି । ଯଦି ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ପାଳନକୁ ବନ୍ଦ କରା ନ ଯାଏ ତା’ହେଲେ ସେମାନେ କଠୋର ପଦକ୍ଷେପ ନେବେ ବୋଲି ଖବରଦାତା ସମ୍ମିଳନୀରେ ଚେତାବନୀ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଶଶିକାନ୍ତ ପ୍ରଧାନ, ଅନିରୁଦ୍ଧ ମଲ୍ଲିକ, ଡମ୍ବୁରଧର ବାରିକ, ସୁଶାନ୍ତ ଦାସ, ବନମାଳୀ ବେହେରା, ଛଚିନ୍ଦ୍ର ଦାସ, ରାକେଶ ମହଲ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଜିଲାପାଳ, ଶିକ୍ଷାଧିକାରୀ ଓ ଶିକ୍ଷା ବିଭାଗର ମନ୍ତ୍ରୀଙ୍କ ଦୃଷ୍ଟି ଆର୍କଷଣ କରାଯିବାକୁ ସ୍ଥିର ହୋଇଛି। ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ଉପାଧ୍ୟାୟଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କି ଉତ୍ସବ ମୁଁ ଜାଣିନାହିଁ । ମାତ୍ର ୧୯ ତାରିଖରେ ବିଦ୍ୟାଳୟ ପରିସରରେ ଏକ ବାର୍ଷିକ ଉତ୍ସବ ପାଳନ ହେବ ବୋଲି ଜାଣିବାକୁ ପାଇଛି। ମାତ୍ର କେହି ମୋ’ ଠାରୁ ଅନୁମତି ନେଇନାହାନ୍ତି । ଏ ବିଷୟରେ ସେ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇଛନ୍ତି।

## ପାକିସ୍ତାନ ମୁର୍ଦ୍ଦାବାଦ୍‌ରେ କମ୍ପିଲା ସହର

**ଜଳେଶ୍ୱର, ୧୭।୨(ଡି.ଏନ.ଏ.)**

ଜମ୍ମୁ କାଶ୍ମୀର ପୁଲୱାମା ଠାରେ ଶହୀଦ ହୋଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ଜଳେଶ୍ୱର ସ୍ପୋର୍ଟସ୍ ଆଣ୍ଡ କାଲଚୁରାଲ ଆସୋସିଏଶନ୍ ଓ ସିଭିଲ ସୋସାଇଟି ତରଫରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପାକିସ୍ତାନ ମୁର୍ଦ୍ଦାବାଦ୍‌ରେ ସହର ପ୍ରକମ୍ପିତ ହୋଇଥିଲା। ଏଥିରେ ଆଇନଜୀବୀ ଚିନ୍ମୟ କୁମାର ଦାସ, ଅଶୋକ ଦାସ, ଶିକ୍ଷକ ସୁନୀଲ ନାୟକ, ଶଶିକାନ୍ତ ପ୍ରଧାନ, ହରେକୃଷ୍ଣ ଜେନା, ସାମାଜିକ କର୍ମୀ କୋମଳ ଚକ୍ରବର୍ତ୍ତୀ ସାମିଲ ହୋଇଥିଲେ।

## ■ ବ୍ୟାଙ୍କ ଡକାୟତି ଘଟଣା

# ୩ ଦିନ ପରେ ବି ପୋଲିସ ହାତ ଖାଲି

**ବଡବିଲ, ୧୭।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲ ମୁଖ୍ୟ ବଜାର ରାସ୍ତାସ୍ଥିତ ଆଲ୍ଲାହାବାଦ ବ୍ୟାଙ୍କରେ ଗତ ୧୫ ତାରିଖ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ୫ ବନ୍ଧୁକଧାରୀ ଡକାୟତ ପଶି କ୍ୟାଶିୟର ଓ ସୁରକ୍ଷାକର୍ମୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିସହ ଜମାକରିବାକୁ ଆସିଥିବା ଗ୍ରାହକଙ୍କୁ ମାଡମାରି ୫ ମୋବାଇଲ ଓ ନଗଦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାର ୩ ଦିନ ପରେ ବି ପୋଲିସ ହାତ ଖାଲି ରହିଛି। ଘଟଣାସ୍ଥଳରୁ ଅପରାଧୀ ଛାଡି ଯାଇଥିବା ଗୋଟିଏ ବନ୍ଧୁକ, ନମ୍ବର ପ୍ଲେଟ ଓ ତାଲାକୁ ପୋଲିସ ଜବତ କରିଥିଲା। ବ୍ୟାଙ୍କର ସିସିଟିଭି କ୍ୟାମେରା ଯାଞ୍ଚ ହୋଇଛି। ସିସିଟିଭି କ୍ୟାମେରାରେ ଡକାୟତଙ୍କ କାର୍ଯ୍ୟକଳାପକୁ ଅନୁଧ୍ୟାନ ମଧ୍ୟ କରାଯାଇଛି। ଅଦ୍ୟାବଧି ଅପରାଧୀଙ୍କର ସୁରାକ ପାଇବାରେ ପୋଲିସ ବିଫଳ ହୋଇଛି। ପୋଲିସ ଖୁବ ଶୀଘ୍ର ଅପରାଧୀମାନଙ୍କୁ ଧରିବାକୁ ଆଶାବାଦୀ ବୋଲି ଥାନା ଆଇଆଇସି ଅନିଲ କୁମାର ପ୍ରଧାନ କହିଛନ୍ତି। ସକାଳ ସମୟରେ ଚଳପ୍ରଚଳ ବଜାର ମଧ୍ୟରେ ଥିବା ବ୍ୟାଙ୍କରୁ ଅପରାଧୀମାନେ ଅପରାଧ ଭିଆଇ ଚମ୍ପଟ ମାରିଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ଅନ୍ୟପଟେ ଏକ ଚୋରି ବୋଲେରୋର ଭଗ୍ନାଂଶ ଜବତ କରି ଅପରାଧକୁ ରୋକିବାରେ ସକ୍ଷମ ହୋଇଛି ବୋଲି ପୋଲିସ ବେଶ ଆନନ୍ଦିତ ଅଛି। ଅପରପକ୍ଷେ ବ୍ୟାଙ୍କ ଭିତରୁ କେବଳ ଗ୍ରାହକଙ୍କ ଟଙ୍କା ଯାଇଥିବାରୁ ପୋଲିସ ଘଟଣାକୁ ଅତି ସହଜ ଭାବେ ଗ୍ରହଣ କରୁଛି। ଡକାୟତଙ୍କ ସହ ଧସ୍ତାଧସ୍ତି କରିବା ସହ ସେମାନଙ୍କ ଆକ୍ରମଣରେ ଗୁରୁତର ହୋଇଥିବା ବ୍ୟାଙ୍କ ସୁରକ୍ଷାକର୍ମୀ ବିଜୟ କୁମାର ବିଶ୍ୱକର୍ମାଙ୍କୁ ସାହସିକତା ପାଇଁ ୨ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଦେଇ ଘଟଣା ଉପରେ ସାମାନ୍ୟ ପରଦା ପକାଇବାକୁ ପୋଲିସ ଚେଷ୍ଟା କରୁଛି ବୋଲି ଆଲୋଚନା ହେଉଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ



### ସାହସିକତା ପାଇଁ ମିଳିଲା ପ୍ରୋତ୍ସାହନ

ବଡ଼ବିଲ, ୧୭।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲ ଆଲ୍ଲାହାବାଦ ବ୍ୟାଙ୍କରେ ଶୁକ୍ରବାର ଡକାୟତି କରିବାକୁ ଆସିଥିବା ୫ ବନ୍ଧୁକଧାରୀ ଦୁର୍ବୃତ୍ତଙ୍କ ସହ ଜୀବନକୁ ବାଜି ଲଗାଇ ସାହସିକତା ଦେଖାଇ ଲଢ଼େଇ କରିଥିବା ସୁରକ୍ଷାକର୍ମୀଙ୍କୁ ପ୍ରୋତ୍ସାହନ ରାଶି ମିଳିଛି। ସେ ହେଲେ ବିଜୟ କୁମାର ବିଶ୍ୱକର୍ମା। ତାଙ୍କୁ ବଡ଼ବିଲ ପୋଲିସ ପକ୍ଷରୁ ଥାନା ଆଇଆଇସି ୨ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି। ଡକାୟତ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଡକାୟତମାନେ କରିଥିବା ମରଣାନ୍ତକ ଆକ୍ରମଣର ଦୃଶ୍ୟ କଏଦ ହୋଇଥିବା ସିସି ଟିଭି କ୍ୟାମେରା ଯାଞ୍ଚ କରି ପୋଲିସ ଏହି ପ୍ରୋତ୍ସାହନ ରାଶି ପ୍ରଦାନ କରିଥିବା ଜଣାପଡିଛି। କେନ୍ଦୁଝର ଜିଲା ଆରକ୍ଷୀ ଅଧୀକ୍ଷକ ଉକ୍ତ ସୁରକ୍ଷାକର୍ମୀଙ୍କୁ ସ୍ୱତନ୍ତ୍ର ସାହସିକତା ପ୍ରଶଂସାପତ୍ର ପ୍ରଦାନ କରିବେ ବୋଲି ଜଣାପଡିଛି।

# ଶିଶୁ ମନ୍ଦିରରେ ମାତୃପିତୃ ପୂଜନ ଦିବସ

ଆନନ୍ଦପୁର/ ଝୁମ୍ପୁରା, ୧୭।୨ (ସ୍ୱ.ପ୍ର./ଡି.ଏନ.ଏ.)



ଛାତ୍ରୀଛାତ୍ର ମାତାପିତାଙ୍କୁ ପୂଜା କରୁଛନ୍ତି।

ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ପିତୃପୂଜନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅନନ୍ତ ଚରଣ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶାଳପଡ଼ାସ୍ଥିତ ଚାଇଲ୍ଡ ସ୍କାଇଲ୍‌ର ଅଧକ୍ଷା ଅସୀମା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ମହାବିଦ୍ୟାଳୟର ଅଧ୍ୟାପକ ଉମାକାନ୍ତ ନାୟକ, ସମାଜସେବୀ ଅନୁସୟା ପଣ୍ଡା, ସାହିତ୍ୟିକ ଫୁଲମଣି ସାହୁ, ବିଦ୍ୟାଳୟର ସମ୍ପାଦକ ସର୍ବେଶ୍ୱର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ଆଚାର୍ଯ୍ୟ ପଙ୍କଜ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରରେ ମା'ବାପାଙ୍କ ପୂଜାର୍ଚ୍ଚନା କରିଥିଲେ। ବିଦ୍ୟାଳୟର ଗୁରୁମାଗୁରୁଜୀ ଅହଲ୍ୟା ମିଶ୍ର, ସରୋଜ ମିଶ୍ର, ସତ୍ୟାନନ୍ଦ ନାୟକ, ଯୁଧିଷ୍ଠିର ମିଶ୍ର, ବିଷ୍ଣୁପ୍ରିୟା ସାହୁ, ଅଚ୍ୟୁତ ଘଡେଇ, କବିମନ୍ୟୁ ସାହୁ, ଲୀଜାରାଣି ସାହୁ, କିରଣବାଳା ବେଉରିଆ, ଦିବାକର ପରିଡା, ସୁଭଦ୍ରା ସିଂ, ଅନୁପମା ସାହୁ, ମାନସୀ ସାହୁ, ସୌଦାମିନୀ ଦାସ, ଇଶ୍ୱର ଘଡେଇ, ବିଶ୍ୱଜିତ୍ ଖୁଣ୍ଟିଆ, ପୁଷ୍ପାଞ୍ଜଳୀ ନନ୍ଦୀ, ବିଣାପାଣି ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଝୁମ୍ପୁରା ଶିଶୁ ବିଦ୍ୟା ମନ୍ଦିରରେ ମାତୃପିତୃ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପ୍ରଧାନାଚାର୍ଯ୍ୟ ବିପିନ ବିହାରୀ ଖଣ୍ଡାୟୀଙ୍କ ଅଧ୍ୟକ୍ଷତାରେ ୧୭ନଂ ଜିଲାପରିଷଦ ସଦସ୍ୟ ଅନୁବ୍ରତ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ସାମାଜିକ ସଂସ୍କାର, ମାତୃପିତୃ ବନ୍ଦନାର ଆବଶ୍ୟକତା, ଗରୁକୁଳର ଶିକ୍ଷା ତଥା ଦେଶପ୍ରେମ ନେଇ ବକ୍ତାଗଣ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ଗହଣରେ ଉପାଦେୟ ବକ୍ତବ୍ୟ ରଖିଥିଲେ। ସମୁଦାୟ ୨୧୨ ଯୋଡା ମାତାପିତା ଉତ୍ସବରେ ଉପସ୍ଥିତ ଥିଲେ। ଶିଶୁ ମନ୍ଦିରର ଆଚାର୍ଯ୍ୟାଆଚାର୍ଯ୍ୟଙ୍କ ଦ୍ୱାରା ଉତ୍ସବ ସଞ୍ଚାଳିତ ହୋଇଥିଲା।

## ଯବାନଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

ଝୁମ୍ପୁରା/ ଆନନ୍ଦପୁର, ୧୭।୨ (ଡି.ଏନ.ଏ./ସ୍ୱ.ପ୍ର.)

ପୁଲ୍‌ୱାମାରେ ଶହୀଦ ହୋଇଥିବା ବୀର ଯବାନଙ୍କ ପାଇଁ ଝୁମ୍ପୁରା ବ୍ଲକ ଅଞ୍ଚଳରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପାଇଁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଥିଲା। ଶନିବାର ସନ୍ଧ୍ୟାରେ ଶତାଧିକ ଜନସାଧାରଣ ଝୁମ୍ପୁରା ବ୍ଲକ ଛକ ପାଖରୁ ଦୁର୍ଗାପଡ଼ିଆ ପର୍ଯ୍ୟନ୍ତ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। ଶୋଭାଯାତ୍ରା ଶେଷରେ ଦୁର୍ଗାପଡିଆରେ ସମବେତ ଜନତା ନୀରବ ପ୍ରାର୍ଥନା ପୂର୍ବକ ଅମର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ଘସିପୁରାଠାରେ କନକମଞ୍ଜରୀ ବାଲ୍‌ଶିକ୍ଷା ସଂସ୍ଥାନର ଛାତ୍ରୀଛାତ୍ର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଆନନ୍ଦପୁର ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟକ୍ଷ ପ୍ରଫେସର ରମାକାନ୍ତ ନାୟକଙ୍କ ସଂଯୋଜନାରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଶାନ୍ତି ଶୋଭାଯାତ୍ରା, ଆନନ୍ଦପୁର ବ୍ଲକ ଓ ପୌରପରିଷଦ ବିଜୁ ଯୁବ ବାହିନୀ ଏବଂ ଭାଜପା ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ବିଭିନ୍ନ ଯୁବକ ସଂଘର କର୍ମକର୍ତ୍ତାଙ୍କ ସହ ଜନସାଧାରଣ ଆତଙ୍କୀ ହାମଲାକୁ ନିନ୍ଦା କରିଛନ୍ତି।

# ଶହୀଦଙ୍କୁ ମୁସଲମାନ ସମାଜର ଶ୍ରଦ୍ଧାଞ୍ଜଳି



ସମୂହ କ୍ୟାଣ୍ଡେଲ ଶୋଭାଯାତ୍ରରେ ଯାଉଛନ୍ତି।

କେନ୍ଦୁଝର, ୧୭।୨(ସ୍ୱ.ପ୍ର.)

ସ୍ଥାନୀୟ ମୁସଲମାନ ସମାଜ ପକ୍ଷରୁ ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କ ସ୍ମୃତିରେ ରବିବାର ସନ୍ଧ୍ୟାରେ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଥିଲା। ଏହି ଅବସରରେ ସ୍ଥାନୀୟ ମସ୍‌ଜିଦରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚି ଥିଲା। ସେଠାରେ ଏକାଠି ହୋଇ ସମୂହ କ୍ୟାଣ୍ଡେଲ ଦାନ କରି ଶ୍ରଦ୍ଧାଳି ଜ୍ଞାପନ କରିଥିଲେ। ସେମାନେ ପାକିସ୍ତାନ ମୁର୍ଦ୍ଦାବାଦ, ହିନ୍ଦୁସ୍ତାନ ଜିନ୍ଦାବାଦ, ଶହୀଦ ଅମର ରହେ, ଭାରତ ମାତା କି ଜୟ ଆଦି ସ୍ଲୋଗାନ ଦେଇଥିଲେ। ଏହି ଅବସରରେ ଜଣେ ମୌଲାନା ବକ୍ତବ୍ୟ ରଖି ସେମାନଙ୍କ ବଳିଦାନ ବ୍ୟର୍ଥ୍ୟ ଯିବ ନାହିଁ ବୋଲି କହିଥିଲେ।

## ଜନତା ବିଦ୍ୟାଳୟ ବାର୍ଷିକ ଉତ୍ସବ

ରାଇସୁଆଁ, ୧୭।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନ ଗ୍ରାମର ଜନତା ଉଚ୍ଚବିଦ୍ୟାଳୟ ବିଦ୍ୟାଳୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଡା ବିଇଓ ନରେଶ ଚନ୍ଦ୍ର କର, ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିଳମଣୀ ସାହୁ, ମୁଖ୍ୟ ବକ୍ତା ଭାବେ ରମେଶ ଚନ୍ଦ୍ର ହୋତା ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ଦେଶର ଭବିଷ୍ୟତ ବୋଲି ଅତିଥି କହିଥିଲେ। ପ୍ରଧାନ ଶିକ୍ଷକ ରଙ୍ଗାଧର ମହାନ୍ତଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ସଞ୍ଜିତ ମହାପାତ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

ହାଟଡ଼ିହୀ, ୧୭।୨(ଡି.ଏନ.ଏ.)

ହାଟଡିହୀ ବ୍ଲକର ଓରାଳିରେ ଗୋପବନ୍ଧୁ ଯୁବକ ସଂଘ ପକ୍ଷରୁ ସଞ୍ଜିତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀରେ ପଞ୍ଚାୟତ ସ୍ପୋର୍ଟିଂ ଶାଳଣିଆଁ ସହ ଜିସିସିଜି ଆନନ୍ଦପୁର ମଧ୍ୟରେ ଫାଇନାଲ୍ ମ୍ୟାଚ ହୋଇଥିଲା। ଟସ ଜିତି ଜିସିସିଜି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଜିସିସିଜି ଆନନ୍ଦପୁର ପ୍ରଥମେ ବ୍ୟାଟିଂ କରି ସମସ୍ତ ୱିକେଟ ହରାଇ ୧୨୩ ରନ ସଂଗ୍ରହ କରିଥିଲା। ଏହାର ଜବାବାରେ ଶାଳଣିଆଁ ଟିମ ୧୪.୪ ଓଭରରେ ୧୨୪ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ବିଜେଡି ସଭାପତି ବିମ୍ବାଧର ବିଶ୍ୱାଳ, ପୂର୍ବତନ ଅଧକ୍ଷା ସାବିତ୍ରୀ ସେଠୀ, ବିମଳ ଜେନା, ସୁଦର୍ଶନ ସେଠୀ, ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ଜେନା, ରାଜୀବ ସାହୁ, ବାଇଧର ବେହେରା, ପ୍ରତାପ କୁମାର ଖେଳସିଂ ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ ଓ ରନର୍ସଅପ ଟିମକୁ ପୁରସ୍କୃତ କରିଥିଲେ। ଭାଷ୍ୟକାର ଭାବେ ଶମ୍ଭୁନାଥ ନାୟକ, ପ୍ରଦୀପ ବିଶ୍ୱାଳ, ଅମ୍ପାୟାର ଭାବେ ପୂର୍ଣ୍ଣେନ୍ଦୁ ନାୟକ, ଜଗନ୍ନାଥ କର ଖେଳକୁ ପରିଚାଳନା କରିଥିଲେ। ରୂପକ ଜେନା, ଶିବ ରାଉତ, ବିନ୍ଦୁ ଜେନା, କୃଷ୍ଣ ପୁହାଣ, ଗଣେଶ ଚନ୍ଦ୍ର ଜେନା କ୍ଲବର ସଭାପତି ବାପୁନ ମହାନ୍ତି, ସମ୍ପାଦକ ନବକିଶୋର ପୁହାଣ, ତପଧନ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ୱାର୍ଡ କମିଟି କର୍ମଶାଳା

ତେଲକୋଇ, ୧୭।୨(ଡି.ଏନ.ଏ.)

ତେଲକୋଇ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ବିଜେଡି ପକ୍ଷରୁ ପଞ୍ଚାୟତସ୍ତରୀୟ ୱାର୍ଡ କମିଟି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ତେଲକୋଇ ପଞ୍ଚାୟତର ଦନ୍ଧୁଆମୁଣ୍ଡାଠାରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ପର୍ଯ୍ୟବେକ୍ଷକ ଦୀପକ ଦାଶ ସମେତ ବ୍ଲକର ପୂର୍ବତନ ସଭାପତି ବାମଦେବ ରାଉତ, ପଞ୍ଚାୟତ ସଭାପତି କୀର୍ତ୍ତନ ବିହାରୀ ନାଏକ, ପଞ୍ଚାୟତ ବହୁ ନେତା ଯୋଗ ଦେଇଥିଲେ। ଆଗାମୀ ଦିନରେ ୱାର୍ଡ ଏବଂ ବୁଥର ସମୀକ୍ଷା କରିବା ସହ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ମୁଖ୍ୟ ପ୍ରସଙ୍ଗ ରହିଥିଲା।

## ଭତ୍ତା ଅପେକ୍ଷାରେ ବୀରକିଶୋର, ସିନି





ସିନି ଓ ବୀରକିଶୋର।

ଚମ୍ପୁଆ, ୧୭।୨(ଡି.ଏନ.ଏ.)

ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଜିଆ ପଞ୍ଚାୟତ ପତଳା ଗ୍ରାମର ବୀରକିଶୋର ଦାସଙ୍କୁ ମିଳୁନି ଭିନ୍ନକ୍ଷମ ଭତ୍ତା। ତାଙ୍କ ବୟସ ୫୭ ହୋଇଥିଲେ ହେଁ ସେ ଜଣେ ଭିନ୍ନକ୍ଷମ। ଭିନ୍ନକ୍ଷମ ପ୍ରମାଣପତ୍ର ନ ଥିବାରୁ ସେ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଯୁବ ବୟସରେ କୌଣସି କାର୍ଯ୍ୟକୁ ପଛଘୁଞ୍ଚା ଦେଉ ନ ଥିବା ବୀର ୫ ବର୍ଷ ହେବ ପାରାଲିସିସ ରୋଗରେ ପୀଡିତ ହୋଇ ଘରେ ପଡିରହିଛନ୍ତି। ତାଙ୍କ ପରିବାରରେ ଅଭାବ ଅନଟନ ବଢିବାରେ ଲାଗିଛି। ୦୮।୦୧।୧୪ରେ ପତଳା ନର୍ସରୀରେ କାମ କରୁଥିବା ବେଳେ ଗୋଟେ ପଟ ଗୋଡ ହାତ କାମ କରି ନ ଥିଲା। ଗ୍ରାମବାସୀଙ୍କ ସହାୟତାରେ ଘରକୁ ପହଞ୍ଚିବାରେ ସକ୍ଷମ ବୀରକିଶୋରଙ୍କୁ ପରିବାର ଲୋକେ ଭୁବନେଶ୍ୱରସ୍ଥିତ ଘରୋଇ ଚିକିତ୍ସାଳୟରେ ଚିକିତ୍ସା କରିଥିଲେ। ଅର୍ଥ ଅଭାବରୁ ବେଶିଦିନ ଚିକିତ୍ସା କରି ନ ପାରି ଆୟୁର୍ବେଦିକ ଚିକିତ୍ସା କରାଇଥିଲେ। ତାହା ସଫଳ ହୋଇ ପାରି ନ ଥିଲା। ବୟସର ଅପରାହ୍ନରେ ପହଞ୍ଚିଥିବା ଚନ୍ଦ୍ରଶେଖରପୁର ପଞ୍ଚାୟତର ଲକ୍ଷ୍ମୀପଶି ଗ୍ରାମର ବୃଦ୍ଧା ସିନି ମୁଣ୍ଡା ମଧ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ବୟସ ୭୦ରୁ ଉର୍ଦ୍ଧ୍ୱ ହେଲେ ମଧ ଅଦ୍ୟାବଧି ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସିନିଙ୍କ କହିବା ଅନୁସାରେ ବହୁବାର ଭତ୍ତା ପାଇଁ ଆବେଦନ କରିଛି ହେଲେ ପାଇବାରୁ ବଞ୍ଚିତ ହୋଇଛି। ପ୍ରଶାସନ ପକ୍ଷରୁ ଭିନ୍ନକ୍ଷମ ବୀରକିଶୋର ଓ ବୃଦ୍ଧା ସିନିଙ୍କୁ ଭତ୍ତା ପ୍ରଦାନ ପାଇଁ ଦାବି ହେଉଛି।



## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ପାଟଣା, ୧୭।୨(ସ୍ୱ.ପ୍ର.): ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ବଣମହୁଲଡିହା ଗ୍ରାମର ଜଣେ ଯୁବକ ଭାଲୁ ଆକ୍ରମଣରେ ରବିବାର ଗୁରୁତର ହୋଇଛନ୍ତି। ସେ ହେଲେ ଟୁରାଟୁରୁ ମୁଣ୍ଡାଙ୍କ ପୁଅ ରଇବୁ। ରଇବୁ ସକାଳେ କାଠ ସଂଗ୍ରହ ପାଇଁ ଗ୍ରାମ ନିକଟ ଜଙ୍ଗଲକୁ ଯାଇଥିଲେ। ସେଠାରେ ସେ ଏକ ଭାଲୁ ହାବୁଡରେ ପଡ଼ି ଯାଇଥିଲେ। ଭାଲୁ ଆକ୍ରମଣରେ ରଇବୁଙ୍କ ମୁହଁରେ କ୍ଷତ ହୋଇଛି। ପେଟ କଣା ହୋଇଯାଇଛି। ଲୋକେ ସ୍ଥାନୀୟ ଫରେଷ୍ଟ ଗାର୍ଡ ପ୍ରଯୁକ୍ତା ଜେନାଙ୍କୁ ଖବର ଦେଇଥିଲେ। ରଇବୁଙ୍କୁ ଆଣି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଯୁକ୍ତା ଭର୍ତ୍ତି କରିଥିଲେ। ରଇବୁଙ୍କୁ ପରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

### ଶନିବାର ଦିଆଯାଉନି ମଧ୍ୟାହ୍ନ ଭୋଜନ

ହାଟଡିହୀ,୧୭।୨(ଡି.ଏନ.ଏ.): ହାଟଡ଼ିହୀ ଶିକ୍ଷା ଜିଲାରେ ମଧ୍ୟାହ୍ନ ଭୋଜନ ଚାଉଳ ହେରଫେର ହେଉଥିବା ଅଭିଯୋଗ ହୋଇଛି। ତଞ୍ଚକତା କରି କମ ସଂଖ୍ୟକ ଛାତ୍ରୀଛାତ୍ର ଥିବା ବେଳେ ଉପସ୍ଥାନରେ ଅଧିକ ଦର୍ଶାଯାଇ ମଧ୍ୟାହ୍ନ ଭୋଜନ ଲୁଟ ହେଉଥିବା ଆଲୋଚନା ହେଉଛି। ଶନିବାର କେନ୍ଦୁଝର ଡିପିସି ପୂର୍ଣ୍ଣଚନ୍ଦ୍ର ସେଠୀ ହାଟଡିହୀ ଅଞ୍ଚଳକୁ ଆସିଥିଲେ। ଅଚାନକ କେତେକ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ। ସିମିଳିଆ, କଦମ୍ବଡ଼ିହୀ, ମରୁଆ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇ ନ ଥିବା ଜାଣିବାକୁ ପାଇଥିଲେ। ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷେ ପଡ଼ିଆରୀପଲ୍ଲୀ ଅଞ୍ଚଳରେ ଶନିବାର ସ୍କୁଲ ସମ୍ପୂର୍ଣ୍ଣ ଭାବେ ବନ୍ଦ ହେଉଥିବା ଚର୍ଚ୍ଚା ହେଉଛି।

### ଇଂ. ରାମଚନ୍ଦ୍ରଙ୍କ ପରଲୋକ

ପାଟଣା, ୧୭।୨(ସ୍ୱ.ପ୍ର.): ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସ୍ୱାମ ଶାସନର ଅସରପ୍ରାପ୍ତ ଇଂ. ରାମଚନ୍ଦ୍ର କରଙ୍କର ଶନିବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ୮୫ ବର୍ଷ ବୟସରେ ପରଲୋକ ହୋଇଛି। ପାଟଣା ବୈତରଣୀ ନଦୀ ତଟରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଇଂ ସୋରାଜ କୁମାର କର ମୁଖାଗ୍ନି ଦେଇଥିଲେ। ସାନପୁଅ ଅଶୋକ, ଝିଅ ସଂଘମିତ୍ରା ନନ୍ଦ, ଜ୍ୱାଇଁ କୃଷ୍ଣ ଚନ୍ଦ୍ର ନନ୍ଦ, ନାତି ଅଭିଷେକ, ନୁପୁନ, ସତ୍ୟଜିତ, ଶଲ୍ୟଜୀତ ଓ ନାତୁଣୀ ଅଙ୍କୁନ ଅନ୍ତେଷ୍ଟିକ୍ରିୟାରେ ଉପସ୍ଥିତ ରହିଥିଲେ। ବୁର୍ଲାରୁ ୧୯୬୧ରେ ସେ ସିଭିଲ ଇଞ୍ଜିନିୟର ପାସ କଲା ପରେ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗର ବହୁ ଗୁରତ୍ୱପୂର୍ଣ୍ଣ ପଦ ପଦବୀରେ ଅଧିଷ୍ଠିତ ରହିଥିଲେ। ଓଡ଼ିଶାର ଖ୍ୟାତନାମା ବିଶିଷ୍ଟ ଇଞ୍ଜିନିୟରମାନଙ୍କ ମଧ୍ୟରେ ସେ ଅନ୍ୟତମ ଥିଲେ। ସେ ଅତ୍ୟନ୍ତ ଅମାୟୀକ ଓ ମେଳାପୀ ଥିବାରୁ ସବୁ ମହଲରେ ଲୋକ ପ୍ରିୟ ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ପାଟଣା ବିଧାୟକ ହୃଷୀକେଶ ନାଏକ, ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ନାଏକ ଓ ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷ ଇଂ. ବିଦ୍ୟାଧର ଦାଶ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

■ ଧରିତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତା

# ରଙ୍ଗତୂଳୀରେ ପରିବେଶ ଚିନ୍ତା

ଆନନ୍ଦପୁର, ୧୭।୨(ସ୍ୱ.ପ୍ର.)

**ରଜତ ୧ମ, ମୋନାଲିସା ୨ୟ, ପ୍ରିତମ ୩ୟ**


ଅତିଥିଙ୍କ ଗହଣରେ ପ୍ରତିଯୋଗୀ।

କେନ୍ଦୁଝର ଜିଲା ଆନନ୍ଦପୁର ବ୍ରଜବନ୍ଧୁ ବିଦ୍ୟାପୀଠ ପରିସରରେ ରବିବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ଧରିତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। 'ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା' ଏବଂ 'ସୁସ୍ଥ ପରିବେଶ' ସମ୍ପର୍କିତ ଶୀର୍ଷକ ରହିଥିଲା। ରଙ୍ଗତୂଳୀରେ ପ୍ରତିଯୋଗୀ 'ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା' ଗଠନ ସହ ପରିବେଶ ଚିନ୍ତା ନେଇ ବାର୍ତ୍ତା ଦେଇଥିଲେ। ଆନନ୍ଦପୁର ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ୩୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଭୁବନାନନ୍ଦ ଆର୍ଟ କଲେଜର ଅଧ୍ୟକ୍ଷ ଶିବେଶ ମିଶ୍ର, ଆନନ୍ଦପୁର ମଡେଲ ସ୍କୁଲର ଆର୍ଟ ଶିକ୍ଷକ ବାପୁ ମିଶ୍ର, ଆଇନଜୀବୀ ଭାଗୀରଥି ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଆନନ୍ଦପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ର ରଜତ କିଶୋର ମହାନ୍ତି ପ୍ରଥମ, ଆନନ୍ଦପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ମୋନାଲିସା ନାୟକ ଦ୍ୱିତୀୟ, ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିର ୯ମ ଶ୍ରେଣୀ ଛାତ୍ର ପ୍ରିତମ କୁମାର ରାଜ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଧରିତ୍ରୀ ପକ୍ଷରୁ ପ୍ରମାଣ ପତ୍ର ଓ ଡ୍ରଇଂ କିଟ୍ ଦିଆଯାଇ ପୁରସ୍କୃତ କରାଯାଇଥିଲା। ଆନନ୍ଦପୁର ଧରିତ୍ରୀ ପ୍ରତିନିଧି ସନ୍ତୋଷ କୁମାର ରାଉତଙ୍କ ସଂଯୋଜନାରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରମାକାନ୍ତ ନାୟକ, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଜିଲା ଓଷ୍ଟା ସଭାପତି ସାନ୍ତନୁ କୁମାର ମିଶ୍ର, ଆନନ୍ଦପୁର ବ୍ଲକ ଓଷ୍ଟା ସମ୍ପାଦକ ପ୍ରଦୀପ କୁମାର ହଜାରୀ, ଫକୀରପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଶିବରାମ ସାହୁ, ଏସଏନ ହାଇସ୍କୁଲ ତରତରା ପ୍ରଧାନ ଶିକ୍ଷକ ରାହାସ ବିହାରୀ ରାଉତ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାରେ ଅନ୍ୟମାନଙ୍କ ମଧ୍ୟରେ ଅଭୀପ୍ସା ନାୟକ, ଦିବ୍ୟାଂଶୀ ମିଶ୍ର, ରାଧାରାଣୀ ଧରା, ଇତିଶ୍ରୀ ସାମଲ, ମୁରାରୀ ମନୋହର ଧୀର, ପ୍ରଜତ୍ କିଶୋର ମହାନ୍ତି, ଭାଗ୍ୟଜିତ୍ ତାରାଶଙ୍କର, ବିଶ୍ୱବନ୍ଦିତା ଦାସ, ଓମି ପ୍ରିୟଦର୍ଶନୀ ଗୁଇଁ, ସୌମ୍ୟଦର୍ଶନ ବରାଳ, ନିର୍ମାଲ୍ୟ ପ୍ରସାଦ ପାଢୀ, ଦୁଲ ବେସେରା, ଲୋରାଶ୍ରୀ ବେହେରା, ସୌରଭ ପରିଡା, ରଚନା ଗାଙ୍ଗୁଲୀ, ଅର୍ଚ୍ଚନା ଗାଙ୍ଗୁଲୀ, ଉମେଶ ବାରିକ, ସତ୍ୟବ୍ରତ ସାହୁ, ଜିତ୍ ଜୟପ୍ରକାଶ ପରିଡା, ଗାର୍ଗୀ ମିଶ୍ର, ଅନୁଭବ ଦାସ, ପୂର୍ଣ୍ଣଚନ୍ଦ୍ର ସାହୁ, ରୂପାଲୀ ଜେନା, ଅର୍ପିତା ମହାପାତ୍ର, ଓମକାର ମହାପାତ୍ର, ଶ୍ରୀୟା ରାଉତ, ଶ୍ରୁତି ରାଉତ, ସ୍ମିତି ପ୍ରଲିପ୍ତା ଜେନା, ଅନୁସ୍କା ହଜାରୀ, ସୁଶ୍ରୀ ପରିମୀତା କାନୁନ୍‌ଗୋ ପ୍ରମୁଖ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଧରିତ୍ରୀ ସର୍କୁଲେଶନ୍ ମ୍ୟାନେଜର୍ ଆଲୋକ ପ୍ରସାଦ କାନୁନ୍‌ଗୋ, ହାଟଡିହୀ ଧରିତ୍ରୀ ପ୍ରତିନିଧି ଶୁଭକାନ୍ତ ନାୟକ, ସାମାଜିକ କର୍ମୀ ଜ୍ୟୋତିରଞ୍ଜନ ଜେନା, ଚଞ୍ଚଳ କୁମାର ଗାଙ୍ଗୁଲୀ, ଖବରଦାତା ସରୋଜକାନ୍ତ ପରିଡ଼ା, ଲଲାଟେନ୍ଦୁ ଧୀର, ଗୋପୀନାଥ ପାତ୍ର, ଶୁଭାଶିଷ ପାଢୀ, ପ୍ରକାଶ ହଜାରୀ ପ୍ରମୁଖଙ୍କ ସମେତ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ ଟ୍ରାକ୍ଟର ପୋଡ଼ି, ଉତ୍ତେଜନା


ନିଆଁ ଲାଗିଥିବା ଟ୍ରାକ୍ଟର।

କେନ୍ଦୁଝର, ୧୭।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ବିଜଗୋଠ ଗ୍ରାମ ନିକଟରେ ରବିବାର ସନ୍ଧ୍ୟାରେ ଏକ ଟ୍ରାକ୍ଟର ଓ ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଇକ ଆରୋହୀ ମନୋଜ ଡାଙ୍ଗୁଆ (୨୫)। ଏ ନେଇ ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ସ୍ଥାନୀୟ ଲୋକେ ଶୁଆକାଠି–ବାଂଶପାଳ ରାସ୍ତାକୁ ଅବରୋଧ କରିଥିଲେ। ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଲୋକେ ପୋଡି ଦେଇଥିଲେ। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା ଜାରି ରଖିଥିଲେ।

# ସୋସୋରେ ବିଶ୍ୱଶାନ୍ତି ମହାଯଜ୍ଞ


ଯଜ୍ଞମଣ୍ଡପରେ ପୂଜା ପ୍ରସ୍ତୁତି କରାଯାଉଛି।

ହାଟଡିହୀ, ୧୭।୨(ଡି.ଏନ.ଏ.)

ହାଟଡିହୀ ବ୍ଲକ ଅନ୍ତର୍ଗତ ସୋସୋ ଗ୍ରାମରେ ୫୦ତମ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଆରମ୍ଭ ହୋଇଛି। କମିଟି ସଭାପତି ରମେଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଛି। ଉତ୍ସବକୁ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଅଗ୍ନି ସଂଯୋଗ କରି ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଇଚାରାର ନିଚ୍ଛକ ନିଦର୍ଶନ ଦେଖିବାକୁ ମିଳିଛି। ଏହି ମହାଯଜ୍ଞର କିମ୍ବଦନ୍ତୀ ଓ ମହତ୍ତ୍ୱ ଅନେକ ଥିବାରୁ ଭକ୍ତଙ୍କର ପ୍ରବଳ ଭିଡ଼ ଜମିଥିଲା। ସମ୍ପାଦକ ଦୀନବନ୍ଧୁ ପହି, ଉପସଭାପତି ଉମାକାନ୍ତ ସିଂ ଓ ବିନୋଦ ସିଂ, ଯୁଗ୍ମସମ୍ପାଦକ ଆନନ୍ଦ ଚନ୍ଦ୍ର ନାୟକ, ଶରତ ରାଉତ, କୋଷାଧ୍ୟକ୍ଷ ରବୀନ୍ଦ୍ର ରାଉତ, ସରପଞ୍ଚ କାଞ୍ଚନ ନାଇକ, ନାଏବ ସରପଞ୍ଚ ବେଣୁଧର ବିନ୍ଧାଣିଙ୍କ ସହ କମିଟିର ନିତ୍ୟାନନ୍ଦ ସିଂ, କମଳାକାନ୍ତ ମହାନ୍ତି, ପୀତବାସ ନାୟକ, ରଙ୍ଗାଧର ସିଂ, ସୁକୁମାର ଦାସ, ପ୍ରଭାତ ରାଉତ, ବୈଲୋଚନ ନାୟକ, କୁଳମଣି ରାଉତ, କେଦାର ରାଉତ, ବସନ୍ତ ରାଉତ, ଅକ୍ଷୟ ବେହେରା, ଗିରିଶ ନାୟକ ପ୍ରମୁଖଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି । ବୈଦ୍ୟନାଥ ନନ୍ଦ, ସୁଧାକର ପତି, ସୁବାସ ଚନ୍ଦ୍ର ଦାସ, ବସନ୍ତ ଦାସ, ଦାମୋଦର ତିଆଡ଼ି ପୂଜକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ନିକଟସ୍ଥ ସାଳନ୍ଦୀ ନଦୀରୁ କଳସ ବୁଡ଼ାଇ ଜଳ ଅଣାଯାଇ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଉଛି । ପ୍ରବଚକ ବ୍ରହ୍ମାନନ୍ଦ ସରସ୍ୱତୀ, ଜିତୁ ଦାସ, ସନ୍ତୋଷ ଚୈତନ୍ୟଙ୍କ ଦ୍ୱାରା ପ୍ରବଚନ ପରିବେଷଣ ହୋଇଥିଲା । ଏଥିସହ ଭଜନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଛି। ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ନଗରକୀର୍ତ୍ତନ ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଜିଲା ଟ୍ରକ୍ ମାଲିକ ସଂଘର ପ୍ରଥମ ବୈଠକ

କେନ୍ଦୁଝର, ୧୭।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘର ପ୍ରଥମ ବୈଠକ ରବିବାର ସଭାପତି ରମାକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ପୁରୁଣା ସଦସ୍ୟ ସ୍ୱର୍ଗତ ବ୍ରଜକିଶୋର ପ୍ରଧାନ ଓ ଶହୀଦ ଯବାନଙ୍କ ସ୍ମୃତିରେ ୨ ମିନିଟ ଶୋକ ପାଳନ ହୋଇଥିଲା। ଆଗାମୀ ଦିନରେ ସଂଘ କାର୍ଯ୍ୟ କିପରି ସୁରୁଖୁରୁରେ ଚଳିବ ଓ ମାଲିକମାନେ ସୁଚାରୁପେ ପରିବହନ କରିବେ ସେ ନେଇ ଆଲୋଚନା ହୋଇଥିଲା। ସଂଘରେ ବିନା ସଦସ୍ୟତାରେ ଓ ଆଦୌ ଚାଲୁ ନ ଥିବା ଗୁଡ଼ିକୁ ଯାଞ୍ଚ କରାଯାଇ ଲର୍ଡିଂ ସ୍ଲିପ ବଣ୍ଟନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଲୋର୍ଡିଂ ସ୍ଲିପ ଉପରେ ଗାଡି ନମ୍ବର ଲେଖିବା ଜରୁରି। ଓଭର ରାଇଟିଂ ସ୍ଲିପରେ ଲୋର୍ଡିଂ ହୋଇପାରିବ ନାହିଁ। ଶେଷରେ ନିର୍ବାଚନ ସମୟରେ ଦିଆହାଇଥିବା ପ୍ରତିଶ୍ରୁତି ପାଳନ କରିବାକୁ ସହମତି ପ୍ରକାଶ ପାଇଥିଲା। ୨୦ରେ ପଞ୍ଜିକୃତ ଠିକାଦାରମାନଙ୍କୁ ନେଇ ବୈଠକ କରିବାକୁ ସ୍ଥିର କରାଯାଇଛି ବୋଲି ଉପସଭାପତି ଦିଲ୍ଲୀପ କୁମାର ପଣ୍ଡା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ମଣ୍ଡିରେ ଭିଜିଲା ଧାନ


ଓଦା ଧାନକୁ ଚାଷୀ ଦେଖାଉଛନ୍ତି।

ତେଲକୋଇ, ୧୭।୨(ଡି.ଏନ.ଏ.)

ତେଲକୋଇ ବ୍ଲକ ଅଧୀନ ସମବାୟ ସମିତିରେ ଥିବା ଧାନ ମଣ୍ଡିରେ ଚାଷୀଙ୍କ ଧାନ ବର୍ଷାରେ ଭିଜି ଯାଇଛି। ବର୍ଷା ଯୋଗୁଁ ଖୋଲା ଆକାଶ ତଳେ ଥିବା ଚାଷୀଙ୍କ ଧାନ ବର୍ଷାରେ ଭିଜି ଯାଇଛି। ଏ ନେଇ ଉତ୍ତେଜନା ଦେଖା ଦେଇଛି। ଜିଲା ଯୋଗାଣ ବିଭାଗ ପକ୍ଷରୁ ଅନୁମତି ନ ମିଳିବାରୁ ଚାଷୀଙ୍କ ଧାନ କ୍ରୟ ହୋଇପାରିନି। ଧାନ ନେବାକୁ ସମବାୟ ସମିତି ପକ୍ଷରୁ ମନା କରାଯାଉଛି। ତେଲକୋଇ, ସିରିଗିଡା, ବେଣାମୁଣ୍ଡା, ଦେଉଳଡିହା ଗ୍ରାମର ଚାଷୀଙ୍କ ଧାନ କ୍ରୟ ହୋଇଥାଏ। ଅଦିନିଆ ବର୍ଷା ଚାଷୀଙ୍କ ପାଇଁ କାଳ ହୋଇଥିବା ଦିଲ୍ଲିପ କୁମାର ପ୍ରକାଶ କରିଛନ୍ତି। ଏ ନେଇ ତେଲକୋଇ ସମବାୟ ସମିତିର ଏମଡି. କେଶବ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ଜିଲାରୁ ଅନୁମତି ମିଳି ନ ଥିବାରୁ ଧାନ କ୍ରୟ ହୋଇପାରୁନି। ଜିଲା ଯୋଗାଣ ଅଧିକାରୀ ଆର୍ତ୍ତତ୍ରାଣ ବାରିକଙ୍କୁ ପଚାରିବାରୁ ପର୍ଯ୍ୟାୟ କ୍ରମେ ଧାନ କ୍ରୟ ପାଇଁ ନିଷ୍ପତ୍ତି ନିଆଯାଇଛି। ସେଥିପାଇଁ ତେଲକୋଇ ଏମଡିଙ୍କୁ ମଧ୍ୟ ମାସ ମାଧ୍ୟମରେ ୫ ଶହ କ୍ୱିଣ୍ଟାଲ କିଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

# ଶିଶୁବାଟିକା ବିଭାଗର ପରିବାର ପ୍ରଶିକ୍ଷଣ

କେନ୍ଦୁଝର, ୧୭।୨(ସ୍ୱ.ପ୍ର.)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେନ୍ଦୁଝରଗଡଠାରେ ଶିଶୁ ବାଟିକା ବିଭାଗରେ ନୂତନ ଭାବେ ନାମ ଲେଖାଇବାକୁ ଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ନେଇ ପରିବାର ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରଶିକ୍ଷଣରେ ମୁଖ୍ୟ ଅତିଥି ଭାବେ ଚିନ୍ମୟ ମିଶନର ସ୍ୱାମୀ ନିର୍ଲିପ୍ତାନନ୍ଦ ମହାରାଜ ଯୋଗଦେଇ ଶିଶୁଙ୍କୁ ପିତାମାତା କିପରି ଯୋଗ୍ୟ ସନ୍ତାନ ପରି ଗଢି ତୋଳିବେ ସେହି ଦିଗରେ ଧ୍ୟାନ ଦେବାକୁ ନିଜ ଭାଷଣ ମାଧ୍ୟମରେ ଜଣାଇଥିଲେ। ଅନ୍ୟତମ ଅତିଥି ଭାବେ କେନ୍ଦୁଝର ସଂକୁଳ ସମ୍ପାଦକ ମହେନ୍ଦ୍ର କୁମାର ସାହୁ ଓ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ଯୋଗ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଅତିଥିଙ୍କ ପରିଚୟ ଦେଇଥିଲେ। କ୍ରିୟାକଳାପ ଦୃଷ୍ଟିରୁ ଆଦର୍ଶ ଜନ୍ମଦିବସ ପାଳନ କରାଯାଇଥିଲା। ଶିଶୁବାଟିକା ପ୍ରମୁଖ ବିଜୟିନୀ ଦେବୀ, ମନସ୍ୱିନୀ ଦାଶ, ପ୍ରଦୀପ ଦାସ, ଜ୍ୟୋତିରାଣି ପଣ୍ଡା, ପୁଷ୍ପାଳି ସାହୁ, ଆରତୀ ସାହୁ, ବିଜୟ ବାରିକ, ସୁଜାତା ମିଶ୍ର, ଗଗନ ମହାନ୍ତ ଓ ପ୍ରହ୍ଲାଦ ମହାନ୍ତ, ଗୁରୁମାଗୁରୁଜୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୫୦ ପିତାମାତା ଯୋଗ ଦେଇଥିଲେ।

# କୃତୀ ପ୍ରତିଯୋଗୀ ପୁରସ୍କୃତ


ପାଟଣା,୧୭।୨(ସ୍ୱ.ପ୍ର.)

ପାଟଣା ବ୍ଲକ ଏରେଣ୍ଡେଇ ପଞ୍ଚାୟତ ବେଗୁନାଖମଣସ୍ଥିତ ପଞ୍ଚାୟତ ହାଇସ୍କୁଲର ଅଷ୍ଟାଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ମହାନ୍ତଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ପାଟଣା ଅଗ୍ନିଶମ ବିଭାଗ ଷ୍ଟେଶନ ପରିଚାଳକ ମନୋରଞ୍ଜନ ମହାନ୍ତ, ମୁଖ୍ୟବକ୍ତା ଅସରପ୍ରାପ୍ତ ଶିକ୍ଷକ କରୁଣା କର ମହାନ୍ତ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପାର୍ବତୀ ଦେହୁରି ଓ ସମିତି ସଭ୍ୟା ସୁକେଶିନୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ଶିକ୍ଷକ ଶ୍ରୀନିବାଶ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳ ଶିକ୍ଷକ ଲକ୍ଷ୍ମଣ ମହାନ୍ତ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ସହଦେବ ମହାନ୍ତ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ମନୋରଞ୍ଜନ ମହାନ୍ତ, ସତ୍ୟନାରାୟଣ ମହାନ୍ତ ଓ ପ୍ରଫୁଲ ମହାନ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ପତିତପାବନ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ

ଆନନ୍ଦପୁର, ୧୭।୨(ସ୍ୱ.ପ୍ର.)


ଉତ୍ସବରେ ଜଣେ ଅଧ୍ୟାପକଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଘସିପୁରା ବ୍ଲକ ସାଇଁକୁଲ ପତିତପାବନ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାହବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବକୁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମାନିତ ଅତିଥି ଭାବେ ଆନନ୍ଦପୁର ବିଧାୟକ ମାୟାଧର ଯେନା, ମୁଖ୍ୟ ବକ୍ତା ଭାବେ ଧରୀଣଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ କେନ୍ଦୁଝରର ଇଂରାଜୀ ପ୍ରାଧ୍ୟାପକ ଡ. ଅନୀଲ କୁମାର ଦାସ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠା ସଦସ୍ୟ ବାଞ୍ଛାନିଧି ରଥ, ସାଇଁକୁଳ ସରପଞ୍ଚ ବିଭାଷ କୁମାର ନାୟକ, ପରିଚାଳନା ସମିତି ସଦସ୍ୟ ନନ୍ଦ କିଶୋର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ସବିତାରାଣୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ର ସଂସଦର ପରାମର୍ଶଦାତା ତଥା ଓଡିଆ ବିଭାଗର ପ୍ରାଧ୍ୟାପକ ଗଜେନ୍ଦ୍ର କୁମାର ସେନାପତି ମହାବିପତ୍ର ଉପସ୍ଥାପନ କରିଥିଲେ। ଇଂରାଜୀ ଅଧ୍ୟାପିକା ପୁଷ୍ପଲତା ପାଢୀ ଏବଂ ରାଜନୀତି ବିଜ୍ଞାନର ଅଧ୍ୟାପିକା ସୌମ୍ୟାସୁଚରୀତା ସାହୁ ମଞ୍ଚ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ତପନ କୁମାର ପଣ୍ଡା, ଅଧ୍ୟାପକ ନରେନ୍ଦ୍ର ସାହୁ ଏବଂ ଏନସିସି ଅଫିସର ଜୟଦେବ ଦାସ ପୁରସ୍କାର ବିତରଣୀ କାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ପ୍ରବୀନ କୁମାର କବୀ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଓ ଅଭିଭାବକ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ବିହାର ଟିମ୍‌ରେ ଖେଳିଲେ ସସ୍ମିତା

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୧୭।୨(ସ୍ୱ.ପ୍ର.)

■ ଓଡ଼ିଶା ଦଳରେ ମିଳିଲାନି ସ୍ଥାନ
■ ଟ୍ରାଫିକ କାର୍ଯ୍ୟ ସାଙ୍ଗକୁ ଖେଳ ଅଭ୍ୟାସ
■ ବହୁ ପ୍ରତିଭାର ଅଧିକାରୀ, ମିଳୁନି ସୁଯୋଗ


ହୋମଗାର୍ଡ ସସ୍ମିତା ମୁଣ୍ଡା।

ଓଡ଼ିଶା ଟିମ୍‌ରେ ସ୍ଥାନ ପାଇ ନ ଥିବା କେନ୍ଦୁଝର ଜିଲା ବଲାଣୀ ଗ୍ରାମର ଝିଅ ରଶ୍ମୀ ଗୁଡିଆ ଝାରଖଣ୍ଡ କ୍ରିକେଟ ଟିମରେ କ୍ୟାପଟେନ ହୋଇଥିଲେ। ଏବେ କେନ୍ଦୁଝର ସହରର ଆଉ ଜଣେ ଝିଅ ବିହାର ରାଜ୍ୟର ମହିଳା ଦଳରେ ଖେଳି ଜିଲା ପାଇଁ ସୁନାମ ଆଣି ଦେଇଛନ୍ତି। ତାଙ୍କ ନାମ ସସ୍ମିତା ମୁଣ୍ଡା। ସେ ବଡହଳରେ ରହୁଛନ୍ତି। ମା'ବାପଙ୍କୁ ହରାଇ ଥିବା ସସ୍ମିତା ୨୦୦୮ରେ ହୋମଗାର୍ଡ ଚାକିରିରେ ଯୋଗଦେଇ କାମ କରୁଛନ୍ତି। ସୁଯୋଗ ନ ମିଳିବାରୁ ବିହାରରୁ ସିନିଅର ଟିମରେ ଟି ୨୦ ମ୍ୟାଚରେ ଖେଳିବାକୁ ସୁଯୋଗ ପାଇଛନ୍ତି। ସେ ଗତ ବର୍ଷ ରାଜସ୍ଥାନରେ ଅନୁଷ୍ଠିତ କ୍ରିକେଟ ମହିଳା ପ୍ରତିଯୋଗିତାରେ ଉତ୍ତରାଖଣ୍ଡ ସହ ଫାଇନାଲ ମ୍ୟାଚ ଖେଳି ଫାଇନାଲକୁ ଯାଇଥିଲେ। ଓଡ଼ିଶାରେ ସେଭଳି ପ୍ରୋତ୍ସାହନ ମିଳୁନାହିଁ ବୋଲି ସେ କହିଛନ୍ତି। ପାତରଅନ୍ତର କରୁଥିବାରୁ ବହୁ ଖେଳାଳି ଅନ୍ୟ ରାଜ୍ୟରୁ ଖେଳିବାକୁ ଚାଲିଯାଉଛନ୍ତି। ଓଡ଼ିଶାରେ ସିନିଅର କ୍ୟାମ୍ପରେ ୨୦୧୬ରେ ଖେଳିବାକୁ ସୁଯୋଗ ପାଇଥିଲେ। ଭଲ ଖେଳ ପ୍ରଦର୍ଶନ କରିଥିଲେ। ଟିମରେ ସୁଯୋଗ ମିଳିଲା ନାହିଁ। ମନ ବଳ ଭାଙ୍ଗି ଗଲା। ବାଧ୍ୟ ହୋଇ ବିହାର ଦଳରୁ ଖେଳୁଛି। ଓଡ଼ିଶାର ଜଣେ ଦିଦି ଶୁଭଲକ୍ଷ୍ମୀ ରାଉତଙ୍କ ସହାୟତାରେ ବିହାରରେ ଖେଳିବାକୁ ସୁଯୋଗ ପାଇଥିବା ସେ କହିଛନ୍ତି। ତାଙ୍କ ଘର କେନ୍ଦ୍ରାପଡା ଜିଲାରେ। ଏବେ ମଧ୍ୟ ସେ ବାହାରେ ଖେଳୁଛନ୍ତି। ଓଡିଶାରୁ ୫ ଜଣ ମହିଳା ଖେଳାଳୀ ବିହାର ଟିମରେ ଖେଳିବାକୁ ସୁଯୋଗ ପାଇଛନ୍ତି। ୨୦୦୮ରେ ରାଜସ୍ଥାନରେ ଓ ବିହାରରେ ଅନୁଷ୍ଠିତ ପ୍ରତିଯୋଗିତାରେ ଚାମ୍ପିଆନ ହୋଇଥିଲେ। ଖୋର୍ଦ୍ଧାରୁ ଜଣେ, ଝାରସୁଗଡାରୁ ଜଣେ, କଟକରୁ ୨ ଜଣ ଉକ୍ତ ଟିମରେ ଖେଳିବାକୁ ସୁଯୋଗ ପାଇଥିଲେ। ୨୦୧୨ରେ କ୍ରିକେଟ ଖେଳ ଆରମ୍ଭ କରି କେନ୍ଦୁଝର ଜିଲା ଟିମରେ କ୍ୟାପଟେନ ହୋଇ ଖେଳିଆସୁଛନ୍ତି। ଟ୍ରାଫିକ ଡ୍ୟୁଟିରେ ଅବହେଳା କରନ୍ତି ନାହିଁ। ସକାଳେ ୨ରୁ ୩ ଘଣ୍ଟା କେନ୍ଦୁଝର ଷ୍ଟାଡିଅମରେ କ୍ରିକେଟ ଅଭ୍ୟାସ କରନ୍ତି। ଖେଳିବା ପାଇଁ ଯିବାକୁ ହେଲେ ଅଧିକାରୀମାନଙ୍କ ସହଯୋଗ ମିଳିଥାଏ।

କ୍ରିକେଟ ବ୍ୟତୀତ ସେ ଭଲ ଫୁଟବଲ ଖେଳନ୍ତି। ବିଭିନ୍ନ ଚ୍ୟାନେଲର କ୍ରାଇମ ଫାଇଲ ଓ ଅନ୍ୟ ସିରିଏଲରେ ମହିଳା ପୋଲିସର ଅଭିନୟ କରିବା ସହ ଏବେ ଏକ ଓଡ଼ିଆ ସିନେମା ଦୁଇ ଦୁଗୁଣେ ପାଞ୍ଚରେ ଅଭିନୟ କରିବାକୁ ସୁଯୋଗ ମିଳୁଛି। ଲୋକ ଜାଣନ୍ତୁ ଏବଂ ମୋ କାମକୁ ପ୍ରଶଂସା କରନ୍ତୁ ଏଥିପାଇଁ ଅଭିନୟ କରୁଛି। ପଇସା ପାଇଁ ଅଭିନୟ କରୁନାହିଁ ବୋଲି ଶସ୍ମିତା କହିଛନ୍ତି। ଖେଳିବାକୁ ଆଗ୍ରହ ଅଛି। ସୁଯୋଗ ମିଳୁନାହିଁ। ଅପ୍ରେଲରେ ଗୁଆହାଟିରେ ଖେଳିବାକୁ ଯିବେ ବୋଲି ସେ କହିଛନ୍ତି। କ୍ରିକେଟ କୋଚ ଗିରିଶ ଚନ୍ଦ୍ର ହୋତା କହିଛନ୍ତି, ଶସ୍ମିତା ବହୁତ ପରିଶ୍ରମୀ। ଜିଲା ଟିମର କ୍ୟାପଟେନ। ବହୁ ଭଲ ଖେଳୁଛନ୍ତି। ତାଙ୍କ ପାଖରେ ଭରି ରହିଛି ପ୍ରତିଭା। ପ୍ରୋତ୍ସାହନ ମିଳିଲେ ରାଜ୍ୟ ପାଇଁ ଭଲ ଖେଳପ୍ରଦର୍ଶନ କରି ଜିଲାର ନାମ ରଖିପାରିବେ। ଜିଲାରେ ବହୁ ଝିଅଙ୍କ ମଧ୍ୟରେ ପ୍ରତିଭା ରହିଛି। ସୁଯୋଗ ମିଳୁନାହିଁ। ପ୍ରତିଭା ପ୍ରଦର୍ଶନ କରିପାରୁନାହାନ୍ତି। ଅନ୍ୟପଟେ ୧୦ ଶ୍ରେଣୀରେ ପଢିବା ବେଳେ ମା'ଙ୍କ ପରଲୋକ ହୋଇଯାଇଥିଲା। ୨ ବର୍ଷ ତଳେ ବାପାଙ୍କ ଦେହାନ୍ତ ହୋଇଗଲା। ମୟୂରଭଞ୍ଜ ଜିଲା ସୁନାପଶିରେ ଘର। ପିଲାଟି ଦିନରୁ କେନ୍ଦୁଝରରେ ରହି ପାଠ ପଢି ଏହିସ୍ତରକୁ ଆସିଛି। ଯୁକ୍ତ ୨ ପାସ କରିବା ପରେ ହୋମଗାର୍ଡ ଚାକିରିରେ ଯୋଗଦେଇଥିବା ସେ କହିଛନ୍ତି।